

ଆସନ୍ତା ଆର୍ଥିକ ବର୍ଷରୁ ପ୍ଲାଷ୍ଟିକ୍ ନୋଟ୍
ପୃଷ୍ଠା ୪


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 136 ଭାଗ ୩୪ | ସଂଖ୍ୟା ୧୩୬ | Thursday 6 August 2026 | Page 8 Rs. 5.00 | ● ଭୁବନେଶ୍ୱର ଗୁରୁବାର,୬ ଅଗଷ୍ଟ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


ପ୍ରଧାନମନ୍ତ୍ରୀଙ୍କ ପୋଷ୍ଟ ବ୍ଲକ୍ ମାମଲା

## ନଇଁଲା ମେଟା ; କ୍ଷମା ମାଗିଲେ ଜୁକରବର୍ଗ



**କାଲିଫର୍ଣ୍ଣିଆ,୫।୮:** ଗତ ମାସରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏକ ପୋଷ୍ଟର ପ୍ରସାରଣକୁ କିଛି ସମୟ ପାଇଁ ଅବରୋଧ (ବ୍ଲକ୍) କରାଯାଇଥିବା ପ୍ରସଙ୍ଗରେ ମେଟା ପ୍ଲାଟଫର୍ମର ମୁଖ୍ୟ ବୈଶ୍ୱିକ ଅଧିକାରୀ ଜୁଏଲ୍ କ୍ୟାପଲାନ୍ ଭାରତର ସୂଚନା-ପ୍ରଯୁକ୍ତି ମନ୍ତ୍ରୀଙ୍କୁ କ୍ଷମା ମାଗିଛନ୍ତି।

ବୁଧବାର ମେଟା ପକ୍ଷରୁ ଜାରି ଏକ ବିବୃତିରେ କ୍ୟାପଲାନ୍ କହିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କ ପୋଷ୍ଟକୁ ଅବରୋଧ କରିଥିବା ଭୁଲ୍ ଲାଗି ମୁଁ ମେଟା ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କୁ କ୍ଷମା ପ୍ରାର୍ଥନା କରୁଛି। ଜୁଲାଇରେ ଜେନ-ଜି'ଙ୍କ ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ସୋସିଆଲ ମିଡିଆ ଫେସବୁକରେ ଏକ ଭିଡିଓ ଜାରି କରିଥିଲେ। ତେବେ ଭିଡିଓଟି ପୋଷ୍ଟ ହେବାର ମାତ୍ର କିଛି ସମୟ ମଧ୍ୟରେ ମେଟା ତାହାକୁ କିଛି ସମୟ ପାଇଁ ବ୍ଲକ୍ କରିଦେଇଥିଲା। ଏହାପରେ ତ୍ୱରିତ ପଦକ୍ଷେପ ନେଇ ଭାରତର ସୂଚନା-ପ୍ରଯୁକ୍ତି ମନ୍ତ୍ରଣାଳୟ ମେଟାର କାର୍ଯ୍ୟନିର୍ବାହୀଙ୍କୁ ସମନ୍ ଜାରି କରିଥିଲା।

ମେଟା ପକ୍ଷରୁ କୁହାଯାଇଛି ଯେ ଉଦ୍ଦେଶ୍ୟମୂଳକ ଭାବେ ପ୍ରଧାନମନ୍ତ୍ରୀଙ୍କ ପୋଷ୍ଟକୁ ବ୍ଲକ୍ କରାଯାଇ ନ ଥିଲା। ଅସାବଧାନତାବଶତଃ ପରିଚାଳନାଗତ ତ୍ରୁଟି ଯୋଗୁଁ ଏଭଳି ଘଟିଥିଲା। ଅପରପକ୍ଷରେ ଜଣେ ବରିଷ୍ଠ ପୁଲିସ ଅଧିକାରୀଙ୍କ ସୂତ୍ରକୁ ଆଧାର କରି ନ୍ୟୁଜ୍‌ସଂସ୍ଥା ରଏଟର୍ସ ➪ପୃଷ୍ଠା-୬

# ନିବେଶ ପାଇଁ ଦିଲ୍ଲୀରେ 'ଓଡ଼ିଶା ଫୁଡ୍ ପ୍ରୋ'

**ଭୁବନେଶ୍ୱର,୫।୮(ସଂଚାର ବ୍ୟୁରୋ):** ଓଡ଼ିଶାକୁ ଶିଳ୍ପର ନୂଆ ଗନ୍ତବ୍ୟସ୍ଥଳ କରିବା ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ଆଉ ଏକ ବଡ଼ ପଦକ୍ଷେପ। ଦିଲ୍ଲୀରେ ନିବେଶ ଖୋଜିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଆସନ୍ତା ୭ ଓ ୮ରେ ନୂଆଦିଲ୍ଲୀରେ ଚାଲିବ ଦୁଇଦିନିଆ ନିବେଶ ଅଭିଯାନ। ବଡ଼ ଶିଳ୍ପ ସଂସ୍ଥାଠାରୁ ଆରମ୍ଭ କରି ଏମ୍‌ଏସ୍‌ଏମ୍‌ଇ, ଡାଉନ୍‌ଷ୍ଟ୍ରିମ୍ ଶିଳ୍ପ ଓ ବ୍ୟାବସାୟିକ ସଂଗଠନ ସହ ଆଲୋଚନା କରିବ ଓଡ଼ିଶାର ଉଚ୍ଚସ୍ତରୀୟ ପ୍ରତିନିଧିମଣ୍ଡଳୀ।

ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଯାଉଥିବା ଏହି ଟିମ୍‌ରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ସମେତ ବରିଷ୍ଠ ଅଧିକାରୀମାନେ ସାମିଲ ହେବେ। ଏହି ନିବେଶ ଅଭିଯାନର ପ୍ରମୁଖ ଆକର୍ଷଣ ହେବ 'ଓଡ଼ିଶା ଫୁଡ୍ ପ୍ରୋ-୨୦୨୬'। ୭ରେ ନୂଆଦିଲ୍ଲୀରେ ଓଡ଼ିଶା ସରକାର ଓ ଆସୋଚାମ୍‌ର ମିଳିତ ସହଯୋଗରେ ଆୟୋଜିତ ହେବ ଏହି ରୋଡ୍ ଶୋ'। ଓଡ଼ିଶାର କୃଷି ଓ ସାମୁଦ୍ରିକ ସମ୍ପଦ ହିଁ ଏହି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ। ରାଜ୍ୟରେ ଥିବା ବିପୁଳ କଞ୍ଚାମାଲ, ଖାଦ୍ୟ ପ୍ରକ୍ରିୟାକରଣ ଭିତ୍ତିଭୂମି, ଲଜିଷ୍ଟିକ୍ସ ବ୍ୟବସ୍ଥା, ନିବେଶ ଅନୁକୂଳ ନୀତି ଓ ଚାଷ ଜମିରୁ ବଜାର ପର୍ଯ୍ୟନ୍ତ ସମଗ୍ର ଭାଲ୍ୟୁ ଚେନ୍‌ର ସମ୍ଭାବନାକୁ ଶିଳ୍ପ ଜଗତ ସାମ୍ନାରେ ରଖିବ ଓଡ଼ିଶା। ଖାଦ୍ୟ ପ୍ରକ୍ରିୟାକରଣ କମ୍ପାନୀ, ନିବେଶକ,



ଏମ୍‌ଏସ୍‌ଏମ୍‌ଇ, ଶିଳ୍ପ ସଂଘ ଓ ବିଶେଷଜ୍ଞମାନେ ଏଥିରେ ଯୋଗଦେବେ। ଫୁଡ୍ ପ୍ରୋ-୨୦୨୬ରେ ଶିଳ୍ପ କ୍ଷେତ୍ରର ଅଭିଜ୍ଞତା ବିନିମୟ ସହ ଓଡ଼ିଶାର ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରର ସମ୍ଭାବନା ସମ୍ପର୍କିତ ଜ୍ଞାନ ରିପୋର୍ଟ ପ୍ରକାଶ ପାଇବ। ନିବେଶ ସମ୍ପର୍କିତ ଏମ୍‌ଓୟୁ ଆଦାନପ୍ରଦାନ ହେବ। ମୁଖ୍ୟମନ୍ତ୍ରୀ ଓ ରାଜ୍ୟର ବରିଷ୍ଠ ଅଧିକାରୀମାନେ ସମ୍ଭାବ୍ୟ ନିବେଶକଙ୍କ ସହ ସିଧାସଳଖ ଆଲୋଚନା କରିବେ। ପ୍ରକ୍ରିୟାକରଣ, ପ୍ୟାକେଜିଂ, କୋଲ୍ଡ ଚେନ୍ ଓ ଅନ୍ୟାନ୍ୟ ମୂଲ୍ୟବର୍ଦ୍ଧିତ କାର୍ଯ୍ୟରେ ନିବେଶ ଆଣିବା ଉପରେ ଗୁରୁତ୍ୱ ରହିବ। ଏହାଦ୍ୱାରା ଓଡ଼ିଶାର କୃଷି ଓ ସାମୁଦ୍ରିକ ଉତ୍ପାଦ ପାଇଁ ନୂଆ ବଜାର ଖୋଲିବା ସହ ସ୍ଥାନୀୟ ଉତ୍ପାଦକଙ୍କୁ ଜାତୀୟ ଓ ଅନ୍ତର୍ଜାତୀୟ ବଜାର ସହ ଯୋଡ଼ିବାର ସୁଯୋଗ ମିଳିବ।

- ୭ରୁ ଦୁଇଦିନିଆ ନିବେଶ ଅଭିଯାନ
- 'ଓଡ଼ିଶା ଫୁଡ୍ ପ୍ରୋ-୨୦୨୬'ରେ ଖୋଲିବ ଖାଦ୍ୟ ପ୍ରକ୍ରିୟାକରଣର ଦ୍ୱାର
- ଶିଳ୍ପପତିଙ୍କ ସହ ୱାନ୍-ଟୁ-ୱାନ୍ ଆଲୋଚନା
- ଏମ୍‌ଓୟୁ ଓ ନୂଆ ପ୍ରକଳ୍ପ ଉପରେ ଫୋକସ
- ଘୋଷିତ ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ଲକ୍ଷ୍ୟ

ଷ୍ଟେନଲେସ୍ ଷ୍ଟିଲ୍‌ରୁ ପେଟ୍ରୋକେମିକାଲ୍ ପର୍ଯ୍ୟନ୍ତ ଖାଦ୍ୟ ପ୍ରକ୍ରିୟାକରଣ ବାହାରେ ମଧ୍ୟ ଓଡ଼ିଶାର ପାରମ୍ପରିକ ଶିଳ୍ପ ଶକ୍ତିକୁ ଆଧାର କରି ନୂଆ ନିବେଶ ଆଣିବାକୁ ଯୋଜନା ରହିଛି। ଆସନ୍ତା ୭ରେ ଶିଳ୍ପପତିଙ୍କ ସହ ୱାନ୍-ଟୁ-ୱାନ୍ ଆଲୋଚନା ହେବ। ବଡ଼ ଶିଳ୍ପଗୋଷ୍ଠୀ ଓ ସେମାନଙ୍କ ସହଯୋଗୀ ସଂସ୍ଥାଙ୍କ ସହ ଫୋକସ୍‌ଡ୍ ଗ୍ରୁପ୍ ମିଟିଂ ହେବ। ଷ୍ଟେନଲେସ୍ ଷ୍ଟିଲ୍ ଡାଉନ୍‌ଷ୍ଟ୍ରିମ୍ ମାନୁଫ୍ୟାକ୍ଚରିଂ, କେମିକାଲ୍ସ ଓ ପେଟ୍ରୋକେମିକାଲ୍ସ କ୍ଷେତ୍ରରେ ନୂଆ ସୁଯୋଗ ଖୋଜାଯିବ। ଓଡ଼ିଶାରେ ଚାଲିଥିବା ଓ ପ୍ରସ୍ତାବିତ ପ୍ରକଳ୍ପର ଅଗ୍ରଗତିର ➪ପୃଷ୍ଠା-୬

ନିଟ୍-ୟୁଜିରେ ହେବ ଢାଞ୍ଚାଗତ ପରିବର୍ତ୍ତନ

## ସର୍ବୋଚ୍ଚ ଅଦାଲତରେ ସତ୍ୟପାଠ ଦାଖଲ

**ନୂଆଦିଲ୍ଲୀ,୫।୮:** ସ୍ନାତକ ନିମନ୍ତେ ଉଦ୍ଦିଷ୍ଟ ରାଷ୍ଟ୍ରୀୟ ଯୋଗ୍ୟତା ପ୍ରବେଶିକା ପରୀକ୍ଷା (ନିଟ୍-ୟୁଜି)ର ଢାଞ୍ଚାଗତ ପରିବର୍ତ୍ତନ ଘଟାଇ ଏହାକୁ କାଗଜ-କଲମରୁ କମ୍ପ୍ୟୁଟରଭିତ୍ତିକ ପରୀକ୍ଷା (ସିବିଟି)କୁ ରୂପାନ୍ତରିତ କରିବା ବିଷୟରେ ବିଚାରବିମର୍ଶ କରାଯାଉଛି ବୋଲି କେନ୍ଦ୍ର ସରକାର ବୁଧବାର ଦେଶର ସର୍ବୋଚ୍ଚ ଅଦାଲତଙ୍କୁ ସୂଚନା ଦେଇଛନ୍ତି। ତେବେ ଏକ ଉଚ୍ଚସ୍ତରୀୟ ବିଶେଷଜ୍ଞ ପ୍ୟାନେଲର ସୁପାରିସ୍‌କୁ ସମୀକ୍ଷା କରାଯିବା ସହ ଅଂଶୀଦାରମାନଙ୍କ ସହ ପରାମର୍ଶ ଓ ଛାତ୍ରଛାତ୍ରୀମାନଙ୍କୁ ଯଥେଷ୍ଟ ଆଗରୁ ନୋଟିସ୍ ଦିଆଯିବା ପରେ ଯାଇ ଏହି ନୂତନ ଢାଞ୍ଚାକୁ ଲାଗୁ କରାଯିବା ନେଇ ଚୂଡ଼ାନ୍ତ



ନିଷ୍ପତ୍ତି ନିଆଯିବ ବୋଲି ସରକାର ଜଣାଇଛନ୍ତି।

ସୁପ୍ରିମକୋର୍ଟରେ କେନ୍ଦ୍ର ପକ୍ଷରୁ ଦାଖଲ କରାଯାଇଥିବା ସତ୍ୟପାଠରେ ସରକାର କହିଛନ୍ତି ଯେ ନିଟ୍-ୟୁଜି ଏବେ ବି କାଗଜ-କଲମ ମୋଡ୍‌ରେ ରହିଛି। କାରଣ ଏଥିରେ ପରୀକ୍ଷାର୍ଥୀଙ୍କ ସଂଖ୍ୟା ପର୍ଯ୍ୟାପ୍ତ ଓ ଏଥିପାଇଁ ସାରା ଦେଶରେ ସମାନ ପ୍ରବେଶ ସୁନିଶ୍ଚିତ କରିବାର ଆବଶ୍ୟକତା ରହିଛି। ସେଥିପାଇଁ ଯୁଗ୍ମ ପ୍ରବେଶିକା

**କାଗଜ କଲମରୁ ହେବ କମ୍ପ୍ୟୁଟରଭିତ୍ତିକ ପରୀକ୍ଷା**

ପରୀକ୍ଷା (ଜେଇଇ) ପରି ନିଟ୍-ୟୁଜି ଲାଗି ଏକ ପର୍ଯ୍ୟାୟକ୍ରମିକ କମ୍ପ୍ୟୁଟରଭିତ୍ତିକ ପରୀକ୍ଷା ଢାଞ୍ଚାର ପ୍ରଚଳନ ଲାଗି ବିଚାର କରାଯାଉଛି।

୨୦୨୬ ନିଟ୍-ୟୁଜି ପରୀକ୍ଷାକୁ ନେଇ ସୃଷ୍ଟି ହୋଇଥିବା ବିବାଦ ପରେ ଜାତୀୟ ପରୀକ୍ଷଣ ସଂସ୍ଥା (ଏନ୍‌ଟିଏ) ପରୀକ୍ଷା ସଂସ୍କାର ଲାଗି କି କି ପଦକ୍ଷେପ ନେଇଛି ବୋଲି ଦାଏର ଏକ ମାମଲାର ପ୍ରତ୍ୟୁତ୍ତରରେ କେନ୍ଦ୍ର ଏହି ସତ୍ୟପାଠ ଦାଖଲ କରିଛନ୍ତି। ମାମଲା ଉପରେ ବିଚାର କରି ପରୀକ୍ଷା ବ୍ୟବସ୍ଥାରେ ଉନ୍ନତି ଆଣିବା ଲାଗି ତଥା ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ନେଇ ସୃଷ୍ଟି ହୋଇଥିବା ଅନିୟମିତତାର ସମାଧାନ ଲାଗି ସରକାର କି ପଦକ୍ଷେପ ନେଇଛନ୍ତି, ତାହା ଉପରେ ଜବାବ ରଖିବାକୁ ସର୍ବୋଚ୍ଚ ଅଦାଲତ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସରକାର ସର୍ବୋଚ୍ଚ ଅଦାଲତକୁ ଜଣାଇଛନ୍ତି ଯେ ସାର୍ବଜନୀନ (ପବ୍ଲିକ୍) ପରୀକ୍ଷାଗୁଡ଼ିକୁ ତ୍ରୁଟି ମୁକ୍ତ କରିବ ଲାଗି ପରୀକ୍ଷା ଆଇନରେ ବ୍ୟାପକ ସଂଶୋଧନ କରାଯିବା ସହ ପ୍ରଶାସନିକ ପଦକ୍ଷେପକୁ କଡ଼ାକଡ଼ି କରାଯାଇଛି। ସମ୍ପ୍ରତି ଜାରି ରହିଥିବା ମୌସୁମୀ ଅଧିବେଶନରେ କଠୋର ସାର୍ବଜନୀନ ➪ପୃଷ୍ଠା-୬

ସ୍କୁଲ ପାଠ୍ୟ ପୁସ୍ତକରେ ତ୍ରୁଟି ମାମଲା

## ମନୋଜଙ୍କୁ ସର୍ତ୍ତମୂଳକ ଜାମିନ



**କଟକ,୫।୮(ସଂଚାର ବ୍ୟୁରୋ):** ସ୍କୁଲ ପାଠ୍ୟ ପୁସ୍ତକରେ ତ୍ରୁଟି ମାମଲାରେ ଗିରଫ ହୋଇଥିବା ଏସ୍‌ସିଇଆର୍‌ଟି ମନୋଜ ପାଢ଼ୀଙ୍କୁ ଆଜି ସର୍ତ୍ତମୂଳକ ଜାମିନ ମିଳିଛି। ତାଙ୍କୁ କଟକର ସ୍ୱତନ୍ତ୍ର ଏସ୍‌ସି/ଏସ୍‌ଟି କୋର୍ଟ ଏହି ଜାମିନ୍ ଦେଇଛନ୍ତି। ଶ୍ରୀ ପାଢ଼ୀଙ୍କୁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଠ୍ୟପୁସ୍ତକରେ ବ୍ୟାପକ ତ୍ରୁଟି ମାମଲାରେ କ୍ରାଇମ୍‌ବ୍ରାଞ୍ଚ୍ ଗିରଫ କରିଥିଲା। ତାଙ୍କ ସହ ୫ ଜଣଙ୍କ ବିରୋଧରେ ରାଜ୍ୟ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। ସ୍କୁଲ ପାଠ୍ୟପୁସ୍ତକ ତ୍ରୁଟି ମାମଲାରେ ଗତ ୧୪ ତାରିଖରେ ରାଜ୍ୟ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। ଏହି ମାମଲାରେ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଓ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (ଟିଇ ଆଣ୍ଡ୍ ➪ପୃଷ୍ଠା-୬

## ଶ୍ରୀମନ୍ଦିର ସ୍କ୍ୱାଡ୍ ନିଯୁକ୍ତି ନାଁରେ ବଡ଼ ଠକେଇ

**ପୁରୀ,୫।୮(ସଂଚାର ବ୍ୟୁରୋ):** ଶ୍ରୀମନ୍ଦିରରେ ସ୍କ୍ୱାର୍ଡ ନିଯୁକ୍ତିରେ ଠକେଇ ହେଉଥିବା ଅଭିଯୋଗ ସାମ୍ନାକୁ ଆସିଛି। ମୋଟା ଅଙ୍କର ଅର୍ଥ ନିଆଯାଇ କିଛି ଅସାଧୁ ବ୍ୟକ୍ତି ନକଲି ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଦସ୍ତଖତ ଥାଇ ଏକ ନକଲି ନିଯୁକ୍ତି ପତ୍ର ଚିଠି ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଏହା ଏବେ ବେଶ୍ ଚର୍ଚ୍ଚାର



- ୧୬ ଜଣଙ୍କୁ ଦିଆଯାଇଛି ନକଲି ନିଯୁକ୍ତିପତ୍ର
- ତଦନ୍ତ ନିର୍ଦ୍ଦେଶ ଦେଲେ ମୁଖ୍ୟ ପ୍ରଶାସକ

ବିଷୟ ହୋଇଛି।

ତେବେ ଏହି ଘଟଣା ଜଣାପଡ଼ିବା ପରେ ତତ୍ପର ହୋଇଉଠିଛି ଶ୍ରୀମନ୍ଦିର ପ୍ରଶାସନ। ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ। ଶ୍ରୀମନ୍ଦିର ସୁରକ୍ଷା ପ୍ରଶାସକ ହେମନ୍ତ କୁମାର ପାଢ଼ୀ ଘଟଣାର ତଦନ୍ତ କରିବା ସହ ସିଂହଦ୍ୱାର ଥାନାରେ ଏନେଇ ଏତଲା ମଧ୍ୟ ଦେଇଛନ୍ତି। ତେବେ ଏଭଳି ନକଲି ନିଯୁକ୍ତିପତ୍ର ଭାଇରାଲ ହେବା ପରେ ଏହାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ଶ୍ରୀମନ୍ଦିର ସେବାୟତ। ତୁରନ୍ତ ଏହି ଘଟଣାର ତଦନ୍ତ ➪ପୃଷ୍ଠା-୬

ରେଭେନ୍ସା ବିଶ୍ୱବିଦ୍ୟାଳୟରେ ବିଚିତ୍ର ସ୍ଥିତି

## ହଷ୍ଟେଲ ୱାର୍ଡେନ୍‌ଙ୍କ ସାମୂହିକ ଇସ୍ତଫା

**କଟକ,୫।୮(ସଂଚାର ବ୍ୟୁରୋ):** ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଘଟିଥିବା ବିବାଦ ଏବେ ରାଜନୈତିକ ଓ ଶିକ୍ଷାଗତ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। କ୍ୟାମ୍ପସରେ କଥିତ ରାଜନୈତିକ ନେତାଙ୍କ ହସ୍ତକ୍ଷେପକୁ ବିରୋଧ କରି ହଷ୍ଟେଲର ସମସ୍ତ ୱାର୍ଡେନ ସାମୂହିକ ଭାବେ ଇସ୍ତଫା ପ୍ରଦାନ କରିଛନ୍ତି। ସେମାନେ କୁଳପତିଙ୍କୁ ଭେଟି ନିଜ ଇସ୍ତଫାପତ୍ର ପ୍ରଦାନ କରିବା ସହ କ୍ୟାମ୍ପସ୍‌ର ପରିସ୍ଥିତି ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି।କଟକ ସଦର ବିଧାୟକଙ୍କ ହସ୍ତକ୍ଷେପକୁ ୱାର୍ଡେନ ସଂଘ ବିରୋଧ କରିଛି। ବିଶ୍ୱବିଦ୍ୟାଳୟର ଆଭ୍ୟନ୍ତରୀଣ ବ୍ୟବସ୍ଥାରେ ବାହ୍ୟ ହସ୍ତକ୍ଷେପ ଶିକ୍ଷା ପରିବେଶକୁ ପ୍ରଭାବିତ କରୁଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଗତ ୧ ତାରିଖ ରାତିରେ ଏହି ଘଟଣା ଘଟିଥିଲା। ଫ୍ରେଣ୍ଡସିପ ଡେ' ସେଲିବ୍ରେସନ ପାଇଁ ହଷ୍ଟେଲରେ ଏକାଠି



- କଟକ ସଦର ବିଧାୟକଙ୍କ ହସ୍ତକ୍ଷେପକୁ ବିରୋଧ

ହୋଇଥିଲେ ଅନ୍ତେବାସୀ। ସେହି ସମୟରେ ଦୁଇଟି ହଷ୍ଟେଲ ରୁମରେ ଡେପୁଟି ୱାର୍ଡେନ ତାଲା ପକାଇଥିବାକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଏହାର ପ୍ରତିବାଦରେ ହଷ୍ଟେଲ ଅନ୍ତେବାସୀମାନେ ପ୍ରାୟ ୨୪ ଘଣ୍ଟା ଧରି ଧର୍ମଘଟ କରିଥିଲେ। ଅନ୍ୟପଟେ ଏହି ଘଟଣା ପରେ କ୍ୟାମ୍ପସରେ ଉତ୍ତେଜନା ବଢ଼ିବା ସହ ବିଶ୍ୱବିଦ୍ୟାଳୟର ପରିବେଶ ଅଶାନ୍ତ ହୋଇପଡ଼ିଛି। ଛାତ୍ରଛାତ୍ରୀଙ୍କ ସୁରକ୍ଷା, ହଷ୍ଟେଲ ପରିଚାଳନା ଓ କ୍ୟାମ୍ପସର ଶୃଙ୍ଖଳାକୁ ନେଇ ଏବେ ଅନେକ ପ୍ରଶ୍ନ ଉଠିଛି।

ଖର୍ଚ୍ଚ ହୋଇପାରୁନି ବଜେଟ୍ ଅର୍ଥ

## ପିଏସି ବୈଠକରେ ସରକାରଙ୍କୁ ଘେରିଲେ ବିରୋଧୀ

### ପ୍ରଥମ ୪ ମାସରେ ଖର୍ଚ୍ଚ ହୋଇନି ୪୦% ଅର୍ଥ

**ଭୁବନେଶ୍ୱର,୫।୮(ସଂଚାର ବ୍ୟୁରୋ):** ବିକଶିତ ଓଡ଼ିଶା ଗଠନ ସହ ସାଧାରଣ ଲୋକଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବା ପାଇଁ ରାଜ୍ୟ ସରକାର ବଡ଼ ବଜେଟ୍ ପ୍ରସ୍ତୁତ କରୁଛନ୍ତି। ଲୋକଙ୍କ ପାଇଁ ମାଳ ମାଳ ଯୋଜନା ବି ହେଉଛି। ହେଲେ ବିଭାଗୀୟ ଅଧିକାରୀଙ୍କ ଆନ୍ତରିକତାର ଅଭାବ ଯୋଗୁଁ ନିର୍ଦ୍ଧାରିତ ସମୟରେ ବଜେଟ୍



**ସରକାରୀ ଦଳକୁ ପିଏସି ଅଧ୍ୟକ୍ଷାଙ୍କ ଟାର୍ଗେଟ୍**

ଅର୍ଥ ଖର୍ଚ୍ଚ ହୋଇପାରୁନାହିଁ, ଯାହାକୁ ନେଇ ଆଜି ବିଧାନସଭାରେ ଅନୁଷ୍ଠିତ ପବ୍ଲିକ ଆକାଉଣ୍ଟ୍ସ କମିଟି ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଛି।

ବାରମ୍ବାର ତାଗିଦ ପରେ ବି ଫଳ ଶୂନ। ୨ ବର୍ଷରୁ ଅଧିକ ସମୟ ଧରି ବିଜେପି ସରକାରରେ ଅର୍ଥ ଖର୍ଚ୍ଚର ଏପରି ମନ୍ଥର ଗତିକୁ ନେଇ ପିଏସି ବୈଠକରେ ଚିନ୍ତା ପ୍ରକାଶ ପାଇଛି। ପିଏସି ଅଧ୍ୟକ୍ଷା ପ୍ରମିଳା ମଲ୍ଲିକ କହିଛନ୍ତି ଯେ ବିଜେପି ସରକାର ସବୁଥିରେ ବିଫଳ। ବଜେଟ ଅର୍ଥକୁ ଖର୍ଚ୍ଚ କରିପାରୁନାହିଁ। ଅଧିକାଂଶ ବିଭାଗର ଖର୍ଚ୍ଚ ୪୦ ପ୍ରତିଶତ ଟପୁନାହିଁ। ତେବେ ବିକାଶ କେମିତି ଆଗେଇବ ବୋଲି ପ୍ରଶ୍ନ କରି ସରକାରଙ୍କ ଉପରେ ବର୍ଷିଛନ୍ତି ପିଏସି ଅଧ୍ୟକ୍ଷା। କାହିଁକି ଓ କେଉଁ କାରଣରୁ ଅର୍ଥ ଖର୍ଚ୍ଚ ହୋଇପାରୁନାହିଁ, ତାହା ଜାଣିବାକୁ ଚାହିଁଛି ପିଏସି। ଅନ୍ୟପଟେ କେନ୍ଦ୍ରୀୟ ଅନୁଦାନ ରାଜ୍ୟକୁ ନ ମିଳିବା ନେଇ ମଧ୍ୟ ସେ ସରକାରୀ ଦଳକୁ ଟାର୍ଗେଟ କରିଛନ୍ତି।

ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପଞ୍ଚାୟତିରାଜ ପାନୀୟ ବ୍ୟବସ୍ଥା ସହ ଅନେକ କ୍ଷେତ୍ରରେ କେନ୍ଦ୍ରୀୟ ପ୍ରାପ୍ୟ ଏଯାଏ ଓଡ଼ିଶାକୁ ମିଳିନାହିଁ। ଡବଲ ଇଞ୍ଜିନ୍ ସରକାର ଓଡ଼ିଶାର ବିକାଶ ନୁହେଁ, ବିନାଶ କରୁଛି ବୋଲି କଂଗ୍ରେସ କହିଛି। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ଅଭିଯୋଗ କରିଛନ୍ତି ଯେ ସରକାର ବଜେଟ୍ ଅର୍ଥରୁ ୩୦ରୁ ୪୦ ଭାଗ ଖର୍ଚ୍ଚ କରିବାରେ ସଫଳ ହେଉନାହାନ୍ତି। ବିଜେପି କିନ୍ତୁ ବିରୋଧୀଙ୍କ ଅଭିଯୋଗର ଜବାବ ଦେଇ କହିଛି ପର୍ଯ୍ୟାୟ କ୍ରମେ କେନ୍ଦ୍ର ଓଡ଼ିଶାକୁ ଅର୍ଥ ଦେଇଛି। ଏପରିକି ଖର୍ଚ୍ଚ ହାରକୁ ଦେଖିଲେ ବିଜେଡି ସରକାର ଅମଳରୁ ଅଧିକ ଖର୍ଚ୍ଚ ହେଉଥିବା ବିଜେପି ଯୁକ୍ତି ବାଢ଼ିଛି।

## ଜିବ୍ରେମାରିଆମ୍ ଏୟାର ଇଣ୍ଡିଆର ନୂଆ ସିଇଓ



**ନୂଆଦିଲ୍ଲୀ,୫।୮:** ଏୟାର ଇଣ୍ଡିଆ ଇଥିଓପିଆନ୍ ଏୟାରଲାଇନ୍ସ ଗ୍ରୁପର ପୂର୍ବତନ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଟିୱଲଡ୍ ଜିବ୍ରେମାରିଆମ୍‌ଙ୍କୁ ଏହାର ନୂତନ ସିଇଓ ଓ ଏମଡି ଭାବରେ ନିଯୁକ୍ତ କରିଛି। ଏହି ନିଯୁକ୍ତି ଏପରି ସମୟରେ ଆସିଛି ଯେତେବେଳେ ଏୟାର ଇଣ୍ଡିଆ ଗୁରୁତ୍ୱପୂର୍ଣ୍ଣ କ୍ଷତି, ନିୟାମକ ଯାଞ୍ଚ ଏବଂ ଅନେକ କାର୍ଯ୍ୟକ୍ଷମ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛି। ତେୱୋଲ୍ଡ ଗେବ୍ରେମାରିଅମ୍ ବର୍ତ୍ତମାନ ଏୟାରଲାଇନ୍ସର ରଣନୀତି, ବିସ୍ତାର ଏବଂ କାର୍ଯ୍ୟଦକ୍ଷତା ଉନ୍ନତିର ଦାୟିତ୍ୱ ସମ୍ଭାଳିବେ। ତେୱୋଲ୍ଡ ଗେବ୍ରେମାରିଅମ୍ କ୍ୟାମ୍ପବେଲ୍ ୱିଲସନ୍‌ଙ୍କ ସ୍ଥାନ ନେବେ, ଯିଏ ଏହି ସପ୍ତାହର ଆରମ୍ଭରେ ତାଙ୍କର ଇସ୍ତଫା ଘୋଷଣା କରିଥିଲେ।

## ବାଂଲା ସ୍ଥିତି ଦେଖି ହସୀନା ନିରାଶ



**ନୂଆଦିଲ୍ଲୀ,୫।୮:** ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସୀନା ବାଂଲାଦେଶର ସାମ୍ପ୍ରତିକ ସ୍ଥିତି ନେଇ ବେଶ୍ ନୈରାଶ୍ୟ ପ୍ରକାଶ କରିଛନ୍ତି। ସେ ବୁଧବାର ଗଣମାଧ୍ୟମ ସହ ଭର୍ଚୁଆଲ କଥା ହୋଇଛନ୍ତି। ସେ କହିଛନ୍ତି ଯେ ମୁଁ ସେହି ବ୍ୟକ୍ତି ଭାବେ କହୁଛି ଯିଏ ନିଜ ଜୀବନ ବାଂଲାଦେଶ ଲୋକଙ୍କ ସହ ବିତାଇଛି ଓ ମୋତେ ମୋ ଦେଶରୁ ଦୂରେଇ ଦିଆଯାଇଛି। ତେବେ ମୁଁ ମୋ ଲୋକଙ୍କଠୁ କେବେ ବି ଦୂରେଇଯାଇନି। ସେ ଦୁଇ ବର୍ଷ ପୂର୍ବେ ହୋଇଥିବା ହିଂସାତ୍ମକ ପ୍ରଦର୍ଶନକୁ ନିନ୍ଦା କରିଛନ୍ତି। ଗଣମାଧ୍ୟମକୁ ସମ୍ବୋଧିତ କରି ସେ କହିଛନ୍ତି ଯେ ଗତ ୨ ବର୍ଷ ହେଲା ବାଂଲାଦେଶକୁ ପୀଡ଼ିତ ହେଉଥିବାର ଦେଖିଛି। ଏହା ସେହି ବାଂଲାଦେଶ ନୁହେଁ, ଯାହାକୁ ମୁଁ ଗଢ଼ିଥିଲି। ଏହା ସେହି ବାଂଲାଦେଶ ନୁହେଁ, ଯାହାଲାଗି ଗତ ୧୯୭୧ ମସିହାରେ ୩୦ ଲକ୍ଷ ଲୋକ ନିଜ ଜୀବନ ବଳି ଦେଇଥିଲେ।



**କାନ ଡେରିଆ**

ରାଜ୍ୟ କଂଗ୍ରେସ ଫିକା ଲାଗେ ଏଠି
ଗର୍ଜନ ଆଉ ନ ଶୁଭୁଛି
ମୁଖିଆଙ୍କ ଏବେ ସୋର୍ ଶବ୍ଦ ନାହିଁ
ନିର୍ଜନ ନିର୍ଜନ ଲାଗୁଛି
ନିର୍ବାଚନ ଆଗେ ଅଛି...
ଏଇମିତି ଯଦି ଦଳ ଗଢ଼ା ହୁଏ
ଫଳାଫଳ ଯାହା ଭାବୁଛି ।

■ ଦେବାଶିଷ

# ବିଜୁଳି ଅଡିଟ୍ ନେଇ ଶକ୍ତି ବିଭାଗ ନିରବ

**ଭୁବନେଶ୍ୱର,୫।୮(ସଂଚାର ବ୍ୟୁରୋ):** ରାଜ୍ୟରେ ବିଦ୍ୟୁତ୍ ବିତରଣ ବ୍ୟବସ୍ଥାରେ ହେଉଥିବା ଆର୍ଥିକ କାରବାରର ଅଡିଟ୍ ସିଏଜିଙ୍କ ଦ୍ୱାରା କରିବା ପାଇଁ ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆରସି) ଦେଇଥିବା ନିର୍ଦ୍ଦେଶ ଏବେ ଶୀତଳଭଣ୍ଡାରରେ। ସିଏଜି ଅଡିଟ୍ ହେବ କି ନାହିଁ, ସେ ସଂକ୍ରାନ୍ତରେ ଶକ୍ତି ବିଭାଗ କିମ୍ବା ବିତରଣ କମ୍ପାନୀ କେହି ମୁହଁ ଖୋଲୁନାହାନ୍ତି।

ତେବେ ବିଶେଷଜ୍ଞମାନଙ୍କ ମତରେ ରାଜ୍ୟରେ ଏଭଳି ଅଡିଟ୍ ହେଉ ନ ଥିବାରୁ ସରକାର ଯୋଗାଉଥିବା ଟିକସ ଅର୍ଥ ସହ ହିତାଧିକାରୀମାନଙ୍କଠାରୁ ବିଭିନ୍ନ ବାବଦରେ ଆଦାୟ ହେଉଥିବା ଅର୍ଥ କିଭଳି ଖର୍ଚ୍ଚ ହେଉଛି, ସେ ସଂକ୍ରାନ୍ତରେ ହିତାଧିକାରୀ ଜାଣିବା ତ ଦୂରର କଥା, ଖୋଦ୍ ସରକାର ବି ଜାଣିପାରୁନାହାନ୍ତି। ଫଳରେ ବାରମ୍ବାର ନିଜର କ୍ଷତି ଦର୍ଶାଇ ବିଦ୍ୟୁତ୍ ଦର ବଢ଼ାଇବା ପାଇଁ ଓଇଆରସି ନିକଟରେ ଆବେଦନ ହେଉଛି ଓ ନିୟମିତ ବ୍ୟବଧାନରେ ଦର ମଧ୍ୟ ବଢ଼ୁଛି। ବିତରଣ କମ୍ପାନୀ ତା'ର ଯେତିକି କ୍ଷତି ଦର୍ଶାଉଛି, ତାହା କେତେଦୂର ସଠିକ୍ ତା'ର କୌଣସି ବୈଧତା ରହୁନାହିଁ।

- ବାରମ୍ବାର ଦରବୃଦ୍ଧିକୁ ସୁହାଉଛି
- ମହାରାଷ୍ଟ୍ର, ଦିଲ୍ଲୀ ଓ କର୍ଣ୍ଣାଟକ ଆଦି ରାଜ୍ୟରେ ହେଉଛି ଅଡିଟ୍

ଦେଶର ଅନ୍ୟ ରାଜ୍ୟ ଯଥା ମହାରାଷ୍ଟ୍ର, ବିହାର, ଦିଲ୍ଲୀ, କର୍ଣ୍ଣାଟକ ଆଦିରେ ବିଦ୍ୟୁତ ବିତରଣ ଦାୟିତ୍ୱରେ ଥିବା ଖୋଦ୍ ସରକାର ଥିବା ବେଳେ ବିଭିନ୍ନ ଅଞ୍ଚଳର ବିତରଣ ଦାୟିତ୍ୱ ଘରୋଇ ସଂସ୍ଥାଗୁଡ଼ିକୁ ଦିଆଯାଇଛି। ଯେତେବେଳେ ସେହିସବୁ ରାଜ୍ୟରେ ବିତରଣ ବ୍ୟବସ୍ଥାର ସ୍ୱତନ୍ତ୍ର ଅଡିଟ୍ ହେଉଛି, ସେତେବେଳେ ସରକାରୀ ବିତରଣ ସଂସ୍ଥା ସହ ଘରୋଇ ସଂସ୍ଥା ମଧ୍ୟ ଏହାର ପରିସରକୁ ଆସିଯାଉଛନ୍ତି। ଏଥିଯୋଗୁଁ ସାଧାରଣ ଲୋକ ବିଶେଷକରି




ବିଦ୍ୟୁତ୍ ଉପଭୋକ୍ତାଙ୍କ ରାଜସ୍ୱ କିଭଳି ବାଟରେ ବ୍ୟୟ ହେଉଛି ଓ ବିତରଣ ଦାୟିତ୍ୱରେ ଥିବା ସଂସ୍ଥାର ଲାଭ କିମ୍ବା କ୍ଷତିର ପରିମାଣ କେତେ, ତାହା ସାର୍ବଜନୀନ ହୋଇପାରୁଛି।

ହେଲେ ଓଡ଼ିଶାରେ ବିତରଣ ଦାୟିତ୍ୱ ଘରୋଇ ସଂସ୍ଥା ହାତରେ ଥିବାର ଆଳ ଦେଖାଇ ଦୀର୍ଘ ବର୍ଷ ହେଲା ତା'ର ଅଡିଟ୍ କରାଯାଉନାହିଁ। ଚଳିତ ବର୍ଷ ମାର୍ଚ୍ଚରେ ଓଇଆରସି ପକ୍ଷରୁ ସିଏଜି ଅଡିଟ୍ ପାଇଁ ମତ ଦିଆଯିବା ପରେ ଏହାକୁ ନେଇ ଆଲୋଚନା ଆରମ୍ଭ ହୋଇଥିଲା। ଏହା ପରେ ପରେ ଅତ୍ୟନ୍ତ ରହସ୍ୟମୟ ଭାବେ ଓଇଆରସି ଅଧ୍ୟକ୍ଷ ପଦବୀ ଛାଡ଼ିବାରୁ ଏହି ଘଟଣା କିଛିଦିନ ପାଇଁ ଥଣ୍ଡା ପଡ଼ିଥିଲା। ତେବେ ବର୍ତ୍ତମାନ ସୁଦ୍ଧା ଓଇଆରସିର ଏହି ନିର୍ଦ୍ଦେଶ ଉପରେ ଶକ୍ତି ବିଭାଗ ଓ ବିତରଣ କମ୍ପାନୀ ଅହେତୁକ ନିରବତା ଅବଲମ୍ବନ କରୁଛନ୍ତି।

ଉଲ୍ଲେଖନୀୟ ଯେ ରାଜ୍ୟରେ ବିଦ୍ୟୁତ୍ ବିତରଣ ବ୍ୟବସ୍ଥାରେ ପୂର୍ବରୁ ରିଲାୟନ୍ସ କମ୍ପାନୀ ଥିବା ବେଳେ ଏବେ ଟାଟା ପାୱାର ରହିଛି। ବିଦ୍ୟୁତ୍ ଭିତ୍ତିଭୂମି ବିକାଶଠାରୁ ଆରମ୍ଭ କରି ସ୍ମାର୍ଟ ମିଟର ଲଗାଇବା ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟ ପାଇଁ ସରକାର ଲୋକଙ୍କ ଟିକସ ଅର୍ଥରୁ ବିତରଣ କମ୍ପାନୀଙ୍କୁ କୋଟି କୋଟି ଟଙ୍କା ଯୋଗାଇ ଦେଉଛନ୍ତି। ଗ୍ରାହକମାନଙ୍କଠାରୁ ମଧ୍ୟ ବିଦ୍ୟୁତ୍ ଡ୍ୟୁଟିଠାରୁ ଆରମ୍ଭ କରି ମିଟର ଭଡ଼ା ଓ ସିକ୍ୟୁରିଟି ବାବଦରେ ➪ପୃଷ୍ଠା-୬

## ନାବାଳିକା ଦୁଷ୍କର୍ମ ମାମଲା ଅଭିଯୁକ୍ତକୁ ୧୦ବର୍ଷ ସଶ୍ରମ କାରାଦଣ୍ଡ

କେନ୍ଦ୍ରାପଡ଼ା,୫।୮(ସଂଚାର ବ୍ୟୁରୋ): ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି କେନ୍ଦ୍ରାପଡ଼ା ଆଡହକ ଫାଷ୍ଟଟ୍ରାକ ସ୍ୱତନ୍ତ୍ର କୋର୍ଟର ବିଚାରପତି ତ୍ରିବିକ୍ରମ କେଶରୀ ଚିନ୍ନାରା ଅଭିଯୁକ୍ତକୁ ୧୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ଅଭିଯୁକ୍ତକୁ ୧୦ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ଅଧିକ ଏକ ବର୍ଷ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ ରହିଛି।

ମାମଲାର ବିବରଣୀରୁ ପ୍ରକାଶ ଯେ ୨୦୨୫ ମସିହାରେ କେନ୍ଦ୍ରାପଡା ଜିଲ୍ଲାର ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଞ୍ଚଳର ଏକ ଗ୍ରାମର ଜଣେ ନାବାଳିକାଙ୍କୁ ସେହି ଅଞ୍ଚଳର ଦିପ୍ତୀ ରଞ୍ଜନ ମଲ୍ଲିକଙ୍କ ପୁଅ ମନୋଜ ମଲ୍ଲିକ ଓରଫ ସୋନୁ(୧୯)ବଳାତ୍କାର କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା । ସେହି ଅଭିଯୋଗକୁ ଭିତ୍ତିକରି ଥାନା କେଶ ନମ୍ବର ୩୭୦/୨୦୨୫ରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିଲା । ପୋଲିସ କୋର୍ଟରେ ଅଭିଯୋଗପତ୍ର ଦାଖଲ କରିବା ପରେ ଜି.ଆର. କେଶ ନମ୍ବର ୯୮/୨୦୨୫ରେ ମାମଲାର ବିଚାର ଚାଲିଥିଲା। ସମସ୍ତ ସାକ୍ଷ ପ୍ରମାଣକୁ ବିଚାର କରି କେନ୍ଦ୍ରାପଡା ଆଡହକ ଫାଷ୍ଟଟ୍ରାକ ସ୍ୱତନ୍ତ୍ର କୋର୍ଟର ଜଜ ଅଭିଯୁକ୍ତ ମନୋଜ ମଲ୍ଲିକକୁ ଉପରୋକ୍ତ ଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହିତ କୋର୍ଟ ଜିଲ୍ଲା ଆଇନସେବା ପ୍ରାଧିକରଣ ମାଧ୍ୟମରେ ପୀଡିତାଙ୍କୁ ୪ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । କୋର୍ଟରେ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସମର କେଶରୀ ମହାପାତ୍ର ମାମଲା ପରିଚାଳନା କରୁଥିଲେ ।

## ଔଷଧ ଆଣିବାକୁ ଯାଇ ପାଣିରେ ବୁଡ଼ି ଯୁବକ ମୃତ



ଆଳି,୫।୮(ସଂଚାର ବ୍ୟୁରୋ): ମାଆର ଔଷଧ ଆଣିବା ହେଲା କାଳ। ବଡ ଭାଇ ଭୁବନେଶ୍ୱରରୁ ବସରେ ପଠାଇଥିବା ଔଷଧ ଆଣିବାକୁ ଯାଉଥିବା ବେଳେ ବନ୍ୟା ପାଣିରେ ଭାସିଯାଇ ପ୍ରାଣ ହରାଇଛନ୍ତି। ଏଭଳି ଦୁଃଖଦ ଘଟଣା ଘଟିଛି ଆଳି ଥାନା ଠାକୁରପାଟଣା ଗ୍ରାମର ସୁଧୀର କୁମାର ଦାସଙ୍କ ୩୨ ବୟସ୍କା ସାନ ପୁଅ ପ୍ରବିର ଦାସଙ୍କ କ୍ଷେତ୍ରରେ। ମଙ୍ଗଳ ବାର ସନ୍ଧ୍ୟା ସମୟରେ ମାନପୁର ଠାରୁ ସିଂହପୁର ବାଇକ ଯୋଗେ ଯାଇଥିବା ବେଳେ ଘୋଷରାରେ ପ୍ରଖର ସ୍ରୋତରେ ଏଭଳି ଅଘଟଣ ଘଟିଥିବା କୁହାଯାଉଛି। ଅନ୍ୟପଟେ ବାଇକିଟି ଘୋଷରା ଠାରେ ପଡ଼ିଥିବାରୁ ବାଇକଟିକୁ ଉଠାଇ ସ୍ଥାନୀୟ ଲୋକେ ଅଗ୍ନିଶମ ବାହିନୀକୁ ଖବର ପଠାଇ ଥିଲେ। ଅଗ୍ନିଶମ ବାହିନୀ ସନ୍ଧ୍ୟାରେ ଖୋଜୁଥିବା ବେଳେ ତାଙ୍କର କିଛି ଖବର ମିଳିନଥିଲା। ପରେ ଘର ଲୋକେ ଖବର ପାଇଁ ସେହି ସ୍ଥାନରେ ପହଞ୍ଚି ଖୋଜିଥିଲେ। ରାତି ହୋଇଥିବାରୁ ବନ୍ୟା ପାଣିରେ ଖୋଜିବାର ବାଧକ ସାଜିଥିଲା। ବୁଧବାର ଦିନ ଥାନାରେ ଲିଖିତ ଅଭିଯୋଗ ପରେ ପୁନର୍ବାର ଅଗ୍ନିଶମ ବାହିନୀ ଯନ୍ତ୍ର ଚାଳିତ ବୋଟ ଯୋଗେ ଖୋଜିଥିଲା। ଅପରାହ୍ନ ୪ଟା ସମୟରେ ଘୋଷରାର କିଛି ଦୂରରୁ ପାଣି ଭିତରୁ ମୃତଦେହ ଉଦ୍ଧାର କରାଯାଇଥିଲା। ପରେ ଆଳି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଶବ ବ୍ୟବଚ୍ଛେଦ ପାଇଁ ପଠା ଯାଇଥିଲା। ଏବେ ଭେଣ୍ଡିଆ ପୁଅକୁ ହରାଇ ପୁରା ପରିବାର କାନ୍ଦ ବୋବାଳିରେ ଫାଟିପଡୁଥିବାବେଳେ ଗାଁ ରେ ଶୋକର ଛାୟା ଖେଳିଯାଇଛି।

## ବ୍ରାହ୍ମଣୀ ନଦୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

ପଟ୍ଟାମୁଣ୍ଡାଇ,୫।୮(ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବାଲିପାଟଣା ପଂଚାୟତ ବାଲିପାଟଣା ଗ୍ରାମର ରାମ ଚନ୍ଦ୍ର ଜେନା (୮୨) ଆଜି ଦିନ ୧୦ଟା ବେଳେ ନିଜ ଗାଇ ଆଣିବାକୁ ବ୍ରାହ୍ମଣୀ ନଦୀ ନିକଟସ୍ଥ ଅଂଚଳକୁ ଯାଇଥିଲେ । ମାତ୍ର ନଦୀ ପାର ହୋଇ ଆସୁଥିବା ସମୟରେ ଭୁଲ କ୍ରମେ ନଦୀର ପ୍ରଖର ସ୍ରୋତରେ ଭାସି ଯାଇ ବୁଡି ଯାଇଥିଲେ । ପରିବାର ଲୋକମାନେ ବହୁ ଖୋଜାଖୋଜି କରି ବ୍ରାହ୍ମଣୀ ନଦୀ ମଧ୍ୟରୁ ରାମ ଚନ୍ଦ୍ରଙ୍କ ମୃତ ଶରୀର ଉଦ୍ଧାର କରିଥିଲେ । ମୃତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଦାବୀ ହେଉଛି ।

## କଲେଜ ଛାତ୍ରଙ୍କୁ ସଂଘବଦ୍ଧ ଆକ୍ରମଣ, ତଦନ୍ତ ଜାରି

ପଟ୍ଟାମୁଣ୍ଡାଇ,୫।୮(ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ମଦନପୁର ଯୁ କେ ମହାବୀର କଲେଜର ଜନୈକ ଛାତ୍ରକୁ ସଂଘବଦ୍ଧ ଆକ୍ରମଣ କରାଯାଇ ନିସ୍ତୁକ ମାଡ ମରାଯାଇଛି । ଏହି ଘଟଣାର ଭିଡିଓ ସୋସିଆଲ ମିଡ଼ିଆରେ ଭାଇରାଲ ହୋଇ ଛି ଏନେଇ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ଲିଖିତ ଏତଲା ଦେବା ପରେ ପୁଲିସ ତଦନ୍ତ ଆରମ୍ଭ କରି ଦୁଇଜଣଙ୍କୁ ଅଟକ ରଖି ପଚରା ଉଚରା କରୁଛି। ଗ୍ରାମାଞ୍ଚଳ ଥାନା ରେ ହୋଇଥିବା ଅଭିଯୋଗ ଅନୁଯାୟୀ ରାଜନଗର ଥାନା ପଶ୍ଚିମଭେଡା ଗାଁର ଡଲି ମଳିକ ଙ୍କ ପୁଅ ମଦନପୁର କଲେଜରେ ପାଠ ପଢୁଛନ୍ତି । ଗତ ୩ ତାରିଖ ଦିନ କିଛି ଦୁର୍ବୃତ୍ତ ତାଙ୍କୁ ସଙ୍ଘବଦ୍ଧ ଆକ୍ରମଣ କରିବା ସହ ଅପହରଣ କରିନେଇଥିବା ଅଭିଯୋଗ ହୋଇଛି। ଯାହାର ଭିଡ଼ିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଭିଡ଼ିଓ କୁ ଆଧାର କରି ପୁଲିସ ତଦନ୍ତ ଆରମ୍ଭ କରିଛି। ପ୍ରେମ ସମ୍ପର୍କ କୁ ନେଇ ଏଭଳି ଘଟଣା ଘଟିଥିବା ଗ୍ରାମଞ୍ଚଳ ଥାନା ଅଧିକାରୀ ଶ୍ରୀକାନ୍ତ ବାରିକ ସୂଚନା ଦେଇଛନ୍ତି।

## ବେଲତଳ ଗ୍ରାମରେ ଚୋରି, ଥାନାରେ ଏତଲା

ପଟ୍ଟାମୁଣ୍ଡାଇ,୫।୮(ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ବେଲତଳ ବନ୍ଧପଡା ଗ୍ରାମରେ ଗତକାଲି ବିଳମ୍ବିତ ରାତିରେ ଚୋରୀ ହୋଇଥିବା ନେଇ ଥାନାରେ ଲିଖିତ ଏତଲା ଦିଆଯାଇଛି । ସ୍ଥାନୀୟ ପୋଲିସ ଏହି ଘଟଣାର ତଦନ୍ତ ଆରମ୍ଭ କରିଛି । ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ହୋଇଥିବା ଏତଲା ଅନୁଯାୟୀ ବେଲତଳ ବନ୍ଧପଡା ଗ୍ରାମର ସ୍ୱର୍ଗତ ଗୋପୀନାଥ ଦାଶ ଙ୍କ ଘରେ ଗତକାଲି ବିଳମ୍ବିତ ରାତିରେ ଚୋର ମାନେ ଘର ଝରକା ତାଡି ଘର ମଧ୍ୟରେ ପ୍ରବେଶ କରି ଘର ଲୋକମାନଙ୍କୁ ବାହାର ପଟୁ ବନ୍ଦ କରି ନଗଦ ଟଙ୍କା ସୁନା ସମେତ ବହୁ ମୂଲ୍ୟବାନ ସାମଗ୍ରୀ ମିଶାଇ ପ୍ରାୟ ୪ଲକ୍ଷ ଟଙ୍କା ଚୋରୀ କରି ନେଇଥିବା ଗୃହକର୍ତ୍ତା ଗୋପୀନାଥ ଦାଶଙ୍କ ପୁତ୍ର ଅଶୋକ ଦାଶ ଥାନାରେ ଲିଖିତ ଏତଲା ଦେଇଛନ୍ତି । ସେହିପରି ଶୁକଦେବ ଦାଶଙ୍କ ଘର ଝରକା ମଧ୍ୟ ତାଡି ଦେଇଛନ୍ତି । ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୋଲିସ ଏହି ଚୋରୀ ମାମଲାର ତଦନ୍ତ ଆରମ୍ଭ କରିଛି ।

# ୧୦ରେ ଜାତୀୟ କୃମିନାଶକ ଦିବସ, ୧୭ରେ ମପ୍-ଅପ୍ ରାଉଣ୍ଡ

### ଜିଲ୍ଲାରେ ୩.୫୫ ଲକ୍ଷରୁ ଅଧିକ ଶିଶୁ ଓ କିଶୋରଙ୍କୁ କୃମିନାଶକ ଔଷଧ ପ୍ରଦାନ ଲକ୍ଷ୍ୟ



କେନ୍ଦ୍ରାପଡ଼ା,୫।୮(ସଂଚାର ବ୍ୟୁରୋ): ଜିଲ୍ଲା ସ୍ୱାସ୍ଥ୍ୟ ସମିତି, କେନ୍ଦ୍ରାପଡ଼ା ପକ୍ଷରୁ ଶିକ୍ଷା ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ଜିଲ୍ଲା କଲ୍ୟାଣ ବିଭାଗର ସହଯୋଗରେ ଚଳିତ ଅଗଷ୍ଟ ୧୦ ତାରିଖରେ ସମଗ୍ର ଜିଲ୍ଲାରେ ଜାତୀୟ କୃମିନାଶକ ଦିବସ ପାଳନ କରାଯିବ। ଏହାର ମପ୍-ଅପ୍ ରାଉଣ୍ଡ ଅଗଷ୍ଟ ୧୭ ତାରିଖରେ ଅନୁଷ୍ଠିତ ହେବ।

ଏହି ଅଭିଯାନରେ ୧ରୁ ୧୯ ବର୍ଷ ବୟସର ଶିଶୁ ଓ କିଶୋର-କିଶୋରୀ ଏବଂ ୨୦ରୁ ୨୪ ବର୍ଷ ବୟସର ଯୁବତୀମାନଙ୍କୁ କୃମିନାଶକ ଔଷଧ ପ୍ରଦାନ କରାଯିବ। ଅଙ୍ଗନୱାଡ଼ି କେନ୍ଦ୍ରରେ ୧ରୁ ୨ ବର୍ଷ ବୟସର ଶିଶୁଙ୍କୁ ୫ ମି.ଲି. ଏବଂ ୨ରୁ ୫ ବର୍ଷ ବୟସର ଶିଶୁଙ୍କୁ ୧୦ ମି.ଲି. କୃମିନାଶକ ସିରପ୍ ପ୍ରଦାନ କରାଯିବ। ୬ରୁ ୧୯ ବର୍ଷ ବୟସର ଶିଶୁ ଓ କିଶୋର-କିଶୋରୀ ଏବଂ ୨୦ରୁ ୨୪ ବର୍ଷ ବୟସର ଯୁବତୀମାନେ ଗୋଟିଏ ଲେଖାଏଁ କୃମିନାଶକ ବଟିକା ସେବନ କରିବେ। ପ୍ରତିବର୍ଷ ଫେବୃଆରୀ ଓ ଅଗଷ୍ଟ ମାସରେ ଏହି ଜାତୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ। କୃମିନାଶକ ସିରପ୍ ଓ ବଟିକା ସେବନ ଦ୍ୱାରା ଶିଶୁ ଓ କିଶୋର-କିଶୋରୀମାନଙ୍କୁ କୃମି ସଂକ୍ରମଣରୁ ସୁରକ୍ଷା ଦେବା ସହିତ ସେମାନଙ୍କ ସୁସ୍ଥ ବିକାଶ ଓ ଉତ୍ତମ ସ୍ୱାସ୍ଥ୍ୟ ନିଶ୍ଚିତ କରିବା ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ।

ଚଳିତ ରାଉଣ୍ଡରେ କେନ୍ଦ୍ରାପଡ଼ା ଜିଲ୍ଲାର ୧୭୫୪ଟି ସରକାରୀ ବିଦ୍ୟାଳୟ, ୨୩୩ଟି ବେସରକାରୀ ବିଦ୍ୟାଳୟ ଏବଂ ୨୧୨୬ଟି ଅଙ୍ଗନୱାଡ଼ି କେନ୍ଦ୍ର ମାଧ୍ୟମରେ ମୋଟ ୩ ଲକ୍ଷ ୫୫ ହଜାର ୯୧୦ ଜଣ ଶିଶୁ ଓ କିଶୋର-କିଶୋରୀଙ୍କୁ କୃମିନାଶକ ଔଷଧ ପ୍ରଦାନ କରାଯିବାର ଲକ୍ଷ୍ୟ ରହିଛି।

ଗତ ଫେବୃଆରୀ ୨୦୨୬ ରାଉଣ୍ଡରେ କେନ୍ଦ୍ରାପଡ଼ା ଜିଲ୍ଲାରେ ପ୍ରାୟ ୯୯ ପ୍ରତିଶତ ଲକ୍ଷ୍ୟ ହାସଲ କରାଯାଇଥିବା ସୂଚନା ଦିଆଯାଇଛି। ଚଳିତ ରାଉଣ୍ଡରେ ମଧ୍ୟ ଶତପ୍ରତିଶତ ସଫଳତା ହାସଲ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଓ ସମନ୍ୱୟ ଉପରେ ଗୁରୁତ୍ୱ ଦିଆଯାଇଛି।

ଜିଲ୍ଲାପାଳ ରଘୁରାମ ଆର୍ ଆୟର, ଏହି ଜାତୀୟ କାର୍ଯ୍ୟକ୍ରମକୁ ଶତପ୍ରତିଶତ ସଫଳ କରିବା ପାଇଁ ଶିକ୍ଷା, ମହିଳା ଓ ଶିଶୁ ବିକାଶ ଏବଂ ସ୍ୱାସ୍ଥ୍ୟ ବିଭାଗ ସମେତ ସମ୍ପୃକ୍ତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଦାୟିତ୍ୱର ସହ କାର୍ଯ୍ୟ କରିବାକୁ ଅନୁରୋଧ କରିଛନ୍ତି।

ଏହି କାର୍ଯ୍ୟକ୍ରମରେ ଅଭିଭାବକ, ଶିକ୍ଷକ-ଶିକ୍ଷୟିତ୍ରୀ, ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀ, ବ୍ଲକ ଓ ଜିଲ୍ଲାସ୍ତରୀୟ ସ୍ୱାସ୍ଥ୍ୟ ଅଧିକାରୀ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନର କର୍ମଚାରୀମାନେ ସକ୍ରିୟ ଭାବେ ସାମିଲ ହେବେ।

ଜିଲ୍ଲାସ୍ତରରେ ଜାତୀୟ କୃମିନାଶକ ଦିବସର ଶୁଭାରମ୍ଭ ଜିଲ୍ଲାପାଳଙ୍କ ଦ୍ୱାରା କରାଯିବ। ସେହିପରି ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମଧ୍ୟ ଏହି ଅଭିଯାନର ଶୁଭାରମ୍ଭ କରାଯିବ। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ନମିତା ପଟ୍ଟନାୟକ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟକ୍ରମକୁ ସଫଳତାର ସହ ଆୟୋଜନ କରିବାକୁ ଅନୁରୋଧ କରିଛନ୍ତି।

## ଅଗଷ୍ଟ ୯ କ୍ରାନ୍ତି ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ



କେନ୍ଦ୍ରାପଡ଼ା, ୫।୮ (ସଂଚାର ବ୍ୟୁରୋ): ଚଳିତ ବର୍ଷ ଅଗଷ୍ଟ ୯ କ୍ରାନ୍ତୀ ଦିବସ ତିନିମୁହାଣୀସ୍ଥିତ ଗାନ୍ଧୀସ୍ମାରକୀ ପୀଠରେ ପାଳନ କରାଯିବ । ଏଥି ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଗରାପୁରସ୍ଥିତ ଗାନ୍ଧୀଭବନରେ ଗାନ୍ଧୀ ପଦଯାତ୍ରା ସ୍ମୃତି ପରିଷଦ ସଭାପତି ଅଧ୍ୟାପକ ଅଜୟ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି ।

୧୯୪୨ମସିହା ଅଗଷ୍ଟ ମାସ ୯ ତାରିଖ ଭାରତ ଇତିହାସରେ ଏକ ଅବିସ୍ମରଣୀୟ ଦିନ । ଏହିଦିନ ଭାରତକୁ ପରାଧୀନତାର ବେଡିରୁ ମୁକୁଳାଇବା ପାଇଁ ଇଂରେଜମାନଙ୍କୁ ମହାତ୍ମାଗାନ୍ଧୀ ଆହ୍ୱାନ ଦେଇଥିଲେ ଭାରତଛାଡ । ସେହି ସ୍ମୃତିକୁ ଉଜ୍ଜୀବିତ କରି ରଖିବା ପାଇଁ ପ୍ରତିବର୍ଷ ଭଳି ତିନିମୁହାଣୀ ଠାରେ ଅଗଷ୍ଟ କ୍ରାନ୍ତୀ ଦିବସ ପାଳନ କରାଯିବ । ଏହି ପ୍ରସ୍ତୁତି ବୈଠକରେ ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ପ୍ରଫୁଲ୍ଲ ଦାସ, ରମଣୀରଞ୍ଜନ ରାଉତରାୟ, ଗୟାଧର ଧଳ, ସତ୍ୟପ୍ରିୟ ସାମଲ, ପ୍ରଦୀପ ନାୟକ, ଆଦିକନ୍ଦ ରାଉଳ, ପ୍ରଭାଶିଷ ପଣ୍ଡା, ଦେବେନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ ସ୍ୱାଧୀନୋର ଭାରତବର୍ଷର ଉରପୀଢିର ଦାୟାଦ ମାନେ ଏଥିରେ ସାମିଲ ହେବାକୁ ନିବେଦନ କରିଥିଲେ । ସ୍ମୃତି ସଂସଦର ସମ୍ପାଦକ ରାଜେଶ ପଣ୍ଡା ସମସ୍ତଙ୍କ ସହଯୋଗ କାମନା କରିଥିଲେ ।

## ସଙ୍ଗୀତ ନିର୍ଦ୍ଦେଶକ ସତ୍ୟପ୍ରିୟଙ୍କ 'କାଉଡି ଭଜନ'ର ମୁକ୍ତିଲାଭ




କେନ୍ଦ୍ରାପଡ଼ା,୫।୮ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲା ଖଣ୍ଡାୟତ ମହାସଙ୍ଘର କାର୍ଯ୍ୟକାରୀ ସମ୍ପାଦକ ତଥା ବିଶିଷ୍ଟ ସମାଜସେବୀ ଶରତ ପଟ୍ଟନାୟକଙ୍କ ପ୍ରଯୋଜନାରେ ଶ୍ରେଷ୍ଠ ଶ୍ରାବଣ ମାସର ପ୍ରଥମ ସୋମବାରରେ ଦୁଇଟି ଶିବ ଭଜନ କାଉଡ଼ିଆଙ୍କ ଉଦ୍ଦେଶ୍ୟରେ ମୁକ୍ତି ଲାଭ କରିଛି । ପ୍ରଥମ ଭଜନ ଶ୍ରାବଣ ଯାତ୍ରାରେ କଣ୍ଠ ଦାନ କରିଛନ୍ତି ଓଡ଼ିଶାର ଲୋକ ପ୍ରିୟ ଭଜନ ଗାୟକ ଶ୍ରୀଚରଣ ମହାନ୍ତି ଓ ଦ୍ୱିତୀୟ ଭଜନ କାନ୍ଧରେ କାଉଡ଼ି ଭାର ଗୀତରେ କଣ୍ଠ ଦାନ କରିଛନ୍ତି ଓଡ଼ିଶା ଚଳଚ୍ଚିତ୍ର ଜଗତରର ସୁନାମ ଧନ୍ୟ କଣ୍ଠ ଶିଳ୍ପୀ ଅନ୍ତରା ଚକ୍ରବର୍ତୀ । ଗୀତ ଗୁଡ଼ିକୁ ଖୁବ୍ ସୁନ୍ଦର ଭାବେ ଲେଖିଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲାର ଆକାଶବାଣୀ ସିକୃତିପ୍ରାପ୍ତ ଗୀତିକାର ଇତିଶ୍ରୀ ମହାନ୍ତି । ଭଜନ ଗୁଡ଼ିକୁ ସ୍ୱରରେ ସଜେଇଛନ୍ତି ଜିଲ୍ଲା ତଥା ରାଜ୍ୟରେ ପ୍ରତିଷ୍ଠା ଲାଭ କରିଥିବା ସଙ୍ଗୀତ ନିର୍ଦ୍ଦେଶକ ସତ୍ୟପ୍ରିୟ ଦାସ । କଟକର ପୁରାତନ ସାଆ ଷ୍ଟୁଡିଓରେ ଭଜନ ଦୁଇଟି ରେକର୍ଡିଂ କରାଯାଇଛି । ଆଶା ଓ ବିଶ୍ୱାସ ଭଜନଟିକୁ ଶ୍ରୋତା ମାନଙ୍କ ଦ୍ୱାରା ଆଦୃତ ହୋଇପାରିବ ବୋଲି କହିଛନ୍ତି ଶ୍ରୀ ଦାସ ।

## ଓଳାଭରରେ ସମାଜସେବୀ ଦମ୍ପତିଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ




ଓଳାଭର, ୫।୮ (ସଂଚାର ବ୍ୟୁରୋ): ରାଜକନିକା ବ୍ଲକ ଓଳାଭର ଅଞ୍ଚଳର ବିଶିଷ୍ଟ ସମାଜସେବୀ ଏବଂ ଓଳାଭର ଗୌରବ ଶ୍ରୀ ଶ୍ରୀ ଲକ୍ଷ୍ମୀନାରାୟଣ ମନ୍ଦିରର ପ୍ରତିଷ୍ଠାତା ସ୍ୱର୍ଗତ ଘନଶ୍ୟାମ ଜଗତି ଓ ତାଙ୍କ ଧର୍ମପତ୍ନୀ ସ୍ୱର୍ଗତ ଊର୍ମିଳା ଜଗତିଙ୍କ ପ୍ରତିମୂର୍ତ୍ତି ମଙ୍ଗଳବାର ଦିନ ଏକ ଭାବିହ୍ୱଳ ପରିବେଶ ମଧ୍ୟରେ ଉନ୍ମୋଚିତ ହୋଇଯାଇଛି। ଓଳାଭର ଓ ଆଖପାଖ ଅଞ୍ଚଳର ଶତାଧିକ ଲୋକ ଏହି ଉତ୍ସବରେ ସାମିଲ ହୋଇ ଦମ୍ପତିଙ୍କ ସମାଜସେବା ଓ ଧାର୍ମିକ ଅବଦାନକୁ ମନେ ପକାଇଥିଲେ।

ପୂଜାର୍ଚ୍ଚନା ପରେ ବୈଦିକ ମନ୍ତ୍ରଧ୍ୱନି ମଧ୍ୟରେ ପ୍ରତିମୂର୍ତ୍ତିର ଆବରଣ ଉଠାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଜକନିକା ବ୍ଲକର ଅନେକ ଗଣ୍ୟମାନ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଓଳାଭର ହାଇସ୍କୁଲର ପୂର୍ବତନ ଶିକ୍ଷକ ଶ୍ରୀ ସନାତନ ପୃଷ୍ଟି ଯୋଗ ଦେଇ କହିଲେ ଯେ, "ସ୍ୱର୍ଗତ ଘନଶ୍ୟାମ ଜଗତି କେବଳ ଜଣେ ବ୍ୟକ୍ତି ନୁହନ୍ତି, ସେ ଓଳାଭର ଅଞ୍ଚଳର ଏକ ଅନୁପ୍ରେରଣା। ତାଙ୍କ ଦ୍ୱାରା ନିର୍ମିତ ଲକ୍ଷ୍ମୀନାରାୟଣ ମନ୍ଦିର ଆଜି ସମଗ୍ର ଅଞ୍ଚଳର ଆସ୍ଥାର କେନ୍ଦ୍ରବିନ୍ଦୁ ପାଲଟିଛି।"

ଏହା ସହ ପୂର୍ବତନ ଅବସରପ୍ରାପ୍ତ ସୈନ୍ୟ ଅକ୍ଷୟ ନାଥ, ଦମଦାର ନାୟକ, ବିଶିଷ୍ଟ ସମାଜସେବୀ ସତ୍ୟପ୍ରକାଶ ଜଗତି, ନିଗମାନନ୍ଦ ଦାସ ଓ ଶ୍ରୀ ଗୟାଧର ନାଥ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ।

ସ୍ୱର୍ଗତ ଦମ୍ପତିଙ୍କ ନାତି, ନାତୁଣୀ ଓ ପରିବାର ବର୍ଗ ମଧ୍ୟ ଏହି ଅବସରେ ଉପସ୍ଥିତ ରହି ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ।।

## କବାଡ଼ି ଖେଳରେ ଗାଁରୁ ଅନ୍ତର୍ଜାତୀୟସ୍ତରକୁ ସଫଳତାର ଉଡ଼ାଣ



ନିଶ୍ଚିନ୍ତକୋଇଲି, ୫।୮ (ସଂଚାର ବ୍ୟୁରୋ): କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ କଳମିଶିରି ପଞ୍ଚାୟତର ଲେଣ୍ଡୁରା ଭଗବାନପୁର ଗ୍ରାମ ପାଇଁ ଏକ ଗର୍ବର ମୁହୂର୍ତ୍ତ ସୃଷ୍ଟି ହୋଇଛି। ଏହି ଗ୍ରାମର ଯୁବ କବାଡି ଖେଳାଳି ଓମ୍ ପ୍ରକାଶ ନାୟକ, ପିତା ପ୍ରମୋଦ କୁମାର ନାୟକ ଓ ମାତା ସଂଘମିତ୍ରା ନାୟକ, ନିଜର ଅକ୍ଳାନ୍ତ ପରିଶ୍ରମ, ଅଧ୍ୟବସାୟ ଏବଂ ଦୃଢ଼ ଇଚ୍ଛାଶକ୍ତି ବଳରେ ଗାଁରୁ ଆରମ୍ଭ କରି ଅନ୍ତର୍ଜାତୀୟ ସ୍ତର ପର୍ଯ୍ୟନ୍ତ ସଫଳତାର ଉଜ୍ଜ୍ୱଳ ପରିଚୟ ସୃଷ୍ଟି କରିଛନ୍ତି। ସୀମିତ ସୁବିଧା ଓ ପ୍ରତିକୂଳ ପରିସ୍ଥିତି ମଧ୍ୟରେ ନିରନ୍ତର ଅଭ୍ୟାସ ଏବଂ କଠିନ ପରିଶ୍ରମ ଜାରି ରଖି ସେ କବାଡି ଖେଳରେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ତାଙ୍କର ଏହି କୃତିତ୍ୱ କେବଳ ଲେଣ୍ଡୁରା ଭଗବାନପୁର ଗ୍ରାମ କିମ୍ବା କଳମିଶିରି ପଞ୍ଚାୟତ ପାଇଁ ନୁହେଁ, ବରଂ ସମଗ୍ର ନିଶ୍ଚିନ୍ତକୋଇଲି ବ୍ଲକ ଏବଂ କଟକ ଜିଲ୍ଲା ପାଇଁ ଗୌରବର ବିଷୟ ପାଲଟିଛି।

ଓମ୍ ପ୍ରକାଶଙ୍କ ଏହି ସଫଳତା ସ୍ଥାନୀୟ ଯୁବପିଢ଼ିଙ୍କୁ କ୍ରୀଡ଼ା କ୍ଷେତ୍ରରେ ଆଗକୁ ବଢ଼ିବା ପାଇଁ ନୂତନ ପ୍ରେରଣା ଯୋଗାଇଛି। ତାଙ୍କର ଉପଲବ୍ଧି ପାଇଁ ଅଞ୍ଚଳବାସୀ, କ୍ରୀଡ଼ାପ୍ରେମୀ ଏବଂ ବିଭିନ୍ନ ସାମାଜିକ ସଂଗଠନ ପକ୍ଷରୁ ତାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛାର ସୁଅ ଛୁଟିଛି। ସମସ୍ତଙ୍କ ଆଶା, ଭବିଷ୍ୟତରେ ମଧ୍ୟ ସେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶା ଏବଂ ଦେଶର ନାମକୁ ଅଧିକ ଗୌରବାନ୍ୱିତ କରିବେ।

## ଅଣ-ସରକାରୀ ସ୍କୁଲ-କଲେଜକୁ ସରକାରୀ ମାନ୍ୟତା ଦାବିରେ ଗଣଧାରଣା



ମହାକାଳପଡ଼ା,୫।୮(ସଂଚାର ବ୍ୟୁରୋ): ଓଡ଼ିଶା ସ୍କୁଲ-କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ଆହ୍ୱାନକ୍ରମେ ଏବଂ ମହାକାଳପଡ଼ା ଓସ୍ତାର ଆନୁକୂଲ୍ୟରେ ବୁଧବାର ମହାକାଳପଡ଼ା ବ୍ଲକ ନିକଟରେ ଗଣଧାରଣା ଅନୁଷ୍ଠିତ ହୋଇଥିଲା। ରାଜ୍ୟର ୧୯୪ଟି ଅଣ-ସରକାରୀ ସ୍କୁଲ ଓ କଲେଜକୁ ସରକାରୀ ମାନ୍ୟତା ପ୍ରଦାନ, ଶିକ୍ଷକମାନଙ୍କୁ ସ୍ଥାୟୀ ନିଯୁକ୍ତି, ଅବସରପ୍ରାପ୍ତ ଶିକ୍ଷକଙ୍କୁ ପେନସନ୍ ବ୍ୟବସ୍ଥାରେ ସାମିଲ କରିବା ଏବଂ ଅବସର ବୟସକୁ ୬୦ରୁ ୬୨ ବର୍ଷକୁ ବୃଦ୍ଧି କରିବା ଦାବିରେ ଏହି ଆନ୍ଦୋଳନ କରାଯାଇଥିଲା। ଗତ ୨୫ରୁ ୩୦ ବର୍ଷ ଧରି ବିନା ଦରମାରେ ଶିକ୍ଷାଦାନ କରିଆସୁଥିଲେ ମଧ୍ୟ ଏପର୍ଯ୍ୟନ୍ତ ସ୍ଥାୟୀ ନିଯୁକ୍ତି କିମ୍ବା ନିୟମିତ ବେତନ ପାଇନାହାନ୍ତି ବୋଲି ଧାରଣାରେ ଯୋଗଦେଇଥିବା ଶିକ୍ଷକମାନେ ଅଭିଯୋଗ କରିଥିଲେ। ସେହିପରି ପୂର୍ବରୁ ଅବସର ନେଇଥିବା ଶିକ୍ଷକମାନଙ୍କୁ ପେନସନ୍ ସୁବିଧା ଲାଗୁ କରିବାକୁ ମଧ୍ୟ ଦାବି କରାଯାଇଥିଲା।ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମହାକାଳପଡ଼ାର ଭାରା ପ୍ରାପ୍ତ ବିଡିଓ ରବୀନାରାୟଣ ଆଚାର୍ଯ୍ୟଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।

## ବିଭିନ୍ନ ଦାବି ନେଇ ସ୍କୁଲ-କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଧର୍ମଘଟ

ନୀଳଗିରି,୫।୮(ସଂଚାର ବ୍ୟୁରୋ): ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ନିଜର ହକ ପାଇଁ ନୀଳଗିରି ବ୍ଲକ ସମ୍ମୁଖରେ ଆଜି ସକାଳ ୧୦ରୁ ଅପରାହ୍ନ୧ ଘଟିକା ପର୍ଯ୍ୟନ୍ତ ଧର୍ମଘଟ କରାଯାଇ ଥିଲା । ଏହି ଧର୍ମଘଟ ରେ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ସଭାପତି ସୁକାନ୍ତ କୁମାର ବେହେରା ସଭାପତିତ୍ୱ କରିଥିବା ବେଳେ ସାଧାରଣ ସଂପାଦକ ତଥା ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ର ଆବାହକ ରଞ୍ଜନ କୁମାର ଦାଶ, ଜିଲ୍ଲା ଯୁଗ୍ମ ସମ୍ପାଦକ ପ୍ରମୋଦ କୁମାର ସାହୁ, ନୀଳଗିରି ବ୍ଲକ ସଭାପତି ବିଶ୍ୱଜିତ ଦାସ, ଭାସ୍କର ଚନ୍ଦ୍ର ଜେନା, ସମ୍ପାଦକ ପ୍ରମୋଦ କୁମାର ପାତ୍ର, ସଦସ୍ୟ ଜିତେନ୍ଦ୍ର କୁମାର ଉପାଧ୍ୟାୟ, ସୂର୍ଯ୍ୟ କୁମାର ପଣ୍ଡା, ସରୋଜ କୁମାର ସିଂହ, ରଘୁନାଥ ବେହେରା, ମନୋରମା ଦାଶ, ଗୌରୀଶଙ୍କର ସ୍ୱାଇଁ, କାଦମ୍ବିନୀ ବିଶ୍ୱାଳ, ଜଗତାନନ୍ଦ ମହାପାତ୍ର ପ୍ରମୁଖ ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀ ଧର୍ମଘଟରେ ସାମିଲ ହୋଇ ସରକାରଙ୍କ ଭୁଲ ନିଷ୍ପତ୍ତିକୁ ନେଇ ବିରୋଧ କରିଥିଲେ। ପରେ ସଙ୍ଘ ପକ୍ଷରୁ ଏକ ପ୍ରତିନିଧି ମଣ୍ଡଳୀ ନୀଳଗିରି ବିଡ଼ିଓଙ୍କୁ ଭେଟି ମାନ୍ୟବର ମୁଖ୍ୟମନ୍ତ୍ରୀ, ଆଇନ ମନ୍ତ୍ରୀ, ଓ ଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଯଦି ଦାବି ପୂରଣ ନହୁଏ ତାହାଲେ ଆସନ୍ତା ୭ ତାରିଖରେ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ସଙ୍ଘ ପକ୍ଷରୁ ସୂଚନା ଦିଆଯାଇଛି।




## ୮୦ ବର୍ଷରୁ ଉର୍ଦ୍ଧ୍ୱଙ୍କୁ ୩୫୦୦ ଟଙ୍କା ଲେଖାଏଁ ଭତ୍ତା

ଯାଜପୁର, ୫।୮ (ସଂଚାର ବ୍ୟୁରୋ): ଧର୍ମଶାଳା ବ୍ଲକ ଜାରକାସ୍ଥିତ ଧର୍ମଶାଳା ଷ୍ଟାଡିୟମ ହଲରେ ଆଜି ୮୦ ବର୍ଷରୁ ଉର୍ଦ୍ଧ ବୟସର ବୃଦ୍ଧ ଓ ବୃଦ୍ଧା ମାନଙ୍କୁ ଆଜି ୩୫୦୦ ଟଙ୍କା ଲେଖାଏଁ ଭତ୍ତା ବଣ୍ଟନ କରାଯାଇଛି । ଧର୍ମଶାଳା ବିଡିଓ ଜ୍ୟୋତିର୍ମୟ କରଙ୍କ ସଭାପତିତ୍ୱରେ ଆୟୋଜିତ ଭତା ବଂଟନ କାର୍ଯ୍ୟକ୍ରମରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୋହନ ସରକାର ୮୦ ବର୍ଷରୁ ଉର୍ଦ୍ଧର୍ ବୟଷର ସମସ୍ତ ବୃଦ୍ଧା ଓ ବୃଦ୍ଧଙ୍କୁ ମାସିକ ଭତା ବାବଦକୁ ୩୫୦୦ ଟଙ୍କା ପ୍ରଦାନ ନିମନ୍ତେ ଦେଇଥିବା ପ୍ରତିଶୃତି ପାଳନ କରିଛନ୍ତି ବୋଲି କହିଥିଲେ।

ଏଥିସହ ବିଧାୟକ ଶ୍ରୀ ସାହୁ ୮୦ ବର୍ଷରୁ ଉର୍ଦ୍ଧ ହିତାଧିକାରୀ ମାନଙ୍କୁ ଭତ୍ତା ବଂଟନ କରିବା ସହ ମିଶନ ଶକ୍ତିର ମହିଳାମାନଙ୍କୁ ବିଭିନ୍ନ ପ୍ରକାର କୃଷି ଯନ୍ତ୍ରପାତି ପ୍ରଦାନ କରିଥିଲେ । ସମ୍ମାନୀୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୁଚିସ୍ମିତା ଦାସ, ଉପାଧ୍ୟକ୍ଷା ବିଶ୍ୱବିଜୟିନୀ ମିଶ୍ର ଓ ବ୍ଲକ ଶିକ୍ଷାଧିକାରୀ ଅଭୟ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ।

ଏହି କାର୍ଯ୍ୟକ୍ରମରେ ଧର୍ମଶାଳା ବ୍ଲକର ୪୫ ଗୋଟି ପଂଚାୟତରେ ପଞ୍ଜିକୃତ ହୋଇଥିବା ୬୩୫ ଜଣ ୮୦ ବର୍ଷରୁ ଉର୍ଦ୍ଧ ହିତାଧିକାରୀଙ୍କୁ ୩୫୦୦ଟଙ୍କା ଲେଖାଏଁ ଭତ୍ତା ପ୍ରଦାନ କରାଯାଇଥିବା ବେଳେ ଏଥିରୁ ବାଦ ପଡିଥିବା ହିତାଧିକାରୀମାନଙ୍କୁ ପରବର୍ତୀ ପର୍ଯ୍ୟାୟରେ ଭତ୍ତା ପ୍ରଦାନ କରାଯିବ ବୋଲି ବିଧାୟକ ଶ୍ରୀ ସାହୁ ସୂଚନା ଦେଇଥିଲେ ।

## ଶିକ୍ଷାର ଅବ୍ୟବସ୍ଥାକୁ ସୁଧାରିବା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କୁ ଭଞ୍ଜସେନା ପ୍ରତିଷ୍ଠାତାଙ୍କ ନିବେଦନ

ବାରିପଦା,୫।୮(ସଂଚାର ବ୍ୟୁରୋ): ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାରେ ଶତକଡା ୮୦ ଭାଗରୁ ଉର୍ଦ୍ଧ୍ୱ ଗରୀବ, ଖଟିଖିଆ, ଦିନ ମଜୁରିଆ, ଙ୍କ ସହିତ ବହୁ ମଧ୍ୟବିତ୍ତ ପରିବାର ବର୍ଗ ନିଜ ଛୁଆମାନଙ୍କୁ ଶିକ୍ଷିତ କରିବା ନିମନ୍ତେ ମୁଖ୍ୟତଃ ଅଙ୍ଗନବାଡି କେନ୍ଦ୍ର, ପ୍ରାଥମିକ, ଉଚ୍ଚପ୍ରାଥମିକ ବିଦ୍ୟାଳୟ, ହାଇସ୍କୁଲ, କେଜିଭିବି ବାଳିକା ବିଦ୍ୟାଳୟ, ଆଦର୍ଶ ଓ ଏକଲବ୍ୟ ସ୍କୁଲ ସହିତ ଏସଟିଏସି/ମାଇନରଟି ବିଭାଗର ଆଶ୍ରମ, ଏସଏସଡି ବାଳିକା ବିଦ୍ୟାଳୟ ଗୁଡିକ ଉପରେ ନିର୍ଭର କରିଥାନ୍ତି। ଉପଯୁକ୍ତ ଭିତ୍ତିଭୂମି, ଶିକ୍ଷକ/କର୍ମଚାରୀ ଅଭାବ ଠାରୁ ମୌଳିକ ବ୍ୟବସ୍ଥାର ସନ୍ତୁଳନ ବିଗଡିଯିବା ଯୋଗୁଁ ଜିଲ୍ଲାର ପାଖାପାଖି ୮ ଲକ୍ଷରୁ ଉର୍ଦ୍ଧ୍ୱ ଗରିବ ଛାତ୍ରଛାତ୍ରୀ ଉଚିତ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ତାସହିତ ବହୁ ମେଧାବୀ ଛାତ୍ରଛାତ୍ରୀମାନେ ମଧ୍ୟ ଉଚ୍ଚ ଶିକ୍ଷାଦାନରୁ ବଞ୍ଚିତ ହେଉଛନ୍ତି । ତେଣୁ ଶିକ୍ଷାକ୍ଷେତ୍ରରେ ଏହିସବୁ ଅବ୍ୟବସ୍ଥାକୁ ନେଇ ଆଜି ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ପୁନର୍ବାର ଯଥାଶୀଘ୍ର ସମସ୍ୟା ଗୁଡ଼ିକର ସମାଧାନ ନିମନ୍ତେ ଓଡିଶାର ମୁଖ୍ୟମନ୍ତ୍ରୀଙ୍କୁ ସାମାଜିକ ଗଣମାଧ୍ୟମ "X"(ଟ୍ୱିଟ୍) ଯୋଗେ ନିବେଦନ କରିଛନ୍ତି |

ଉପରୋକ୍ତ ସମସ୍ୟାର ସମାଧାନ ନିମନ୍ତେ ପୂର୍ବରୁ ବହୁବାର ଭଞ୍ଜସେନା ସମେତ ଜିଲ୍ଲାର ବହୁ ବୁଦ୍ଧିଜୀବୀ, ଅବିଭାବକ, ବିଭିନ୍ନ ସଂଗଠନ ପକ୍ଷରୁ ସରକାରଙ୍କୁ ଦାବୀ ଜଣାଇ ଆସୁଥିଲେ ସୁଦ୍ଧା ସରକାର ନିଦାବିଷ୍ଣୁ ସାଜି ବସିରହିଛନ୍ତି । ଏଣୁ ଦୀର୍ଘ ଦିନ ଧରି ଏହି ଅବ୍ୟବସ୍ଥାକୁ ତୁରନ୍ତ ସୁଧାରିବା ନେଇ ଚଳିତ ଅଗଷ୍ଟ ମାସ ୧୩ ତାରିଖ ଗୁରୁବାର ଦିନ ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କାର୍ଯ୍ୟକ୍ରମ ଆୟୋଜନ କରାଯିବାର ନିଷ୍ପତ୍ତି ନିଆଯାଇଅଛି। ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ଜିଲ୍ଲାର ଯୁବଛାତ୍ରଙ୍କ ସମେତ ବହୁ ଅଭିଭାବକ ମାନେ ଯୋଗଦାନ କରିବେ ବୋଲି ଜିଲ୍ଲା ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି |

# ବନ୍ୟାରେ ୪ ଲକ୍ଷରୁ ଉର୍ଦ୍ଧ୍ୱ ପ୍ରଭାବିତ, ବ୍ୟାପକ କ୍ଷୟକ୍ଷତି

### ଯାଜପୁରରେ ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟ ଜାରି

ଯାଜପୁର,୫।୮(ସଂଚାର ବ୍ୟୁରୋ): ବୈତରଣୀ ଓ ଏହାର ଶାଖା ନଦୀଗୁଡ଼ିକର ବନ୍ୟା ପାଣି କ୍ରମେ ହ୍ରାସ ପାଉଥିଲେ ମଧ୍ୟ ଯାଜପୁର ଜିଲ୍ଲାରେ ବନ୍ୟାର କ୍ଷତଚିହ୍ନ ଏବେ ବି ସ୍ପଷ୍ଟ ଦେଖାଯାଉଛି। ଜଳବନ୍ଦୀ ଅବସ୍ଥାରୁ ମୁକ୍ତି ପାଉଥିବା ଅଞ୍ଚଳଗୁଡ଼ିକରେ ଏବେ ରିଲିଫ୍, ସ୍ୱାସ୍ଥ୍ୟସେବା ଏବଂ ପୁନରୁଦ୍ଧାର କାର୍ଯ୍ୟକୁ ସର୍ବାଧିକ ଗୁରୁତ୍ୱ ଦେଇ ଜିଲ୍ଲା ପ୍ରଶାସନ ଯୁଦ୍ଧକାଳୀନ ଭିତ୍ତିରେ କାମ କରୁଛି।

ଜିଲ୍ଲା ଜରୁରୀକାଳୀନ ଅଧିକାରୀଙ୍କ ସୂଚନା ଅନୁସାରେ, ଯାଜପୁର, କୋରେଇ, ଦଶରଥପୁର, ବିଞ୍ଝାରପୁର, ବାରୀ, ରସୁଲପୁର, ଧର୍ମଶାଳା ଓ ବଡ଼ଚଣା ସମେତ ମୋଟ ୮ଟି ବ୍ଲକ୍ ଏବଂ ଯାଜପୁର ପୌରାଞ୍ଚଳ ବନ୍ୟାରେ ଗୁରୁତର ଭାବେ ପ୍ରଭାବିତ ହୋଇଛି। ୧୧୭ଟି ଗ୍ରାମ ପଞ୍ଚାୟତର ୪୦୩ଟି ଗାଁ ଏବଂ ଯାଜପୁର ପୌରାଞ୍ଚଳର ମୋଟ ୩,୯୭,୬୭୮ ଜଣ ଲୋକ ବନ୍ୟାର ପ୍ରଭାବ ଭୋଗିଛନ୍ତି। ପ୍ରଶାସନ ପକ୍ଷରୁ ପୂର୍ବରୁ ୨୦୯ଟି ଆଶ୍ରୟ କେନ୍ଦ୍ର ମାଧ୍ୟମରେ ୭୯,୭୯୪ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିଲା। ପ୍ରଭାବିତ ପରିବାରଙ୍କ ପାଇଁ ଖୋଲାଯାଇଥିବା ୨୦୫ଟି ମାଗଣା ରନ୍ଧା ଖାଦ୍ୟ କେନ୍ଦ୍ର ମଧ୍ୟରୁ ବର୍ତ୍ତମାନ ଦଶରଥପୁର ବ୍ଲକର ୨ଟି ପଞ୍ଚାୟତରେ ୫ଟି କେନ୍ଦ୍ର କାର୍ଯ୍ୟକ୍ଷମ ରହିଛି। ଏପର୍ଯ୍ୟନ୍ତ ୪,୫୫,୩୮୨ ଜଣଙ୍କୁ ରନ୍ଧା ଖାଦ୍ୟ ବଣ୍ଟନ କରାଯାଇଥିବା ବେଳେ ଛୁଡ଼ା, ଗୁଡ଼, ଚିନି, ପଲିଥିନ୍, ବିସ୍କୁଟ୍, ମୁଢ଼ି, ଦିଆସିଲି ଓ ମୋମବାତି ଭଳି ଆବଶ୍ୟକୀୟ ସାମଗ୍ରୀ ମଧ୍ୟ ପ୍ରଭାବିତଙ୍କ ନିକଟରେ ପହଞ୍ଚାଯାଇଛି।

ବନ୍ୟା କେବଳ ଜନଜୀବନକୁ ନୁହେଁ, କୃଷି ଓ ପଶୁସମ୍ପଦକୁ ମଧ୍ୟ ବ୍ୟାପକ କ୍ଷତିଗ୍ରସ୍ତ କରିଛି। ପ୍ରାୟ ୨୮,୧୪୬ ହେକ୍ଟର ଚାଷଜମି ବନ୍ୟା ଜଳରେ ବୁଡ଼ି ରହିଥିବା ବେଳେ କ୍ଷୟକ୍ଷତିର ସଠିକ୍ ଆକଳନ ଚାଲିଛି। ସେହିପରି ୧.୨୨ ଲକ୍ଷରୁ ଅଧିକ ଗୋରୁଗାଈ, ପ୍ରାୟ ୬୦ ହଜାର ଛୋଟ ପଶୁ ଏବଂ ୬୮ ହଜାରରୁ ଅଧିକ କୁକୁଡ଼ା ପ୍ରଭାବିତ ହୋଇଥିବା ରିପୋର୍ଟ ମିଳିଛି। ଏଥିସହ ୭ଟି ପ୍ରାଣୀ ଓ ୧୦୦୦ଟି କୁକୁଡ଼ାର ମୃତ୍ୟୁ ଘଟିଛି।

ଭିତ୍ତିଭୂମି କ୍ଷେତ୍ରରେ ମଧ୍ୟ ବନ୍ୟାର ପ୍ରଭାବ ଗମ୍ଭୀର ରହିଛି। ୩୫ଟି ସ୍ଥାନରେ ଯାତାୟାତ ବିଚ୍ଛିନ୍ନ ହୋଇଥିବା ବେଳେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ୬୧ଟି ରାସ୍ତା ଓ ୩ଟି ପୋଲ, ପୂର୍ତ୍ତ ବିଭାଗ ଅଧୀନରେ ୫୬ଟି ରାସ୍ତା କ୍ଷତିଗ୍ରସ୍ତ ହୋଇଛି। ୪୨ଟି ବିଦ୍ୟୁତ୍ ଟ୍ରାନ୍ସଫର୍ମର ଓ ବିଦ୍ୟୁତ୍ ଲାଇନ୍ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଜାରକା ଜଳସେଚନ ବିଭାଗ ଅଧୀନ ନଦୀବନ୍ଧରେ ୬ଟି ଘାଇ, ୨୦ଟି ସ୍ଥାନରେ ମାଟି ଧସିବା ଏବଂ ୧୦ଟି ସ୍ଥାନରେ ଓଭରଟପିଂ ରିପୋର୍ଟ ହୋଇଛି। ପରିସ୍ଥିତିକୁ ନେଇ ଜିଲ୍ଲା ପ୍ରଶାସନ ସତର୍କ ରହିଥିବା ବେଳେ ବରିଷ୍ଠ ଅଧିକାରୀମାନେ ପ୍ରଭାବିତ ଅଞ୍ଚଳରେ ନିରନ୍ତର ସମୀକ୍ଷା କରୁଛନ୍ତି।

ଲୋକଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ୧୪ଟି ମେଡିକାଲ୍ ଟିମ୍ ଏବଂ ପଶୁସମ୍ପଦ ସୁରକ୍ଷା ପାଇଁ ୮ଟି ପ୍ରାଣୀ ଚିକିତ୍ସା ଦଳ ନିୟୋଜିତ ରହିଛନ୍ତି। ଜଳ କମିବା ପରେ କ୍ଷତିଗ୍ରସ୍ତ ରାସ୍ତା, ପୋଲ, ନଦୀବନ୍ଧ ଓ ବିଦ୍ୟୁତ୍ ବ୍ୟବସ୍ଥାର ତୁରନ୍ତ ମରାମତି ପାଇଁ ସମସ୍ତ ପ୍ରସ୍ତୁତି ସମ୍ପୂର୍ଣ୍ଣ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ବନ୍ୟା ପରିସ୍ଥିତି ସୁଧୁରୁଥିଲେ ମଧ୍ୟ ପ୍ରଭାବିତ ଅଞ୍ଚଳରେ ସାଧାରଣ ଜୀବନକୁ ସ୍ୱାଭାବିକ କରିବା ଏବେ ଜିଲ୍ଲା ପ୍ରଶାସନ ସମ୍ମୁଖରେ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ହୋଇ ରହିଛି।

# ଉପମୁଖ୍ୟମନ୍ତ୍ରୀଙ୍କ ଭଦ୍ରକ ଜିଲ୍ଲାର ବନ୍ୟା ପରିସ୍ଥିତିର ସମୀକ୍ଷା



ଭୁବନେଶ୍ୱର,୫।୮(ସଂଚାର ବ୍ୟୁରୋ): ଆଜି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଭଦ୍ରକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାର ବର୍ତ୍ତମାନ ବନ୍ୟା ପରିସ୍ଥିତି ସମ୍ପର୍କରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଉପମୁଖ୍ୟମନ୍ତ୍ରୀ ସମସ୍ତ ବିଭାଗୀୟ ଅଧିକାରୀଙ୍କ ସହ ବନ୍ୟା ମୁକାବିଲା, ପ୍ରଭାବିତ ଅଞ୍ଚଳର ତୁରନ୍ତ ସମାଧାନ ଓ କ୍ଷୟକ୍ଷତିର ଆକଳନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି। ବୈତରଣୀ, ସାଳନ୍ଦୀ ଓ ଆଖୁଆପଦା ନଦୀର ଜଳସ୍ତର ସ୍ଥିତି, ପ୍ରଭାବିତ ଗ୍ରାମ, ବନ୍ଧ ଭଙ୍ଗା ସ୍ଥାନ, କଲଭର୍ଟ ଓ ବ୍ରିଜର ସ୍ଥିତି, ଆଶ୍ରୟ ସ୍ଥଳୀ, ମାଗଣା ରୋଷେଇ, ଶୁଷ୍କ ଖାଦ୍ୟ ଓ ପାନୀୟ ଜଳ ବିତରଣ, ପାନୀୟ ଜଳ, ସ୍ୱାସ୍ଥ୍ୟ ସେବା, ପଶୁ ଚିକିତ୍ସା, ମାଛ ଜାଆଁଳ ଓ ଗୋଖାଦ୍ୟ ଯୋଗାଣ, ଚାଷ ଜମିର କ୍ଷୟକ୍ଷତି, ରାସ୍ତା, ବିଦ୍ୟୁତ୍ ଯୋଗାଯୋଗ ପୁନଃସ୍ଥାପନ ଆଦି ବିଷୟରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ବନ୍ୟା ଯୋଗୁଁ କ୍ଷତିଗ୍ରସ୍ତ ରାସ୍ତାରେ ତୁରନ୍ତ ଯାତାୟାତ ବ୍ୟବସ୍ଥା ସୁନିଶ୍ଚିତ କରିବା, ଗାଈଗୋରୁଙ୍କ ପାଇଁ ଗୋଖାଦ୍ୟର ପର୍ଯ୍ୟାପ୍ତ ବ୍ୟବସ୍ଥା କରିବା, ବିଚ୍ଛିନ୍ନ ଅଞ୍ଚଳରେ ଶୁଷ୍କ ଖାଦ୍ୟ ଓ ପାନୀୟ ଜଳର ଶତପ୍ରତିଶତ ବିତରଣ କରିବା, ଅତିରିକ୍ତ ଡାକ୍ତରୀ ଟିମ୍ ମୁତୟନ କରି ଆଶା ଓ ଅଙ୍ଗନୱାଡ଼ି କର୍ମୀଙ୍କ ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରିବା ଓ ଜଳବାହିତ ରୋଗର ପ୍ରାଦୁର୍ଭାବକୁ ରୋକିବା, ଜଳସମ୍ପଦ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ଦୁର୍ବଳ ସ୍ଥାନଗୁଡିକ ଉପରେ ତୀକ୍ଷ୍ଣ ନଜର ରଖି ତୁରନ୍ତ ମରାମତି କରିବା, ସମସ୍ତ ବିଭାଗ ଓ ଜନପ୍ରତିନିଧିଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି ବନ୍ୟା ପରିସ୍ଥିତିର ମୁକାବିଲା କରିବାକୁ ଶ୍ରୀମତୀ ପରିଡ଼ା ନିର୍ଦ୍ଦେଶ ଦେଇଛନ୍ତି।

ଉକ୍ତ ବୈଠକରେ ଭଦ୍ରକ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ସୀତାଂଶୁ ଶେଖର ମହାପାତ୍ର, ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ, ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥାନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଶୁଭେନ୍ଦ୍ର ସାମଲ, ପୁଲିସ ଅଧୀକ୍ଷକ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ପ୍ରମୁଖ ବରିଷ୍ଠ ଅଧିକାରୀ ଉପସ୍ଥିତ ରହିଥିଲେ।

# ୨୦୩୦ ସୁଦ୍ଧା ୧୧ ଗିଗାୱାଟ୍ ଅକ୍ଷୟ ଶକ୍ତି ଉତ୍ପାଦନ ଲକ୍ଷ୍ୟ



ଭୁବନେଶ୍ୱର,୫।୮(ସଂଚାର ବ୍ୟୁରୋ): ଦେଶର 'ଶକ୍ତି ପ୍ରଗତିର ଇଞ୍ଜିନ୍' ଭାବେ ଓଡ଼ିଶା ନିଜର ସ୍ୱଚ୍ଛ ଶକ୍ତି ଓ ଶିଳ୍ପ ବିକାଶକୁ ଦ୍ରୁତ ଗତିରେ ଆଗେଇ ନେଉଛି। ଆଗାମୀ ୨୦୩୦ ସୁଦ୍ଧା ରାଜ୍ୟରେ ୧୧ ଗିଗାୱାଟ୍ ଅକ୍ଷୟ ଶକ୍ତି ଉତ୍ପାଦନ ଲକ୍ଷ୍ୟ ରଖାଯାଇଛି। ଆଇଇଇଏମ୍ଏ ଓ ଓଡ଼ିଶା ସରକାରଙ୍କ ପକ୍ଷରୁ ମିଳିତ ଭାବେ ଆୟୋଜିତ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି ଯେ ଓଡ଼ିଶା ଏକ ବିଦ୍ୟୁତ୍-ବଳକା ରାଜ୍ୟ। ସେହିପରି ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି ଯେ ରାଜ୍ୟର ଉନ୍ନତ ଭିତ୍ତିଭୂମି ଓ ନିବେଶକ-ଅନୁକୂଳ ନୀତି ଯୋଗୁଁ ଓଡ଼ିଶା ଶିଳ୍ପ ଓ ସବୁଜ ଶକ୍ତି ଉତ୍ପାଦନ କ୍ଷେତ୍ରରେ ଶ୍ରେଷ୍ଠ ସ୍ଥାନ ସାବ୍ୟସ୍ତ ହୋଇଛି। ପ୍ରଧାନମନ୍ତ୍ରୀଙ୍କ 'ପୂର୍ବୋଦୟ' ଯୋଜନା ଅନୁଯାୟୀ, ରାଜ୍ୟରେ ଆଧୁନିକ ସ୍ମାର୍ଟ ଗ୍ରୀଡ୍, ଡିଜିଟାଲ୍ ସବଷ୍ଟେସନ୍ ଓ ଏଆଇ-ସକ୍ଷମ ବ୍ୟବସ୍ଥା ମାଧ୍ୟମରେ ଶକ୍ତି କ୍ଷେତ୍ରକୁ ଆହୁରି ମଜବୁତ୍ କରିବାକୁ ନିଷ୍ପତ୍ତି ହୋଇଛି। ଓଡ଼ିଶାରେ ୧୦ ଲକ୍ଷ କୋଟି ଟଙ୍କାର ନିବେଶ ଯୋଜନା ଚାଲୁଥିବାରୁ ଏଠାରେ ଉଚ୍ଚମାନର ଇଲେକ୍ଟ୍ରିକାଲ୍ ଉପକରଣ ଓ ଟ୍ରାନ୍ସଫର୍ମରର ଯଥେଷ୍ଟ ଚାହିଦା ସୃଷ୍ଟି ହେଉଛି। ଉତ୍ତମ ବନ୍ଦର ସଂଯୋଗୀକରଣ ଓ ଭୌଗୋଳିକ ସ୍ଥିତି ଯୋଗୁଁ ଏଠାରେ ତିଆରି ହେଉଥିବା ଉପକରଣକୁ ପୂର୍ବ, ଉତ୍ତର-ପୂର୍ବ ଭାରତ ସମେତ ବିଦେଶକୁ ମଧ୍ୟ ସହଜରେ ରପ୍ତାନୀ କରାଯାଇପାରିବ।

'ଓଡ଼ିଶାରେ ଉତ୍ପାଦନ କରନ୍ତୁ, ନବୋନ୍ମେଷ କରନ୍ତୁ ଓ ସମୃଦ୍ଧ ହୁଅନ୍ତୁ' ନାରା ଦେଇ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ବିଶ୍ୱର ଶିଳ୍ପପତି ଓ ନିବେଶକଙ୍କୁ ଓଡ଼ିଶାରେ ନିବେଶ କରିବାକୁ ଆହ୍ୱାନ ଦେଇଛନ୍ତି। ସେ ସ୍ଥାୟୀ ନୀତି, ସ୍ୱଚ୍ଛ ଶାସନ ଓ ସରକାରୀ ସହଯୋଗର ପ୍ରତିଶ୍ରୁତି ଦେଇଛନ୍ତି। କାର୍ଯ୍ୟକ୍ରମରେ ଶିଳ୍ପ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଶକ୍ତି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ, ଓପିଟିସିଏଲ ସିଏମଡି ଭାସ୍କର ଜ୍ୟୋତି ଶର୍ମା, କେନ୍ଦ୍ରୀୟ ବିଦ୍ୟୁତ ପ୍ରାଧିକରଣର ଅଧ୍ୟକ୍ଷ ଘନଶ୍ୟାମ ପ୍ରସାଦ, ଆଇଇଇଏମ୍ଏ ସଭାପତି ବିକ୍ରମ ଗାନ୍ଧୋତ୍ରା, ମହାନିର୍ଦ୍ଦେଶକ ଚାରୁ ମାଥୁର, ଆଇଇଇଏମ୍ଏ (ପୂର୍ବ) ଅଧ୍ୟକ୍ଷ ଉତ୍କର୍ଷ ବଂଶଲ ଓ ଉପାଧ୍ୟକ୍ଷ ପରାଗ ସରାଫଙ୍କ ସମେତ ସରକାରଙ୍କ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

■ ରେଭେନ୍ସା ବିବାଦ

# ସମାଧାନ ପାଇଁ ଉଭୟ ପକ୍ଷକୁ କୁଳପତିଙ୍କ ନିବେଦନ



କଟକ, ୫।୮(ସଂଚାର ବ୍ୟୁରୋ): ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଉପୁଜିଥିବା ପ୍ରଶାସନିକ ସଙ୍କଟ ଓ ଆନ୍ଦୋଳନାତ୍ମକ ପରିବେଶ ମଧ୍ୟରେ ଶେଷରେ ନିଜର ପ୍ରତିକ୍ରିୟା ରଖିଛନ୍ତି କୁଳପତି ପ୍ରଫେସର ଡ଼ ଅର୍କ କୁମାର ଦାସ ମହାପାତ୍ର। କ୍ୟାମ୍ପସରେ ଶିକ୍ଷାଦାନ ଓ ଏକାଡେମିକ ବାତାବରଣ ମେଣ୍ଟେନ୍ କରିବା ସହ ଘଟଣାର ଶୀଘ୍ର ସମାଧାନ ପାଇଁ ସେ ଉଭୟ ଶିକ୍ଷକ ସଂଘ ଏବଂ ସଦର ବିଧାୟକଙ୍କୁ ନିବେଦନ କରିଛନ୍ତି। କୁଳପତି କହିଛନ୍ତି ଯେ, ରେଭେନ୍ସା ଏକ ଅତ୍ୟନ୍ତ ପ୍ରତିଷ୍ଠିତ ଓ ବଡ଼ ଶିକ୍ଷାନୁଷ୍ଠାନ। ଏହାର ଏକ ବଡ଼ ସୁନାମ ରହିଛି ଓ ସେହି ଇମେଜକୁ ବଜାୟ ରଖିବା ଆମ ସମସ୍ତଙ୍କର ନୈତିକ ଦାୟିତ୍ୱ। ବିବାଦକୁ ଆଗକୁ ନ ବଢ଼ାଇ ଯେତେ ଶୀଘ୍ର ସମ୍ଭବ ସମାଧାନ କରିବାକୁ ସେ ଆଶାପ୍ରକାଶ କରିଛନ୍ତି। ତେବେ ଘଟଣାଦିନର ସ୍ଥିତି ବାବଦରେ ସ୍ପଷ୍ଟତା ଦେଇ କୁଳପତି ସ୍ୱୀକାର କରିଛନ୍ତି ଯେ, ସେଦିନ ଯାହା ବି ଘଟିଲା ତାହା ସମ୍ପୂର୍ଣ୍ଣ ଅନାବଶ୍ୟକ ଥିଲା। କିଏ ଭୁଲ କିଏ ଠିକ୍ ସେ ବାବଦରେ କିଛି ନକହି, ସେଦିନ କେବଳ ଭୁଲ ବୁଝାମଣାରେ କଥାବାର୍ତ୍ତା ଓ ଯୁକ୍ତିତର୍କ ହୋଇଥିବା ବୋଲି ସେ ପ୍ରକାଶ କରିଛନ୍ତି। ଏହା ସହ ବିଧାୟକଙ୍କ କ୍ଷମାପ୍ରାର୍ଥନା ଦାବି ଉପରେ ସେ କୌଣସି ବ୍ୟକ୍ତିଗତ ମତାମତ ଦେବାକୁ ମନା କରିଦେଇଛନ୍ତି।

■ ହସ୍ପିଟାଲ ଛାତରୁ ଖସିଲା ସିଲିଂ

# ଅଳ୍ପକେ ବର୍ତ୍ତିଲେ ନବଜାତକ ଓ ପ୍ରସୂତି



ଉଦଳା,୫।୮(ସଂଚାର ବ୍ୟୁରୋ): ହସ୍ପିଟାଲରେ ଖସିଲା ସିଲିଂ। ଅଳ୍ପକେ ବର୍ତ୍ତିଗଲେ ନବଜାତକ ଓ ପ୍ରସୂତି। ମୟୂରଭଞ୍ଜ ଜିଲ୍ଲା ଉଦଳା ମେଡିକାଲରୁ ସାମ୍ନାକୁ ଆସିଛି ଏଭଳି ଚିନ୍ତାଜନକ ଘଟଣା। ଭାଗ୍ୟବଶତଃ ନବଜାତକ ଓ ପ୍ରସୂତି ସୁରକ୍ଷିତ ରହିଥିବା ବେଳେ ଏହି ଘଟଣା ହସ୍ପିଟାଲର ଭିତ୍ତିଭୂମି ଓ ରକ୍ଷଣାବେକ୍ଷଣକୁ ନେଇ ବଡ଼ ପ୍ରଶ୍ନ ସୃଷ୍ଟି କରିଛି। ସୂଚନାନୁଯାୟୀ, ଜଣେ ପ୍ରସୂତି ନିଜ କୋଳରେ ନବଜାତ ଶିଶୁକୁ ଧରି ବସିଥିବା ସମୟରେ ହଠାତ୍ ଛାତର ସିଲିଂର କିଛି ଅଂଶ ଖସି ତାଙ୍କ ପିଠି ଉପରେ ପଡ଼ିଥିଲା। ଘଟଣା ପରେ ୱାର୍ଡରେ ଆତଙ୍କ ଖେଳିଯାଇଥିଲା। କିନ୍ତୁ ଏହି ବଡ଼ ଅଘଟଣରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି ନବଜାତକ ଓ ପ୍ରସୂତି। ଏଥିସହ ଅନ୍ୟ ଜଣେ ପ୍ରସୂତିଙ୍କ ସ୍ୱାମୀଙ୍କ ଉପରେ ମଧ୍ୟ ସିଲିଂ ପଡ଼ିଯାଇଥିଲା। ସିଲିଂ ସହ ପାଣି ମଧ୍ୟ ପଡ଼ିଥିଲା। ଛାତରୁ ପାଣି ଖସି ସିଲିଂ ନଷ୍ଟ ହୋଇଥିବାରୁ ଏପରି ଘଟିଥିବା କୁହାଯାଉଛି। ଏହି ଘଟଣା ପରେ ରୋଗୀ ଓ ସେମାନଙ୍କ ପରିବାର ଲୋକେ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ଅବହେଳା ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ପ୍ରସୂତି ଓ ନବଜାତ ଶିଶୁଙ୍କ ପାଇଁ ସୁରକ୍ଷିତ ପରିବେଶ ସୁନିଶ୍ଚିତ କରିବା ସହ ହସ୍ପିଟାଲ ଭବନର ତୁରନ୍ତ ମରାମତି କରିବା ସକାଶେ ଦାବି ହେଉଛି।

# ସୂଚନା ଓ ଲୋକସମ୍ପର୍କ ବିଭାଗ ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ

ଭୁବନେଶ୍ୱର,୫।୮(ସଂଚାର ବ୍ୟୁରୋ): ଚଳିତ ବର୍ଷ ୮୦ତମ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବେ। ଏହି ପରିପ୍ରେକ୍ଷୀରେ ଆଜି ଅପରାହ୍ଣରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସ୍ୱାଧୀନତା ଦିବସ-୨୦୨୬ ପାଳନର ରୂପରେଖ ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଚଳିତ ବର୍ଷ ମହାତ୍ମା ଗାନ୍ଧି ମାର୍ଗଠାରେ ପ୍ରାତଃ ୯ଟା ବେଳେ ମୁଖ୍ୟମନ୍ତ୍ରୀ ଆନୁଷ୍ଠାନିକ ଭାବେ ପତାକା ଉତ୍ତୋଳନ କରିବେ। ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ପରେଡ୍ ଓ ପତାକା ଉତ୍ତୋଳନ ସ୍ଥଳୀରେ ଆନୁଷଙ୍ଗିକ ବ୍ୟବସ୍ଥା ଗ୍ରହଣ, ପ୍ରଭାତରେ ଡାକବାଜି ଯନ୍ତ୍ର ସାହାଯ୍ୟରେ ରାମଧୂନ ପରିବେଷଣ, ସ୍ୱାଧୀନତା ଦିବସ ଉତ୍ସବର ଟିଭି ଓ ସାମାଜିକ ଗଣମାଧ୍ୟମ ଯୋଗେ ସିଧା ପ୍ରସାରଣ, ଗଣମାଧ୍ୟମକୁ ସୂଚନା ପ୍ରଦାନ, ଉତ୍ସବ ସ୍ଥଳର ସାଜସଜ୍ଜା, ବରପୁତ୍ରମାନଙ୍କ ଫଟୋଚିତ୍ର ପ୍ରଦର୍ଶନ, ନିମନ୍ତ୍ରିତ ଅତିଥିଙ୍କ ଉପବେଶନ ବ୍ୟବସ୍ଥା ନେଇ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। ରାଜଭବନରୁ ଉତ୍ସବସ୍ଥଳ ପର୍ଯ୍ୟନ୍ତ ରାସ୍ତାକୁ ସୁସଜ୍ଜିତ କରାଯିବ। ସାଧାରଣତନ୍ତ୍ର ଦିବସ-୨୦୨୬ରେ ଆୟୋଜିତ ରାଜ୍ୟସ୍ତରୀୟ ପରେଡ୍‌ରେ ଶ୍ରେଷ୍ଠ



ବିବେଚିତ ବିଭିନ୍ନ କଣ୍ଟିଜେଣ୍ଟ ଓ ପ୍ରଜ୍ଞାପନ ମେଢ଼କୁ ମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରଦାନ ସହ ସମ୍ବର୍ଦ୍ଧିତ କରିବେ। ଏଥିସହ ଉତ୍ସବସ୍ଥଳକୁ ଆକର୍ଷଣୀୟ ସାଜସଜ୍ଜା କରିବା ପାଇଁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଶର୍ମା ପରାମର୍ଶ ଦେଇଥିଲେ।

ଚଳିତ ସ୍ୱାଧୀନତା ଦିବସ ଅବସରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ କୋଠା, ସରକାରୀ ଉଦ୍ୟୋଗ ଓ ପ୍ରମୁଖ କୋଠାର ଆଲୋକୀକରଣ କରାଯିବ। ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଉତ୍ସବ ସ୍ଥଳର ସାନିଟାଇଜେସନ୍ ଓ ପିଇବା ପାଣି ବ୍ୟବସ୍ଥା କରାଯିବ। ସେହିପରି ସୁରକ୍ଷା ବ୍ୟବସ୍ଥା ତଥା ଟ୍ରାଫିକ୍ ନିୟନ୍ତ୍ରଣକୁ କମିଶନରେଟ୍ ପୁଲିସ ପକ୍ଷରୁ ପରିଚାଳନା କରାଯିବ।



# କେନ୍ଦୁଝରର ବନ୍ୟା କ୍ଷୟକ୍ଷତି ଆକଳନର ସମୀକ୍ଷା

## ଯେକୌଣସି ପରିସ୍ଥିତି ପାଇଁ ପ୍ରସ୍ତୁତ ରହିବାକୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ

କେନ୍ଦୁଝର,୫।୮(ସଂଚାର ବ୍ୟୁରୋ): ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ ଆଜି କେନ୍ଦୁଝର ସର୍କିଟ ହାଉସଠାରେ ବନ୍ୟାରେ ହୋଇଥିବା କ୍ଷୟକ୍ଷତି ଓ ପୁନରୁଦ୍ଧାର ପରିଚାଳନା ସମ୍ପର୍କରେ ସମୀକ୍ଷା ବୈଠକ କରିଛନ୍ତି। ବୈଠକରେ ସାମ୍ପ୍ରତିକ ବନ୍ୟା ଯୋଗୁଁ ହୋଇଥିବା କ୍ଷୟକ୍ଷତିର ଆକଳନ ଓ ବିଭିନ୍ନ ବିଭାଗ ଦ୍ୱାରା କରାଯାଉଥିବା ପୁନରୁଦ୍ଧାର ଓ ରିଲିଫ୍ କାର୍ଯ୍ୟର ସମୀକ୍ଷା କରାଯାଇଛି। ବୈଠକରେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ଆରକ୍ଷୀ ଅଧୀକ୍ଷକ ନୀତିନ କୁଶଲକର, ବନଖଣ୍ଡ ଅଧିକାରୀ ଧନରାଜ ଏଚଡି, ସ୍ୱତନ୍ତ୍ର ଉନ୍ନୟନ ପରିଷଦ, କେନ୍ଦୁଝର ଅଧ୍ୟକ୍ଷା ମମିତା ନାଏକ, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। ବିଭାଗୱାରୀ ଆକଳନ ଅନୁଯାୟୀ କ୍ଷତିଗ୍ରସ୍ତ ହୋଇଥିବା ରାସ୍ତାଘାଟ, ପୋଲ, ପାନୀୟ ଜଳ ଯୋଗାଣ, ବିଦ୍ୟୁତ ଭିତ୍ତିଭୂମି, କୃଷିଜନିତ କ୍ଷୟକ୍ଷତି ଓ ଜଙ୍ଗଲ ଅଞ୍ଚଳର ସମୀକ୍ଷା କରାଯାଇଛି। ପ୍ରଭାବିତ ଅଞ୍ଚଳରେ ରାସ୍ତା ସଂଯୋଗୀକରଣର ପୁନରୁଦ୍ଧାର, ଜଳ ଯୋଗାଣ ବ୍ୟବସ୍ଥାର ମରାମତି, ଜରୁରୀକାଳୀନ ମୁକାବିଲା ଦଳ ମୁତୟନ, ରିଲିଫ୍ ବଣ୍ଟନ ଓ ଅନ୍ୟାନ୍ୟ ପ୍ରଶମନ ମୂଳକ ପଦକ୍ଷେପର ଅଗ୍ରଗତି ସମ୍ପର୍କରେ ଅଧିକାରୀମାନେ ମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି।

ମନ୍ତ୍ରୀ ସମସ୍ତ ବିଭାଗର ପୁନରୁଦ୍ଧାର କାର୍ଯ୍ୟକୁ ପ୍ରଶଂସା କରିବା ସହ ଜରୁରୀକାଳୀନ ସେବାଗୁଡ଼ିକର ଅବ୍ୟାହତ ଯୋଗାଣ ନିଶ୍ଚିତ କରିବା, ନିବିଡ଼ ସମନ୍ୱୟ ରକ୍ଷା କରିବା ଏବଂ ଆଗାମୀ ଯେକୌଣସି ପରିସ୍ଥିତି ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାରେ ସ୍ଥିତି ସମ୍ପୂର୍ଣ୍ଣ ସ୍ୱାଭାବିକ ନ ହେବା ପର୍ଯ୍ୟନ୍ତ ତୁରନ୍ତ ପଦକ୍ଷେପ ନେବା, ନିରନ୍ତର ନଜର ରଖିବା ଓ ପ୍ରଭାବିତ ଲୋକଙ୍କୁ ସଠିକ୍ ସମୟରେ ସହାୟତା ଯୋଗାଇଦେବା ଉପରେ ସର୍ବୋଚ୍ଚ ପ୍ରାଥମିକତା ଦେବାକୁ ମନ୍ତ୍ରୀ ଶ୍ରୀ ନାଏକ ଆହ୍ୱାନ ଦେଇଛନ୍ତି।

# ସଂଶୋଧିତ ଏସଆଇଆର ସମୟସୂଚୀ ପ୍ରକାଶିତ

କଟକ, ୫।୮(ସଂଚାର ବ୍ୟୁରୋ): ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ-୨୦୨୬ ପାଇଁ ସଂଶୋଧିତ ସମୟସୂଚୀ ପ୍ରକାଶ ପାଇଛି। ସଂଶୋଧିତ ସୂଚୀ ଅନୁଯାୟୀ ଭୋଟର ତାଲିକାରେ ନାମ ସଂଯୋଗ ସମ୍ବନ୍ଧିତ ଦାବି ଓ ଆପତ୍ତି ଦାଖଲ କରିବାର ଅଗଷ୍ଟ ୧୯ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ପୂର୍ବରୁ ଏହି ଅବଧି ଅଗଷ୍ଟ ୪ ତାରିଖ ପର୍ଯ୍ୟନ୍ତ ଥିଲା। ସେହିପରି ଦାବି ଓ ଆପତ୍ତିର ଶୁଣାଣି ଓ ଫଇସଲା ପ୍ରକ୍ରିୟା ଅବଧି ସେପ୍ଟେମ୍ବର ୧୭ ତାରିଖ ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ପୂର୍ବରୁ ଏହି ଅବଧି ଜୁଲାଇ ୫ ତାରିଖରୁ ଅଗଷ୍ଟ ୨ ତାରିଖ ଯାଏ ରହିଥିଲା। ସେହିପରି ଚୂଡ଼ାନ୍ତ ଭୋଟର ତାଲିକା ସେପ୍ଟେମ୍ବର ୨୧ ତାରିଖରେ ପ୍ରକାଶ ପାଇବ। ସମସ୍ତ ଯୋଗ୍ୟ ମତଦାତାଙ୍କୁ ଏହି ନିର୍ଦ୍ଧାରିତ ସମୟ ମଧ୍ୟରେ ଭୋଟର ତାଲିକାରେ ନାମ ସଂଯୋଜନ, ବିଲୋପ, ସଂଶୋଧନ କିମ୍ବା ସ୍ଥାନାନ୍ତରଣ ସମ୍ବନ୍ଧୀୟ ଦାବି ଓ ଆପତ୍ତି ଦାଖଲ କରିବାକୁ ଅନୁରୋଧ କରାଯାଉଛି।

# ଶିକ୍ଷାନୁଷ୍ଠାନର ଗାରିମାକୁ ସମ୍ମାନ ଦେବାକୁ ବିଜେଡିର ଆହ୍ୱାନ

■ ଜନପ୍ରତିନିଧିଙ୍କ ଏପରି କାର୍ଯ୍ୟକଳାପ ଗ୍ରହଣୀୟ ନୁହେଁ



ଭୁବନେଶ୍ୱର,୫।୮(ସଂଚାର ବ୍ୟୁରୋ): ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଅଧ୍ୟାପକଙ୍କୁ କଟକ ସଦରର ବିଜେପି ବିଧାୟକ ପ୍ରକାଶ ସେଠୀଙ୍କ ଗାଳିଗୁଲଜକୁ କଡ଼ା ଭାଷାରେ ନିନ୍ଦା କରିଛି ବିଜେଡି। ବିଜେପି ସରକାରରେ ଶିକ୍ଷାନୁଷ୍ଠାନଗୁଡ଼ିକରେ ରାଜନୈତିକ ହସ୍ତକ୍ଷେପ ବୃଦ୍ଧି ପାଉଛି। ଜଣେ ଜନପ୍ରତିନିଧି ଭାବେ ଏପରି ବ୍ୟବହାର ଅଶୋଭନୀୟ ବୋଲି ଆଜି ବିଜେଡି ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି ଏକ ପ୍ରେସ୍ ବିବୃତିରେ କହିଛନ୍ତି। ସେ କହିଛନ୍ତି ଯେ ରେଭେନ୍ସା ବିଶ୍ୱବିଦ୍ୟାଳୟ ଏକ ଜାତୀୟ ସ୍ତରର ଶିକ୍ଷାନୁଷ୍ଠାନ। ଶତାବ୍ଦୀରୁ ଅଧିକ ସମୟ ଧରି ଅସଂଖ୍ୟ ବିଦ୍ୱାନ, ପ୍ରଶାସକ, ବୈଜ୍ଞାନିକ, କଳାକାର ଓ ଜନନେତାଙ୍କୁ ରେଭେନ୍ସା ଗଢ଼ିତୋଳିଛି। ବିଶ୍ୱବିଦ୍ୟାଳୟର ଆଭ୍ୟନ୍ତରୀଣ ବିଷୟର ରାଜନୀତିକରଣ କରିବା କିମ୍ବା ଏହାର ଗାରିମାକୁ କ୍ଷୁଣ୍ଣ କରିବାର ପ୍ରୟାସ ଅତ୍ୟନ୍ତ ନିନ୍ଦନୀୟ। କଟକ ସଦରର ବିଜେପି ବିଧାୟକ ପ୍ରକାଶ ସେଠୀ କୁଳପତି, ପୂର୍ବ ଛାତ୍ରାବାସର ଅନ୍ତେବାସୀ, ଅଧ୍ୟାପକ, ପୂର୍ବ ଛାତ୍ରାବାସ ଓ ନୂତନ ପିଜି ଛାତ୍ରାବାସର ୱାର୍ଡେନମାନଙ୍କ ଉପସ୍ଥିତିରେ ମୁଖ୍ୟ ୱାର୍ଡେନ ପ୍ରଫେସର ସୁଦର୍ଶନ ମିଶ୍ରଙ୍କୁ ଗାଳିଗୁଲଜ କରିଥିଲେ। ଜଣେ ବରିଷ୍ଠ ଶିକ୍ଷାବିତ୍ ଓ ପ୍ରଶାସନିକ ଅଧିକାରୀଙ୍କ ପ୍ରତି ବିଧାୟକଙ୍କ ଏଭଳି ବ୍ୟବହାର ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ। ରେଭେନ୍ସା ବିଶ୍ୱବିଦ୍ୟାଳୟର ରେସିଡେଣ୍ଟସ୍ କମିଟି ମଧ୍ୟ ମୁଖ୍ୟ ୱାର୍ଡେନଙ୍କୁ କରାଯାଇଥିବା ଗାଳିଗୁଲଜକୁ ଦୃଢ଼ ନିନ୍ଦା କରିଛି। କମିଟି ପକ୍ଷରୁ କୁହାଯାଇଛି ଯେ ଏହି ଘଟଣା ସମସ୍ତଙ୍କୁ ମର୍ମାହତ କରିଛି। ବିଶ୍ୱବିଦ୍ୟାଳୟର ଗାରିମାକୁ ସର୍ବଦା ଅକ୍ଷୁଣ୍ଣ ରଖିବା ସହ ବିଶ୍ୱବିଦ୍ୟାଳୟ ପରିସରରେ ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ କମିଟି ଦାବି କରିଛି।

ଡ. ମହାନ୍ତି ଆହୁରି କହିଛନ୍ତି ଯେ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଥିବା ହଷ୍ଟେଲଗୁଡ଼ିକର ମୁଖ୍ୟ ୱାର୍ଡେନ ପ୍ରଫେସର ସୁଦର୍ଶନ ମିଶ୍ରଙ୍କୁ ଶ୍ରୀ ସେଠୀ ଗାଳିଗୁଲଜ କରିଥିବାରୁ ଏହାକୁ ନେଇ ୱାର୍ଡେନ, ଉପୱାର୍ଡେନ, ଉପମୁଖ୍ୟ ୱାର୍ଡେନ ଓ ହଷ୍ଟେଲ ଦାୟିତ୍ୱରେ ଥିବା ଅଧ୍ୟାପକମାନେ ଗଣଇସ୍ତଫା ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଶିକ୍ଷାନୁଷ୍ଠାନଗୁଡ଼ିକରେ ରାଜନୈତିକ ହସ୍ତକ୍ଷେପ ବନ୍ଦ କରିବା ଦିଗରେ ରାଜ୍ୟ ସରକାର ଧ୍ୟାନ ଦେବାକୁ ସେ ଦାବି କରିଛନ୍ତି।

# ଜନ୍ମଦିନରେ ବର୍ଷାଙ୍କ ଚାରାରୋପଣ




କଟକ,୫।୮(ସଂଚାର ବ୍ୟୁରୋ): ବୃକ୍ଷ ରୋପଣ କରି ନିଜର ଜନ୍ମଦିନ ପାଳନ କରିଛନ୍ତି ଅଭିନେତ୍ରୀ ବର୍ଷା। ନିଜର ନିଖୁଣ ଅଭିନୟ ପାଇଁ ଓଲିଉଡ୍ ସିନେ ଜଗତରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିବା ବର୍ଷା ଏକ ନିଆରା ଅନ୍ଦାଜରେ ଜନ୍ମଦିନ ପାଳନ କରିଛନ୍ତି। ଭୁବନେଶ୍ୱର ପାଣ୍ଡରା ଛକରେ ଥିବା ଉତ୍କଳମଣି ଗୋପବନ୍ଧୁ ଆଦର୍ଶ ବୃଦ୍ଧାଶ୍ରମରେ ସେ ନିଜର ଫ୍ୟାନମାନଙ୍କ ସହିତ ଚାରାରୋପଣ କରି ନିଜର ଜନ୍ମଦିନକୁ ସ୍ୱତନ୍ତ୍ର କରିଛନ୍ତି।

## କ୍ୟାନ୍ସର ରୋଗୀଙ୍କ ପାଇଁ ଖୁସି ଖବର

# ମୁଖ୍ୟମନ୍ତ୍ରୀ କ୍ୟାନ୍ସର ଚିକିତ୍ସା ଅଭିଯାନରେ ଅଧିକ ୯୧ ପ୍ୟାକେଜ

ଭୁବନେଶ୍ୱର,୫।୮(ସଂଚାର ବ୍ୟୁରୋ): କ୍ୟାନ୍ସର ରୋଗର ଚିକିତ୍ସା ଦିଗରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ଆୟୁଷ୍ମାନ ଭାରତ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଚିକିତ୍ସା ପ୍ୟାକେଜ ମାଷ୍ଟରରେ ଓଡ଼ିଶା ହିତାଧିକାରୀମାନଙ୍କ ନିମନ୍ତେ ମୁଖ୍ୟମନ୍ତ୍ରୀ କ୍ୟାନ୍ସର ଚିକିତ୍ସା ଅଭିଯାନ ଅଧିନରେ ଅଧିକ ୯୧ ଟି ପ୍ୟାକେଜକୁ ସ୍ୱତନ୍ତ୍ର ରାଜ୍ୟ ନିର୍ଦ୍ଦିଷ୍ଟ ପ୍ୟାକେଜ ଭାବେ ସାମିଲ କରାଯାଇଛି।ସୂଚନାଯୋଗ୍ୟ, ଗତ ବର୍ଷ ଏପ୍ରିଲ ୧୧ରେ ଓଡ଼ିଶାରେ ଆୟୁଷ୍ମାନ ଭାରତ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାକୁ ସମନ୍ୱିତ ଭାବେ ଆରମ୍ଭ କରାଯାଇଥିଲା। ଏହି ସମନ୍ୱିତ ଯୋଜନାରେ






ସମୁଦାୟ ୨୧୬୩ଟି ଚିକିତ୍ସା ପ୍ୟାକେଜ ଥିଲା। କ୍ୟାନ୍ସର ପରି ଅତି ଗୁରୁତର ରୋଗର ପ୍ରାରମ୍ଭିକ ଅବସ୍ଥାରୁ ସଠିକ୍ ନିର୍ଣ୍ଣୟ ଓ ଚିକିତ୍ସା କରାଗଲେ ଏହାକୁ ଅଧିକ ପରିମାଣରେ ନିୟନ୍ତ୍ରଣାଧୀନ କରାଯାଇପାରେ। ଏହି ରୋଗର ଚିକିତ୍ସା ମଧ୍ୟ ବହୁ ବିଭାଗୀୟ ଜଟିଳ ପଦ୍ଧତି ଉପରେ ଆଧାରିତ। ଏହା ଉପଲବ୍ଧି କରି ଓଡ଼ିଶା ସରକାର ବିଶେଷଜ୍ଞମାନଙ୍କ ସୁପାରିସ୍ କ୍ରମେ ବିଭିନ୍ନ ପ୍ରକାର କର୍କଟ ରୋଗର ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀ କ୍ୟାନ୍ସର କେୟାର ଅଭିଯାନ ଆରମ୍ଭ କରିଥିଲେ ଓ ଏଥିପାଇଁ ପ୍ରାୟ ୩୧୧ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଥିଲା। ବର୍ତ୍ତମାନ ମୁଖ୍ୟମନ୍ତ୍ରୀଙ୍କ ପ୍ରଚେଷ୍ଟାରେ ଏହି ଅଭିଯାନର ୯୧ଟି ଚିକିତ୍ସା ପ୍ୟାକେଜକୁ ଏବିପିଏମ୍‌ଜେଏୱାଇ- ଜିଜେଏୱାଇ ପ୍ୟାକେଜ ମାଷ୍ଟରରେ ରାଜ୍ୟ ନିର୍ଦ୍ଦିଷ୍ଟ ପ୍ୟାକେଜ ଭାବେ ସାମିଲ କରାଯାଇଛି। ଏହିସବୁ ପ୍ୟାକେଜରେ ଦେୟମୁକ୍ତ ଚିକିତ୍ସା ଉପଲବ୍ଧ କରାଇବା ପାଇଁ ସବୁ ତାଲିକାଭୁକ୍ତ ହସ୍ପିଟାଲମାନଙ୍କୁ ଜଣାଇ ଦିଆଯାଇଛି। ଫଳରେ କ୍ୟାନ୍ସର ଚିକିତ୍ସା ପ୍ୟାକେଜ ୫୪୫କୁ ବୃଦ୍ଧି ପାଇଛି ଓ ସମୁଦାୟ ଚିକିତ୍ସା ପ୍ୟାକେଜ ୨୨୫୪କୁ ବୃଦ୍ଧି ପାଇଛି।

# ମହାପ୍ରଭୁଙ୍କ ଆନିମେସନ ଫିଲ୍ମକୁ ନିନ୍ଦା

କଟକ, ୫।୮(ସଂଚାର ବ୍ୟୁରୋ): ଆନିମେସନ ଫିଲ୍ମ ଜରିଆରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ବିକୃତ କରି ପ୍ରଦର୍ଶନ କରାଯିବା ଘଟଣାକୁ କଟକର ପୋତାପୋଖରୀଠାରେ ଶ୍ରୀଜଗନ୍ନାଥ ଚେତନା ଅନ୍ତର୍ଜାତୀୟ ଚାରଣ ଗୋଷ୍ଠୀ ପକ୍ଷରୁ ନିନ୍ଦା କରାଯାଇଛି। ଗୋବର୍ଦ୍ଧନ ମଠ ଓ ପୁରୀର ଶଙ୍କରାଚାର୍ଯ୍ୟ ମହାଭାଗଙ୍କ ପରାମର୍ଶ ନେଇ ଏହି ଫିଲ୍ମ ଉପରେ ଦେଇଥିବା ରାୟର ପୁନର୍ବିଚାର କରିବା ସହିତ ଆନିମେସନ ଫିଲ୍ମଟିକୁ ପ୍ରେକ୍ଷାଳୟରେ ପ୍ରଦର୍ଶନ ନ କରିବାକୁ ଆଦେଶ ପ୍ରଦାନ କରନ୍ତୁ ବୋଲି ଚାରଣ ଗୋଷ୍ଠୀ ପକ୍ଷରୁ ସର୍ବୋଚ୍ଚ ଅଦାଲତଙ୍କୁ ନିବେଦନ କରାଯାଇଛି। ସେହିଭଳି ଏଭଳି ଏକ ସମ୍ବେଦନଶୀଳ ଘଟଣାରେ ମହାମହିମ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ସମେତ ଓଡ଼ିଶାର ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ କରନ୍ତୁ ବୋଲି ଶ୍ରୀଜଗନ୍ନାଥ ଚେତନା ଅନ୍ତର୍ଜାତୀୟ ଚାରଣ ଗୋଷ୍ଠୀର ସମ୍ପାଦକ ଶୁଭେନ୍ଦୁ ସ୍ୱାଇଁ, ଉପଦେଷ୍ଟା ଲିଙ୍ଗରାଜ ପତି, ପୋତାପୋଖରୀ ପୂଜା କମିଟିର ଅଧ୍ୟକ୍ଷ ପ୍ରଭୁ ଚରଣ ମହାନ୍ତି, ସମ୍ପାଦକ ଶଙ୍କର ମହାରଣା ପ୍ରମୁଖ ନିବେଦନ କରିଛନ୍ତି।

# ବିଧାନସଭା ପରିସରରେ ପଣ୍ଡିତ ନୀଳକଣ୍ଠଙ୍କ ଜୟନ୍ତୀ




ଭୁବନେଶ୍ୱର,୫।୮(ସଂଚାର ବ୍ୟୁରୋ): ପ୍ରଚଣ୍ଡ ପ୍ରତିଭାଦୀପ୍ତ ଜ୍ଞାନପିପାସୁ ପଣ୍ଡିତ ନୀଳକଣ୍ଠ ଦାସ ତାଙ୍କ ଛାତ୍ର ଜୀବନରୁ ଜାତୀୟତାବାଦରେ ଉଦ୍‌ବୁଦ୍ଧ ହୋଇ ସ୍ୱାଧୀନତା ଆନ୍ଦୋଳନର ମୁଖ୍ୟସ୍ରୋତରେ ସାମିଲ ହୋଇଥିଲେ। ସେ ତତ୍କାଳୀନ ସମାଜରେ ପ୍ରଚଳିତ ଏକାଧିକ କୁସଂସ୍କାର ବିରୁଦ୍ଧରେ ସଂଗ୍ରାମ ଜାରି ରଖିଥିଲେ। ସେ ଥିଲେ ବହୁମୁଖୀ ପ୍ରତିଭାର ଅଧିକାରୀ। ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନ ଆନ୍ଦୋଳନରେ ନୀଳକଣ୍ଠ ସକ୍ରିୟ ଯୋଗଦାନ କରିଥିଲେ। ଓଡ଼ିଶା ବିଧାନସଭାର ବାଚସ୍ପତି ପଦ ମଣ୍ଡନ କରିବା ସହ ସେ ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ପଦ ମଧ୍ୟ ଅଳଙ୍କୃତ କରିଥିଲେ। ସେ ଥିଲେ ଏକାଧାରରେ ସଂଗ୍ରାମୀ, ସଂସ୍କାରକ, ଅଧ୍ୟାପକ, ଶିକ୍ଷାବିତ୍, ରାଜନେତା, ବାଗ୍ମୀ ଓ ସୁଲେଖକ। ଓଡ଼ିଶା ଇତିହାସରେ ତାଙ୍କର କୃତି ଓ କୀର୍ତ୍ତି ଚିର ଉଜ୍ଜ୍ୱଳ ରହିବ ବୋଲି ଆଜି ବିଧାନସଭା ପରିସରରେ ଅନୁଷ୍ଠିତ ପଣ୍ଡିତ ନୀଳକଣ୍ଠ ଦାସଙ୍କ ୧୪୨ତମ ଜୟନ୍ତୀ ଅବସରରେ ଅତିଥିଗଣ ମତ ବ୍ୟକ୍ତ କରିଛନ୍ତି। ଉତ୍ସବରେ ବାଚସ୍ପତି ସୁରମା ପାଢ଼ୀ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ପଣ୍ଡିତ ନୀଳକଣ୍ଠ ଦାସ ସ୍ମୃତି ସମିତି ଓ ଉତ୍କଳ ସମ୍ମିଳନୀର କର୍ମକର୍ତ୍ତା, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ସଭାପତି, ବିଧାନସଭାର ସଚିବ ସତ୍ୟବ୍ରତ ରାଉତ ପ୍ରମୁଖ ପଣ୍ଡିତ ନୀଳକଣ୍ଠଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପଗୁଚ୍ଛ ପ୍ରଦାନ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରାଯାଇଥିଲା। ଲୋକସମ୍ପର୍କ ଅଧିକାରୀ ରୋଜାଲିନ୍ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମଧ୍ୟାହ୍ନଭୋଜନ ଖାଇ ଛାତ୍ର ମୃତ!

କାମାକ୍ଷାନଗର,୫।୮(ସଂଚାର ବ୍ୟୁରୋ): ମଧ୍ୟାହ୍ନଭୋଜନ ଖାଇ ଛାତ୍ରଙ୍କ ମୃତ୍ୟୁ ଅଭିଯୋଗ ହୋଇଛି। ମୃତ ଛାତ୍ର ଜଣଙ୍କ ଢେଙ୍କାନାଳ ଜିଲ୍ଲା ଭୁବନ ଉଚ୍ଚ ବିଦ୍ୟାଳୟର ମଙ୍ଗରାଜ ସାଥୁଆ ବୋଲି ଜଣାପଡ଼ିଛି। ମଧ୍ୟାହ୍ନଭୋଜନ ଖାଇ ସାରିବା ପରେ ମଙ୍ଗରାଜ ଚେତାଶୂନ୍ୟ ହୋଇଯାଇଥିଲେ। ପରେ ଚିକିତ୍ସା ପାଇଁ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ମିଳିଥିବା ସୂଚନାନୁଯାୟୀ, ବିଦ୍ୟାଳୟରେ ପ୍ରତିଦିନ ଭଳି ଉକ୍ତ ଦିନ ମଧ୍ୟ ମଧ୍ୟାହ୍ନଭୋଜନ ପରିବେଷଣ କରାଯାଇଥିଲା। ମଙ୍ଗରାଜ ଅନ୍ୟ ଛାତ୍ରଛାତ୍ରୀଙ୍କ ସହ ମଧ୍ୟାହ୍ନଭୋଜନ ଖାଇଥିଲେ। ତେବେ ଭୋଜନ ସରିବାର କିଛି ସମୟ ପରେ ହଠାତ୍ ମଙ୍ଗରାଜ ଅସୁସ୍ଥ ହୋଇପଡ଼ିଥିଲେ ଓ ଚେତାଶୂନ୍ୟ ହୋଇଯାଇଥିଲେ। ଏହା ଦେଖି ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଶିକ୍ଷକମାନେ ତୁରନ୍ତ ତାଙ୍କୁ ନିକଟସ୍ଥ ମେଡିକାଲକୁ ନେଇଥିଲେ। ଘଟଣା ସମ୍ପର୍କରେ ପ୍ରଶାସନ ଓ ସମ୍ପୃକ୍ତ ବିଭାଗ ତଦନ୍ତ ଆରମ୍ଭ କରିଛନ୍ତି।

# କ୍ଷୟକ୍ଷତି ରିପୋର୍ଟ ଦେଲା ଓପିସିସି ବନ୍ୟା ଓ ରିଲିଫ୍ କମିଟି



ଭୁବନେଶ୍ୱର,୫।୮(ସଂଚାର ବ୍ୟୁରୋ): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଦାସଙ୍କ ନିର୍ଦ୍ଦେଶ କ୍ରମେ ବନ୍ୟା କମିଟି ଅଧ୍ୟକ୍ଷ ବିଧାୟକ ଅଶୋକ କୁମାର ଦାସଙ୍କ ନେତୃତ୍ୱରେ ସେବା ଦଳ ଅଧ୍ୟକ୍ଷ ଶୁଭେନ୍ଦୁ ମହାନ୍ତି, ଅଜୟ କୁମାର ସାହୁ, କୃଷ୍ଣଚନ୍ଦ୍ର ଶତପଥୀ, ଅଧର ଜେନା, ଜୟଶ୍ରୀ ମହାନ୍ତି, ଜେନାମଣି ଶର୍ମା, ସଂଯୁକ୍ତ ଜିଲ୍ଲାର ଜିଲ୍ଲା ସଭାପତି ଓ ବିଧାୟକ ପ୍ରାର୍ଥୀ, କଂଗ୍ରେସର ବରିଷ୍ଠ ନେତୃମଣ୍ଡଳୀ ବିଭିନ୍ନ ବନ୍ୟାଞ୍ଚଳ ଗସ୍ତ କରିଥିବା ବେଳେ ଆଜି କଂଗ୍ରେସ ଭବନଠାରେ ଓପିସିସି ସଭାପତି ଭକ୍ତ ଚରଣ ଦାସଙ୍କୁ ଅନୁଧ୍ୟାନ ରିପୋର୍ଟ ପ୍ରଦାନ କରିଛନ୍ତି।

ଅନୁଧ୍ୟାନ କମିଟି ଯାଜପୁର ଜିଲ୍ଲାର ଯାଜପୁର ବ୍ଲକ୍‌ର ବିଞ୍ଝାରିଆ ଓ ଓଳେଇଚନ୍ଦନ ଗ୍ରାମ, ବରୀ ବ୍ଲକ୍‌ର ଗିରିଆପାଳ ପଞ୍ଚାୟତର ଚାଟସାହି ଗ୍ରାମ, ଧର୍ମଶାଳା ବ୍ଲକ୍‌ର କଦମପାଳ, ଅରେଇକଣା, ପଟୁଣିଆ, ମିର୍ଜାପୁର, କମାଗଡ଼, ଜେନାପୁର ଓ କୋଟପୁର ପଞ୍ଚାୟତ, ବଡ଼ଚଣା ବ୍ଲକ୍‌ର ମହିଷାପାଟ, ଗୋପାଳପୁର ଓ ଚାରି ନଙ୍ଗଳ ପଞ୍ଚାୟତ, ଦଶରଥପୁର ବ୍ଲକ୍‌ର କଣିକା, ତରଣପଦା, ମଲ୍ଲିକାପୁର, ଛଣ୍ଡିଣୀ, ସୁଆଁ, ମଙ୍ଗଳପୁର, ବିଂଝାରପୁର ବ୍ଲକ୍‌ର ଜରି, ହଳଦୀଡ଼ିହ ସମେତ ୫ଟି ପଞ୍ଚାୟତ ଗସ୍ତ କରି କ୍ଷୟକ୍ଷତି ଆକଳନ କରିଛି। ଏହାଛଡ଼ା କମିଟିର ସଦସ୍ୟମାନେ ଧାମନଗର ଓ ଧୁଷୁରୀ, ବାସୁଦେବପୁର ଓ ଚାନ୍ଦବାଲି ବ୍ଲକ, ବାଲେଶ୍ୱରର ତିହିଡ଼ି ସମେତ ୩୦ଟି ପଞ୍ଚାୟତ ବୁଲି କ୍ଷୟକ୍ଷତି ପରଖିଥିଲେ। କମିଟି ଗସ୍ତ କରିଥିବା ସ୍ଥାନରେ ରିଲିଫ୍ ପହଞ୍ଚିଥିଲେ ମଧ୍ୟ ତା' ଯଥେଷ୍ଟ ନ ଥିବା ଅନୁଭବ କରିଛନ୍ତି। ସେହିପରି ବହୁ ଗ୍ରାମ କ୍ଷତିଗ୍ରସ୍ତ ହୋଇଥିଲେ ସୁଦ୍ଧା ସରକାର ମାତ୍ର ଦୁଇଟି ଗ୍ରାମକୁ ବନ୍ୟା କ୍ଷତିଗ୍ରସ୍ତ ଦର୍ଶାଇଛନ୍ତି।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ଓ ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଞ୍ଚାର

୪

ଗୁରୁବାର ୬ ଅଗଷ୍ଟ ୨୦୨୬, ଭୁବନେଶ୍ୱର

Thursday 6 August 2026, Bhubaneswar


# ପୁଣି ବିଭାଜନମୁହାଁ ପାକିସ୍ତାନ

ପାକିସ୍ତାନ ଆଜି ଏକ ଗଭୀର ସଙ୍କଟର ସମ୍ମୁଖୀନ ହେଉଛି। ଅର୍ଥନୈତିକ ଦୁର୍ବଳତା ଓ ଆଭ୍ୟନ୍ତରୀଣ ବିଭାଜନ ଏହାକୁ ଏକ ଏକତାବଦ୍ଧ ରାଷ୍ଟ୍ର ଭାବରେ ରଖିବାକୁ କଷ୍ଟକର କରିଦେଇଛି। ଦେଶର ଅର୍ଥନୀତି ବର୍ଷ ବର୍ଷ ଧରି ଆଇଏମଏଫ୍ ଋଣ ଉପରେ ନିର୍ଭର କରୁଛି। ସାମ୍ପ୍ରତିକ ସମୟରେ ମଧ ବିଭିନ୍ନ ଋଣ କାର୍ଯ୍ୟକ୍ରମ ଚାଲିଛି। ଜିଡିପି ବୃଦ୍ଧି ହାର ପ୍ରାୟ ୩ରୁ




୪ ପ୍ରତିଶତ ମଧରେ ରହିଛି, ଯାହା ଜନସଂଖ୍ୟା ବୃଦ୍ଧି ସହିତ ମେଳ ଖାଉନାହିଁ। ଫଳରେ ମୁଣ୍ଡପିଛା ଆୟ ପ୍ରାୟ ସ୍ଥିର ରହିଛି। ଦାରିଦ୍ର୍ୟ ହାର ବୃଦ୍ଧି ପାଇଛି ଏବଂ ବେକାରୀ ଉଚ୍ଚ ସ୍ତରରେ ରହିଛି। ଋଣ ପରିଶୋଧ ପାଇଁ ବଡ଼ ଅଂଶ ବଜେଟ୍ ଖର୍ଚ୍ଚ ହେଉଛି, ଯାହା ଉନ୍ନୟନ କାର୍ଯ୍ୟକୁ ବାଧା ଦେଉଛି। ମୂଲ୍ୟବୃଦ୍ଧି, ବିଦେଶୀ ମୁଦ୍ରା ସଞ୍ଚୟର ଅଭାବ ଓ ରପ୍ତାନି କମିବା ଭଳି ସମସ୍ୟା ଦେଶକୁ ଆହୁରି ଅଧିକ ଚାପଗ୍ରସ୍ତ କରିଛି।

ଏହି ଅର୍ଥନୈତିକ ଦୁର୍ଦ୍ଦଶା କେବଳ ସଂଖ୍ୟାରେ ସୀମିତ ନୁହେଁ। ଏହା ସାମାଜିକ ଓ ରାଜନୈତିକ ବିଭାଜନକୁ ଉତ୍ସାହିତ କରୁଛି। ପାକିସ୍ତାନର ଚାରିଟି ମୁଖ୍ୟ ପ୍ରଦେଶ ମଧରେ ଅସମାନତା ସ୍ପଷ୍ଟ ବାରି ହେଉଛି। ପଞ୍ଜାବ ଅର୍ଥନୈତିକ ଓ ରାଜନୈତିକ ଶକ୍ତିର କେନ୍ଦ୍ର ଭାବରେ ରହିଛି, ଯାହା ଅନ୍ୟ ପ୍ରଦେଶଗୁଡ଼ିକରେ ଅସନ୍ତୋଷ ସୃଷ୍ଟି କରୁଛି। ବଲୁଚିସ୍ତାନରେ ଦୀର୍ଘଦିନର ବିଚ୍ଛିନ୍ନତାବାଦୀ ଆନ୍ଦୋଳନ ଚାଲିଛି। ପ୍ରାକୃତିକ ସମ୍ପଦ ଥାଇ ମଧ ସେଠାରେ ଉନ୍ନୟନର ଅଭାବ ଓ ରାଜନୈତିକ ପ୍ରାନ୍ତୀକରଣ ଲୋକଙ୍କୁ ବିଦ୍ରୋହ ଆଡ଼କୁ ଠେଲିଦେଉଛି। ଖାଇବର ପଖତୁନଖ୍ୱାରେ ତାଲିବାନ ଗୋଷ୍ଠୀଗୁଡ଼ିକର କାର୍ଯ୍ୟକଳାପ ବୃଦ୍ଧି ପାଇଛି। ସିନ୍ଧରେ ଜଳ ବିତରଣ ନେଇ ବିବାଦ ଓ ଆଞ୍ଚଳିକ ଅସନ୍ତୋଷ ଦେଖାଯାଉଛି। ପାକିସ୍ତାନ ଅଧିକୃତ କାଶ୍ମୀରରେ ମଧ ପ୍ରତିବାଦ ଓ ଅଶାନ୍ତି ବୃଦ୍ଧି ପାଇଛି।

ରାଜନୈତିକ ସ୍ତରରେ ପରିସ୍ଥିତି ଆହୁରି ଜଟିଳ। ସେନାର ପ୍ରଭାବ ବୃଦ୍ଧି ପାଇଛି ଏବଂ ନାଗରିକ ସରକାର ଦୁର୍ବଳ ଦେଖାଯାଉଛି। ବିରୋଧୀ ଦଳଗୁଡ଼ିକ ଉପରେ ଦବାବ, ନେତାଙ୍କ କାରାବାସ ଓ ନିର୍ବାଚନ ପ୍ରକ୍ରିୟାରେ ଅନିୟମିତତା ଲୋକଙ୍କ ବିଶ୍ୱାସକୁ କମାଇଦେଇଛି। ନୂଆ ପ୍ରଦେଶ ଗଠନର ପ୍ରସ୍ତାବ ଆସୁଛି, କିନ୍ତୁ ଏହା ଆଉ ଅଧିକ ବିଭାଜନର ଭୟ ସୃଷ୍ଟି କରୁଛି। ପଞ୍ଜାବର ଆଧିପତ୍ୟ ବିରୁଦ୍ଧରେ ଅନ୍ୟ ଅଞ୍ଚଳରୁ ଉଠୁଥିବା ସ୍ୱର ଦେଶକୁ "ପଞ୍ଜାବିସ୍ତାନ" ଭାବରେ ଦେଖାଯିବାର ଆଶଙ୍କା ବଢ଼ାଉଛି। ଏହି ଦୁଇଟି ସଙ୍କଟ-ଅର୍ଥନୈତିକ ଓ ଆଭ୍ୟନ୍ତରୀଣ-ଏକାଠି କାମ କରୁଛି। ଅର୍ଥନୈତିକ ଦୁର୍ବଳତା ଯୁବକମାନଙ୍କୁ ବେକାର ଓ ନିରାଶ କରୁଛି, ଯାହା ଉଗ୍ରବାଦ ଓ ବିଚ୍ଛିନ୍ନତାବାଦୀ ଶକ୍ତିକୁ ଶକ୍ତି ଯୋଗାଉଛି। ପ୍ରାନ୍ତୀୟ ଅସମାନତା ଓ ରାଜନୈତିକ ଅସ୍ଥିରତା କେନ୍ଦ୍ରୀୟ ସରକାରର କ୍ଷମତାକୁ କମାଉଛି। ଫଳରେ ରାଷ୍ଟ୍ରର ଏକତା ଦୁର୍ବଳ ହେଉଛି। ସୁରକ୍ଷା ପରିସ୍ଥିତି ଖରାପ ହେବା ସହିତ ବିଦେଶୀ ବିନିଯୋଗ ଓ ଆନ୍ତର୍ଜାତିକ ସହଯୋଗ ମଧ ପ୍ରଭାବିତ ହେଉଛି। ପାକିସ୍ତାନର ଏହି ଅବସ୍ଥା କେବଳ ଏକ ଦେଶର ଆଭ୍ୟନ୍ତରୀଣ ବିଷୟ ନୁହେଁ। ଏହା ଦକ୍ଷିଣ ଏସିଆର ସ୍ଥିରତା ଉପରେ ମଧ ପ୍ରଭାବ ପକାଇପାରେ। ଅର୍ଥନୈତିକ ସଂସ୍କାର, ପ୍ରାନ୍ତୀୟ ସମାନତା, ଗଣତାନ୍ତ୍ରିକ ପ୍ରକ୍ରିୟାର ପୁନରୁଦ୍ଧାର ଓ ସୁରକ୍ଷା ସମସ୍ୟାର ରାଜନୈତିକ ସମାଧାନ ବିନା ଏହି ବିଭାଜନ ଆହୁରି ଗଭୀର ହୋଇପାରେ। ରାଷ୍ଟ୍ର ଯଦି କେବଳ ସେନା ଶକ୍ତି ଓ ବାହ୍ୟ ଋଣ ଉପରେ ନିର୍ଭର କରେ, ତେବେ ଆଭ୍ୟନ୍ତରୀଣ ଫାଟ ଆଉ ଅଧିକ ବଡ଼ ହେବ। ସାରାଂଶରେ, ପାକିସ୍ତାନ ଆଜି ଏକ ଏକତାବଦ୍ଧ ରାଷ୍ଟ୍ର ଭାବରେ ନୁହେଁ, ବରଂ ଅର୍ଥନୈତିକ ଦୁର୍ବଳତା ଓ ଆଭ୍ୟନ୍ତରୀଣ ବିଭାଜନର ଚାପରେ ଭାଙ୍ଗିବାର ଆଶଙ୍କାରେ ଅଛି। ଏହି ସଙ୍କଟର ସମାଧାନ ପାଇଁ ଗଭୀର ସଂସ୍କାର, ନ୍ୟାୟସଙ୍ଗତ ବିକାଶ ଓ ପ୍ରକୃତ ଗଣତାନ୍ତ୍ରିକ ପ୍ରକ୍ରିୟା ଆବଶ୍ୟକ। ନଚେତ ବିଭାଜନର ଏହି ପ୍ରକ୍ରିୟା ଆହୁରି ତୀବ୍ର ହୋଇପାରେ।

# ସୁଶାନ୍ତ ସିଂହଙ୍କ ସ୍ମୃତିରେ...




ଅତନୁ ସବ୍ୟସାଚୀ ନାୟକ


ପୂର୍ବତନ ମନ୍ତ୍ରୀ ବନ୍ଧୁ ସୁଶାନ୍ତ ସିଂହଙ୍କ ଅସମୟରେ ପରଲୋକ ଘଟିଛି। ଏକାଧାରରେ ସେ ଥିଲେ ଜଣେ ନିର୍ଭୀକ, ସ୍ପଷ୍ଟବାଦୀ, ପରୋପକାରୀ ଏବଂ ସରଳ ଜୀବନଯାପନ କରୁଥିବା ଜନନେତା। ଆଜି ମନେପଡେ ତାଙ୍କ ଜୀବନର କିଛି ଘଟଣା। ପାଞ୍ଚ ବର୍ଷ ତଳର କଥା। ଭଟଲି ନିର୍ବାଚନ ମଣ୍ଡଳୀର ଖରସଲ ଗାଁରେ ଗଣ୍ଡ ସମାଜ ପକ୍ଷରୁ ସଂଗ୍ରାମୀ ଦିଆଲ ସିଂହ ସର୍ଦାରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବରେ ଅସୁସ୍ଥତା ସତ୍ତ୍ୱେ ଉପସ୍ଥିତ ଥିଲେ। ସୁଶାନ୍ତଙ୍କ ହାତରେ ଥାଏ ସାଲାଇନ୍ ପାଇପ୍ । ଡାକ୍ତରଙ୍କ ବାରଣ ସତ୍ତ୍ୱେ ସେ ହସ୍ପିଟାଲରୁ ବାହାରି ଆସିଥିଲେ। ଏହି ଖବର ପାଇ ମୁଁ ତାଙ୍କୁ ଯୋଗାଯୋଗ କରି ବିରକ୍ତି ପ୍ରକାଶ କରିଥିଲି, " ମାଟିର ସଂଗ୍ରାମୀଙ୍କୁ ସମ୍ମାନ ଦେବା ମୋର ପ୍ରାଥମିକତା।" ଏହା ଥିଲା ସୁଶାନ୍ତଙ୍କ ଉତ୍ତର। କୋଭିଡ୍ ମହାମାରୀ ସମୟରେ ଯେତେବେଳେ ଡ୍ରାଇଭର ମିଳିବା



କଷ୍ଟକର ହୋଇପଡ଼ିଥିଲା, ସେତେବେଳେ ମନ୍ତ୍ରୀ ସୁଶାନ୍ତ ନିଜେ ଆମ୍ବୁଲାନ୍ସ ଚଳାଇ କୋଭିଡ୍ ରୋଗୀଙ୍କୁ ହସ୍ପିଟାଲକୁ ନେବା-ଆଣିବା କରିବା ସେ ସମୟର ଚର୍ଚ୍ଚାର ବିଷୟ ଥିଲା। ନିଜ ଜୀବନକୁ ବାଜି ଲଗାଇ ଲୋକଙ୍କ ସେବା କରିବାର ଏଭଳି ଅନେକ ଉଦାହରଣ ତାଙ୍କ ଜୀବନରେ ଦେଖିବାକୁ ମିଳିଛି। ଚେହେରା ଥିଲା ଦୁବୁଲା ପତଳା, ପରିଧାନ ଥିଲା ଦୁଇ-ତିନୋଟି ଲୁଚାକୁଚା ପ୍ୟାଣ୍ଟ-ସାର୍ଟ। ଦିନକୁ ୨୦ରୁ ୨୫ କପ୍ ଚା' ସହିତ ରୁଟି-ଡାଲି ମିଳିଗଲେ ସେଥିରେ କାମଚଳେଇ ଦିଅନ୍ତି। ନିଜ ସ୍ୱାସ୍ଥ୍ୟ ପ୍ରତି ନିଘା ନଥାଏ। ତାଙ୍କ ଭୁବନେଶ୍ୱରର ସରକାରୀ କ୍ୱାର୍ଟର ପଶ୍ଚିମ ଓଡ଼ିଶାର ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଥିଲା। ରାତିରେ ଅନେକ ଦିନ କ୍ୱାର୍ଟର ଫେରିବା ବେଳକୁ ଆଉ କେହି ଆଗନ୍ତୁକ ତାଙ୍କ ପାଇଁ ଉଦିଷ୍ଟ ଖଟିଆରେ ଶୋଇପଡ଼ି ଥାନ୍ତି । ଚଟାଣ ଉପରେ ଖାଲି ସପ ଟିଏ ପକାଇ ବେଡ଼ସିଟ ଘୋଡେଇ ହୋଇ ଶୋଇପଡିବାର ନଜିର ମୁଁ ଦେଖିବାକୁପାଇଛି । ପଶ୍ଚିମ ଓଡ଼ିଶାର ଅନେକ ବେସାହାରା ଲୋକଙ୍କ ପାଇଁ ସେ ଥିଲେ ଆଶାବାଡ଼ି। କାହାର ଝିଅର ବିବାହ, କାହାର ହସ୍ପିଟାଲରେ ଚିକିତ୍ସା ହେବା ଏହା ଥିଲା ତାଙ୍କ ନିତିଦିନିଆ କାମ । ରାଜନୀତି କ୍ଷେତ୍ରରେ ବିଜୁ ଜନତା ଦଳର ସେଥିଲେ ଦୃଢ଼ ସଂଗଠକ। ଭଟଲି ନିର୍ବାଚନ ମଣ୍ଡଳୀରୁ ତିନି ଥର ବିଧାୟକ ଭାବେ ନିର୍ବାଚିତ ହେବା ସହିତ ନବୀନ ବାବୁଙ୍କ ମନ୍ତ୍ରିମଣ୍ଡଳରେ ଗ୍ରାମ୍ୟ ଉନ୍ନୟନ ଓ ଶ୍ରମ ବିଭାଗର ମନ୍ତ୍ରୀ ଭାବେ ସଫଳତାର ସହ କାର୍ଯ୍ୟ କରିଥିଲେ। ମାତ୍ର ୫୩ ବର୍ଷ ବୟସରେ ତାଙ୍କର ପରଲୋକ ହୋଇଛି, ଅବିବାହିତ ସୁଶାନ୍ତ ନିଜ ନିର୍ବାଚନ ମଣ୍ଡଳୀ ଭଟଲି ସମେତ ପଶ୍ଚିମ ଓଡ଼ିଶାର ଅନେକ ଯୁବ, ଛାତ୍ରଙ୍କୁ ନିଜ ଭଲପାଇବା ଭାବନାରେ ବାନ୍ଧି ରଖିଥିଲେ। ବ୍ୟକ୍ତିଗତ ଭାବେ ମୁଁ ମୋର ଜଣେ ଅତ୍ୟନ୍ତ ଆପଣାର, ଲଢୁଆ ସାନଭାଇଙ୍କୁ ହରାଇ ଗଭୀର ଭାବେ ଦୁଃଖିତ ଓ ମର୍ମାହତ।

# 'ସହଯୋଗ': ଅନ୍ତ୍ୟୋଦୟର ଏକ ରୂପାୟନ




ଡ. କୃଷ୍ଣଚନ୍ଦ୍ର ମହାପାତ୍ର

ମନ୍ତ୍ରୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ସରକାରୀ ଉଦ୍ୟୋଗ ବିଭାଗ, ଓଡ଼ିଶା ସରକାର


କୌଣସି ଯୋଗ୍ୟ ପରିବାର ଯେପରି ବଞ୍ଚିତ ନ ହୁଅନ୍ତି ତାହା ସୁନିଶ୍ଚିତ କରିବା ଠାରୁ ଆରମ୍ଭ କରି ସହରାଞ୍ଚଳର ଗରିବ ସମୁଦାୟର ଜୀବନଧାରଣ, ବିକାଶ ଓ ସମୃଦ୍ଧିର ପୁନଃ ପରିକଳ୍ପନା ପର୍ଯ୍ୟନ୍ତ—'ସହଯୋଗ' ଓଡ଼ିଶାର ଅନ୍ୟତମ ରୂପାନ୍ତରଣକାରୀ ସହରୀ ସମାବେଶୀ ପଦକ୍ଷେପ ଭାବେ ଉଭା ହୋଇଛି । ସମାଜର ଶେଷ ନାଗରିକଙ୍କ ନିକଟରେ ପ୍ରଶାସନ ପହଞ୍ଚିଲେ ତାହା କିପରି ପ୍ରକୃତରେ ଫଳପ୍ରଦ ହୋଇପାରେ, ଏହା ତାହାର ଏକ ଜ୍ୱଳନ୍ତ ଉଦାହରଣ । ଏହି ଅଭିଯାନ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ କାଳଜୟୀ ଦର୍ଶନରୁ ପ୍ରେରଣା ଲାଭ କରିଛି, ଯାହାଙ୍କର 'ଏକାତ୍ମ ମାନବବାଦ' ଦର୍ଶନ 'ଅନ୍ତ୍ୟୋଦୟ'-ଅର୍ଥାତ୍ ଶେଷ ଧାଡ଼ିରେ ଠିଆ ହୋଇଥିବା ବ୍ୟକ୍ତିର ବିକାଶ—ପରି କଳ୍ପନାକୁ ସଦାସର୍ବଦା ଏକ ସାର ଗର୍ଭକ ରୂପ ଦେଇଥିଲା । ସେ ବିଶ୍ୱାସ କରୁଥିଲେ ଯେ ଶୀର୍ଷରେ ଥିବା ଲୋକଙ୍କ ସମୃଦ୍ଧି ପ୍ରଶାସନର ପ୍ରକୃତ ମାପକାଠି ନୁହେଁ, ବରଂ ଶେଷ ଧାଡ଼ିର ଶେଷ ସୀମାରେ ଛିଡ଼ା ହୋଇଥିବା ବ୍ୟକ୍ତିଙ୍କୁ ମିଳୁଥିବା ସମ୍ମାନ, ସୁରକ୍ଷା ଓ ସୁଯୋଗ ହିଁ ଏହାର ପ୍ରକୃତ ମାପକାଠି.। ଏହି ଦର୍ଶନ ଆମର ସମାବେଶୀ ବିକାଶର ଦୂରଦୃଷ୍ଟିକୁ ନିରନ୍ତର ମାର୍ଗଦର୍ଶନ କରିଆସୁଛି, ଯେଉଁଥିରେ ପ୍ରତ୍ୟେକ ନାଗରିକ ପ୍ରଗତିର ଯାତ୍ରାରେ ସାମିଲ ହେବା ପାଇଁ ସଶକ୍ତ ହୋଇପାରିଛନ୍ତି ।

ଏହି ଦୂରଦୃଷ୍ଟି କଟକର ଜୋବ୍ରା ସ୍ଥିତ ଏକ ନିରୋଳା ଗଳିରେ ସାକାର ହୋଇଉଠେ । ଯେଉଁଠାରେ ୪୪ ବର୍ଷୀୟା ଭିନ୍ନକ୍ଷମ ଆଶାଲତା ଦାସ ବଞ୍ଚିବା ପାଇଁ ସଂଗ୍ରାମ କରୁଥିବା ବେଳେ ତାଙ୍କର ବୃଦ୍ଧା ମା' ଜଣେ ଦିନ ମଜୁରିଆ ସଫେଇ କର୍ମଚାରୀ ଭାବେ କାମ କରି ପରିବାର ପ୍ରତିପୋଷଣ କରୁଥିଲେ । ସରକାରୀ ସହାୟତା ପାଇଁ ସମ୍ପୂର୍ଣ୍ଣ ଯୋଗ୍ୟ ହୋଇଥିଲେ ବି ଆଶାଲତା ସାମାଜିକ ସୁରକ୍ଷା ଯୋଜନାରୁ ବଞ୍ଚିତ ଥିଲେ । ଜଣେ 'ସହଯୋଗ' ସ୍ୱେଚ୍ଛାସେବୀ (ଫାସିଲିଟେଟର) ତାଙ୍କ ଘରକୁ ଯାଇ ଆବଶ୍ୟକୀୟ କାଗଜପତ୍ର କରାଇ ତାଙ୍କୁ 'ମଧୁବାବୁ ପେନସନ ଯୋଜନା' ସହ ଯୋଡ଼ି ଥିଲେ । ଆଜି ସେହି ପେନସନ କେବଳ ଆର୍ଥିକ ସହାୟତା ଯୋଗାଉ ନାହିଁ, ବରଂ ତାଙ୍କୁ ଏକ ନୂତନ ସୁରକ୍ଷା ଓ ଆତ୍ମ ସମ୍ମାନର ଭାବନା ଦେଇଛି । ଏହି କାହାଣୀ ସାରା ସହରାଞ୍ଚଳ ଓଡ଼ିଶାର ହଜାର ହଜାର ବିଧବା, ବୃଦ୍ଧ ନାଗରିକ, ଭିନ୍ନକ୍ଷମ ଓ ପ୍ରବାସୀ ପରିବାର ପାଇଁ ପ୍ରେରଣାର ଉତ୍ସ ହୋଇପଡ଼ିଛି , ଯେଉଁମାନେ ଯୋଗ୍ୟତା ଥାଇ ବି ଦୀର୍ଘଦିନ ଧରି ସରକାରୀ ଯୋଜନା ରୁ ବଞ୍ଚିତ ହୋଇ ରହିଛନ୍ତି । ଏହା ସ୍ପଷ୍ଟ ଯେ, ପ୍ରଶାସନ ତାହାର ଲକ୍ଷ୍ୟ ସେତେବେଳେ ହାସଲ କରେ, ଯେତେବେଳେ ପ୍ରାପ୍ୟ/ଯୋଗ୍ୟତା ସହଜରେ ଅଧିକାରରେ ପରିଣତ ହୁଏ ଏବଂ ଅଧିକାର ସୁଯୋଗର ରୂପ ନିଏ । ଗତ ଏକ ଦଶନ୍ଧି ମଧରେ ଓଡ଼ିଶାରେ ଦ୍ରୁତ ସହରୀକରଣ ଦେଖିବାକୁ ମିଳିଛି, ଯେଉଁଥିରେ ଆମ ସହରଗୁଡ଼ିକ ବିକାଶ, ନବୋନ୍ମେଷ ଓ ଉଦ୍ୟୋଗର ସମୃଦ୍ଧ କେନ୍ଦ୍ର ଭାବେ ଉଭା ହୋଇଛନ୍ତି। ତଥାପି, ସହରାଞ୍ଚଳର ଅନେକ ଅସହାୟ ପରିବାର କିଛି ଅଦୃଶ୍ୟ ପ୍ରତିବନ୍ଧକ ପଛରେ ବାନ୍ଧିହୋଇ ରହିଥିଲେ । ସମସ୍ୟା କେବେ ବି କଲ୍ୟାଣକାରୀ ଯୋଜନାର ଅଭାବ ନ ଥିଲା । ଭାରତ ସରକାର ଏବଂ ଓଡ଼ିଶା ସରକାର ଉଭୟ ଏକ ବ୍ୟାପକ ସାମାଜିକ ସୁରକ୍ଷା ଢାଞ୍ଚା ନିର୍ମାଣ କରିଛନ୍ତି । ପ୍ରକୃତ ପ୍ରତିବନ୍ଧକ ରହିଥିଲା ବିଖଣ୍ଡିତ ସେବା ଯୋଗାଣ, ଜଟିଳ ପ୍ରକ୍ରିୟା, ସଚେତନତାର ଅଭାବ, କାଗଜପତ୍ରର ଅଭାବ ଏବଂ ଉପଯୁକ୍ତ ସମନ୍ୱୟର ଅଭାବ ପାଇଁ ଏହି ଅସହାୟ ପରିବାରଗୁଡ଼ିକୁ ସରକାରୀ ବ୍ୟବସ୍ଥା ବୁଝିବା ଓ ସାହାଯ୍ୟ କରିବା ପାଇଁ କୌଣସି ସମର୍ପିତ ବ୍ୟବସ୍ଥା ନଥିଲା ।

ଏହି ଗୁରୁତ୍ୱପୂର୍ଣ୍ଣ ବ୍ୟବଧାନକୁ ପୂରଣ କରିବା ପାଇଁ 'ସହଯୋଗ'ର କଳ୍ପନା କରାଯାଇଥିଲା ଯାହା ସହଯୋଗିତା, ଭାଗୀଦାରୀ ଏବଂ ସାମୂହିକ ସମର୍ଥନକୁ ସୂଚିତ କରେ । ଏହା କେବଳ ଏକ ସରକାରୀ ଯୋଜନା ନୁହେଁ, ବରଂ ନାଗରିକ-କେନ୍ଦ୍ରିକ ଶାସନ ପ୍ରଣାଳୀରେ ଏକ ନୂତନ ଦିଗଦର୍ଶନ। ଓଡ଼ିଶାର ବସ୍ତି ରୂପାନ୍ତରଣ ଅଭିଯାନ ସମୟରେ ବର୍ଷ ବର୍ଷର ସମୁଦାୟ ସହଭାଗିତାରୁ ଆବିର୍ଭୂତ ହୋଇଥିବା 'ସହଯୋଗ' ଏକ ସରଳ କିନ୍ତୁ ଗଭୀର ବାସ୍ତବତାକୁ ସ୍ୱୀକାର କରେ । ତଦନୁସାରେ, ଏହି କାର୍ଯ୍ୟକ୍ରମ ଏକ ମୌଳିକ ପ୍ରଶ୍ନକୁ ନେଇ ଜନସେବା ଯୋଗାଣକୁ ନୂତନ ମୋଡ଼ ଦେଇଛି । ଏହି ପରିବାରର ଆବଶ୍ୟକତା କ'ଣ, ଏବଂ ସରକାରୀ ବ୍ୟବସ୍ଥା କିପରି ସୁନିଶ୍ଚିତ କରିପାରିବ ଯେ ସେମାନଙ୍କର ପ୍ରତ୍ୟେକ ଯୋଗ୍ୟ ପ୍ରାପ୍ୟ ସେମାନଙ୍କ ପାଖରେ ପହଞ୍ଚିପାରିବ ?

'ସହଯୋଗ'ର ଏକ ମୁଖ୍ୟ ଶକ୍ତି ହେଉଛି ଏହାର ସହଯୋଗାତ୍ମକ ବ୍ୟବସ୍ଥା (ଇକୋସିଷ୍ଟମ୍)। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ କୌଶଳଗତ ନେତୃତ୍ୱ ଏବଂ ନୀତିଗତ ଦିଗଦର୍ଶନ ପ୍ରଦାନ କରୁଥିବା ବେଳେ, ପୌରସଂସ୍ଥା (URBAN lOCAl BODIES) ଗୁଡ଼ିକ ତୃଣମୂଳ ସ୍ତରରେ କାର୍ଯ୍ୟାନ୍ୱୟନକୁ ଆଗେଇ ନେଉଛନ୍ତି । ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ଏବଂ ଟାଟା ଟ୍ରଷ୍ଟସ୍ ସେମାନଙ୍କର ବ୍ୟାପକ ସମୁଦାୟ ସଂଗଠନ ଓ କ୍ଷେତ୍ରୀୟ ବିଶେଷଜ୍ଞତା ପ୍ରଦାନ କରୁଛନ୍ତି। ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ୍ ସେଣ୍ଟର (OCAC) ଏହାର ଡିଜିଟାଲ୍ ଭିତ୍ତିଭୂମିକୁ ସଶକ୍ତ କରୁଛି, ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ, ୱାର୍ଡ ସ୍ୱେଚ୍ଛାସେବୀ ଓ ଲୋକପ୍ରତିନିଧି ମାନେ ଶେଷ ସୀମା ପର୍ଯ୍ୟନ୍ତ ସେବା ପହଞ୍ଚାଇବା ବ୍ୟବସ୍ଥାକୁ ସୁଦୃଢ଼ କରୁଛନ୍ତି । ଏହି ସହଯୋଗାତ୍ମକ ଢାଞ୍ଚା 'ଅଙ୍କୁର' (ANKUR) ପ୍ଲାଟଫର୍ମ ମାଧମରେ ଅଧିକ ସୁଦୃଢ଼ ହୋଇଛି, ଯାହା ନବୋନ୍ମେଷ, ସମନ୍ୱୟ ଏବଂ ସାମୂହିକ ସମସ୍ୟା ସମାଧାନ ପାଇଁ ନାଗରିକ ସଂଗଠନ, ଅନୁଷ୍ଠାନ ଏବଂ ସହରୀ ବିଶେଷଜ୍ଞମାନଙ୍କୁ ଗୋଟିଏ ମଞ୍ଚକୁ ଆଣିଥାଏ ।

'ସହଯୋଗ'ର ମୂଳପିଣ୍ଡ ହେଉଛି ସରକାରୀ ଲୋକହିତକର ଯୋଜନାରେ ଜନସାଧାରଣଙ୍କୁ ଶତ ପ୍ରତିଶତ ସାମିଲ କରିବା । ସୂଚାରୁରୂପେ ଗୃହ ସର୍ବେକ୍ଷଣ ମାଧମରେ ବିଭିନ୍ନ ଗୋଷ୍ଠୀ ମଧରେ ଥିବା ସମସ୍ୟା ଓ ଅସହାୟତାକୁ ଚିହ୍ନଟ କରାଯାଏ । ସେହିପରି ତାଲିମପ୍ରାପ୍ତ ଆଗୁଆ ସୁବିଧାଦାତାମାନେ ସମସ୍ତ ପୌରସଂସ୍ଥାରେ ଡିଜିଟାଲ୍ ପ୍ଲାଟଫର୍ମ ବ୍ୟବହାର କରି ଯୋଜନାର ଯୋଗ୍ୟତା ତୁରନ୍ତ (REAl TIME) ଆକଳନ କରିବା । ପୃଥକ୍ ପୃଥକ୍ ଭାବେ ସୁବିଧା ପ୍ରଦାନ କରିବା ଏହି ପଦକ୍ଷେପ ବ୍ୟକ୍ତିଗତ ପରିବାରଗୁଡ଼ିକୁ କେନ୍ଦ୍ର କରି ଏକାଧିକ କଲ୍ୟାଣକାରୀ ଯୋଜନାର ସମନ୍ୱୟ କରିଥାଏ । ଏହା ବିଖଣ୍ଡିତ ସେବା ଯୋଗାଣକୁ ଏକ ସମନ୍ୱିତ, ନାଗରିକ-କେନ୍ଦ୍ରିକ ମଡେଲରେ ପରିଣତ କରେ ଏବଂ ସ୍ଥାୟୀ ସାମାଜିକ ଓ ଆର୍ଥିକ ପ୍ରଭାବ ସୃଷ୍ଟି କରେ।

କେବଳ ସାମାଜିକ ସୁରକ୍ଷା ଦୀର୍ଘକାଳୀନ ସାମାଜିକ ଅଗ୍ରଗତିର ଗ୍ୟାରେଣ୍ଟି ଦେଇପାରିବ ନାହିଁ ବୋଲି ହୃଦବୋଧ କରି, ଓଡ଼ିଶା 'ମୁଖ୍ୟମନ୍ତ୍ରୀ ସ୍ମାର୍ଟ ସିଟି ମିଶନ୍' (CMSCM) ଅଧୀନରେ 'ସହଯୋଗ ପ୍ଲସ୍' ମାଧମରେ ଏହି ଅଭିଯାନକୁ ଆହୁରି ବ୍ୟାପକ କରାଯାଇଛି । ଏହି ପରବର୍ତ୍ତୀ ପର୍ଯ୍ୟାୟ ପ୍ରାପ୍ୟ ଯୋଗାଣ ସହିତ ବାସ ସ୍ଥାନର ଉନ୍ନତିକୁ ଯୋଡ଼ିଥାଏ, ଯାହା ଯୋଗ୍ୟ ପରିବାରଗୁଡ଼ିକୁ 'ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ସହରୀ' (PMAY-U) ଏବଂ ରାଜ୍ୟର 'PMAY-(U) ବନ୍ଧୁ' ଯୋଜନା ଅଧୀନରେ ଗୃହ ନିର୍ମାଣ ସୁଯୋଗ ସହ ଯୋଡ଼ିଥାଏ। ସୁରକ୍ଷିତ ଆବାସ, ଉନ୍ନତ ଭିତ୍ତିଭୂମି ଏବଂ ଆବଶ୍ୟକୀୟ ପୌରସେବା ପ୍ରାପ୍ତି ମିଶି ସ୍ୱାଭିମାନ, ସହନଶୀଳତା ଏବଂ ନିରନ୍ତର ଆର୍ଥିକ ପ୍ରଗତିର ଭିତ୍ତିଭୂମି ସୃଷ୍ଟି କରେ।

ଏହି ସମନ୍ୱିତ ଆଭିମୁଖ୍ୟର ପ୍ରଭାବ ଉଭୟ ମାନଦଣ୍ଡ ଏବଂ ଉଲ୍ଲେଖନୀୟ। ୬.୬୦ ଲକ୍ଷରୁ ଅଧିକ ସହରାଞ୍ଚଳ ପରିବାର, ଯେଉଁଥିରେ ୨୦.୭୪ ଲକ୍ଷ ବ୍ୟକ୍ତି ଅନ୍ତର୍ଭୁକ୍ତ, ସେମାନଙ୍କୁ ସହରୀ ସାମାଜିକ ସୁରକ୍ଷା ବ୍ୟବସ୍ଥା ଭିତରକୁ ଅଣାଯାଇଛି। ୩.୨୫ ଲକ୍ଷରୁ ଅଧିକ ଆବେଦନକୁ ସହଜ କରାଯାଇଛି, ଯାହା ଫଳରେ ୨.୫୨ ଲକ୍ଷରୁ ଅଧିକ ସଫଳ ଯୋଜନା ସଂଯୋଗ ସମ୍ଭବ ହୋଇପାରିଛି। ସାରା ରାଜ୍ୟରେ କାର୍ଯ୍ୟରତ ୧୦,୦୦୦ରୁ ଅଧିକ ଆଗ ଧାଡ଼ିର ସେବାଦାତାଙ୍କ ନେଟୱର୍କ ଦ୍ୱାରା ଅସହାୟ ନାଗରିକଙ୍କ ପାଇଁ ନିକଟତର ₹୧୦,୦୦୦ କୋଟି ଟଙ୍କାର ସରକାରୀ ସୁବିଧା ଉପଲବ୍ଧ କରାଯାଇପାରିଛି । ତଥାପି 'ସହଯୋଗ'ର ପ୍ରକୃତ ସଫଳତା କେବଳ ପରିସଂଖ୍ୟାନ ଦ୍ୱାରା ସୀମିତ ରହିପାରିବ ନାହିଁ । ଏହା ଜଣେ ବୃଦ୍ଧ ନାଗରିକଙ୍କ ବହୁପ୍ରତୀକ୍ଷିତ ପେନସନ ପାଇବାରେ, ଜଣେ ଭିନ୍ନକ୍ଷମ ବ୍ୟକ୍ତି ଆବଶ୍ୟକ ସହାୟତା ପାଇବାରେ, ଏକ ଅସହାୟ ପରିବାର ସ୍ଥାୟୀ ଘରଟିଏ ପାଇବାରେ ଏବଂ ଗୋଟିଏ ଶିଶୁ ବଡ଼ ଆଶା ଓ ସୁଯୋଗ ସହ ବଡ଼ ହେବାରେ ପ୍ରତିଫଳିତ ହୁଏ।

ଓଡ଼ିଶା ଯେତେବେଳେ 'ବିକଶିତ ଭାରତ @୨୦୪୭'ର ଜାତୀୟ ଆକାଂକ୍ଷାରେ ଯୋଗଦାନ ଦେବା ସହ 'ବିକଶିତ ଓଡ଼ିଶା ୨୦୩୬'ର ଦୂରଦୃଷ୍ଟି ଆଡ଼କୁ ଆତ୍ମ ବିଶ୍ୱାସର ସହ ଆଗେଇ ଚାଲିଛି, 'ସହଯୋଗ' ଅନ୍ତୋଦ୍ୟୟର ଆଦର୍ଶର ଏକ ଜୀବନ୍ତ ପ୍ରତୀକ ଭାବରେ ଛିଡ଼ା ହୋଇଛି । ଏହା ପୁନଃପ୍ରତିପାଦିତ କରେ ଯେ, ବିକାଶ ସେତେବେଳେ ଅର୍ଥପୂର୍ଣ୍ଣ ହୁଏ ଯେତେବେଳେ ଏହା ସମାବେଶୀ, ସମ୍ବେଦନଶୀଳ ଏବଂ ସମସ୍ତଙ୍କ ପାଇଁ ପହଞ୍ଚ ଯୋଗ୍ୟ ହୋଇଥାଏ । ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଦୂରଦୃଷ୍ଟି ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି କେବଳ ତାଙ୍କ ଦର୍ଶନକୁ ମନେ ରଖିବାରେ ନାହିଁ, ବରଂ ତାହାକୁ କାର୍ଯ୍ୟରେ ପରିଣତ କରିବାରେ ରହିଛି—ଯାହା ସୁନିଶ୍ଚିତ କରେ ଯେ ଶେଷ ନାଗରିକ ବିକାଶର ଲାଭ ପାଇବାରେ ଶେଷ ବ୍ୟକ୍ତି ନୁହଁନ୍ତି, ବରଂ ଏହାର ରୂପାନ୍ତରଣକାରୀ ସୁଫଳ ଅନୁଭବ କରିବାରେ ପ୍ରଥମ ବ୍ୟକ୍ତି ହୁଅନ୍ତୁ ।

# କୃତ୍ରିମ ବୁଦ୍ଧିମତା ବନାମ ଏଆଇ




ସଂଘମିତ୍ରା ବେହେରା


କୃତ୍ରିମ ବୁଦ୍ଧିମତା (ଏଆଇ)ର କାମ ଆଜି ବିପୁଳ ପରିମାଣରେ ବଢ଼ି ଚାଲିଛି। ମନକୁ ମନ ଖୁସି ଲାଗେ ଏହାର ସହଯୋଗରେ ଆମେ କେତେ କାମ କରୁଛୁ। କେତେ ଅନୁବାଦ କରୁଛୁ। ଏହାସତ୍ତ୍ୱେ ପ୍ରଶ୍ନ ଜାଗରଣ ହେଉଛି ସବୁ ଠିକ ହେଇପାରୁଛି ତ! କାମକୁ ତଦାରଖ କିଏ କରିବ ? ମନକୁ ମନ ନିଜକୁ ଏଆଇ ବଳରେ ଚତୁର ଓ ବୁଦ୍ଧିମାନ ମନେକଲୁଣି। ପରେ ପୂର୍ଣ୍ଣ ରୂପରେ ପାଠ କରୁକରୁ ଜଣାଗଲା ଦିଅଁ ଗଡୁଗଡୁ ମାଙ୍କଡ଼ ପାଲଟିଯାଉଛି। ଉଦାହରଣ ଦେଲେ ବୁଝିହେବ ବୋଲି ଭାବୁଛି। ଗୋଟିଏ ମଲ୍‌ରେ ଇଂରାଜୀରେ ଲେଖା ଥିଲା 'other flours' ଏବଂ ତଳକୁ ଓଡ଼ିଆ ଅସ୍ମିତାରେ ଲେଖା ଥିଲା 'ଅନ୍ୟ ଫୁଲଗୁଡ଼ିକ'। ଆଉ ଗୋଟିଏ ଉଦାହରଣ ଶୁଣିବାକୁ ମିଳିଲାଣି। ଘଟଣାଟି ମଧ୍ୟ ସତ୍ୟ ଯେ AI ଗୀତ ବୋଲିଲାଣି ଏବଂ ଏଥିରେ ସିନେମା ହେଲାଣି। ତେଣୁ ଗୋଟିଏ ସ୍ଥାନରେ ଓ ଗୋଟିଏ ଲକ୍ଷ୍ୟରେ ଗତିଶୀଳ ବ୍ୟକ୍ତି ଏକାଧିକ କାର୍ଯ୍ୟକୁ କରିପାରୁଛି। ଜଣେ ବ୍ୟକ୍ତି ଗୀତିକାର, ଶିକ୍ଷକ, ଯଥାତଥା ବିବିଧ କାର୍ଯ୍ୟରେ ହାତ ପକାଇ କଳା ଥାଉ ଅବା ନଥାଉ ପାରଙ୍ଗମତା ପ୍ରତିଷ୍ଠା କରିବାର ଉଦ୍ୟମ କଲାଣି। କୋଭିଡ ପରବର୍ତ୍ତୀ ସମାଜରେ ଏହା ବହୁ ପରିମାଣରେ ବଢ଼ିଚାଲିଛି। ଅଧ୍ୟୟନର ଧାରା ପରି ବହୁଧା କାର୍ଯ୍ୟ (multiple work) ମଧ୍ୟରେ ବ୍ୟକ୍ତି ନିଜକୁ ଚଳଚଞ୍ଚଳ କଲାଣି। ମାତ୍ର ଏଥିରେ କେବଳ ପରିମାଣ ବଢୁଛି ସିନା ରୁଚିବୋଧ ଓ ସୌନ୍ଦର୍ଯ୍ୟକୁ ରକ୍ଷା କରିବା ସମ୍ଭବ ହେଉନଥିବାର ଜଣାଯାଏ। ସମୟ ହିଁ ସତ୍ୟ। ପୁରୁଖା ହୋଇ ରହିଲେ ଆଉ କେହି ଦେଖୁନାହାନ୍ତି। ଆଜିକାଲି ଏଥିରେ ଧୂରୀଣ ସ୍ରଷ୍ଟା ସମସ୍ତେ ଜଣେ ଜଣେ ତାରକା। ସତ କହିବାକୁ ଗଲେ "AIରେ କ୍ୱାଲିଟି ଅପେକ୍ଷା କ୍ୱାଣ୍ଟିଟି ବଢୁଛି"। ପରିବାର, ସ୍ନେହଶ୍ରଦ୍ଧା, ସହଯୋଗିତା ତା ବାଟେବାଟେ ଯିବାବେଳେ AIର ବିଳାସ ଆଉ ଏକ ପଟେ। ତଥାପି AIର ଆଳରେ ପ୍ରାକୃତିକ ବିଦ୍ୟା, କଳା ଆଦିର ବିନାଶ ଓ କ୍ଷୟ ନଘଟିବାର ସଚେତନତାକୁ ବର୍ତ୍ତମାନରୁ ଜାଗରଣ ଆବଶ୍ୟକ। ନଚେତ୍ ଇଂରାଜୀ




ଭାଷା ବିପୁଳ ମୌଳିକତା ଓ ନବୀନତାରେ ବଞ୍ଚୁଥିବା ବେଳେ, ଅନ୍ୟାନ୍ୟ ଭାରତୀୟ ଭାଷାରେ ବୈଷୟିକ ଧର୍ମୀତାକୁ ଅପ୍‌ଡେଟ୍ କରାଯାଉନଥିବାରୁ ଏହି ଜାତିର ଭାଷା ସଂସ୍କୃତିରେ ଅପସଂସ୍କାର ଘନେଇ ଆସିବ। ଏଥିରେ କୌଣସି ମତଦ୍ୱୈତ ନାହିଁ।


ଆସିଷ୍ଟାଣ୍ଟ ପ୍ରଫେସର
ଓଡ଼ିଆ ବିଭାଗ
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ।
ମୋବାଇଲ ନମ୍ବର- ୯୯୩୮୬୨୨୦୭୪


# ମାତା ଭୂମିଃ ପୁତ୍ରୋଽହଂ ପୃଥିବ୍ୟାଃ




ଅରିଜିତ ମିଶ୍ର


ଅଥର୍ବ ବେଦରେ ବର୍ଣ୍ଣିତ "ମାତା ଭୂମିଃ ପୁତ୍ରୋଽହଂ ପୃଥିବ୍ୟାଃ" ଅର୍ଥାତ୍ "ପୃଥିବୀ ମୋର ମାତା, ଆଉ ମୁଁ ପୃଥିବୀର ପୁତ୍ର"। ତେଣୁ ଯୁଗ ଯୁଗ ଧରି ପୃଥିବୀ ଜନନୀ ସ୍ୱରୂପ ମାନବ ଠାରୁ ଆରମ୍ଭ କରି ସମସ୍ତ ଜୀବଜନ୍ତୁ, କୀଟ ପତଙ୍ଗ ଆଦିଙ୍କୁ ଲାଳନ ପାଳନ କରିଆସୁଛି। ପୃଥିବୀ ତାହାର ଉତ୍କୃଷ୍ଟ ଜଳବାୟୁ, ଉଦ୍ଭିଦ, ପାଣି, ପବନ, ଅରଣ୍ୟ, ପ୍ରାକୃତିକ ସମ୍ପଦ ଆଦି ପ୍ରଦାନ କରି ଆମ ଜୀବନକୁ ରକ୍ଷା କରୁଚି। ପୃଥିବୀ ମାତା'ର ସୁରକ୍ଷା ଏବଂ ପ୍ରକୃତି ସହିତ ସମନ୍ୱୟ ରକ୍ଷା କରି ବଞ୍ଚିବାର ବାର୍ତ୍ତାକୁ ଉକ୍ତ ବୈଦିକ ବାଣୀ ଉଚିତ୍ ଶିକ୍ଷା ପ୍ରଦାନ କରିଥାଏ। ଦିନକୁ ଦିନ ମଣିଷ ସମାଜର କୃରତା ପାଇଁ ଆଜି ପୃଥିବୀ ମା ଆମର କ୍ରନ୍ଦନରତା। ମଣିଷ ନିଜର ପରାକାଷ୍ଠା ପ୍ରଦର୍ଶନ କରିବା ସହିତ ପୃଥିବୀର ବକ୍ଷକୁ କଷ୍ଟ ଦେବାରେ ବ୍ୟଗ୍ର। ପ୍ରତିଦିନ ଆମେ ଦେଖୁଛେ ଦେଶ ଦେଶ ମଧରେ ଯୁଦ୍ଧ, ଅଶାନ୍ତି, ପ୍ରଦୂଷଣ ମାତ୍ରା ବୃଦ୍ଧି ଆଦି ବହୁଳ ପରିମାଣରେ ବଢ଼ି ଚାଲିଛି। ଯାହା ଫଳରେ ପୃଥିବୀରେ ଜଳବାୟୁ ପରିବର୍ତ୍ତନ ହେବା ସହ ବାୟୁ, ଜଳ, ମୃତ୍ତିକା ପ୍ରଦୂଷଣ ଜନ୍ମ ନେଉଛି। ତତ୍ସହିତ ଜଙ୍ଗଲ କ୍ଷୟ, ବନ୍ୟଜନ୍ତୁ କ୍ଷତି, ସବୁଜ ଗୃହ ପ୍ରଭାବ ଏବଂ ଦୀର୍ଘ ସ୍ଥାୟୀ ପ୍ରଦୂଷଣ ଆଦିର ମାତ୍ରାରେ ବୃଦ୍ଧି ଘଟୁଛି। ପୃଥିବୀ ମାତା ହେଉଚି ଏହି ସଚରାଚର ଜଗତର ମୂଳ ଆଧାର। ଆମେ ଯେଉଁ ଖାଦ୍ୟ ଗ୍ରହଣ କରୁଛେ, ପାଣି ପିଉଛେ, ନିଶ୍ୱାସ ନେଉଚେ ଏ ସମସ୍ତ ପ୍ରାକୃତିକ କାର୍ଯ୍ୟ ପୃଥିବୀର ଦାନ ଅଟେ। ବୃକ୍ଷ ଆମକୁ ଅମ୍ଳଜାନ ପ୍ରଦାନ କରିବା ସହିତ କାଠ, ପତ୍ର, ଜାଳେଣି ଦ୍ରବ୍ୟ, ପୁଷ୍ପ, ଫଳ ଆଦି ପ୍ରଦାନ କରେ। ଠିକ୍ ସେହିପରି ପାହାଡ଼, ନଦୀ, ଝରଣା, ଉର୍ବର ମୃତ୍ତିକା, ସମୁଦ୍ର ଆଦିଙ୍କୁ ଜୀବଜଗତ ତିଷ୍ଟି ରହିବା ପାଇଁ ପୃଥିବୀ ଆମକୁ ପ୍ରଦାନ କରିଛି। ମା ନିଜର ସନ୍ତାନ ଯେତେ ଭୁଲ୍ କଲେ କ୍ଷମା କରିଦିଏ। କିନ୍ତୁ ସନ୍ତାନ ଯଦି ଅତିଶୟ କଷ୍ଟ ଦିଏ ମା କୁ ତେବେ ମା ବାଧ ହୋଇ ସନ୍ତାନକୁ ଉଚିତ୍ ରାସ୍ତାକୁ ଆଣିବା ପାଇଁ ଶାସ୍ତି ଦେବାକୁ ପଛାଇ ନଥାଏ। ଠିକ୍ ସେହିପରି ମଣିଷ ଦିନକୁ ଦିନ ଅସଂଖ୍ୟ ଅପରାଧ ପୃଥିବୀ ପ୍ରତି ସୃଷ୍ଟି କଲେ ମଧ ପୃଥିବୀ ମାତା ତାହାକୁ ସହ୍ୟ କରି ଆମକୁ ବଞ୍ଚାଇ ଚାଲିଛି। କିନ୍ତୁ ଉକ୍ତ ସହନ ଶକ୍ତିର ମାତ୍ରା କମିଯାଏ ମଣିଷର ଅତିଶୟ ପୃଥିବୀ ପ୍ରତି ଅପରାଧ ହେତୁ। ଯାହା ଫଳରେ ପୃଥିବୀ ଅସହ୍ୟ ହୋଇ ବାତ୍ୟା, ମରୁଡ଼ି, ଭୂକମ୍ପ, ଭୂସ୍ଖଳନ, ବନ୍ୟା, ଘୂର୍ଣ୍ଣି ଝଡ଼, ବଜ୍ରାଘାତ ଏବଂ ଜଳବାୟୁ ପରିବର୍ତ୍ତନ ଇତ୍ୟାଦି ଭଳି ପ୍ରାକୃତିକ ବିପର୍ଯ୍ୟୟ ସୃଷ୍ଟି କରି ମଣିଷ ସମାଜକୁ ଉଚିତ୍ ଶିକ୍ଷା ଦିଏ। ପୃଥିବୀରେ ପ୍ରତିବର୍ଷ ବିଭିନ୍ନ ପ୍ରକାରର ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ୪୦,୦୦୦ ରୁ ୧୦୦,୦୦୦ ମଣିଷ ମୃତ୍ୟୁ ବରଣ କରନ୍ତି। ପ୍ରତିବର୍ଷ ଦଶ କୋଟିରୁ ଅଧିକ ମଣିଷ କୌଣସି ନା କୌଣସି ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ପ୍ରଭାବିତ ହୋଇଥାନ୍ତି। ଭାରତରେ ୨୦୨୪-୨୦୨୫ ଆର୍ଥିକ ବର୍ଷରେ ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ୩୦୮୦ ଜଣ ମୃତ୍ୟୁ ବରଣ କରିଥିଲେ। ବନ୍ୟା ଦ୍ୱାରା ପ୍ରାୟତଃ ୧୬୦୦ ଜଣ ମୃତ୍ୟୁ ବରଣ କରିଥିବା ବେଳେ ବଜ୍ରାଘାତରେ ପ୍ରତିବର୍ଷ ୨୦୦୦ ରୁ ୩୦୦୦ ଜଣ ମୃତ୍ୟୁ ବରଣ କରନ୍ତି। ନଦୀ ଜଳରେ ଅମ୍ଳଜାନର ମାତ୍ରା କମ୍ ହେବାରେ ଲାଗିଛି ଯେଉଁଥି ପାଇଁ ଆଗାମୀ ଦିନରେ ନଦୀରେ ଥିବା ଜୈବ ବିବିଧତା ଉପରେ ଅନେକ କୁପ୍ରଭାବ ପଡ଼ିବାର ଆଶଙ୍କା ସୃଷ୍ଟି ହେଉଛି। ପୃଥିବୀ ଆମର ମା ମାନେ ଆମେ ତାହାର ସନ୍ତାନ ଭାବରେ ତାକୁ ରକ୍ଷା କରିବା ହେଉଚି ଆମର ପରମ କର୍ତ୍ତବ୍ୟ। ପ୍ରତ୍ୟେକ ମଣିଷ ପ୍ରତି ବର୍ଷ ଅନ୍ତତପକ୍ଷେ ଗୋଟାଏ ବୃକ୍ଷ ରୋପଣ କରିବା ଅତ୍ୟନ୍ତ ଜରୁରୀ। ଅତିରିକ୍ତ ସରନ୍ତି ପ୍ରାକୃତିକ ସମ୍ବଳର ବ୍ୟବହାର କମ୍ କରି ଅସରନ୍ତି ଉତ୍ସ ଯେପରିକି ପବନ ଶକ୍ତି, ସୌର ଶକ୍ତି, ଜଳବିଦ୍ୟୁତ୍ ଶକ୍ତି, ଭୂତାପଜ ଶକ୍ତି ଆଦିର ବ୍ୟବହାର କରିବା ଉତ୍ତମ ଅଟେ। ଦିନକୁ ଦିନ ସହରୀକରଣ ଏବଂ କଂକ୍ରିଟ ଗୃହର ମାତ୍ରା ବୃଦ୍ଧି ପାଉଛି ଯାହା ଫଳରେ ସହର ଉତ୍ତାପ ଦ୍ୱୀପ ପ୍ରଭାବ ଜନ୍ମ ନେଇ ଗାଁ ଠାରୁ ସହର ସର୍ବତ୍ର ତାପମାତ୍ରା ବଢ଼ି ଚାଲିଛି। ମଣିଷର ଦୈନନ୍ଦିନ ଜୀବନରେ ବ୍ୟବହୃତ ପ୍ଲାଷ୍ଟିକ, ଖାଦ୍ୟ ଦ୍ରବ୍ୟ ଏବଂ ଗୃହ ଉପକରଣ ଆଦି ଅତିରିକ୍ତ ଭାବରେ ବ୍ୟବହାର ହୋଇ ଶେଷକୁ ବର୍ଜ୍ୟ ଭାବରେ ଏଣେତେଣେ ପଡ଼ିଥାଏ। ଯାହା ଫଳରେ ପ୍ରଦୂଷଣର ମାତ୍ରାଧିକ ବୃଦ୍ଧି ହୋଇଥାଏ। ଯାହାର ମାତ୍ରାକୁ ହ୍ରାସ, ପୁନଃ ବ୍ୟବହାର, ମୂଳବସ୍ତୁରେ ପରିବର୍ତ୍ତନ କରି ଆଉ ଥରେ ବ୍ୟବହାର ସାପେକ୍ଷ କରିବା ଉତ୍ତମ ଅଟେ। ଅତିରିକ୍ତ ମୋଟର ଚାଳିତ ଗାଡି, କାରାଖାନା ମାନଙ୍କରୁ ନିର୍ଗତ ବିଷାକ୍ତ ଧୂଆଁ ଆଜି ପୃଥିବୀର ପରିବେଶକୁ ନଷ୍ଟ କରିବାରେ ଉଦ୍ୟତ। ତେଣୁ ଏହାର ମାତ୍ରାକୁ ନିହାତି କମାଇବା ଉଚିତ୍। ଆଗାମୀ ଭବିଷ୍ୟତ ପାଇଁ ଯୁବପିଢ଼ି ମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ। ତେଣୁ ସେମାନଙ୍କୁ ଠିକ୍ ଭାବରେ ପରିବେଶ ଅନୁକୂଳ ଶିକ୍ଷା, ବୃକ୍ଷ ରୋପଣ କାର୍ଯ୍ୟ, ପ୍ଲାଷ୍ଟିକ ଆବର୍ଜନା ପରିଚାଳନା, ଜଳ ସଂରକ୍ଷଣ, ସ୍ୱଚ୍ଛ ଭାରତ ଅଭିଯାନ ଆଦିରେ ନିୟୋଜନ କଲେ ଉତ୍ତମ। ମା'ର ସେବା କରିବା ଯେପରି ମଣିଷର କର୍ତ୍ତବ୍ୟ ଠିକ୍ ସେହିପରି ପୃଥିବୀ ମା'ର ସୁରକ୍ଷା ପ୍ରତି ନିହାତି ଧାନ ଦେବା ସହିତ ସମସ୍ତ ମଣିଷ ପ୍ରତିଜ୍ଞା କରିବା ଆବଶ୍ୟକ ଯେପରି ଆଗାମୀ ଭବିଷ୍ୟତରେ ଆମେ ଆମର ପୃଥିବୀକୁ ଏକ ସୁନ୍ଦର ସବୁଜିମା ପୂର୍ଣ୍ଣ ପୃଥିବୀ ଭାବରେ ଗଢ଼ି ତୋଳିବା। ତତ୍ ସହିତ ପୃଥିବୀକୁ ଆମର ସ୍ୱଚ୍ଛ, ସବୁଜ, ପ୍ରଦୂଷଣ ମୁକ୍ତ ଓ ସୁସ୍ଥ ରଖିବା ପାଇଁ ନିହାତି ଭାବରେ ଆଗେଇ ଆସିବା ଉଚିତ୍।


ବୀରନରସିଂହପୁର, ପୁରୀ
ମୋବାଇଲ୍- ୯୦୪୦୩୫୦୦୮୯

# ୧୭ରୁ ତିନିଦିନିଆ ସ୍ୱତନ୍ତ୍ର ଅଧିବେଶନ!



## ରାହୁଲଙ୍କୁ ଭେଟିଲେ ରିଜିଜୁ

**ନୂଆଦିଲ୍ଲୀ,୫।୮ः** ଦେଶର ରାଜନୈତିକ ପରିବେଶରେ ଏକ ବଡ଼ଧରଣର ପରିବର୍ତ୍ତନ ଆଣିବା ପାଇଁ କେନ୍ଦ୍ର ସରକାର ସୀମା ନିର୍ଦ୍ଧାରଣ ଓ ମହିଳା ସଂରକ୍ଷଣ ସମ୍ବନ୍ଧୀୟ ସମ୍ବିଧାନ ସଂଶୋଧନ ବିଧେୟକକୁ ଆଗକୁ ବଢ଼ାଇବାକୁ ଜୋରଦାର ପ୍ରସ୍ତୁତି ଚଳାଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ସଂସଦର ମୌସୁମୀ ଅଧିବେଶନ ଅଗଷ୍ଟ ୧୩ ତାରିଖରେ ଶେଷ ହେବା ପରେ ଏହାର ତୁରନ୍ତ ସମାପ୍ତ କରାଯିବ ନାହିଁ। ଆବଶ୍ୟକ ପଡ଼ିଲେ ଯେକୌଣସି ମୁହୂର୍ତ୍ତରେ ସ୍ୱତନ୍ତ୍ର ଅଧିବେଶନ ଡକାଯାଇପାରିବ, ସେଥିପାଇଁ ଏପରି ପଦକ୍ଷେପ ନିଆଯାଉଛି। ଏହି ଗୁରୁତ୍ୱପୂର୍ଣ୍ଣ ବିଧେୟକଗୁଡ଼ିକୁ ପାରିତ କରାଇବା ପାଇଁ ସରକାର ସମ୍ବିଧାନ ଅନୁସାରେ ଆବଶ୍ୟକ ଦୁଇ-ତୃତୀୟାଂଶ ସଂଖ୍ୟାଗରିଷ୍ଠତା ହାସଲ କରିବା ଦିଗରେ କାର୍ଯ୍ୟ କରୁଛନ୍ତି। ଯଦି ସଂଖ୍ୟା ବଳ ସୁନିଶ୍ଚିତ ହୋଇଯାଏ, ତେବେ ଅଗଷ୍ଟ ୧୭ ତାରିଖରୁ ତିନି ଦିନିଆ ସ୍ୱତନ୍ତ୍ର ଅଧିବେଶନ ଡକାଯିବାର ପୂର୍ଣ୍ଣ ସମ୍ଭାବନା ରହିଛି।

ମୌସୁମୀ ଅଧିବେଶନରେ ଲାଗି ରହିଥିବା ଗତିରୋଧକୁ ଦୂର କରିବା ପାଇଁ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ଲୋକସଭାରେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀଙ୍କୁ ଭେଟିଛନ୍ତି। ପ୍ରାୟ ୫୦ ମିନିଟ୍ ଧରି ଚାଲିଥିବା ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ପ୍ରିୟଙ୍କା ଗାନ୍ଧୀ ମଧ୍ୟ ଉପସ୍ଥିତ ଥିଲେ। ସୂତ୍ରରୁ ଜଣାପଡ଼ିଛି ଯେ, ମନ୍ତ୍ରୀ କିରେନ ରିଜିଜୁ ସୀମା ନିର୍ଦ୍ଧାରଣ ଏବଂ ମହିଳା ସଂରକ୍ଷଣ ସମ୍ବନ୍ଧୀୟ ସମ୍ବିଧାନ ସଂଶୋଧନ ବିଧେୟକରେ କଂଗ୍ରେସର ସହଯୋଗ ଲୋଡ଼ିଥିଲେ। ସଂଖ୍ୟା ଜୁଟାଇବା ପାଇଁ ସରକାର ପରିସିମନ ବିଲ୍‌ରେ ଆସନଗୁଡ଼ିକର ସଂଖ୍ୟା ୫୦ ପ୍ରତିଶତ ବୃଦ୍ଧି କରାଯିବ ବୋଲି ଏକ ଲିଖିତ ବ୍ୟବସ୍ଥା ମଧ୍ୟ କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି।

ସୂତ୍ର ମୁତାବକ, ଏହି ବିଲ୍ ପାରିତ କରାଇବା ପାଇଁ ସରକାରଙ୍କ ସାମ୍ନାରେ ବର୍ତ୍ତମାନ ଦୁଇଟି ବିକଳ୍ପ ରହିଛି। ପ୍ରଥମ ବିକଳ୍ପ ହେଉଛି ବିରୋଧୀମାନଙ୍କ ସହ ସହମତି ସୃଷ୍ଟି କରି ମୌସୁମୀ ଅଧିବେଶନର ଶେଷ ସପ୍ତାହରେ ହିଁ ସୀମା ନିର୍ଦ୍ଧାରଣ ଏବଂ ମହିଳା ସଂରକ୍ଷଣ ସଂଶୋଧନ ବିଧେୟକ ଉପସ୍ଥାପନ କରାଯିବ। ଦ୍ୱିତୀୟଟି ଅଗଷ୍ଟ ୧୫ ସ୍ୱାଧୀନତା ଦିବସ ଛୁଟି ପରେ ସର୍ତ୍ତକୁ ଆଗକୁ ବଢ଼ାଇ ଏକ ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହେବ। ପ୍ରସ୍ତାବିତ ସଂଶୋଧନ ଅନୁଯାୟୀ, ଲୋକସଭା ଏବଂ ବିଧାନସଭା ଆସନଗୁଡ଼ିକରେ ୫୦ ପ୍ରତିଶତ ବୃଦ୍ଧି ଏବଂ ଆଗାମୀ ଲୋକସଭା ନିର୍ବାଚନରୁ ୩୩ ପ୍ରତିଶତ ମହିଳା ସଂରକ୍ଷଣ ଲାଗୁ କରିବାର ବ୍ୟବସ୍ଥା ରହିଛି। ସାମ୍ପ୍ରତିକ ରାଜନୈତିକ ସମୀକରଣ ବଦଳିବା ପରେ ସରକାର ଉଭୟ ଗୃହରେ ଆବଶ୍ୟକ ଦୁଇ-ତୃତୀୟାଂଶ ସମର୍ଥନ ହାସଲ କରିବା ନେଇ ଆଶାବାଦୀ ଅଛନ୍ତି। ଆସନ ବୃଦ୍ଧିର ସ୍ପଷ୍ଟ ବ୍ୟବସ୍ଥା କରାଗଲେ କିଛି କ୍ଷେତ୍ରୀୟ ଦଳ ମଧ୍ୟ ଏହାକୁ ସମର୍ଥନ କରିପାରନ୍ତି ବୋଲି ସୂତ୍ରରୁ ଦାବି କରାଯାଉଛି।

# ବଢ଼ିଲା ଭାରତକୁ ଭେନେଜୁଏଲାରୁ ତୈଳ ରପ୍ତାନୀ

**ନୂଆଦିଲ୍ଲୀ,୫।୮ः** ଆମେରିକାର କଟକଣା ଯୋଗୁଁ ବହୁ ବର୍ଷ ଧରି ବ୍ୟାହତ ହୋଇଥିବା ବାଣିଜ୍ୟିକ ସମ୍ପର୍କ ପୁଣି ଥରେ ସୁଧୁରିବା ପରେ ୨୦୨୬ ମସିହାରେ ଭେନେଜୁଏଲା ଭାରତ ପାଇଁ ଏକ ପ୍ରମୁଖ ଅଶୋଧିତ ତୈଳ ଯୋଗାଣକାରୀ ଦେଶ ଭାବରେ ଉଭା ହୋଇଛି। ଶିପିଂ ଟ୍ରାକର ଏବଂ ଭେନେଜୁଏଲାର ସରକାରୀ ତୈଳ



କମ୍ପାନୀର ତଥ୍ୟ ଅନୁଯାୟୀ, ଚଳିତ ବର୍ଷ ଆରମ୍ଭରେ ଏହି ଦକ୍ଷିଣ ଆମେରିକୀୟ ଦେଶର ମୋଟ ତୈଳ ରପ୍ତାନୀ ୨୦୧୮ ମସିହା ପରଠାରୁ ସର୍ବାଧିକ ସ୍ତରରେ ପହଞ୍ଚିଛି। ଭାରତ ସରକାରଙ୍କ ତଥ୍ୟ ଅନୁଯାୟୀ, ୨୦୨୫-୨୬ ଆର୍ଥିକ ବର୍ଷରେ ଭେନେଜୁଏଲାରୁ ମାସିକ ହାରାହାରି ତୈଳ ଆମଦାନୀ ୬୪.୦୨୭ ହଜାର ମେଟ୍ରିକ୍ ଟନ୍ ଥିବା ବେଳେ, ୨୦୨୬-୨୭ ଆର୍ଥିକ ବର୍ଷର ଏପ୍ରେଲ-ମେ ମାସ ମଧ୍ୟରେ ଏହା ବୃଦ୍ଧି ପାଇ ୧,୦୪୭.୧୪୮ ମେଟ୍ରିକ ଟନ୍ ରହିଛି। ଏହି ବୃଦ୍ଧି ଯୋଗୁଁ ମେ ମାସରେ ରୁଷ ଏବଂ ସଂଯୁକ୍ତ ଆରବ ଏମିରେଟ୍ସ ପରେ ଭେନେଜୁଏଲା ଭାରତର ତୃତୀୟ ବୃହତ୍ତମ ତୈଳ ଯୋଗାଣକାରୀ ଦେଶ ପାଲଟିଛି । ଏହା ପୂର୍ବରୁ ପ୍ରାୟ ୯ ମାସ ଧରି ଭାରତ ଭେନେଜୁଏଲାରୁ ଆଦୌ ଅଶୋଧିତ ତୈଳ ଆମଦାନୀ କରିନଥିଲା। ୨୦୨୬ ଆରମ୍ଭରେ ଆମେରିକା ଭେନେଜୁଏଲା ଉପରୁ ତୈଳ ବିକ୍ରି କଟକଣା କୋହଳ କରିବା ପରେ ଏହି ସୁଧାର ଆସିଛି। କାରାକାସରେ ରାଜନୈତିକ ପରିବର୍ତ୍ତନ ଘଟିବା ଏବଂ ଦୀର୍ଘ ଦିନର ନେତା ନିକୋଲାସ ମାଦୁରୋ ଆମେରିକା ଦ୍ୱାରା ବନ୍ଦୀ ହେବା ପରେ, ପୂର୍ବତନ ଉପ-ରାଷ୍ଟ୍ରପତି ଡେଲସି ରୋଡ୍ରିଗେଜ୍ କାର୍ଯ୍ୟକାରୀ ରାଷ୍ଟ୍ରପତି ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଭାରତୀୟ ତୈଳ ଶୋଧନାଗାରଗୁଡ଼ିକ ଭେନେଜୁଏଲାର ଭାରୀ ଓ ଉଚ୍ଚ-ସଲଫର ବିଶିଷ୍ଟ ଅଶୋଧିତ ତୈଳକୁ ପ୍ରୋସେସିଂ କରିବା ପାଇଁ ଅତ୍ୟନ୍ତ ଉପଯୁକ୍ତ ।

## ଆସନ୍ତା ଆର୍ଥିକ ବର୍ଷରୁ ପ୍ଲାଷ୍ଟିକ୍ ନୋଟ୍



**ମୁମ୍ବାଇ,୫।୮ः** ଆସନ୍ତା ଆର୍ଥିକ ବର୍ଷଠାରୁ ଦେଶରେ ପ୍ଲାଷ୍ଟିକ୍ ନୋଟ୍ ପ୍ରଚଳନ ଆରମ୍ଭ କରିବାକୁ ଭାରତୀୟ ରିଜର୍ଭ ବ୍ୟାଙ୍କ ଲକ୍ଷ୍ୟ ରଖିଛି। ଏ ସମ୍ପର୍କରେ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା କହିଛନ୍ତି ଯେ ଯୋଜନା ଅନୁସାରେ ପରୀକ୍ଷଣ ସଫଳ ରହିଲେ ଆସନ୍ତା ଆର୍ଥିକ ବର୍ଷରୁ ପ୍ଲାଷ୍ଟିକ୍ ନୋଟ୍ ପ୍ରଚଳନ କରାଯିବ। ରିଜର୍ଭ ବ୍ୟାଙ୍କ ୧୦ ଟଙ୍କିଆ ଓ ୨୦ ଟଙ୍କିଆ ପ୍ଲାଷ୍ଟିକ୍ ନୋଟ୍ ପ୍ରଚଳନ କରିବାକୁ ଯୋଜନା ରଖିଛି। ସରକାରଙ୍କଠାରୁ ଅନୁମୋଦନ ହାସଲ କରିବା ପରେ ଏହି ନୋଟ୍‌ର ପରୀକ୍ଷଣ ଆରମ୍ଭ କରାଯାଇଛି। ଏକ ଦଶନ୍ଧି ପୂର୍ବରୁ ପ୍ଲାଷ୍ଟିକ୍ ନୋଟ୍ ଆଣିବାକୁ ଉଦ୍ୟମ କରାଯାଇଥିଲା। କିନ୍ତୁ ପ୍ରଯୁକ୍ତି ଅଭାବ ଥିବାରୁ ତାହା ସମ୍ଭବ ହୋଇନଥିଲା। ଏବେ ପୁଣି ଥରେ ସେହି ଯୋଜନା ଉପରେ କାମ ଚାଲିଛି।

## ତାମିଲନାଡୁ ମହିଳାଙ୍କୁ ୮ ଗ୍ରାମର ସୁନା ମୁଦ୍ରା



**ଚେନ୍ନାଇ, ୫।୮ः** ତାମିଲନାଡୁ ସରକାର ୨୦୨୬-୨୭ ବଜେଟରେ ମହିଳାମାନଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ଉପହାର ଦେଇଛନ୍ତି। ସରକାର ମହିଳାଙ୍କ ପାଇଁ ୮ ଗ୍ରାମର ସୁନା ମୁଦ୍ରା ଏବଂ ରେଶମ ଶାଢ଼ି ଯୋଜନାରେ ୮୧୨ କୋଟି ଟଙ୍କାର ପ୍ରସ୍ତାବ ଆଗତ କରିଛନ୍ତି। ଏହାକୁ ଝିଅ ବିବାହ ସମୟରେ ପ୍ରଦାନ କରାଯିବ। ମୁଖ୍ୟମନ୍ତ୍ରୀ ସି. ଜୋସେଫ୍ ବିଜୟ ତାଙ୍କ ନିର୍ବାଚନ ଇସ୍ତାହାରରେ ମହିଳାମାନଙ୍କୁ ଉପହାର ଦେବାକୁ ଘୋଷଣା କରିଥିଲେ। ଏବେ ବଜେଟରେ ଏନେଇ ଘୋଷଣା କରାଯାଇଛି। ବୁଧବାର ତାମିଲନାଡୁ ଅର୍ଥମନ୍ତ୍ରୀ ଏନ. ମେରୀ ୱିଲସନ୍ ବିଧାନସଭାରେ ଟିଭିକେ ସରକାରଙ୍କ ପ୍ରଥମ ବଜେଟ୍ ଉପସ୍ଥାପନ କରିଛନ୍ତି।

|କେରଳରେ ବର୍ଷା ବିପର୍ଯ୍ୟୟ|

## ମୃତ୍ୟୁସଂଖ୍ୟା ୨୦କୁ ବୃଦ୍ଧି



**ଥିରୁଅନନ୍ତପୁରମ,୫।୮ः** କେରଳରେ ପ୍ରବଳ ବର୍ଷା ବଡ଼ ବିପର୍ଯ୍ୟୟ ଆଣିଛି। ଲଗାଣ ବର୍ଷା ଜନିତ ବନ୍ୟା, ଭୂସ୍ଖଳନ ପାଇଁ ରାଜ୍ୟବ୍ୟାପୀ ଲୋକମାନେ ପ୍ରବଳ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଅନ୍ୟପକ୍ଷେ ବର୍ଷା ଜନିତ ବିଭିନ୍ନ କାରଣ ପାଇଁ ଗତ ୩ ଦିନ ମଧ୍ୟରେ କେରଳରେ ୨୦ ଜଣଙ୍କର ମୃତ୍ୟୁ ହୋଇଗଲାଣି। ଆହୁରି ୭ ଜଣ ନିଖୋଜ ଅଛନ୍ତି। ସେମାନଙ୍କୁ ଖୋଜିବା ପାଇଁ ଅପରେସନ୍ ଜାରି ରହିଛି। ୮ଟି ଜିଲ୍ଲାରେ ରେଡ ଆଲର୍ଟ ଜାରି ହୋଇଛି ଏବଂ କେଏସ୍‌ଇବି (କେରଳ ଷ୍ଟେଟ୍ ଇଲେକ୍ଟ୍ରିସିଟି ବୋର୍ଡ) ୫ଟି ଜଳ ଭଣ୍ଡାରକୁ ରେଡ୍ ଆଲର୍ଟରେ ରଖିଛନ୍ତି। ଅନ୍ୟପକ୍ଷେ ଆସନ୍ତା ୨୪ ଘଣ୍ଟା ପର୍ଯ୍ୟନ୍ତ ମେଘାଳୟ ଏବଂ ଅରୁଣାଚଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ଆଇଏମ୍‌ଡି ରେଡ ଆଲର୍ଟ ଜାରି କରିଛି। ପାଣିପାଗ ସଂସ୍ଥା ମଧ୍ୟ ଆସାମର ବିଭିନ୍ନ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ଆକଳନ କରିଛି। ଆସାମରେ ପ୍ରବଳ ବର୍ଷା ସାଙ୍ଗକୁ ପବନ ବହିବ ବୋଲି ଆଇଏମ୍‌ଡି ଆକଳନ କରିଛି। ତଳିଆ ଅଞ୍ଚଳ ଏବଂ ଭୂସ୍ଖଳନ ପ୍ରବଣ ଅଞ୍ଚଳରେ ରହୁଥିବା ଲୋକମାନଙ୍କୁ ସତର୍କ ରହିବାପାଇଁ କର୍ତ୍ତୃପକ୍ଷ ନିର୍ଦ୍ଦେଶ ଦେଇଛନ୍ତି।

## ଶେଖ୍ ହସୀନାଙ୍କୁ ତାରିକ୍ ରହମାନଙ୍କ ସତର୍କବାଣୀ



**ଢାକା/ନୂଆଦିଲ୍ଲୀ, ୫।୮ः** ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କ ଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ସାମ୍ବାଦିକ ସମ୍ମିଳନୀ ପୂର୍ବରୁ ଦେଶରେ ଅସ୍ଥିରତା ସୃଷ୍ଟି ନକରିବା ପାଇଁ ବାଂଲାଦେଶ ପ୍ରଧାନମନ୍ତ୍ରୀ ତାରିକ୍ ରହମାନ ଚେତାବନୀ ଦେଇଛନ୍ତି। ସେ କହିଛନ୍ତି ଯେ, ଅନାବଶ୍ୟକ ବିବାଦ ଓ ମତଭେଦ ଯୋଗୁଁ କ୍ଷମତାରୁ ହଟିଥିବା ଓ ଫେରାର୍ ଥିବା ସ୍ୱେଚ୍ଛାଚାରୀ ଶକ୍ତି ପୁଣି ଥରେ ଦେଶର ରାଜନୀତିକୁ ଫେରିବାର ସୁଯୋଗ ପାଇପାରନ୍ତି। ୨୦୨୪ ଅଗଷ୍ଟରେ ଛାତ୍ର ଆନ୍ଦୋଳନ ଯୋଗୁଁ କ୍ଷମତାଚ୍ୟୁତ ହେବା ପରେ ଭାରତରେ ନିର୍ବାସିତ ଜୀବନ ବିତାଉଥିବା ଶେଖ୍ ହସିନା ପ୍ରାୟ ଦୁଇ ବର୍ଷ ପରେ ନିଜର ପ୍ରଥମ ସାର୍ବଜନୀନ ଅଭିଭାଷଣ ଦେବାକୁ ଯାଉଛନ୍ତି।

## ଆପତ୍ତିଜନକ ପୋଷ୍ଟ ହଟାଇବାକୁ ଅଦାଲତଙ୍କ ନିର୍ଦ୍ଦେଶ



**ମୁମ୍ବାଇ, ୫।୮ः** କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀଙ୍କ ବିରୋଧରେ ସୋସିଆଲ ମିଡିଆରେ ପୋଷ୍ଟ କରାଯାଇଥିବା ଅଶ୍ଳୀଳ, ଗାଳିଗୁଲଜ ଓ ମାନହାନିକର ପୋଷ୍ଟଗୁଡ଼ିକୁ ତୁରନ୍ତ ହଟାଇବା ପାଇଁ ବମ୍ବେ ହାଇକୋର୍ଟ ବୁଧବାର କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ବିଚାରପତି ଆରିଫ୍ ଡକ୍ଟରଙ୍କ ଏକକ ଖଣ୍ଡପୀଠ ଗଡ଼କରୀଙ୍କୁ ଅନ୍ତରୀଣ ଆଶ୍ୱସ୍ତି ଦେଇ ମେଟା, ଏକ୍ସ ଓ ଗୁଗୁଲ୍ କୁ ଏହିପରି ସମସ୍ତ ଆପତ୍ତିଜନକ ପୋଷ୍ଟ ତୁରନ୍ତ ହଟାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅଦାଲତ ଏହି ପୋଷ୍ଟଗୁଡ଼ିକୁ "ଅତ୍ୟନ୍ତ ଅଶ୍ଳୀଳ, ଗାଳିଗୁଲଜପୂର୍ଣ୍ଣ ବୋଲି ଦର୍ଶାଇବା ସହ ସୋସିଆଲ ମିଡିଆ ପ୍ଲାଟଫର୍ମଗୁଡ଼ିକର କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନ ଉଠାଇଛନ୍ତି। ଜଣେ ବ୍ୟକ୍ତି କୋର୍ଟଙ୍କ ଦ୍ୱାରସ୍ଥ ହେବା ପୂର୍ବରୁ ଏପରି ଆପତ୍ତିଜନକ ପୋଷ୍ଟଗୁଡ଼ିକୁ ସ୍ୱତଃପ୍ରବୃତ୍ତ ଭାବେ ହଟାଇବା ପାଇଁ କୌଣସି ସ୍ୱୟଂଚାଳିତ ବ୍ୟବସ୍ଥା ଅଛି କି ନାହିଁ ବୋଲି ହାଇକୋର୍ଟ ପଚାରିଛନ୍ତି। ଯଦି କେହି ଏପରି ଭୁଲ୍ ଏବଂ ଅଶ୍ଳୀଳ ପୋଷ୍ଟ ଅପଲୋଡ୍ କରୁଛନ୍ତି, ତେବେ ଉନ୍ନତ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ତାହା ସଙ୍ଗେ ସଙ୍ଗେ ଚିହ୍ନଟ ହୋଇ ଡିଲିଟ୍ ହେବା ଆବଶ୍ୟକ ବୋଲି ବିଚାରପତି ଗୁରୁତ୍ୱାରୋପ କରିଛନ୍ତି।

# ୱାଙ୍ଗଚୁକ୍‌ଙ୍କ ଅନୁରୋଧରେ ଅନଶନ ଭାଙ୍ଗିଲେ ଦେବେନ୍ଦ୍ର



**ରାଞ୍ଚି,୫।୮ः** ଝାଡ଼ଖଣ୍ଡର ରାଜଧାନୀ ରାଞ୍ଚିର ଜୟପାଲ ସିଂହ ମୁଣ୍ଡା ଷ୍ଟାଡିୟମରେ ଜେପିଏସସି, ଜେଏସଏସସି ସିଜିଏଲ ପରୀକ୍ଷାରେ ଅନିୟମିତତା ବିରୋଧରେ ପ୍ରତିବାଦ ସମ୍ପର୍କରେ ଏକ ବଡ଼ ଅପଡେଟ୍ ସାମ୍ନାକୁ ଆସିଛି। ଜନ୍ତରମନ୍ତରରେ ଅନଶନ କରିଥିବା କର୍ମୀ ସୋନମ ୱାଙ୍ଗଚୁକ୍ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅନଶନ କରୁଥିବା ମୁଖ୍ୟ ଛାତ୍ର ନେତା ତଥା ଜେଏଲକେଏମ କେନ୍ଦ୍ରୀୟ ଉପାଧ୍ୟକ୍ଷ ଦେବେନ୍ଦ୍ର ନାଥ ମାହତୋଙ୍କ ସହିତ ଭିଡିଓ କଲ୍‌ରେ କଥା ହୋଇଛନ୍ତି। ସେ ଦେବେନ୍ଦ୍ର ନାଥ ମାହାତୋଙ୍କୁ ତାଙ୍କର ଜଳ ଉପବାସ ଭାଙ୍ଗିବାକୁ ଅନୁରୋଧ କରିଥିଲେ। ସୋନମ ୱାଙ୍ଗଚୁକ୍ ଦେବେନ୍ଦ୍ର ମାହାତୋଙ୍କ ସହ ଫୋନ୍ ଯୋଗେ କଥା ହୋଇ ତାଙ୍କୁ ସ୍ୱାସ୍ଥ୍ୟର ଯତ୍ନ ନେବାକୁ ଏବଂ ମହୁ ଓ ପାଣି ପିଇବାକୁ ଅନୁରୋଧ କରିଥିଲେ। ଦେବେନ୍ଦ୍ର ନାଥ ମାହାତୋ ସୋନମ ୱାଙ୍ଗଚୁକଙ୍କ ଆବେଦନକୁ ଗ୍ରହଣ କରି ପାଣି ପିଇ ତାଙ୍କର ଜଳ ଉପବାସ ଭାଙ୍ଗିଛନ୍ତି। ତେବେ ତାଙ୍କର ଉପବାସ ଜାରି ରହିଛି। ୱାଙ୍ଗଚୁକ୍ ରାଞ୍ଚି ଆସିବାକୁ ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି। ସୋନମ ୱାଙ୍ଗଚୁକ୍ ବ୍ୟକ୍ତିଗତ ଭାବରେ ରାଞ୍ଚିରେ ତାଙ୍କୁ ଭେଟିଲେ ସେ ତାଙ୍କର ଜଳ ଅନଶନ ଭାଙ୍ଗିବେ ବୋଲି କହିଥିଲେ। ଦେବେନ୍ଦ୍ର ମାହାତୋ କହିଥିଲେ ଯେ ସେ ତାଙ୍କୁ ବହୁତ ସମ୍ମାନ କରନ୍ତି ଏବଂ ଚାହାଁନ୍ତି ଯେ ସେ ରାଞ୍ଚି ଆସନ୍ତୁ। ମହାତୋଙ୍କ ଅନୁରୋଧରେ, ସୋନମ ୱାଙ୍ଗଚୁକ୍ ତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଯେ ସେ ଖୁବ୍ ଶୀଘ୍ର ରାଞ୍ଚି ଆସି ପ୍ରତିବାଦକୁ ସମର୍ଥନ କରିବେ। ଫୋନ୍ କଥାବାର୍ତ୍ତା ସମୟରେ, ୱାଙ୍ଗଚୁକ୍ ଧର୍ମଘଟ ସମ୍ପର୍କରେ କିଛି ପରାମର୍ଶ ମଧ୍ୟ ଦେଇ କହିଥିଲେ ଯେ, ଯଦି ମହାତୋ ପାଣି ଏବଂ ଲୁଣ ଗ୍ରହଣ ନକରିବେ ତେବେ ଅଧିକ ସମୟ ପାଇଁ ପ୍ରତିବାଦ ଜାରି ରଖିପାରିବେ ନାହିଁ।

# ଟ୍ରମ୍ପଙ୍କ ଉପରେ ଆକ୍ରମଣ ଷଡ଼ଯନ୍ତ୍ର, ସନ୍ଦିଗ୍ଧ ଗିରଫ



**ୱାଶିଂଟନ,୫।୮ः** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଆକ୍ରମଣ କରିବା ପାଇଁ ଷଡ଼ଯନ୍ତ୍ର କରିଥିବା ଅଭିଯୋଗରେ କାଲିଫର୍ଣ୍ଣିଆର ଜଣେ ବ୍ୟକ୍ତିଙ୍କୁ ଲସ୍ ଆଞ୍ଜେଲସ୍ ଗଲ୍ଫ କୋର୍ସରୁ ଗିରଫ କରାଯାଇଛି। ପୁଲିସ ତାଙ୍କ କାରରୁ ବନ୍ଧୁକ ଏବଂ ଗୁଳି ଜବତ କରିଛି। ଅଭିଯୁକ୍ତ ଟ୍ରମ୍ପଙ୍କ ପାଇଁ ଯୋଜନା କରାଯାଇଥିବା ଏକ ପାଣ୍ଠି ସଂଗ୍ରହ କାର୍ଯ୍ୟକ୍ରମର ସୁରକ୍ଷା ବ୍ୟବସ୍ଥା ଉପରେ ନଜର ରଖିଥିବା ସନ୍ଦେହ କରାଯାଉଛି ବୋଲି ଅଧିକାରୀମାନେ କହିଛନ୍ତି। ଲସ୍ ଆଞ୍ଜେଲସ୍ କାଉଣ୍ଟି ସେରିଫ୍ ବିଭାଗ ଅନୁଯାୟୀ, ବ୍ୟକ୍ତି ଜଣକ ଫଟୋ ଉଠାଉଥିଲେ ଏବଂ ଭିଡିଓ କରୁଥିଲେ ଏବଂ ତାଙ୍କ ପକେଟରୁ ୧୬ ରାଉଣ୍ଡ ମାଗାଜିନ୍ ଏବଂ ଗୁଳି ମିଳିଛି। କର୍ତ୍ତୃପକ୍ଷ ତାଙ୍କ କାରରୁ ଏକ ଲୋଡେଡ୍ ପିସ୍ତଲ ମଧ୍ୟ ପାଇଛନ୍ତି।

## ଲୋକସଭା ସଚିବାଳୟ ନିର୍ଦ୍ଦେଶକଙ୍କ ଆତ୍ମହତ୍ୟା!

**ନୂଆଦିଲ୍ଲୀ,୫।୮ः** ଝୁଲନ୍ତା ଅବସ୍ଥାରେ ମିଳିଲା ଲୋକସଭା ସଚିବାଳୟର ନିର୍ଦ୍ଦେଶକଙ୍କ ମୃତଦେହ। ନୋଏଡାର ସେକ୍ଟର ୮୨ ସ୍ଥିତ କେନ୍ଦ୍ରୀୟ ବିହାର-୨ ସୋସାଇଟିରେ ଥିବା ତାଙ୍କ ଫ୍ଲାଟରେ ତାଙ୍କ ମୃତଦେହ ମିଳିଛି। ପୋଲିସର ସୂଚନା ଅନୁଯାୟୀ, ଘଟଣାସ୍ଥଳରୁ ଏକ କଥିତ ସୁଇସାଇଡ ନୋଟ୍ ମିଳିଛି, ଯେଉଁଥିରେ ଋଣ ବିଷୟରେ ଉଲ୍ଲେଖ ଅଛି। ପୋଲିସ ସମସ୍ତ ଦୃଷ୍ଟିକୋଣରୁ ମାମଲାର ତଦନ୍ତ କରୁଛି ଏବଂ ସୁଇସାଇଡ ନୋଟ୍ ମଧ୍ୟ ଯାଞ୍ଚ କରୁଛି। ପୁଲିସ ଅନୁଯାୟୀ, ମୃତକଙ୍କ ନାମ ୪୦ ବର୍ଷୀୟ ଗୌରବ ଗୌତମ, ଯିଏ ଲୋକସଭା ସଚିବାଳୟରେ ନିର୍ଦ୍ଦେଶକ ଭାବରେ କାର୍ଯ୍ୟ କରୁଥିଲେ। ରବିବାର ତାଙ୍କ ମୃତଦେହ ସେକ୍ଟର ୮୨ ସ୍ଥିତ କେନ୍ଦ୍ରୀୟ ବିହାର-୨ ସୋସାଇଟିରେ ତାଙ୍କ ଫ୍ଲାଟରେ ସିଲିଂ ଫ୍ୟାନ୍‌ରେ ଝୁଲୁଥିବା ଦେଖିବାକୁ ମିଳିଥିଲା।

# ମମତାଙ୍କ ପାଖକୁ ଫେରିପାରନ୍ତି ୩ ଏମ୍‌ପି



**କୋଲକାତା,୫।୮ः** ପଶ୍ଚିମବଙ୍ଗ ରାଜନୀତି ବର୍ତ୍ତମାନ ସରଗରମ ହେବାରେ ଲାଗିଛି। ପୂର୍ବରୁ ଟିଏମସିରୁ ଅଲଗା ହୋଇ ଏକ ପୃଥକ ଗୋଷ୍ଠୀରେ ଯୋଗ ଦେଇଥିବା ତିନି ଜଣ ମୁସଲିମ ଏମପିଙ୍କ ସମ୍ପର୍କରେ ନୂଆ କଳ୍ପନାଜଳ୍ପନା ପ୍ରକାଶ ପାଇଛି। ରାଜନୈତିକ ମହଲରେ ଆଲୋଚନା ହେଉଛି ଯେ ଏହି ତିନି ଜଣ ମମତା ବାନାର୍ଜୀଙ୍କ ଦଳକୁ ଫେରିପାରନ୍ତି। ଏମପି କିମ୍ବା ଭାଜପା ଏହି ବିଷୟରେ କୌଣସି ସରକାରୀ ବିବୃତ୍ତି ଜାରି କରି ନଥିଲେ ମଧ୍ୟ, ସୂତ୍ର ଅନୁଯାୟୀ ଏକାଧିକ ବନ୍ଦଦ୍ୱାର ବୈଠକ ଚାଲିଛି।

ଏହି କଳ୍ପନାଜଳ୍ପନାର କେନ୍ଦ୍ରରେ ଥିବା ତିନି ଜଣ ବ୍ୟକ୍ତି ହେଉଛନ୍ତି ଆବୁ ତାହିର ଖାନ (ମୁର୍ଶିଦାବାଦ), ଖଲିଲୁର ରହମାନ (ଜଙ୍ଗିପୁର) ଏବଂ ୟୁସୁଫ ପଠାନ (ବହରମପୁର)। ଏହି ତିନି ଜଣ ଟିଏମସିରୁ ଅଲଗା ହେବା ପରେ ଗଠିତ ଏକ ଗୋଷ୍ଠୀ, ନ୍ୟାସନାଲିଷ୍ଟ ସିଟିଜେନ୍ସ ପାର୍ଟି ଅଫ୍ ଇଣ୍ଡିଆ (ଏନସିପିଆଇ)ର ଅଂଶ ବୋଲି ଜଣାପଡ଼ିଛି।

ସୂଚନାଯୋଗ୍ୟ, ଏହି ତିନି ଜଣ ଏମପି ସମ୍ପ୍ରତି ଏନଡିଏ ବୈଠକରେ ଯୋଗ ଦେଇ ନଥିଲେ, ଯେତେବେଳେ ସେହି ଗୋଷ୍ଠୀର କାକୋଲି ଘୋଷ ଏବଂ ଅନ୍ୟ ସାଥୀ ଏମପିମାନଙ୍କୁ ସହଯୋଗୀ ଭାବରେ ବୈଠକକୁ ନିମନ୍ତ୍ରଣ କରାଯାଇଥିଲା ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେମାନଙ୍କୁ ବ୍ୟକ୍ତିଗତ ଭାବରେ ପରିଚୟ କରାଇଥିଲେ। ଏହି କାରଣରୁ ତିନି ଜଣ ମୁସଲିମ ଏମପିଙ୍କ ଅନୁପସ୍ଥିତି କଳ୍ପନାଜଳ୍ପନାକୁ ଆହୁରି ଖୋରାକ ଯୋଗାଇଛି। ବର୍ତ୍ତମାନ ଆଲୋଚନା ହେଉଛି ଯେ ଏହି ତିନି ନେତା ବରିଷ୍ଠ ଟିଏମସି ନେତାଙ୍କ ସହିତ ନିରନ୍ତର ଯୋଗାଯୋଗରେ ଅଛନ୍ତି ଏବଂ ଶୀଘ୍ର ସେମାନଙ୍କର ପୁନରାଗମନ ଘୋଷଣା କରିପାରନ୍ତି।

## ଏନ୍‌ସିପିରେ ଅଦଳବଦଳ, ହଟିଲେ ସବୁ ମୁଖପାତ୍ର

**ମୁମ୍ବାଇ,୫।୮ः** ଶରଦ ପାୱାରଙ୍କ ନେତୃତ୍ୱାଧୀନ ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି (ଏନସିପି)ରେ ବଡ଼ଧରଣର ଅଦଳବଦଳ ହୋଇଛି। ୪ ଅଗଷ୍ଟ ମଙ୍ଗଳବାର ପାର୍ଟି ମୁଖପାତ୍ର ପଦବୀରେ ହୋଇଥିବା ସମସ୍ତ ନିଯୁକ୍ତିକୁ ବାତିଲ କରିଦିଆଯାଇଛି। ଶରଦ ପାୱାରଙ୍କ ଏନସିପିରେ ଏବେ କେବଳ ୨ ଜଣ ମୁଖପାତ୍ରଙ୍କୁ ପଦରେ ରଖା ଯାଇଛି। ପାର୍ଟି ଏ ନେଇ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ସୂଚନା ଦେଇଥିବା ବେଳେ ପାର୍ଟିର ଏହି ନିଷ୍ପତ୍ତିକୁ ମହାରାଷ୍ଟ୍ର ୟୁନିଟ୍ ଅଧ୍ୟକ୍ଷ ତଥା ପୂର୍ବତନ ମନ୍ତ୍ରୀ ଶଶିକାନ୍ତ ସିନ୍ଦେ ମଞ୍ଜୁରି ଦେଇଛନ୍ତି। ଏହି ନିଷ୍ପତ୍ତି ଅନୁସାରେ ପୂର୍ବତନ ବିଧାୟକ ବିଦ୍ୟା ଚୌହାନ ଓ ମହେଶ ତାପସେ ପାର୍ଟିର ଅଧିକୃତ ମୁଖପାତ୍ର ଭାବେ ଗଣମାଧ୍ୟମ ଆଗରେ ପାର୍ଟିର ଅଧିକାରୀକ ପକ୍ଷ ରଖିବେ। ଏହି ପରିବର୍ତ୍ତନ ପାର୍ଟି ମଧ୍ୟରେ ଚାଲିଥିବା ରାଜନୈତିକ ଗତିବିଧି ମଧ୍ୟରେ ହୋଇଛି। ଏଥିରେ ଭବିଷ୍ୟତର ରଣନୀତି ଓ ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ପ୍ରସଙ୍ଗରେ ଆନ୍ତରିକ ମତପାର୍ଥକ୍ୟର ଆକଳନ କରାଯାଉଛି। ପାର୍ଟିର ପୂର୍ବତନ ମୁଖପାତ୍ର ବିକାଶ ଲମ୍ବାଡେ ଏହି ନିଷ୍ପତ୍ତିକୁ ସ୍ୱୀକାର କରି କହିଛନ୍ତି ଯେ ସେ ପାର୍ଟି ଓ ବିଚାରଧାରା ପ୍ରତି ସଂକଳ୍ପବଦ୍ଧ।

### ସିଦ୍ଧିବିନାୟକ ମନ୍ଦିର ଦାନ ହେରଫେର ମାମଲା

# ଅଡିଟ୍ ନିର୍ଦ୍ଦେଶ ଦେଲେ ଉପମୁଖ୍ୟମନ୍ତ୍ରୀ



**ମୁମ୍ବାଇ,୫।୮ः** ମୁମ୍ବାଇର ପ୍ରସିଦ୍ଧ ସିଦ୍ଧିବିନାୟକ ମନ୍ଦିରରେ ହୋଇଥିବା ଦାନ ହେରଫେର ଅଭିଯୋଗକୁ ନେଇ ମହାରାଷ୍ଟ୍ର ରାଜନୀତି ସରଗରମ ହେଉଥିବାବେଳେ ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଗତ ୫ ବର୍ଷ ମଧ୍ୟରେ ମନ୍ଦିରକୁ ମିଳିଥିବା ନଗଦ ଦାନ, ସୁନା-ରୂପା ଗହଣା ଏବଂ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀର ଏକ ସ୍ୱତନ୍ତ୍ର ଅଡିଟ୍ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅଡିଟ୍ କରି ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରିବା ପାଇଁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅସୀମ ଗୁପ୍ତାଙ୍କୁ ଦାୟିତ୍ୱ ଦିଆଯାଇଛି। ମହାରାଷ୍ଟ୍ର ନବନିର୍ମାଣ ସେନା ମୁଖ୍ୟ ରାଜ ଠାକରେ ସିଦ୍ଧିବିନାୟକ ମନ୍ଦିରରେ ବାର୍ଷିକ ପ୍ରାୟ ୧୮ କୋଟି ଟଙ୍କାର ଦାନ ଚୋରି ହେଉଥିବା ଅଭିଯୋଗ ଆଣିଥିଲେ। ମନ୍ଦିରର ଟ୍ରଷ୍ଟିମାନଙ୍କ ଏକ ଚିଠିର ଆଧାର ଦେଖାଇ ସେ କହିଥିଲେ ଯେ, ଚୋରି ଧରାପଡ଼ିବା ପୂର୍ବରୁ ସାପ୍ତାହିକ ଆଦାୟ ୫୦ ଲକ୍ଷ ଟଙ୍କାରୁ କମ୍ ରହୁଥିବା ବେଳେ ପରବର୍ତ୍ତୀ ସମୟରେ ତାହା ୧.୫ କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା। ଅନ୍ୟପଟେ ମନ୍ଦିର ଟ୍ରଷ୍ଟର ଅଧ୍ୟକ୍ଷ ସଦା ସରବଣକର ଏହି ଅଭିଯୋଗକୁ ଖଣ୍ଡନ କରିବା ସହ ମନ୍ଦିରର ସୁନାମ ନଷ୍ଟ କରିବାକୁ ଚକ୍ରାନ୍ତ କରାଯାଉଥିବା କହିଛନ୍ତି।

## ଅଗଷ୍ଟ ୧୫କୁ 'ଭାରତ ଦିବସ' ଭାବେ ଘୋଷଣା କଲା ମାସାଚୁସେଟ୍ସ



**ୱାଶିଂଟନ,୫।୮ः** ଆମେରିକାର ମାସାଚୁସେଟ୍ସ ରାଜ୍ୟର ରାଜ୍ୟପାଳ ମୌରା ହେଲି ଅଗଷ୍ଟ ୧୫କୁ 'ଭାରତ ଦିବସ' ଘୋଷଣା କରିଛନ୍ତି। ରାଜ୍ୟର ବିକାଶରେ ପ୍ରବାସୀ ଭାରତୀୟଙ୍କ ଅବଦାନକୁ ସ୍ୱୀକୃତି ଦେଇ ସେ ବାସିନ୍ଦାମାନଙ୍କୁ ଏହି ଦିବସ ପାଳନ ପାଇଁ ଉତ୍ସାହର ସହିତ ଅଂଶଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି। ଅଗଷ୍ଟ ୧ ତାରିଖରେ ଜାରି ହୋଇଥିବା ଏକ ଘୋଷଣାପତ୍ରରେ ରାଜ୍ୟପାଳ ବାର୍ଷିକ ସ୍ୱାଧୀନତା ଦିବସ ପାଳନ ଏବଂ ସମାଜ ସେବା ପ୍ରୟାସ ମାଧ୍ୟମରେ ନାଗରିକ ସମ୍ପର୍କ, ସାଂସ୍କୃତିକ ଆଦାନପ୍ରଦାନ ଏବଂ ପାରସ୍ପରିକ ବୁଝାମଣାକୁ ପ୍ରୋତ୍ସାହିତ କରିବାରେ ପ୍ରବାସୀ ଭାରତୀୟଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ମଧ୍ୟ ସ୍ୱୀକୃତି ଦେଇଛନ୍ତି। ମାସାଚୁସେଟ୍ସ ରାଜ୍ୟପାଳଙ୍କ ଦ୍ୱାରା ଜାରି କରାଯାଇଥିବା ଘୋଷଣାପତ୍ରରେ କୁହାଯାଇଛି ଯେ, ବ୍ରିଟିଶ ଉପନିବେଶବାଦୀ ଶାସନରୁ ୧୯୪୭ ମସିହାରେ ସ୍ୱାଧୀନ ହୋଇଥିବା ଭାରତ ୧୫ ଅଗଷ୍ଟ ୨୦୨୬ରେ ସ୍ୱାଧୀନତାର ୭୯ତମ ବାର୍ଷିକୀ ପାଳନ କରିବ। ଏହା ଏକ ଐତିହାସିକ ମୁହୂର୍ତ୍ତ ଯେଉଁ ସମୟରେ ବିଶ୍ୱର ସର୍ବବୃହତ ଗଣତନ୍ତ୍ରର ମୂଳଦୁଆ ସ୍ଥାପନ ହୋଇଥିଲା।

### ୫୦ ଘଣ୍ଟାର ଲାଇଭ୍ ଷ୍ଟ୍ରିମିଂ କଲେ ୟୁଟ୍ୟୁବର

# ବନ୍ୟା ପୀଡ଼ିତ ପାଇଁ ସଂଗ୍ରହ କଲେ ୭୦ ଲକ୍ଷ ଟଙ୍କା



**ନୂଆଦିଲ୍ଲୀ, ୫।୮ः** ଲୋକପ୍ରିୟ ୟୁଟ୍ୟୁବର ତଥା 'ଟ୍ରିଗର୍ଡ ଇନସାନ୍' ନାଁରେ ପରିଚିତ ସୋସିଆଲ ମିଡିଆ ଷ୍ଟାର ନିଶ୍ଚୟ ମଲହାନ୍ ପୁଣି ଥରେ ଚର୍ଚ୍ଚାକୁ ଆସିଛନ୍ତି। ଆସାମର ଭୟଙ୍କର ବନ୍ୟାରେ ଲକ୍ଷାଧିକ ଲୋକ ପୀଡ଼ିତ ହୋଇଛନ୍ତି। ବନ୍ୟାରେ ବର୍ତ୍ତମାନ ସୁଦ୍ଧା ପାଖାପାଖି ୮୦ ଜଣଙ୍କର ମୃତ୍ୟୁ ଘଟିଛି, ତା'ସହିତ ଲକ୍ଷ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି ଏବଂ ସମଗ୍ର ରାଜ୍ୟରେ ବ୍ୟାପକ କ୍ଷତି ହୋଇଛି। ଏହି ସଙ୍କଟ ସମୟରେ ସାରା ଦେଶରୁ ସରକାର, ସଂଗଠନ, ବ୍ୟକ୍ତିବିଶେଷ ଏବଂ ସାଧାରଣ ନାଗରିକ ସାହାଯ୍ୟର ହାତ ବଢ଼ାଉଛନ୍ତି। ଏହି ପ୍ରଚେଷ୍ଟାରେ ଜଣାଶୁଣା ୟୁଟ୍ୟୁବର ଏବଂ ଷ୍ଟ୍ରିମର 'ଟ୍ରିଗର୍ଡ ଇନସାନ୍' ଅର୍ଥାତ୍ ନିଶ୍ଚୟ ମଲହାନଙ୍କ ନାଁ ମଧ୍ୟ ସାମିଲ ହୋଇଛି। ସେ ଆସାମର ବନ୍ୟା ପୀଡ଼ିତଙ୍କ ସାହାଯ୍ୟ ପାଇଁ ୟୁଟ୍ୟୁବରେ କ୍ରମାଗତ ୫୦ ଘଣ୍ଟା ପର୍ଯ୍ୟନ୍ତ ମାରାଥନ୍ ଲାଇଭ୍-ଷ୍ଟ୍ରିମ୍ କରି ୭୦ ଲକ୍ଷ ଟଙ୍କା ଏକାଠି କରିଛନ୍ତି। ସାରା ଦେଶରୁ ହଜାର ହଜାର ଦର୍ଶକ ଏହି ଲାଇଭ୍ ସହ ଯୋଡ଼ି ହୋଇଥିଲେ। ଶୁକ୍ରବାର ଜୁଲାଇ ୩୧ରୁ ଆରମ୍ଭ ହୋଇଥିବା ଏହି ଲାଇଭଷ୍ଟ୍ରିମରେ ୫୩.୫ ଲକ୍ଷ ଟଙ୍କାରୁ ଅଧିକ ସହାୟତା ଦିଆଯାଇଥିଲା। ବଳକା ଟଙ୍କା ମଲହାନ ପରିବାର ଦାନ କରିଥିଲେ। ମୋଟ ପ୍ରାୟ ୭୦ ଲକ୍ଷ ଟଙ୍କା ଜମା ହୋଇଥିଲା।

ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ପୋଷ୍ଟ ସେୟାର କରି ୟୁଟ୍ୟୁବର ଏହି ସୂଚନା ଦେଇଛନ୍ତି। ସୋସିଆଲ୍ ମିଡିଆ ପୋଷ୍ଟର କ୍ୟାପ୍ସନରେ ସେ ଲେଖିଛନ୍ତି, 'ଏବେ ନିକଟରେ ୫୦ ଘଣ୍ଟା ନ ଶୋଇ ମାରାଥନ୍ ଷ୍ଟ୍ରିମ୍ ଶେଷ କଲି ଏବଂ ୭୦ ଲକ୍ଷ ଟଙ୍କା ଏକାଠି କଲି। ୧୦ ଲକ୍ଷ ଟଙ୍କା ମୁଁ ନିଜେ ଦାନ କଲି, ୫ ଲକ୍ଷ ଟଙ୍କା ଫୁକରା ଇନସାନ୍ ଦାନ କଲେ, ୧ ଲକ୍ଷ ଟଙ୍କା ପ୍ରେରଣା ଏବଂ ୫୦ ହଜାର ଟଙ୍କା ରୁଚିକା ଦାନ କଲେ। ଆସାମ ବନ୍ୟା ପାଇଁ ଦର୍ଶକମାନେ ୫୪ ଲକ୍ଷ ଟଙ୍କାରୁ ଅଧିକ ଏକାଠି କଲେ।' ଅନଲାଇନରେ ତାଙ୍କର ଏହି ପଦକ୍ଷେପକୁ ବେଶ ପ୍ରଶଂସା କରାଯାଇଛି। ଫ୍ୟାନ୍ସମାନେ କେବଳ ଏତେ ଲମ୍ବା ଲାଇଭଷ୍ଟ୍ରିମ୍ ଜାରି ରଖିବାର ତାଙ୍କ ଧୈର୍ଯ୍ୟ ଓ ସାହସକୁ ପ୍ରଶଂସା କରିନାହାନ୍ତି, ବରଂ ଏହି ମହତ୍ କାର୍ଯ୍ୟ ପାଇଁ ସାଧୁବାଦ ଜଣାଇଛନ୍ତି।

ବ୍ରିକ୍ସ ଶିକ୍ଷାମନ୍ତ୍ରୀଙ୍କ ତ୍ରୟୋଦଶ ବୈଠକ

# ଭୁବନେଶ୍ୱରରେ ପହଞ୍ଚିଲେ ଅନ୍ତର୍ଜାତୀୟ ପ୍ରତିନିଧି




ଯୋଗଦେବେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ପ୍ରହ୍ଲାଦ ଯୋଶୀ

ଭୁବନେଶ୍ୱର,୫।୮(ସଂଚାର ବ୍ୟୁରୋ): ଚଳିତ ବର୍ଷ ଭାରତ ବ୍ରିକ୍ସ ରାଷ୍ଟ୍ର ଗୋଷ୍ଠୀର ଅଧ୍ୟକ୍ଷତା କରୁଛି। ଏହି କ୍ରମରେ ଭୁବନେଶ୍ୱରରେ ବ୍ରିକ୍ସ ଶିକ୍ଷାମନ୍ତ୍ରୀମାନଙ୍କର ତ୍ରୟୋଦଶ ବୈଠକ ଓ ତୃତୀୟ ବ୍ରିକ୍ସ ବରିଷ୍ଠ ଅଧିକାରୀମାନଙ୍କର ବୈଠକ ଅନୁଷ୍ଠିତ ହେଉଛି। ୫ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ଶିକ୍ଷା ମନ୍ତ୍ରାଳୟ ଦ୍ୱାରା ଆୟୋଜିତ ହେଉଥିବା ଦୁଇଟି ବୈଠକରେ ଯୋଗଦେବା ଲାଗି ଭୁବନେଶ୍ୱରରେ ବ୍ରିକ୍ସ ସଦସ୍ୟ ରାଷ୍ଟ୍ରର ପ୍ରତିନିଧିମାନେ ଆସି ପହଞ୍ଚିଛନ୍ତି। ସେମାନଙ୍କୁ ଶିକ୍ଷା ମନ୍ତ୍ରାଳୟ ପକ୍ଷରୁ ଆନୁଷ୍ଠାନିକ ଭାବେ ସ୍ୱାଗତ କରାଯାଇଛି।

ଶିକ୍ଷା ମନ୍ତ୍ରୀମାନଙ୍କର ମୁଖ୍ୟ ବୈଠକ ଆସନ୍ତା ୭ ତାରିଖରେ ଅନୁଷ୍ଠିତ ହେବ। କେନ୍ଦ୍ର ଶିକ୍ଷାମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ବୈଠକରେ ଅଧ୍ୟକ୍ଷତା କରିବାର କାର୍ଯ୍ୟକ୍ରମ ରହିଛି। ବୈଠକରେ ବ୍ରାଜିଲ, ଋଷ, ଭାରତ, ଚୀନ୍, ଦକ୍ଷିଣ ଆଫ୍ରିକା ସମେତ ଅନ୍ୟ ବ୍ରିକ୍ସ ସଦସ୍ୟ ରାଷ୍ଟ୍ରର ପ୍ରତିନିଧିମାନେ ଅଂଶଗ୍ରହଣ କରିବେ। ଏଥିରେ ଲୋକ କୈନ୍ଦ୍ରିକ ଓ ମାନବତା ପ୍ରଥମ ଆଭିମୁଖ୍ୟ ମାଧ୍ୟମରେ ଶିକ୍ଷା କ୍ଷେତ୍ରରେ ସହଯୋଗକୁ ନେଇ ବିଚାରବିମର୍ଶ କରାଯିବ। ସହଯୋଗୀ ଗବେଷଣା, ଉଦ୍ଭାବନ ଓ ଷ୍ଟାର୍ଟ-ଅପ୍‌କୁ ପ୍ରୋତ୍ସାହନ, ଯୋଗ୍ୟତାର ଆପୋସ ଚିହ୍ନଟ (ଏମଆରକ୍ୟୁ)କୁ ସୁଦୃଢ଼ କରିବା ଓ ଶୈକ୍ଷିକ ନେତୃତ୍ୱ ପାଇଁ କ୍ଷମତା ନିର୍ମାଣ ବିଷୟରେ ମଧ୍ୟ ବିଚାରବିମର୍ଶ କରାଯିବ।

'ଦୃଢ଼ତା, ନବନିର୍ମାଣ, ସହଯୋଗ ଓ ଦୀର୍ଘସ୍ଥାୟିତ୍ୱ ପାଇଁ ନିର୍ମାଣ' ବିଷୟବସ୍ତୁକୁ ନେଇ ଭାରତ ଅଧ୍ୟକ୍ଷତାରେ ବ୍ରିକ୍ସ ଶିଖର ସମ୍ମିଳନୀ ଅନୁଷ୍ଠିତ ହେବାକୁ ଥିବା ବେଳେ ବ୍ରିକ୍ସ ଶିକ୍ଷାମନ୍ତ୍ରୀ ଓ ବରିଷ୍ଠ ଅଧିକାରୀମାନଙ୍କର ବୈଠକରେ ଏ ବିଷୟବସ୍ତୁ ଉପରେ ଅନେକ ଗଠନମୂଳକ ଆଲୋଚନା ହେବାର କାର୍ଯ୍ୟସୂଚୀ ରହିଛି। ଏହି ଆଲୋଚନାରୁ ବ୍ରିକ୍ସ ଏଜୁକେସନ୍ ଟ୍ରାକ୍ ୨୦୨୬ ଲାଗି ଫଳପ୍ରଦ ପରିଣାମ ମିଳିବ ବୋଲି ଆଶା କରାଯାଉଛି। ଭାରତର ବ୍ରିକ୍ସ ଅଧ୍ୟକ୍ଷତା ବିଷୟବସ୍ତୁ ପୂର୍ବରୁ ରିଓ ଡି ଜେନେରିଓରେ ଅନୁଷ୍ଠିତ ୨୦୨୫ ବ୍ରିକ୍ସ ଶିଖର ସମ୍ମିଳନୀରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ପ୍ରତିପାଦିତ ଲୋକ-କୈନ୍ଦ୍ରିକ ଏବଂ ମାନବତା-ପ୍ରଥମ ଅଭିମୁଖ୍ୟକୁ ପ୍ରତିଫଳିତ କରେ। ଏହି ଉଚ୍ଚସ୍ତରୀୟ ଆନ୍ତଃ-ସରକାରୀ ଆଲୋଚନା ସହିତ ଭାରତର ବ୍ରିକ୍ସ ଅଧ୍ୟକ୍ଷତା ଯୁବପିଢ଼ିଙ୍କ ଅଂଶଗ୍ରହଣ ଏବଂ ନାଗରିକଙ୍କ ମଧ୍ୟରେ ସମ୍ପର୍କର ଆଦାନପ୍ରଦାନ ଉପରେ ଦୃଢ଼ ଗୁରୁତ୍ୱ ଦେଉଛି। ଶିକ୍ଷାମନ୍ତ୍ରୀମାନଙ୍କର ବୈଠକକୁ ଏକ ଛାତ୍ର-କୈନ୍ଦ୍ରିକ ପଦକ୍ଷେପ ଭାବରେ ପରିକଳ୍ପନା କରାଯାଇଛି। ଏହା ଯୁବ ନାଗରିକମାନଙ୍କୁ ବ୍ରିକ୍ସ ପ୍ରକ୍ରିୟା ସହ ପରିଚିତ କରାଇବା ସହିତ କୂଟନୀତି, ବହୁପାକ୍ଷିକ ସହଯୋଗ ଏବଂ ସହମତି-ନିର୍ମାଣ ବିଷୟରେ ସେମାନଙ୍କର ବୁଝାମଣାକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଥାଏ।

## ଶୁଭେନ୍ଦୁ ଅଧିକାରୀଙ୍କ ସରପ୍ରାଇଜ୍ ଭିଜିଟ୍

କୋଲକାତା, ୫।୮ (ସଂଚାର ବ୍ୟୁରୋ): ବୁଧବାର ସକାଳେ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ପୁଲିସ କାର୍ଯ୍ୟଦକ୍ଷତା ଓ ଅଗ୍ନିଶମ ବିଭାଗର ପ୍ରସ୍ତୁତି ମୂଲ୍ୟାଙ୍କନ କରିବା ପାଇଁ ବିଭିନ୍ନ ଥାନା ଓ ଦମକଳ ବାହିନୀ ମୁଖ୍ୟାଳୟକୁ ଅଚାନକ ପରିଦର୍ଶନ କରିଥିଲେ। ମୁଖ୍ୟମନ୍ତ୍ରୀ ବନ୍ଦର ଅଞ୍ଚଳର ୱାଟଗଞ୍ଜ ଓ ଏକବାଲପୁର ଥାନା ପରିଦର୍ଶନ କରିଥିଲେ। ସେଠାରୁ ସେ ରାଜ୍ୟ ପୁଲିସ ମୁଖ୍ୟାଳୟ ଲାଲବଜାରକୁ ଯାଇଥିଲେ ଏବଂ ପୁଲିସ କମିଶନର ଅଜୟ ନନ୍ଦାଙ୍କ ସହ ଆଲୋଚନା କରିଥିଲେ। ତା'ପରେ ସେ ଦମକଳ ବାହିନୀ ମୁଖ୍ୟାଳୟ ପରିଦର୍ଶନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହିତ ସ୍ୱାସ୍ଥ୍ୟମନ୍ତ୍ରୀ ଶାରଦ୍ୱତ ମୁଖାର୍ଜୀ ମଧ୍ୟ କୋଲକାତା ମେଡିକାଲ କଲେଜକୁ ଅଚାନକ ପରିଦର୍ଶନ କରିଥିଲେ। ମୁଖ୍ୟମନ୍ତ୍ରୀ ପୂର୍ବରୁ ରାଜ୍ୟର ପ୍ରତ୍ୟେକ ଥାନାରେ ମହିଳାମାନଙ୍କ ପାଇଁ ସହାୟତା ଡେସ୍କ ପ୍ରତିଷ୍ଠା କରିବାକୁ ଘୋଷଣା କରିଥିଲେ। ସେ ୱାଟଗଞ୍ଜ ଓ ଏକବାଲପୁର ଥାନାରେ ଏହି ପ୍ରକ୍ରିୟା ଆରମ୍ଭ ହୋଇଛି କି ନାହିଁ ତାହା ପଚାରି ବୁଝିଥିଲେ ଓ ଥାନା ରେକର୍ଡ ଯାଞ୍ଚ କରିଥିଲେ।

## ଆକାଉଣ୍ଟରୁ ୩୨ ଲକ୍ଷ ଟଙ୍କା ଗାଏବ

କୋଲକାତା,୫।୮(ସଂଚାର ବ୍ୟୁରୋ): ଏକ ଓଭରଡ୍ରାଫ୍ଟ ଆକାଉଣ୍ଟରୁ ୩୨ ଲକ୍ଷ ଟଙ୍କା ଗାଏବ ହୋଇଯାଇଛି। ହରିଦେବପୁରରେ ଜଣେ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ଆଶିଷ କୁମାର ଦତ୍ତ (୭୦) ସାଇବର ଠକେଇର ଶିକାର ହୋଇଛନ୍ତି। ସେ ଦଶ ବର୍ଷ ପୂର୍ବେ ଅବସର ନେଇଥିବା ଏକ ଘରୋଇ ବ୍ୟାଙ୍କର ପୂର୍ବତନ କର୍ମଚାରୀ। ସେ ଅଭିଯୋଗ କରିଛନ୍ତି ଯେ ଜୁଲାଇ ୨୫ ତାରିଖରେ ଆକାଉଣ୍ଟରୁ ମୋଟ ୩୨ ଲକ୍ଷ ଟଙ୍କା ଗାଏବ ହୋଇଯାଇଥିଲା। ସେ ସନ୍ଦେହ କରୁଛନ୍ତି ଯେ ଆକାଉଣ୍ଟ ହ୍ୟାକ୍ ହୋଇଛି। ଶ୍ରୀ ଦତ୍ତ ଇତିମଧ୍ୟରେ ହରିଦେବପୁର ଥାନା ଏବଂ ଦକ୍ଷିଣ ପଶ୍ଚିମ ଡିଭିଜନର ସାଇବର ସେଲରେ ଏକ ଲିଖିତ ଅଭିଯୋଗ ଦାଖଲ କରିଛନ୍ତି। ପୁଲିସ ଜଣାଇଛି ଯେ ତଦନ୍ତ ଚାଲିଛି।

## ଏସ୍‌ଟିଏଫ୍‌ର ରାଡାରରେ ଟୁଲୁଙ୍କ ଶ୍ୱଶୁର ଘର ସଦସ୍ୟ

କୋଲକାତା,୫।୮(ସଂଚାର ବ୍ୟୁରୋ): ରାଜ୍ୟ ପୁଲିସର ଏସ୍‌ଟିଏଫ୍ ଓ ଜିଲ୍ଲା ପୁଲିସକୁ ନେଇ ଗଠିତ ଏକ ମିଳିତ ଟିମ୍ ବୁଧବାର ପାଣ୍ଡୁଇରେ ଟୁଲୁଙ୍କ ଶଶୁର ନୁର ଆଲମଙ୍କ ବାସଭବନ ଓ ତାଙ୍କ ଦୁଇ ଶଳା ଶେଖ ମିଟୁ ଏବଂ ଶେଖ ମିଣ୍ଟୁଙ୍କ ଘରେ ଚଢ଼ାଉ କରିଥିଲେ। ପ୍ରାୟ ଅଢ଼େଇ ଘଣ୍ଟା ଧରି ତଲାସୀ ଅଭିଯାନ ଜାରି ରହିଥିଲା। ଅଞ୍ଚଳରେ ଅତିରିକ୍ତ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା। ଘର ସାମ୍ନା ଅଞ୍ଚଳର ଏକ ଅଂଶକୁ ରଶି ସାହାଯ୍ୟରେ ଘେରାବନ୍ଦୀ କରାଯାଇଥିଲା। ପୁଲିସ ସୂତ୍ରରୁ ପ୍ରକାଶ ଯେ ଟୁଲୁ ମଣ୍ଡଳଙ୍କ ଦୁଇ ଶଳା ଦୀର୍ଘ ଦିନ ଧରି ପଥର ବ୍ୟବସାୟରେ ଜଡିତ ଅଛନ୍ତି। ସେମାନଙ୍କର ୩୦ ରୁ ୪୦ ଡମ୍ପର ଅଛି। ତଦନ୍ତକାରୀମାନେ ସେମାନଙ୍କ ଓ ଟୁଲୁ ମଣ୍ଡଳଙ୍କ ମଧ୍ୟରେ କୌଣସି ବ୍ୟବସାୟିକ ସମ୍ପର୍କ କିମ୍ବା ଆର୍ଥିକ ସମ୍ପର୍କ ଥିଲା କି ନାହିଁ ତାହା ଯାଞ୍ଚ କରୁଛନ୍ତି। ଏହା ସହିତ ପୁଲିସ ସୂତ୍ରରୁ ଜଣାପଡିଛି ଯେ ଏସ୍‌ଟିଏଫ୍ ତଲ୍ଲାସୀ ଅଭିଯାନ ସମୟରେ ଟୁଲୁ ମଣ୍ଡଳଙ୍କ ଶଶୁର ଘରୁ ଅନେକ ବ୍ୟାଗ ଉଦ୍ଧାର କରାଯାଇଛି।

## ଦୁଷ୍କର୍ମ ମାମଲାରେ ଜାମିନ ଅଭିଯୁକ୍ତଙ୍କୁ ହତ୍ୟା, ୩ ଗିରଫ

କୋଲକାତା,୫।୮(ସଂଚାର ବ୍ୟୁରୋ): ବଳାତ୍କାର ମାମଲାରେ ଜାମିନରେ ମୁକ୍ତି ପାଇଥିବା ଜଣେ ବ୍ୟକ୍ତିଙ୍କୁ ପିଟି ପିଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ତାଙ୍କ ବିରୋଧରେ ବଳାତ୍କାରର ନୂତନ ଅଭିଯୋଗ ଆସିବା ପରେ ତାଙ୍କୁ ଏକ ଭିଡ ମାଡ ଦ୍ୱାରା ହତ୍ୟା କରାଯାଇଥିବା ଜାଣିବାକୁ ମିଳିଛି। ପୁଲିସ ମଙ୍ଗଳବାର ଜଣାଇଛି ଯେ ଝାଡ଼ଖଣ୍ଡର ଚତରା ଜିଲ୍ଲାରେ ଏହି ଘଟଣା ସହିତ ଜଡିତ ତିନିଜଣଙ୍କୁ ଗିରଫ କରାଯାଇଛି। ପୁଲିସ ସୂତ୍ର ଅନୁଯାୟୀ, ୨୦୨୩ ମସିହାରେ ହୋଇଥିବା ଏକ ବଳାତ୍କାର ମାମଲାରେ ଉକ୍ତ ବ୍ୟକ୍ତିଙ୍କୁ ଜାମିନରେ ମୁକ୍ତ କରାଯାଇଥିଲା। ସୋମବାର ଅଞ୍ଚଳର ଜଣେ ନାବାଳିକା ବାହାରକୁ ଯାଇଥିଲେ। ମଙ୍ଗଳବାର ସକାଳେ ଫେରିବା ପରେ ସେ ତାଙ୍କ ପରିବାରକୁ କହିଥିଲେ ଯେ ସେହି ବ୍ୟକ୍ତି ତାଙ୍କୁ ଅପହରଣ କରି ବଳାତ୍କାର କରିଛନ୍ତି। ଏହା ପରେ ପରିବାର ଲୋକେ ତାଙ୍କୁ ଘରୁ ଟାଣି ଆଣି ପ୍ରବଳ ମାଡ଼ ମାରିଥିଲେ। ସୂଚନା ପାଇବା ପରେ ପୁଲିସ ତାଙ୍କୁ ଉଦ୍ଧାର କରିଥିଲା, କିନ୍ତୁ ପରେ ସେ ହସ୍ପିଟାଲରେ ମୃତ୍ୟୁବରଣ କରିଥିଲେ। ଅଧିକାରୀମାନେ କହିଛନ୍ତି ଯେ ତଦନ୍ତ ଆରମ୍ଭ ହୋଇଛି ଏବଂ ମୃତକଙ୍କ ପରିବାର ଦ୍ୱାରା ଦାୟର ଅଭିଯୋଗ ଆଧାରରେ ତିନି ଜଣଙ୍କୁ ଗିରଫ କରାଯାଇଛି।

## ତୃଣମୂଳ ନେତାଙ୍କୁ ଅଣ୍ଡା ମାଡ଼

କୋଲକାତା, ୫।୮ (ସଂଚାର ବ୍ୟୁରୋ): ନଦିଆ ଜିଲ୍ଲା ପରିଷଦର ଅଧ୍ୟକ୍ଷ ନିର୍ବାଚନକୁ ନେଇ ଉତ୍ତେଜନା। କଡ଼ା ସୁରକ୍ଷା ମଧ୍ୟରେ ଜିଲ୍ଲା ପରିଷଦ ହଲ୍ ଭିତରେ ନିର୍ବାଚନ ସମ୍ପର୍କିତ କାର୍ଯ୍ୟ ଚାଲିଥିଲା। ସେହି ସମୟରେ ଉପ-ସଭାପତି ସଜଳ କୁମାର ବିଶ୍ୱାସ ଜିଲ୍ଲା ପରିଷଦ ପରିସରରେ ପହଞ୍ଚିଥିଲେ। ତାଙ୍କ ଗାଡ଼ିକୁ ଗେଟ୍ ପାଖରେ ଅଟକାଯାଇଥିଲା ଓ ତାଙ୍କୁ ପ୍ରବେଶ କରିବାକୁ ବାରଣ କରାଯାଇଥିଲା। ତାଙ୍କ ଗାଡ଼ି ଉପରକୁ ଅଣ୍ଡା ମାଡ଼ କରାଯାଇଥିଲା।

## ବିଳମ୍ବିତ ରାତିରେ ଗୁଳିକାଣ୍ଡ, ଜଣେ ଆହତ

କୋଲକାତା,୫।୮(ସଂଚାର ବ୍ୟୁରୋ): ହାଓଡାରେ ବିଳମ୍ବିତ ରାତିରେ ମଦ୍ୟପାନ ଆସରରେ ଗୁଳିକାଣ୍ଡ ଘଟିଛି। ଆହତ ଯୁବକକୁ ମେଡିକାଲରେ ଭର୍ତ୍ତି କରାଯାଇଛି। ଏହି ଘଟଣାକୁ ନେଇ ହାଓଡାର ଲିଲୁଆର ବର୍ମା କଲୋନି ଅଞ୍ଚଳରେ ଉତ୍ତେଜନା ସୃଷ୍ଟି ହୋଇଛି। ପୁଲିସ ଓ ସ୍ଥାନୀୟ ସୂତ୍ର ଅନୁଯାୟୀ, କଲୋନି ମଧ୍ୟରେ ଏକ ମଦ୍ୟପାନ ଆସର ଚାଲିଥିବା ସମୟରେ କୌଣସି ପ୍ରସଙ୍ଗକୁ ନେଇ ଝଗଡ଼ା ହୋଇଥିଲା। କିଛି ସ୍ଥାନୀୟ ବାସିନ୍ଦା ଗଣ୍ଡଗୋଳ ଶୁଣି ଘରୁ ବାହାରକୁ ବାହାରି ଆସିଥିଲେ। ତେବେ ମଦ୍ୟପାନ ସ୍ଥାନରେ ଏପରି ପାଟିତୁଣ୍ଡ ଏକ ସାଧାରଣ ଘଟଣା ହୋଇଥିବାରୁ ସେମାନେ ଶବ୍ଦରେ ଅଭ୍ୟସ୍ତ ଥିଲେ ଏବଂ ଏଥିରେ ଅଧିକ ଧ୍ୟାନ ଦେଇ ନଥିଲେ। ଅଭିଯୋଗ ହୋଇଛି ଯେ ବିବାଦ ବଢ଼ିବା ସହିତ ହଠାତ୍ ଏକ ରିଭଲଭର ବାହାର କରି ଗୁଳି ଚାଳନା କରାଯାଇଥିଲା।

ରାଜଧାନୀର ୫ଟି ଜାଗାରେ ୪୫ ଦିନର କଟକଣା

## ବେହେରା ସାହିରୁ ନନ୍ଦନକାନନ ପର୍ଯ୍ୟନ୍ତ ଟ୍ରାଫିକ ଜାମ

ଭୁବନେଶ୍ୱର,୫।୮(ସଂଚାର ବ୍ୟୁରୋ): ରାଜଧାନୀର ୫ଟି ଜାଗାରେ ୪୫ ଦିନ ପାଇଁ କମିଶନରେଟ ପୋଲିସର କଟକଣା। ଭୁବନେଶ୍ୱରରେ ପ୍ରସ୍ତାବିତ ଜୟଦେବ ବିହାର-ନନ୍ଦନକାନନ ଫ୍ଲାଏଓଭର ପ୍ରକଳ୍ପ ପାଇଁ ମାଟି ପରୀକ୍ଷା ବା ସଏଲ୍ ଟେଷ୍ଟିଂ ଆରମ୍ଭ ହୋଇଛି। ଆଜି କଳିଙ୍ଗ ହସ୍ପିଟାଲ ଛକର ୨ଟି ସ୍ଥାନରେ ଆରମ୍ଭ ହୋଇଛି କାମ। ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ଟ୍ରାଫିକ ପୋଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଟ୍ରାଫିକ ଆଡଭାଇଜରି ଜାରି କରାଯାଇଛି। ଆଗାମୀ ଦେଢ଼ ମାସ ଧରି ଏହି ବ୍ୟସ୍ତବହୁଳ ରାସ୍ତାରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହେବାର ଆଶଙ୍କା ଥିବାରୁ ଯାତ୍ରୀମାନଙ୍କୁ ସତର୍କ କରାଯାଇଛି। ଆସନ୍ତାକାଲିଠାରୁ ମାଟି ପରୀକ୍ଷା କାମ ଆହୁରି ତ୍ୱରାନ୍ୱିତ ହେବ। ସେପ୍ଟେମ୍ବର ୧୯ ପର୍ଯ୍ୟନ୍ତ ଏହା ଜାରି ରହିବ। କଳିଙ୍ଗ ଷ୍ଟାଡିୟମର ୭ ଓ ୮ ନମ୍ବର ଗେଟ୍, ପାଲ୍ ହାଇଟ୍ସ ଛକ, କଳିଙ୍ଗ ହସ୍ପିଟାଲ ଛକ, ଡମଣା ଛକ ଏବଂ କିଟ୍ ଛକ ସହ ୧୮୦ ସ୍ଥାନରେ ପରୀକ୍ଷା ହେବ। ଏହି ସମୟରେ ରାସ୍ତାର କିଛି ଅଂଶ ଅସ୍ଥାୟୀ ଭାବରେ ଅବରୋଧ କରାଯିବ। ଫଳରେ ଟ୍ରାଫିକ ସ୍ଲୋ ହେବା ସହ ପ୍ରବଳ ଭିଡ଼ ହେବାର ସମ୍ଭାବନା ରହିଛି। ବିଶେଷ କରି ବେହେରା ସାହି ଛକରୁ କିଟ୍ ଛକ ମଧ୍ୟରେ ଗହଳି ହେବ।

● ପଟ୍ଟନାୟକ ବନ୍ଧ ଦୁର୍ନୀତି ମାମଲା

## ଦୁଇ ଯନ୍ତ୍ରୀ ଓ ଠିକାଦାରଙ୍କୁ ଉଠାଇନେଲା ଭିଜିଲାନ୍ସ

ଗଜପତି,୫।୮(ସଂଚାର ବ୍ୟୁରୋ): ପାରଳାଖେମୁଣ୍ଡି ସହରର ବହୁଚର୍ଚ୍ଚିତ ପଟ୍ଟନାୟକ ବନ୍ଧର ପୁନରୁଦ୍ଧାର କାର୍ଯ୍ୟରେ ଅନିୟମିତତା ଓ ଦୁର୍ନୀତି ଅଭିଯୋଗକୁ ନେଇ ଭିଜିଲାନ୍ସ ତଦନ୍ତ ଜୋରଦାର ହୋଇଛି। ଏହି କ୍ରମରେ ବୁଧବାର ଭିଜିଲାନ୍ସର ଏକ ସ୍ୱତନ୍ତ୍ର ଦଳ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଦୁଇ ଜଣ ଯନ୍ତ୍ରୀ ଓ ଜଣେ ଠିକାଦାରଙ୍କୁ ପଚରାଉଚରା ପାଇଁ ଉଠାଇ ନେଇଥିବା ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ, ପାରଳାଖେମୁଣ୍ଡି ପୌର ପରିଷଦର ତତ୍କାଳୀନ ଯନ୍ତ୍ରୀ ତଥା ବର୍ତ୍ତମାନ ଗୁଣପୁର ଏନ୍ଏସିରେ କାର୍ଯ୍ୟ କରୁଥିବା ଡି. ଯୁଧିଷ୍ଠିରଙ୍କୁ ଗୁଣୁପୁରରୁ, ପୌର ପରିଷଦର ଏମଇ ସଞ୍ଜିବ ଚମ୍ପତିଙ୍କୁ କାର୍ଯ୍ୟାଳୟ ଓ ଠିକାଦାର ସୁରେନ୍ଦ୍ର ପାଣିଗ୍ରାହୀଙ୍କୁ ବ୍ରହ୍ମପୁରରୁ ଭିଜିଲାନ୍ସ ଟିମ୍ ତଦନ୍ତ ପାଇଁ ନେଇଛି। ଅତିରିକ୍ତ ଭିଜିଲାନ୍ସ ଅଧୀକ୍ଷକ ଏଲଡି ସ୍ୱାଇଁଙ୍କ ନେତୃତ୍ୱରେ ୬ ଜଣିଆ ଟିମ୍ ଏହି କାର୍ଯ୍ୟାନୁଷ୍ଠାନ ଚଳାଇଥିବା ଜଣାପଡ଼ିଛି। ଅଭିଯୋଗ ଅନୁଯାୟୀ, ଗତ ୨୦୦୯ରୁ ପଟ୍ଟନାୟକ ବନ୍ଧର ପୁନରୁଦ୍ଧାର ପାଇଁ ବିଭିନ୍ନ ପର୍ଯ୍ୟାୟରେ ପ୍ରାୟ ୨ କୋଟି ୧୧ ଲକ୍ଷ ୫ ହଜାର ଟଙ୍କା ବ୍ୟୟବରାଦ ହୋଇଥିଲା। ପଙ୍କୋଦ୍ଧାର, ରିଟେନିଂ ୱାଲ, କଂକ୍ରିଟ ବ୍ଲକ ପିଚିଂ, ଗାଧୁଆ ତୁଠ ନିର୍ମାଣ ସମେତ ବିଭିନ୍ନ କାମ ପାଇଁ ଏହି ଅର୍ଥ ମଞ୍ଜୁର ହୋଇଥିଲେ ମଧ୍ୟ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ। ଦୀର୍ଘବର୍ଷ ଧରି ବନ୍ଧଟି ଅବ୍ୟବହୃତ ଅବସ୍ଥାରେ ପଡ଼ି ରହିଥିବା ସହ ଅଞ୍ଚଳରେ ପରିବେଶ ପ୍ରଦୂଷଣର କାରଣ ପାଲଟିଥିବା ଅଭିଯୋଗ ହୋଇଆସୁଛି।

● ୨୬ ହଜାର ଲାଞ୍ଚ ନେଉଥିଲେ

## ଦୁଇ ଆର୍‌ଟିଓ କର୍ମଚାରୀଙ୍କୁ ବାନ୍ଧିଲା ଭିଜିଲାନ୍ସ

ରାଉରକେଲା,୫।୮(ସଂଚାର ବ୍ୟୁରୋ): ଭିଜିଲାନ୍ସ ଜାଲରେ ରାଉରକେଲା ଆର୍‌ଟିଓର ୨ ଜଣ କର୍ମଚାରୀ। ବ୍ୟାଙ୍କ ଦ୍ୱାରା ନିଲାମ ହୋଇଥିବା ଦୁଇଟି ଟ୍ରକ୍‌ର ନୂତନ ପଞ୍ଜୀକରଣ ପ୍ରମାଣପତ୍ର (ଏଫ୍‌ଆର୍‌ସି) ପ୍ରଦାନ କରିବା ପାଇଁ ୨୬ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ବୁଧବାର ଓଡ଼ିଶା ଭିଜିଲାନ୍ସ ଟିମ୍ ଗିରଫ କରିଛି। ଦୁଇ ଅଭିଯୁକ୍ତ ହେଲେ ଆରଟିଓ ଅଫିସର ଡିଲିଂ କ୍ଲର୍କ ତଥା ନାଇଟ୍ ୱାଚର୍ ନିରଞ୍ଜନ ଷଣ୍ଢ ଓ ଆଇଟି ଏକ୍‌ଜିକ୍ୟୁଟିଭ୍ ଧର୍ମେନ୍ଦ୍ର କୁମାର ବେହେରା। ମିଳିଥିବା ସୂଚନାନୁଯାୟୀ, ଅଭିଯୋଗକାରୀ ନିକଟରେ ଇଣ୍ଡସ ଇଣ୍ଡ୍ ବ୍ୟାଙ୍କ ଦ୍ୱାରା କରାଯାଇଥିବା ନିଲାମ ପ୍ରକ୍ରିୟାରେ ଦୁଇଟି ଟ୍ରକ୍ କିଣିଥିଲେ। ପୂର୍ବତନ ମାଲିକ ବ୍ୟାଙ୍କ ଋଣ ଶୁଝି ନ ପାରିବାରୁ ବ୍ୟାଙ୍କ ପକ୍ଷରୁ ଏହି ଟ୍ରକ୍ ଦୁଇଟିକୁ ନିଲାମ କରାଯାଇଥିଲା। ଓଡ଼ିଶା ସରକାରଙ୍କ ପରିବହନ ବିଭାଗର ନିୟମ ଅନୁଯାୟୀ, ନୂଆ ମାଲିକ ଜଣଙ୍କ ଉକ୍ତ ଦୁଇଟି ଟ୍ରକ୍‌ର ନୂତନ ପଞ୍ଜୀକରଣ ପ୍ରମାଣପତ୍ର (ଏଫ୍‌ଆର୍‌ସି) ପାଇଁ ରାଉରକେଲା ଆରଟିଓ କାର୍ଯ୍ୟାଳୟରେ ଆବେଦନ କରିଥିଲେ। ମାତ୍ର ଅଭିଯୋଗକାରୀଙ୍କ ବାରମ୍ବାର ଅନୁରୋଧ ସତ୍ତ୍ୱେ ଡିଲିଂ କ୍ଲର୍କ ଷଣ୍ଢ ଏହି ଫାଇଲ୍‌କୁ ଆଗକୁ ବଢ଼ାଉ ନ ଥିଲେ। ନୂଆ ପଞ୍ଜୀକରଣ କରିବା ପାଇଁ ସେ ଟ୍ରକ୍ ପିଛା ୧୩ ହଜାର ହିସାବରେ ମୋଟ୍ ୨୬ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। କିନ୍ତୁ ଏପରି ବେଆଇନ ଦାବିରେ ଅତିଷ୍ଠ ହୋଇ ଟ୍ରକ୍ ମାଲିକ ଜଣଙ୍କ ଏନେଇ ଭିଜିଲାନ୍ସ ବିଭାଗକୁ ଜଣାଇଥିଲେ। ତାଙ୍କ ଅଭିଯୋଗକୁ ଭିତ୍ତି କରି ଭିଜିଲାନ୍ସ ପକ୍ଷରୁ ଏକ ଯୋଜନା ପ୍ରସ୍ତୁତ କରାଯାଇଥିଲା।

## ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ 'ସାଂପ୍ରତିକ ଭାରତୀୟ ଶିକ୍ଷାନୀତି ଓ ପଣ୍ଡିତ ନୀଳକଣ୍ଠ ଦାସ' ଶୀର୍ଷକ ଆଲୋଚନାଚକ୍ର




ଭୁବନେଶ୍ୱର, ୫।୮ (ସଂଚାର ବ୍ୟୁରୋ) : ଓଡ଼ିଶାର ପ୍ରଖ୍ୟାତ ଶିକ୍ଷାବିତ, ସାହିତ୍ୟିକ, ସମାଜ ସଂସ୍କାରକ, ସ୍ୱାଧୀନତା ସଂଗ୍ରାମୀ, ରାଜନୀତିଜ୍ଞ ତଥା ଆଧୁନିକ ଓଡ଼ିଶାର ଅନ୍ୟତମ ନିର୍ମାତା ପଣ୍ଡିତ ନୀଳକଣ୍ଠ ଦାସଙ୍କ ଜୟନ୍ତୀ ଅବସରରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ସଂସ୍କୃତି ଅଧ୍ୟୟନ ଏବଂ ଓଡ଼ିଆ ଭାଷା ଓ ସାହିତ୍ୟ ଆନୁକୂଲ୍ୟରେ "ସାଂପ୍ରତିକ ଭାରତୀୟ ଶିକ୍ଷାନୀତି ଓ ପଣ୍ଡିତ ନୀଳକଣ୍ଠ ଦାସ" ଶୀର୍ଷକ ଏକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଆଲୋଚନାଚକ୍ରରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଜ୍ୟୋତ୍ସ୍ନା କେ.ବି. ରାଉତ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଶିକ୍ଷା ଦର୍ଶନ ଆଧୁନିକ ଭାରତ ଶିକ୍ଷାନୀତି ପାଇଁ ଏକ ପ୍ରେରଣାଦାୟକ ଆଧାର ବୋଲି କହିଥିଲେ। ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନର ସଦସ୍ୟ ତଥା ବରିଷ୍ଠ ଶିକ୍ଷାବିତ୍ ପ୍ରଫେସର ଶ୍ରୁତି ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ପଣ୍ଡିତ ନୀଳକଣ୍ଠ ସତ୍ୟବାଦୀ ବନ ବିଦ୍ୟାଳୟର ଶିକ୍ଷାଭିତ୍ତିକ ଆନ୍ଦୋଳନ ମାଧ୍ୟମରେ ଯେଉଁ ଶିକ୍ଷାଦାନ ପଦ୍ଧତିର ଆବଶ୍ୟକତାକୁ ପ୍ରତିପାଦିତ କରିଥିଲେ। କୁଳପତି ପ୍ରଫେସର ସ୍ୱାଇଁ ତାଙ୍କ ଅଭିଭାଷଣରେ ପଣ୍ଡିତ ନୀଳକଣ୍ଠ ଦାସଙ୍କର ଚରିତ୍ର ଗଠନ, ସେବା ଭାବ, ନୈତିକ ମୂଲ୍ୟବୋଧ, ସାମାଜିକ ଦାୟିତ୍ୱକୁ ଶିକ୍ଷାର କେନ୍ଦ୍ରବିନ୍ଦୁ ଭାବେ ଗୁରୁତ୍ୱ ଦେବା ଆଜି ସାଂପ୍ରତିକ ଜାତୀୟ ଶିକ୍ଷାନୀତିରେ ପ୍ରତିଫଳିତ ହେବା ସହ ସ୍ଥାନୀୟ ଭାଷା, କଳା, ସଂସ୍କୃତି ଓ ପରମ୍ପରାର ସୁରକ୍ଷାକୁ ପ୍ରାଧାନ୍ୟ ଦେଇପାରିଛି ବୋଲି ମତବ୍ୟକ୍ତ କରିଥିଲେ। ଏଥିସହ ଓଡ଼ିଶାର ବିଶିଷ୍ଟ ଐତିହାସିକ ପ୍ୟାରୀମୋହନ ଆଚାର୍ଯ୍ୟଙ୍କ ଜୟନ୍ତୀ ଅବସରରେ ବିଶ୍ୱବିଦ୍ୟାଳୟ ତରଫରୁ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ସ୍ନାତକୋତ୍ତର ବିଭାଗ ମୁଖ୍ୟ ପ୍ରଫେସର ଚକ୍ରଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଅଧ୍ୟାପକ ଡ. ଜ୍ଞାନରଂଜନ ପଣ୍ଡା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହି ଅବସରରେ ଗୁରୁ ଡ. ଧୀରଜ ମହାପାତ୍ରଙ୍କ ନିର୍ଦ୍ଦେଶନାରେ ପଣ୍ଡିତ ନୀଳକଣ୍ଠଙ୍କର ରଚିତ କୋଣାର୍କେ କାବ୍ୟର କୀୟଦଂଶକୁ ଛାତ୍ରୀମାନେ କଣ୍ଠସଂଗୀତ ମାଧ୍ୟମରେ ପରିବେଷଣ କରିଥିଲେ ।

# ତିନି ହଜାର ବିଦ୍ୟାଳୟ, ମେଲା ମୁକୁଳା ପଡ଼ିଛି



ଭୁବନେଶ୍ୱର,୫।୮: ରାଜ୍ୟର ୩ ହଜାରରୁ ଅଧିକ ବିଦ୍ୟାଳୟ ଏବେ ବି ମେଲା ମୁକୁଳା ପଡ଼ିଛି। ଏଠାରେ ଏପର୍ଯ୍ୟନ୍ତ ପାଚେରି ତିଆରି ହୋଇପାରିନାହିଁ। ସେହିଭଳି ୮ ହଜାରରୁ ଅଧିକ ବିଦ୍ୟାଳୟରେ ଇଣ୍ଟରନେଟ୍ ପହଞ୍ଚିପାରିନାହିଁ। ବିଦ୍ୟାଳୟ ଭିତ୍ତିଭୂମି ସଂକ୍ରାନ୍ତରେ ବିଜେଡି ସାଂସଦ ସୁଲତା ଦେଓ ପଚାରିଥିବା ପ୍ରଶ୍ନର ଉତ୍ତରରେ ରାଜ୍ୟସଭାରେ ଏହି ସୂଚନା ଦେଇଛନ୍ତି କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀ। ଶିକ୍ଷାମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ରାଜ୍ୟରେ ମୋଟ୍ ୪୬,୮୦୧ଟି ସରକାରୀ ବିଦ୍ୟାଳୟ ରହିଥିବା ବେଳେ ଏଥିରେ ୧,୯୪,୮୪୦ଟି ଶ୍ରେଣୀଗୃହ ରହିଛି। ତେବେ ଏହିସବୁ ବିଦ୍ୟାଳୟ ମଧ୍ୟରୁ ୧୧୨ଟି ବିଦ୍ୟାଳୟରେ ଶୌଚାଳୟ ନ ଥିବା ବେଳେ ୧୨ଟି ବିଦ୍ୟାଳୟରେ ପାନୀୟଜଳ ସୁବିଧା ନାହିଁ। ସେହିଭଳି ୧୩୪ଟି ବିଦ୍ୟାଳୟରେ ବିଦ୍ୟୁତ୍ ସଂଯୋଗ ନ ଥିବା ବେଳେ ୩୩୪୯ଟି ବିଦ୍ୟାଳୟରେ ପାଚେରି ନାହିଁ। ୮୦୫୩ଟି ବିଦ୍ୟାଳୟରେ ଇଣ୍ଟରନେଟ୍ ସୁବିଧା ନ ଥିବା ମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି।

ଏହି ସୂଚନାରୁ ଜଣାଯାଇଛି ଯେ ଶୌଚାଳୟ ନ ଥିବା ବିଦ୍ୟାଳୟ ତାଲିକାରେ କଟକ ଜିଲ୍ଲାର ୪ଟି ବିଦ୍ୟାଳୟ ଥିବା ବେଳେ ଦେବଗଡ଼ ଜିଲ୍ଲାର ୧୫ଟି, ବରଗଡ଼ ଜିଲ୍ଲାର ୩ଟି, ଗଞ୍ଜାମ ଜିଲ୍ଲାର ୯ଟି, କଳାହାଣ୍ଡି ଜିଲ୍ଲାର ୧୪ଟି, କେନ୍ଦ୍ରାପଡ଼ା ଜିଲ୍ଲାର ୭ଟି, କେନ୍ଦୁଝର ଜିଲ୍ଲାର ୫ଟି, କୋରାପୁଟ ଜିଲ୍ଲାର ୪ଟି, ମୟୂରଭଞ୍ଜ ଜିଲ୍ଲାର ୬ଟି, ପୁରୀ ଜିଲ୍ଲାର ୧୫ଟି, ରାୟଗଡ଼ାର ଗୋଟିଏ, ସମ୍ବଲପୁର ଜିଲ୍ଲାର ୨ଟି ଓ ସୋନପୁର ଜିଲ୍ଲାର ୩ଟି ବିଦ୍ୟାଳୟ ରହିଛି। ମାଲକାନଗିରି ଭଳି ଜିଲ୍ଲାରେ ଶତପ୍ରତିଶତ ବିଦ୍ୟାଳୟରେ ଶୌଚାଳୟ ବ୍ୟବସ୍ଥା ଥିବା ବେଳେ କଟକ, ପୁରୀ ଓ କେନ୍ଦ୍ରାପଡ଼ା ଭଳି ଜିଲ୍ଲା ଏହି ଲକ୍ଷ୍ୟ ହାସଲ କରି ନ ପାରିବା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି।

ବିଦ୍ୟାଳୟ ଭିତ୍ତିଭୂମି ବିକାଶ ପାଇଁ ରାଜ୍ୟ ସରକାର ବ୍ୟାପକ ଅର୍ଥ ବରାଦ କରୁଥିବା ବେଳେ ତିନି ହଜାରରୁ ଅଧିକ ବିଦ୍ୟାଳୟରେ ପାଚେରି ନିର୍ମାଣ ନ ହେବା ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅତୀତରେ ଆବଶ୍ୟକ ସ୍ଥଳେ ବିଧାୟକ ହାତପାଣ୍ଠି ଅର୍ଥରେ ବିଦ୍ୟାଳୟ ପାଚେରି ନିର୍ମାଣ ପାଇଁ ଦାବି ହୋଇଥିଲେ ମଧ୍ୟ ତାହା ବି ସଫଳ ହୋଇପାରିନାହିଁ।

ସେହିଭଳି ରାଜ୍ୟରେ ଭାରତନେଟ୍‌ର ଦୁଇଟି ପର୍ଯ୍ୟାୟରେ ପ୍ରାୟ ପ୍ରତ୍ୟେକ ପଞ୍ଚାୟତରେ ଇଣ୍ଟରନେଟ୍ ପହଞ୍ଚିଥିବା ବେଳେ ବିଦ୍ୟାଳୟଗୁଡ଼ିକରେ କିନ୍ତୁ ପହଞ୍ଚିପାରିନାହିଁ। ଏଥିପାଇଁ ଅନେକ ସ୍ଥାନରେ ଦୁର୍ବଳ ଭିତ୍ତିଭୂମିକୁ ଦାୟୀ କରାଯାଉଛି। ଏଥିଯୋଗୁଁ ବିଦ୍ୟାଳୟ ସ୍ତରରେ ଆରମ୍ଭ ହୋଇଥିବା କମ୍ପ୍ୟୁଟର ଶିକ୍ଷା ମଧ୍ୟ ବାଧାପ୍ରାପ୍ତ ହୋଇଥିବା କୁହାଯାଉଛି। (ତଥ୍ୟ)

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନଇଁଲା ମେଟା...

ପ୍ରକାଶ କରିଛି ଯେ ଫେସବୁକର ଏକ ଭିଡିଓରେ ମୋଦିଙ୍କୁ 'ଅପମାନଜନକ ଉପାୟରେ' ଚିତ୍ରଣ କରାଯାଇଥିବା ଅଭିଯୋଗରେ ଦକ୍ଷିଣ-ଭାରତୀୟ ସହର ହାଇଦ୍ରାବାଦ ପୁଲିସ୍ ମେଟା ଇଣ୍ଡିଆର ମୁଖ୍ୟ ଅରୁଣ ଶ୍ରୀନିବାସଙ୍କ ବିରୋଧରେ ଏକ ମାମଲା ରୁଜୁ କରିଛି। ଭିଡିଓରେ ମୋଦିଙ୍କୁ ଅଶ୍ଳୀଳ, ସମାଲୋଚନା ଓ ପରିହାସ କରାଯାଇଥିବା ଦେଖିବାକୁ ମିଳିଛି। ଏକ ଭିନ୍ନ ଘଟଣାକ୍ରମରେ ଶିଶୁ ଯୌନ ନିର୍ଯାତନା ସାମଗ୍ରୀ, ଡିପଫେକ ବିଷୟବସ୍ତୁ ଓ କମ୍ପାନୀ ପ୍ଲାଟଫର୍ମରେ ଅନ୍ୟାନ୍ୟ ପରିଚାଳନାଗତ ତ୍ରୁଟି ଲାଗି ମେଟା ବିରୋଧରେ ମାର୍କ ଜୁକରବର୍ଗ ଭାରତ ସରକାରଙ୍କ ନିକଟରେ କ୍ଷମା ପ୍ରାର୍ଥନା କରିଥିବା ସ୍ଥାନୀୟ ଗଣମାଧ୍ୟମଗୁଡ଼ିକ ଖବର ପ୍ରକାଶ କରିଛନ୍ତି। ଆର୍ଥିକ ଖବର ପ୍ରକାଶ କରୁଥିବା 'ମନିକଣ୍ଟ୍ରୋଲ୍' ଓ ଅନ୍ୟ କେତେକ ସ୍ଥାନୀୟ ଗଣମାଧ୍ୟମର ସୂଚନାନୁଯାୟୀ, ମେଟା କାର୍ଯ୍ୟନିର୍ବାହୀ ଓ ଭାରତ ସରକାରଙ୍କ ଅଧିକାରୀମାନଙ୍କ ମଧ୍ୟରେ ବୈଠକ ଚାଲିଥିବା ବେଳେ ଜୁକରବର୍ଗ ନିଜ କମ୍ପାନୀର ଦୋଷ ସ୍ୱୀକାର କରିଛନ୍ତି। ସେହିପରି ବୈଦ୍ୟୁତିକ ଓ ସୂଚନା-ପ୍ରଯୁକ୍ତି ମନ୍ତ୍ରାଳୟର ଜଣେ ବରିଷ୍ଠ ଅଧିକାରୀଙ୍କ ସୂତ୍ରକୁ ଉଦ୍ଧାର କରି ବିବିସି ରିପୋର୍ଟ କରିଛି ଯେ ମେଟା ଅଧିକୃତ ସୋସିଆଲ ମିଡିଆ ପ୍ଲାଟଫର୍ମ ଇନଷ୍ଟାଗ୍ରାମରୁ ଶିଶୁ ଯୌନ ନିର୍ଯାତନା ସାମଗ୍ରୀକୁ ପ୍ରୋତ୍ସାହିତ କରୁଥିବା ବିଷୟବସ୍ତୁ ଓ ବିଜ୍ଞାପନଗୁଡ଼ିକୁ ହଟାଇ ନେବା ଲାଗି ଜୁଲାଇରେ ଭାରତ ସରକାର ମେଟାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ମେଟା ସେଥିପ୍ରତି ଧ୍ୟାନ ଦେଇ ନ ଥିଲା। ଏ ପ୍ରସଙ୍ଗରେ ସ୍ପଷ୍ଟୀକରଣ ଦେଇ ମେଟା କହିଛି ଯେ ସେହି ସମୟରେ ଶିଶୁ ଯୌନ ନିର୍ଯାତନା ସାମଗ୍ରୀ ଉପରେ ଏହାର ଶୂନ୍ୟ ସହନଶୀଳତା ନୀତି ରହିଥିଲା। କମ୍ପାନୀ ଏବେ ସେସବୁର ଚିହ୍ନଟ ପ୍ରଣାଳୀକୁ ସୁଦୃଢ଼ କରିବା ଜାରି ରଖିଛି।

### ନିବେଶ ପାଇଁ...

ମଧ୍ୟ ସମୀକ୍ଷା କରାଯିବ। ଘୋଷିତ ନିବେଶକୁ ଶୀଘ୍ର କାର୍ଯ୍ୟକାରୀ କରିବା, ସ୍ଥାନୀୟ ସପ୍ଲାୟର୍ ନେଟୱର୍କକୁ ସୁଦୃଢ଼ କରିବା ଓ ନୂଆ ପ୍ରକଳ୍ପ ଚିହ୍ନଟ କରିବା ରହିବ ମୁଖ୍ୟ ଲକ୍ଷ୍ୟ। ଦ୍ୱିତୀୟ ଦିନରେ ଓଡ଼ିଶା ପ୍ରତିନିଧିମଣ୍ଡଳୀ ଗ୍ରେଟର୍ ନୋଏଡାର ଏକ ମାନୁଫ୍ୟାକ୍ଚରିଂ ୟୁନିଟ୍ ପରିଦର୍ଶନ କରିବେ। ଆଧୁନିକ ଉତ୍ପାଦନ ପ୍ରଣାଳୀ ଓ ପ୍ରଯୁକ୍ତି ବିଷୟରେ ଅନୁଭୂତି ନେବା ସହ ହ୍ୱାଇଟ୍ ଗୁଡ୍ସ ଓ କଞ୍ଜ୍ୟୁମର୍ ଆପ୍ଲାଏନ୍ସ କ୍ଷେତ୍ରରେ ଶିଳ୍ପ ସହଯୋଗର ସମ୍ଭାବନା ଖୋଜାଯିବ। ଏହାପରେ ଗ୍ରେଟର୍ ନୋଏଡାରେ ନିବେଶକଙ୍କ ସହ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଶିଳ୍ପ ରାଉଣ୍ଡ ଟେବୁଲ୍ ହେବ। ପ୍ରଥମ ବୈଠକରେ ଆଲୁମିନିୟମ୍ ଡାଉନ୍‌ଷ୍ଟ୍ରିମ୍ କମ୍ପାନୀମାନେ ଯୋଗଦେବେ। ଆଲୁମିନିୟମ୍ ଉତ୍ପାଦ, କମ୍ପୋନେଣ୍ଟ ଓ ଇଞ୍ଜିନିୟରିଂ ଆପ୍ଲିକେସନ୍‌ରେ ଅଧିକ ମୂଲ୍ୟବୃଦ୍ଧି ଉପରେ ଆଲୋଚନା ହେବ। ଦ୍ୱିତୀୟ ବୈଠକରେ ଟେକ୍ସଟାଇଲ୍ ଓ ଆପାରେଲ୍ କମ୍ପାନୀ ଯୋଗଦେବେ। ଓଡ଼ିଶାର ବଢ଼ୁଥିବା ଟେକ୍ସଟାଇଲ୍, ଆପାରେଲ ଓ ଟେକ୍ନିକାଲ୍ ଟେକ୍ସଟାଇଲ୍ ଶିଳ୍ପର ସୁଯୋଗ ଉପରେ ଆଲୋଚନା ହେବ। ଦକ୍ଷ ମାନବସମ୍ପଦ, ଶିଳ୍ପ ଭିତ୍ତିଭୂମି ଓ ସରକାରୀ ନୀତିର ସୁବିଧାକୁ ମଧ୍ୟ ପ୍ରଦର୍ଶନ କରାଯିବ। ସେହିପରି ତୃତୀୟ ରାଉଣ୍ଡ ଟେବୁଲ୍ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରିଜ୍ ଆସୋସିଏସନ୍ ସହଯୋଗରେ ହେବ। ଏଥିରେ ଇଞ୍ଜିନିୟରିଂ ଉତ୍ପାଦନକାରୀ ଓ ଏମ୍‌ଏସ୍‌ଏମ୍‌ଇଗୁଡ଼ିକ ଯୋଗଦେବେ। ଓଡ଼ିଶାର ବିଶାଳ ଧାତୁ, ଖଣି, ଶକ୍ତି ଓ ମାନୁଫ୍ୟାକ୍ଚରିଂ ଭିତ୍ତିକୁ ଆଧାର କରି ଶିଳ୍ପ ଉପାଦାନ, ଫାବ୍ରିକେସନ୍, କ୍ୟାପିଟାଲ୍ ଗୁଡ୍ସ, କ୍ଲିନ୍ ଏନର୍ଜି ଉପକରଣ ଓ ସ୍ଥାନୀୟ ଭେଣ୍ଡର୍ ନେଟୱର୍କ ବିକାଶର ସୁଯୋଗ ଖୋଜାଯିବ। ଦିଲ୍ଲୀ ଗସ୍ତ ପୂର୍ବରୁ ଓଡ଼ିଶା ସରକାରଙ୍କ ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା କହିଛନ୍ତି ଯେ ରାଜ୍ୟର ଆଗାମୀ ଶିଳ୍ପାୟନ ଅଧିକ ମୂଲ୍ୟବୃଦ୍ଧି ଉପରେ ନିର୍ଭର କରିବ। କୃଷି ଓ ସାମୁଦ୍ରିକ ସମ୍ପଦକୁ ଆଧୁନିକ ମାନୁଫ୍ୟାକ୍ଚରିଂ ଓ ବଡ଼ ବଜାର ସହ ଯୋଡ଼ିବାରେ ଖାଦ୍ୟ ପ୍ରକ୍ରିୟାକରଣ ଏକ ବଡ଼ ସୁଯୋଗ ବୋଲି ସେ କହିଛନ୍ତି। ଧାତୁ, ପେଟ୍ରୋକେମିକାଲ୍, ଟେକ୍ସଟାଇଲ ଓ ଇଞ୍ଜିନିୟରିଂରେ ବଡ଼ ନିବେଶକୁ ଆଧାର କରି ଶକ୍ତିଶାଳୀ ସପ୍ଲାୟର୍ ଇକୋସିଷ୍ଟମ୍ ଗଢ଼ିବା ଉପରେ ସରକାରଙ୍କ ଫୋକସ୍ ରହିବ। ସେ କହିଛନ୍ତି ଯେ ଏହି ଅଭିଯାନର ଉଦ୍ଦେଶ୍ୟ ବିଶ୍ୱସନୀୟ ନିବେଶ ପ୍ରସ୍ତାବ ଆଣିବା, ପୂର୍ବରୁ ହୋଇଥିବା ପ୍ରତିଶ୍ରୁତିକୁ କାର୍ଯ୍ୟକାରୀ କରିବା ଓ ଆଲୋଚନାକୁ ଭୂମି ସ୍ତରର ପ୍ରକଳ୍ପରେ ପରିଣତ କରିବା। ନୂଆ ନିବେଶ ଆସିଲେ କେବଳ ଶିଳ୍ପ କ୍ଷେତ୍ର ନୁହେଁ, ଏହାର ପ୍ରଭାବ ପଡ଼ିବ ଗାଁ ଓ କୃଷି କ୍ଷେତ୍ରରେ। ଖାଦ୍ୟ ପ୍ରକ୍ରିୟାକରଣରେ ଅଧିକ ମୂଲ୍ୟବୃଦ୍ଧି ହେଲେ କୃଷକ, ମତ୍ସ୍ୟଚାଷୀ, ଏଫପିଓ, ମହିଳା ଉଦ୍ୟୋଗୀ ଓ ଗ୍ରାମୀଣ ଉଦ୍ୟୋଗୀଙ୍କ ପାଇଁ ବଜାର ସୁଯୋଗ ବଢ଼ିବ। ଏଥିସହ ମୂଲ୍ୟ ଶୃଙ୍ଖଳର ବିଭିନ୍ନ ସ୍ତରରେ ନୂଆ ରୋଜଗାର ସୃଷ୍ଟି ହେବା ସହ ଆୟ ବଢ଼ିବାର ସମ୍ଭାବନା ରହିଛି। 'ସମୃଦ୍ଧ ଓଡ଼ିଶା ଓ ବିକଶିତ ଓଡ଼ିଶା-୨୦୩୬' ଲକ୍ଷ୍ୟ ହାସଲ ଦିଗରେ ଦିଲ୍ଲୀ ନିବେଶ ଅଭିଯାନକୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ଦେଖାଯାଉଛି। ଏଥିସହ ଜାତୀୟ ସ୍ତରର 'ପୂର୍ବୋଦୟ' ଓ 'ବିକଶିତ ଭାରତ' ପାଇଁ ବିକଶିତ ଓଡ଼ିଶା'ର ଲକ୍ଷ୍ୟକୁ ମଧ୍ୟ ଗତି ମିଳିବ।

### ସର୍ବୋଚ୍ଚ ଅଦାଲତରେ...

ପରୀକ୍ଷା (ଅସାଧୁ ଉପାୟ ନିରାକରଣ) ସଂଶୋଧନ ଆଇନ-୨୦୨୬ ଉଭୟ ଗୃହରେ ପାରିତ ହୋଇଛି। ଏହିସହ ସାର୍ବଜନୀନ ପରୀକ୍ଷାରେ ସଂସ୍କାର ଆଣିବାକୁ ଇନଫୋସିସର ସହପ୍ରତିଷ୍ଠାତା ନନ୍ଦନ ନିଲେକାନିଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ଟାସ୍କଫୋର୍ସ ଗଠିତ ହୋଇଥିବା ସରକାର ସର୍ବୋଚ୍ଚ ଅଦାଲତଙ୍କୁ ଜଣାଇଛନ୍ତି।

### ମନୋଜଙ୍କୁ ସର୍ତ୍ତମୂଳକ...

ଏସ୍‌ସିଇଆର୍‌ଟିର ପୂର୍ବତନ ନିର୍ଦ୍ଦେଶକ ଶ୍ରୀ ପାଢ଼ୀ(୫୭)ଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରି କରି ଜେଲ୍‌କୁ ପଠାଇଛି। ଶ୍ରୀ ପାଢ଼ୀଙ୍କ ବିରୋଧରେ ପ୍ରାଥମିକ ପ୍ରମାଣ କ୍ରାଇମବ୍ରାଞ୍ଚ ହାତରେ ଲାଗିଥିଲା। ଏହାପରେ କ୍ରାଇମବ୍ରାଞ୍ଚ ତଦନ୍ତକାରୀ ଦଳ ଶ୍ରୀ ପାଢ଼ୀଙ୍କୁ ବିଧିବଦ୍ଧ ଭାବେ ଗିରଫ କରିଥିଲା। ଉକ୍ତ ଦିନ ଅପରାହ୍ଣରେ ତାଙ୍କୁ କଟକ ଜେଏମ୍‌ଏଫ୍‌ସି-୩ କୋର୍ଟକୁ ଚାଲାଣ କରାଯାଇଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା। ଏହି ମାମଲାରେ ଅଦ୍ୟାବଧି ହୋଇଥିବା ତଦନ୍ତରୁ ଜଣାପଡ଼ିଛି ଯେ ଶ୍ରୀ ପାଢ଼ୀ ଏସ୍‌ସିଇଆର୍‌ଟିର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିବା ସମୟରେ ଅପରାଧିକ କାର୍ଯ୍ୟ କରିଥିଲେ। ସେ ଏନ୍‌ଇପି-୨୦୨୦ ଅନୁଯାୟୀ ପାଠ୍ୟପୁସ୍ତକ ପ୍ରସ୍ତୁତି ପ୍ରକ୍ରିୟାର ତଦାରଖ, ସମନ୍ୱୟ, ନିରୀକ୍ଷଣ ଓ ଅନୁମୋଦନ ଦାୟିତ୍ୱରେ ଥିଲେ। ହେଲେ ସେ ତାଙ୍କ ଦାୟିତ୍ୱ ପାଳନ କରିବାରେ ଅବହେଳା କରିଥିଲେ। ଏପରିକି ମୁଦ୍ରଣ ପାଇଁ ପ୍ରସ୍ତୁତ ପାଣ୍ଡୁଲିପିଗୁଡ଼ିକୁ ଯାଞ୍ଚ ନ କରି ପ୍ରକାଶନ ପାଇଁ ଶ୍ରୀ ପାଢ଼ୀ ପଠାଇ ଦେଇଥିଲେ। ବିଭିନ୍ନ ତଥ୍ୟ, ବୈଜ୍ଞାନିକ, ଭୌଗୋଳିକ, ଅନୁବାଦ ଓ ଚିତ୍ର ବିଷୟକ ବିଷୟବସ୍ତୁଗୁଡ଼ିକୁ ସେ ଯାଞ୍ଚ ନ କରିବା ଯୋଗୁଁ ଦଣ୍ଡନୀୟ ଅବହେଳା ଭାବେ ଏହାକୁ ପରିଗଣିତ କରାଯାଇଥିଲା। ମନୋଜଙ୍କ ଏହି କାର୍ଯ୍ୟ ଓ ଅବହେଳା ଫଳରେ ତ୍ରୁଟିଯୁକ୍ତ ପାଠ୍ୟପୁସ୍ତକଗୁଡ଼ିକର ପ୍ରକାଶନ ଓ ବଣ୍ଟନ ହୋଇଥିଲା। ଯାହା ଫଳରେ ରାଜ୍ୟ ରାଜକୋଷକୁ ପ୍ରାୟ ୧୭୫ କୋଟି ଟଙ୍କାର କ୍ଷତି ହୋଇଥିବା ବୋଲି କ୍ରାଇମବ୍ରାଞ୍ଚ ପକ୍ଷରୁ ଉଲ୍ଲେଖ କରାଯାଇଛି।

### ଶ୍ରୀମନ୍ଦିର ସ୍କ୍ୟାଡ୍...

କରାଯାଇ ନକଲି ନିଯୁକ୍ତିପତ୍ର ପଛରେ କାହାର ହାତ ରହିଛି, ସେହି ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ବେକାରଯୁବକମାନେ ଦାବି କରିଛନ୍ତି। ମିଳିଥିବା ସୂଚନାନୁସାରେ, ୧୬ ଜଣଙ୍କୁ ନକଲି ନିଯୁକ୍ତିପତ୍ର ପଠାଯାଇଛି। ଉକ୍ତ ନିଯୁକ୍ତିପତ୍ରରେ ଶ୍ରୀମନ୍ଦିର ପ୍ରଶାସନର ଲୋଗୋ ଥିବା ବେଳେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀଙ୍କ ନକଲି ଦସ୍ତଖତ ଏବଂ ଷ୍ଟାମ୍ପ ମଧ୍ୟ ରହିଛି। ଗତ ୩୧ ତାରିଖରେ ଏହି ଚିଠି ଜାରି କରାଯାଇଥିବା ଉଲ୍ଲେଖ ରହିଛି। ସେପଟେ ଶ୍ରୀମନ୍ଦିର ସୁରକ୍ଷା ପ୍ରଶାସକ ଶ୍ରୀ ପାଢ଼ୀ କହିଛନ୍ତି ଯେ ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ନିଯୁକ୍ତିପତ୍ର ସମ୍ପୂର୍ଣ୍ଣ ନକଲି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୌଣସି ନିଯୁକ୍ତି ସମ୍ପର୍କିତ ନୋଟିସ ବାହାରିନାହିଁ। ଏଣୁ କିଏ ଏଭଳି ନକଲି ନିଯୁକ୍ତିପତ୍ର ପ୍ରଦାନ କରିଛି, ସେନେଇ ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସିଂହଦ୍ୱାର ଥାନାରେ ଏନେଇ ଏତଲା ଦିଆଯାଇଥିବା ବେଳେ ସମସ୍ତ ଦିଗକୁ ଅନୁଧ୍ୟାନ କରାଯାଇ ତଦନ୍ତ କରାଯିବ ବୋଲି କୁହାଯାଇଛି।

### ବିଜୁଳି କାରବାର...

ବିପୁଳ ଅର୍ଥ ଆଦାୟ ହେଉଛି। ଏହି ଅର୍ଥକୁ ବିତରଣ କମ୍ପାନୀ କେଉଁ ବାଟରେ କିଭଳି ଖର୍ଚ୍ଚ କରୁଛି, ତାହା ସାଧାରଣ ଲୋକଙ୍କ ଜାଣିବା ବାହାରେ। ଅନ୍ୟ ସରକାରୀ ବିଭାଗର କାର୍ଯ୍ୟ ଭଳି ସିଏଜି ଏହାର ଅଡିଟ୍ କଲେ, ପ୍ରକୃତ ସତ୍ୟ ପଦାକୁ ଆସିବ ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି।

## ୨୦ ମିନିଟ୍‌ରେ ୭ ଥର ବିସ୍ଫୋରଣ

ଆବୁଧାବି, ୫।୮: ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ର ଦୁବାଇ ସ୍ଥିତ ଜେବେଲ ଅଲି ଶିଳ୍ପାଞ୍ଚଳରେ ବୁଧବାର ସକାଳେ ୨୦ ମିନିଟ୍ ମଧ୍ୟରେ ୭ ଥର ଶକ୍ତିଶାଳୀ ବିସ୍ଫୋରଣ ଘଟିଛି। ସୋସିଆଲ ମିଡିଆରେ ଭାଇରାଲ ଭିଡିଓରେ ଆକାଶକୁ କଳା ଧୂଆଁର ବାଦଲ ଉଠୁଥିବା ଦେଖିବାକୁ ମିଳିଛି। ଏହି ଘଟଣାର ଭିଡିଓ ରେକର୍ଡିଂ କରିବା ଅଭିଯୋଗରେ ସ୍ଥାନୀୟ ପ୍ରଶାସନ ଦୁଇ ଜଣ ବ୍ୟକ୍ତିଙ୍କୁ ଗିରଫ କରିଛି। ଏହା କୌଣସି ଆକ୍ରମଣ କିମ୍ବା ଶିଳ୍ପାଞ୍ଚଳ ଦୁର୍ଘଟଣା, ସେ ନେଇ ସରକାରୀ ସ୍ତରରେ କୌଣସି ସ୍ପଷ୍ଟୀକରଣ ଦିଆଯାଇ ନାହିଁ। ଇରାନର ନ୍ୟୁଜ୍ ଏଜେନ୍ସି ଓ ପ୍ରେସ୍ ଟିଭି ଏହି ବିସ୍ଫୋରଣ ସମ୍ପର୍କରେ ସୂଚନା ଦେଇଛି। ଜେବେଲ ଅଲି ନିକଟସ୍ଥ ଅଲ୍ ଫୁରଜାନ୍ ଆବାସିକ ଅଞ୍ଚଳର ବାସିନ୍ଦାମାନେ ଅନ୍ତତଃ ୪ ରୁ ୫ଟି ବିସ୍ଫୋରଣ ଶବ୍ଦ ଶୁଣିଥିବା ପ୍ରକାଶ କରିଛନ୍ତି। ବିସ୍ଫୋରଣର ପ୍ରକୃତ କାରଣକୁ ନେଇ ଭିନ୍ନ ଭିନ୍ନ ରିପୋର୍ଟ ସାମ୍ନାକୁ ଆସୁଛି। କେତେକ ଇରାନୀ ମିଡିଆ ଦାବି କରିଛନ୍ତି ଯେ, ୟେମେନରୁ ନିକ୍ଷେପ କରାଯାଇଥିବା କ୍ଷେପଣାସ୍ତ୍ର ଯୋଗୁଁ ଏହି ବିସ୍ଫୋରଣ ଘଟିଛି।

## ଗଣଶିକ୍ଷା ମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ



ନବରଙ୍ଗପୁର, ଉମରକଟ, ୫।୮ (ସଂଚାର ବ୍ୟୁରୋ): ମଙ୍ଗଳବାର ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉମରକଟ ପୌରାଞ୍ଚଳର ବିଭିନ୍ନ ୱାର୍ଡରେ ଏକାଧିକ ଉନ୍ନୟନ ମୂଳକ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି ତଥା ୱାର୍ଡନଂ ୧୩ ଡଙ୍ଗରିଗୁଡା ଅଡିଟରିୟମ ନିକଟରେ ଏକ ଆମ୍ଫିଥିଏଟର, ୱାର୍ଡ ନଂ ୧୦ ମେଡିକାଲ ଛକ ଠାରେ ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀ ରୋଡ ନାମରେ ଏକ ସାଇନ୍ ବୋର୍ଡ, ଆଗାମି ଦିନ ସେଠାରେ ଡଃ ମୁଖାର୍ଜୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହେବ, ୱାର୍ଡନଂ ୮ ଡଙ୍ଗରି ସାହି ଠାରେ ଗୋବଂଶର ସୁରକ୍ଷା ନିମନ୍ତେ ଗୋଟିଏ ଗୋଶାଳା, ୱାର୍ଡନଂ ୩ ଜଗନ୍ନାଥ ମନ୍ଦିର ମାର୍ଗରେ କାଂଜି ହାଉସ ଏଭଳି ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।

ଉକ୍ତ କାର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀ ଗଣ୍ଡଙ୍କ ସହ ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ କୁମାର ପାଢ଼ୀ, ସାଂସଦଙ୍କ ପ୍ରତିନିଧି ଭୋଜନାଥ ଗଣ୍ଡ, ପୌର ପରିଷଦ ଅଦ୍ଧକ୍ଷା ରାଧା ଭଦ୍ରା,ପୌରପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ, ମଣ୍ଡଳ ସଭାପତି ସନ୍ତୋଷ ଶର୍ମା, ସାଧାରଣ ସମ୍ପାଦକ ପ୍ରଭାତ କୁମାର ନାୟକ, ବରିଷ୍ଠ ଆଇନଜୀବି ରାମ କୃଷ୍ଣ ନାୟକ, ମିଲୁ ପଣ୍ଡା, ଟିଙ୍କୁ ଭାଇ, ସାନ ଭାଇ, ସୁଦେବ ନନ୍ଦି, ଅମିତ ହାଲଦାର, ପପୁ ଭାଇ, ରାମ ଗଣ୍ଡ, ଅଭିରାମ ଦାସ, ତ୍ରିଭୁବନ ସାହୁ, ମିନତି ଭଉଣି, ଅର୍ଚନା ଭଉଣି, ଗୌରୀ ଦିଦି ପ୍ରମୁଖ କର୍ଯ୍ୟକର୍ତ୍ତାଙ୍କ ସହ ପୌରପରିଷଦର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

### ବିଦ୍ୟାଳୟ ସମ୍ମୁଖରେ ମଦ ଆସର
## ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ନେଇ ବଢୁଛି ଚିନ୍ତା



ନବରଙ୍ଗପୁର, ଉମରକୋଟ, ୫।୮ (ସଂଚାର ବ୍ୟୁରୋ): ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଅନ୍ତର୍ଗତ କୁର୍ସି ବିଦ୍ୟାଳୟ ସମ୍ମୁଖରେ କିଛି ଅସାମାଜିକ ବ୍ୟକ୍ତି ନିୟମିତ ଭାବେ ମଦ ଆସର ଜମାଉଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଅଭିଭାବକ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି। ବିଦ୍ୟାଳୟକୁ ଆସୁଥିବା ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଭିଭାବକମାନେ ଏଥିପାଇଁ ଅସୁରକ୍ଷିତ ଅନୁଭବ କରୁଛନ୍ତି। ମଦ୍ୟପ ବ୍ୟକ୍ତିଙ୍କ ଅଶୋଭନୀୟ ଆଚରଣ ଶିକ୍ଷା ପରିବେଶ ଉପରେ ମଧ୍ୟ ପ୍ରଭାବ ପକାଉଥିବା ସ୍ଥାନୀୟ ଲୋକଙ୍କ ଅଭିଯୋଗ। ସ୍ଥାନୀୟ ବାସିନ୍ଦାମାନେ ପ୍ରଶାସନ ଓ ପୁଲିସଙ୍କୁ ଏହି ଘଟଣାରେ ତୁରନ୍ତ ହସ୍ତକ୍ଷେପ କରି ବିଦ୍ୟାଳୟ ପରିସରରେ ମଦ ଆସର ବନ୍ଦ କରିବା ସହ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି।

## ଥାନାରୁ ନ୍ୟାୟ ନପାଇ ଏସିଙ୍କ ଦ୍ୱାରସ୍ଥ ହେଲେ ମହିଳା




କୋରେଇ,୫।୮ (ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲା ବରୀ ଥାନା ଅନ୍ତର୍ଗତ ଗମ୍ଭୁଁ ଗ୍ରାମର ଭାରତୀ ସେଠିଙ୍କ ସ୍ୱାମୀ ନାରାୟଣ ସେଠି ଓ ତାଙ୍କ ପରିବାର ସହିତ ଗ୍ରାମର ଅନ୍ୟ ଏକ ଜେନା ପରିବାର ସହିତ କୌଣସି ଏକ କାରଣରୁ ସାମାନ୍ୟ ବଚଷା ହୋଇଥିବାରୁ ତାଙ୍କ ଗାଁର କିଛି ସବର୍ଣ୍ଣ ଲୋକମାନେ ନାରାୟଣ ସେଠି ବିଲରୁ ଚାଷ କାମସାରି ଘରକୁ ଫେରୁଥିବା ବେଳେ ତାଙ୍କୁ ଅପହରଣ କରିବା ସହିତ ମରଣାତ୍ମକ ଆକ୍ରମଣ କରିଥିଲେ । ନାରାୟଣଙ୍କ ସ୍ତ୍ରୀ ଭାରତୀ ବରୀ ଥାନାରେ ଅଭିଯୋଗ କରିଥିଲେ। ଅଦ୍ୟାବଧି ତାଙ୍କ ସ୍ୱାମୀ ମେଡିକାଲରେ ଚିକିତ୍ସା ହୋଇ ମରଣ ସହିତ ସଂଗ୍ରାମ କରୁଥିଲେ ମଧ୍ୟ ଦୋଷୀ ଉପରେ କୌଣସି କାର୍ଯ୍ୟନୁଷ୍ଠାନ ନିଆଯାଇନାହିଁ। ଦୋଷୀ ଖୁଲମ ଖୁଲା ବୁଲୁଥିବା ଦେଖିବାକୁ ମିଳୁଛି। ବରୀ ଥାନା ଅଧିକାରିଣୀ ଉଚିତ ଧାରା ନଲଗାଇ ଖାଲି ନାମକୁ ମାତ୍ର ସାଧାରଣ ମାମଲା ରୁଜୁ କରି ଚୁପ ରହିଥିବା ଭାରତୀ ଅଭିଯୋଗ କରିଛନ୍ତି। ଏଥି ସହିତ ସେ ଅସବର୍ଣ୍ଣଜାତି ହୋଇଥିବାରୁ ତାଙ୍କ ପରିବାରଙ୍କୁ ଜାତିଆଣ ଆକ୍ଷେପ୍ୟ କରି ରାସ୍ତା ଘାଟରେ ଗାଳି ଗୁଲଜ କରିବା ସହ ପରିବାରକୁ ଜୀବନରୁ ମାରିଦେବାକୁ ମଧ୍ୟ ଧମକ ଦେଉଥିବା ଅଭିଯୋଗ କରିଛନ୍ତି। ପରିବାର ଲୋକେ ବରି ଥାନାରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ନ୍ୟାୟ ନପାଇ ଆଜି ଏସପିଙ୍କ କାର୍ଯ୍ୟାଳୟର ଦ୍ୱାରସ୍ତ ହୋଇଥିଲେ। ଏସପି ଏହାର ତଦନ୍ତ ଭାର ଅତିରିକ୍ତ ଏସପିଙ୍କୁ ଦେଇଥିବା ନେଇ ତାଙ୍କ ପରିବାର ଠାରୁ ସୁଚନା ମିଳିଛି। ଯଦି ନ୍ୟାୟ ନ ପାଆନ୍ତି ତେବେ ପୁନଶ୍ଚ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପରିବାର ଲୋକେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି।

### କାହା ସ୍ୱାର୍ଥରେ କୋଟି କୋଟି ଟଙ୍କାର ସେତୁ ପ୍ରକଳ୍ପ ?
# ଭାଙ୍ଗିବାର ଦୁଇ ବର୍ଷ ପରେ ବି ହେଉନି ପୁନଃନିର୍ମାଣ

**ପ୍ରଶାସନ ନିରବ**



ମାଲକାନଗିରି, ୫।୮ (ସଂଚାର ବ୍ୟୁରୋ): ମାଲକାନଗିରି ଜିଲ୍ଲାର ସ୍ୱାଭିମାନ ଅଞ୍ଚଳ ବିକାଶର କଥା ବାରମ୍ବାର ସରକାରୀ ମଞ୍ଚରେ ଉଚ୍ଚାରଣ ହେଉଛି। ସେତୁ, ରାସ୍ତା ଓ ଭିତ୍ତିଭୂମି ବିକାଶ ପାଇଁ କୋଟି କୋଟି ଟଙ୍କା ବ୍ୟୟ ହେଉଥିବା ଦାବି କରାଯାଉଛି। କିନ୍ତୁ ଚିତ୍ରକୋଣ୍ଡା ବ୍ଲକ ଅନ୍ଦ୍ରାପାଲ୍ଲୀ ପଞ୍ଚାୟତର ରାମଗୁଡ଼ା- ଘୁଷୁମପଦର- ଅନ୍ଦ୍ରାପାଲ୍ଲୀ- ପଣଷପୁଟକୁ ସଂଯୋଗ କରୁଥିବା ଆର୍.ଡି. ରାସ୍ତାର ପୋଲ ଭାଙ୍ଗିଯିବାର ଦୁଇ ବର୍ଷ ପରେ ମଧ୍ୟ ଏହାର ପୁନର୍ନିର୍ମାଣ ହୋଇନଥିବା ଘଟଣା ଅନେକ ପ୍ରଶ୍ନ ସୃଷ୍ଟି କରିଛି।

୨୦୨୪ ଅଗଷ୍ଟ ୩ ତାରିଖରେ ଲଗାଣ ବର୍ଷାରେ ପୋଲଟି ଭୁଶୁଡ଼ି ପଡ଼ିଥିଲା। ୨୦୨୬ ଅଗଷ୍ଟ ୩ରେ ଦୁଇ ବର୍ଷ ପୂରଣ ହେଲା। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ଏହି ସମୟ ମଧ୍ୟରେ ତିନିଜଣ ବିଡିଓ, ଆର୍.ଡି. ବିଭାଗର ଯନ୍ତ୍ରୀ, ସ୍ଥାନୀୟ ବିଧାୟକ ଏବଂ କ୍ରମାଗତ ତିନିଜଣ ଜିଲ୍ଲାପାଳଙ୍କ ଜନଶୁଣାଣୀରେ ଅଭିଯୋଗ ଦାଖଲ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ପଦକ୍ଷେପ ଦେଖିବାକୁ ମିଳିନାହିଁ।

ଯାତାୟାତ ବନ୍ଦ ହେବା ପରେ ଗ୍ରାମବାସୀ ନିଜସ୍ୱ ଅର୍ଥ ବ୍ୟୟ କରି ପୋଲ ପାର୍ଶ୍ୱରେ ଅସ୍ଥାୟୀ ରାସ୍ତା ତିଆରି କରିଥିଲେ। ବର୍ତ୍ତମାନ ବର୍ଷାରେ ସେହି ରାସ୍ତା ମଧ୍ୟ କ୍ଷତିଗ୍ରସ୍ତ ହେବାକୁ ଲାଗିଛି। ଫଳରେ ଦୈନନ୍ଦିନ ଯାତାୟାତ, ଛାତ୍ରଛାତ୍ରୀଙ୍କ ପାଠପଢ଼ା, ରୋଗୀଙ୍କ ଚିକିତ୍ସା, ଚାଷୀଙ୍କ କୃଷିଜାତ ଦ୍ରବ୍ୟ ପରିବହନ ସବୁ ପ୍ରଭାବିତ ହେଉଥିବା ଅଭିଯୋଗ ହେଉଛି। ଗ୍ରାମବାସୀଙ୍କ ଦାବି ମୁତାବକଏହି ପୋଲର ପୁନର୍ନିର୍ମାଣ କେବଳ ଏକ ବିକାଶମୂଳକ କାମ ନୁହେଁ; ଏହା ହଜାର ହଜାର ଲୋକଙ୍କ ଜୀବନ, ଜୀବିକା ଓ ସୁରକ୍ଷା ସହ ଜଡ଼ିତ। ସେମାନେ ରାଜ୍ୟ ସରକାର, ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ବିଭାଗକୁ ତୁରନ୍ତ ସ୍ଥିତି ସ୍ପଷ୍ଟ କରି ପୋଲ ନିର୍ମାଣ କାମ ଆରମ୍ଭ କରିବାକୁ ଦାବି କରିଛନ୍ତି।

## ଦୁଇଦିନ ହେଲା ରେଳଷ୍ଟେସନରେ ପିଇବା ପାଣି ଠପ୍



**ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଯାତ୍ରୀ**

ଢେଙ୍କାନାଳ, ୫।୮ (ସଂଚାର ବ୍ୟୁରୋ): ଢେଙ୍କାନାଳ ରେଳଷ୍ଟେସନରେ ଗତ ଦୁଇ ଦିନ ଧରି ପିଇବା ପାଣିର ବ୍ୟବସ୍ଥା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିବାରୁ ଯାତ୍ରୀମାନେ ଚରମ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଷ୍ଟେସନରେ ଥିବା ପାନୀୟ ଜଳ ଯୋଗାଣ ବନ୍ଦ ଥିବାରୁ ଦୂରଦୂରାନ୍ତରୁ ଆସୁଥିବା ଯାତ୍ରୀଙ୍କୁ ପାଣି ପାଇଁ ଦୋକାନରୁ ବୋତଲ କିଣିବାକୁ ବାଧ୍ୟ ହେବାକୁ ପଡୁଛି। ଏହାକୁ ନେଇ ଯାତ୍ରୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ରେଳ ଷ୍ଟେସନରେ ଥିବା ପାନୀୟ ଜଳ ବ୍ୟବସ୍ଥା ଗତ ଦୁଇ ଦିନ ହେଲା ଅଚଳ ରହିଛି। ଫଳରେ ପ୍ଲାଟଫର୍ମରେ ଟ୍ରେନ୍ ଅପେକ୍ଷାରେ ଥିବା ଯାତ୍ରୀମାନେ ବିଶେଷକରି ବୃଦ୍ଧ, ମହିଳା ଓ ଶିଶୁମାନେ ନାନା ଅସୁବିଧାରେ ପଡୁଛନ୍ତି। ଏପରିକି ଷ୍ଟେସନ କର୍ମଚାରୀମାନେ ମଧ୍ୟ ପାନୀୟ ଜଳ ପାଇଁ ବାହାରୁ ବୋତଲ ପାଣି କିଣି ବ୍ୟବହାର କରୁଥିବା ଜଣାପଡ଼ିଛି। ଖୁଦ ଷ୍ଟେସନ ମାଷ୍ଟରଙ୍କୁ ମଧ୍ୟ ପିଇବା ପାଇଁ ବୋତଲ ପାଣି କିଣିବାକୁ ପଡୁଥିବା ଘଟଣା ରେଳ ବିଭାଗର ବ୍ୟବସ୍ଥାକୁ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସ୍ଥାନୀୟ ରେଳ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଉଚ୍ଚ ଅଧିକାରୀଙ୍କୁ ଏହି ସମସ୍ୟା ସମ୍ପର୍କରେ ଅବଗତ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସ୍ଥାୟୀ ସମାଧାନ ହୋଇନାହିଁ। ଫଳରେ ଯାତ୍ରୀଙ୍କ ଅସନ୍ତୋଷ ଦିନକୁ ଦିନ ବଢ଼ିବାରେ ଲାଗିଛି।

ଯାତ୍ରୀମାନେ କହିଛନ୍ତି, ରେଳଷ୍ଟେସନ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ପାନୀୟ ଜଳ ଭଳି ମୌଳିକ ସୁବିଧା ଦୁଇ ଦିନ ଧରି ବନ୍ଦ ରହିବା ଅତ୍ୟନ୍ତ ଦୁଃଖଦ। ବର୍ଷା ଋତୁ ହେଉ କି ଖରାଦିନ, ଯାତ୍ରୀଙ୍କ ପାଇଁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ରେଳ ବିଭାଗର ମୌଳିକ ଦାୟିତ୍ୱ। ତୁରନ୍ତ ପାଣି ଯୋଗାଣ ସ୍ୱାଭାବିକ କରିବା ସହ ଭବିଷ୍ୟତରେ ଏପରି ସମସ୍ୟାର ପୁନରାବୃତ୍ତି ନ ହେବା ପାଇଁ ସ୍ଥାୟୀ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି।

ଏହି ଘଟଣା ଢେଙ୍କାନାଳ ରେଳ ଷ୍ଟେସନରେ ଯାତ୍ରୀ ସେବାର ମାନକୁ ନେଇ ପୁଣିଥରେ ପ୍ରଶ୍ନ ଉଠାଇଛି। ରେଳ ବିଭାଗ କେବେ ଏହି ସମସ୍ୟାର ସମାଧାନ କରୁଛି, ତାହାକୁ ନେଇ ଯାତ୍ରୀମାନେ ଅପେକ୍ଷା କରିଛନ୍ତି।

## ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଧାରଣା ଓ ପ୍ରତିବାଦ ସଭା



ବାଲିଆପାଳ, ୫।୮ (ସଂଚାର ବ୍ୟୁରୋ): ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ବାଲିଆପାଳ ମଣ୍ଡଳ ପକ୍ଷରୁ ବୁଧବାର ଚାରି ଦଫା ଦାବି ନେଇ ବାଲିଆପାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟରେ ସମ୍ମୁଖରେ ଧାରଣା ଏବଂ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାରେ ଯୋଗ୍ୟ ବିବେଚିତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡିକ ଅନୁଦାନ ପ୍ରଦାନ, ଅବସର ନେଇଥିବା ଶିକ୍ଷକ ଓ ଶିକ୍ଷା କର୍ମଚାରୀ ମାନଙ୍କୁ ଚାକିରି ସର୍ତ୍ତାବଳୀ ସହ ପେନସନ ପ୍ରଦାନ, ଶିକ୍ଷକ ନିଯୁକ୍ତି ସହିତ ସରକାରୀକରଣ, ଅବସରର ବୟସ ସୀମା ୬୦ରୁ ୬୨କୁ ବୃଦ୍ଧି, ପୁରାତନ ପେନସନର ପୁନଃ ପ୍ରଚଳନ, ଇନକ୍ରୀମେଣ୍ଟ ସହିତ ବରିଷ୍ଠତା ପ୍ରଦାନ ପ୍ରମୁଖ ଚାରି ଦଫା ଦାବି ନେଇ ବାଲିଆପାଳ ବିଡିଓ ରାଧାରଞ୍ଜନ ଦାଶଙ୍କ ଦାବି ପତ୍ର ପ୍ରଦାନ କରାଯାଇଛି। ଏଥିସହିତ ଆଗାମୀ ଦିନରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଏବଂ ଅଗଷ୍ଟ ୧୬ ତାରିଖରେ ଗାନ୍ଧୀମାର୍ଗରେ ଅହୋରାତ୍ର ଧାରଣା ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି।

## ଏଟିଏମ୍ ତାଡ଼ି ଲୁଟ୍ ଉଦ୍ୟମ

*ଘର ଆଗରୁ ନେଇଗଲେ ପଲସର ବାଇକ, ଚାବି ନଖୋଲିବାରୁ ଆଉ ଗୋଟିଏ ବାଇକ ବାଡେଇ ଭାଙ୍ଗିଦେଲେ*

ବାଲିଅନ୍ତା, ୫।୮ (ସଂଚାର ବ୍ୟୁରୋ): ଗତକାଲି ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ବାଲିଅନ୍ତା ତାରିଣୀ ମନ୍ଦିର ନିକଟରେ ଥିବା ଷ୍ଟେଟ ବ୍ୟାଙ୍କ ଲୁଟ ଉଦ୍ୟମ କରିଛନ୍ତି । ଦୁର୍ବୃତ୍ତମାନେ ବ୍ୟାଙ୍କର ଗ୍ରିଲ ତାଲା ଭାଙ୍ଗି ଷ୍ଟ୍ରଙ୍ଗ ରୁମ ଆଡ଼କୁ ଯିବା ବେଳେ ହଠାତ୍ ସାଇରନ ବାଜି ଉଠିବାରୁ ଖସି ପଳାଇ ଥିଲେ । ସେହିପରି ଦୁର୍ବୃତ୍ତମାନେ ଯିବାବେଳେ ନିକଟରେ ରହୁଥିବା ଅନ୍ୟ ଜଣଙ୍କ ଘର ସାମ୍ନାରୁ ଏକ ପଲସର ବାଇକ ଲୁଟି ନେବା ସହିତ ଆଉ ଗୋଟିଏ ବାଇକ୍‌ର ଚାବି ନଖୋଲିବାରୁ ଗାଡି ଭାଙ୍ଗି ଦେଇଛନ୍ତି। ଖବର ପାଇ ବାଲିଅନ୍ତା ଥାନା ପୁଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଜାରି ରଖିଛି।

## ଆଲୋକିତ ହେଲା ସାକ୍ଷୀଗୋପାଳ ମନ୍ଦିର ସମ୍ମୁଖ

### ଖୁସି ବ୍ୟକ୍ତ କଲେ ବ୍ୟବସାୟୀ ଓ ସ୍ଥାନୀୟ ବାସିନ୍ଦା



ସତ୍ୟବାଦୀ, ୫।୮ (ସଂଚାର ବ୍ୟୁରୋ): ଦୀର୍ଘଦିନର ଦାବି ପରେ ଶେଷରେ ସାକ୍ଷୀଗୋପାଳ ମନ୍ଦିର ସମ୍ମୁଖରେ ଉନ୍ନତ ଆଲୋକ ବ୍ୟବସ୍ଥା କରାଯାଇଛି। ଏହା ଫଳରେ ରାତ୍ରି ସମୟରେ ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁ, ସ୍ଥାନୀୟ ବାସିନ୍ଦା ଓ ବ୍ୟବସାୟୀମାନେ ବହୁ ଉପକୃତ ହେବେ ବୋଲି ମତ ପ୍ରକାଶ ପାଇଛି।

ପୂର୍ବରୁ ମନ୍ଦିର ସମ୍ମୁଖରେ ପର୍ଯ୍ୟାପ୍ତ ଆଲୋକ ବ୍ୟବସ୍ଥା ନଥିବାରୁ ରାତି ସମୟରେ ଯାତାୟାତରେ ଅସୁବିଧା ସୃଷ୍ଟି ହେଉଥିଲା। ପ୍ରାୟ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଥିବା ବେଳେ ବିଶେଷକରି ରାସ୍ତାରେ ବୁଲୁଥିବା ଗାଈଗୋରୁ ମଧ୍ୟ ଏହାର ଶିକାର ହେଉଥିଲେ। ଏହି ସମସ୍ୟାକୁ ନେଇ ସ୍ଥାନୀୟ ଲୋକେ ବହୁଦିନ ଧରି ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ ପାଣିଗ୍ରାହୀଙ୍କ ନିକଟରେ ସ୍ଥାୟୀ ଆଲୋକ ବ୍ୟବସ୍ଥା କରିବାକୁ ଦାବି ଜଣାଇ ଆସୁଥିଲେ। ଶେଷରେ ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇ ଉନ୍ନତ ଆଲୋକ ବ୍ୟବସ୍ଥା କରାଯିବା ପରେ ସ୍ଥାନୀୟ ବାସିନ୍ଦା, ବୁଦ୍ଧିଜୀବୀ, ସେବାୟତ ଓ ବ୍ୟବସାୟୀମାନେ ସନ୍ତୋଷ ପ୍ରକାଶ କରିଛନ୍ତି।

ଏହି ପଦକ୍ଷେପ ମନ୍ଦିରକୁ ଆସୁଥିବା ହଜାର ହଜାର ଶ୍ରଦ୍ଧାଳୁଙ୍କ ସୁରକ୍ଷିତ ଯାତାୟାତ ସହ ସ୍ଥାନୀୟ ବ୍ୟବସାୟକୁ ମଧ୍ୟ ସହାୟକ ହେବ ବୋଲି ସେମାନେ କହିଛନ୍ତି।

# କୋରାପୁଟରେ ବେଆଇନ୍ ବିହନ ବିକ୍ରି ଅଭିଯୋଗ



କୋରାପୁଟ,୫।୮ (ସଂଚାର ବ୍ୟୁରୋ): କୋରାପୁଟ ଜିଲ୍ଲାର ବିଭିନ୍ନ ସାପ୍ତାହିକ ହାଟ ଓ ବଜାରରେ ଅବୈଧ ଭାବେ ବିହନ ବିକ୍ରି ହେଉଥିବା ଅଭିଯୋଗ ଉଠିଛି। ନିର୍ଦ୍ଦିଷ୍ଟ ଅନୁମତି କିମ୍ବା ପଞ୍ଜୀକରଣ ବିନା କେତେକ ବ୍ୟବସାୟୀ ବିଭିନ୍ନ ପ୍ରକାରର ବିହନ ବିକ୍ରି କରୁଥିବାରୁ ଚାଷୀମାନେ ପ୍ରତାରଣାର ଶିକାର ହେବାର ଆଶଙ୍କା ପ୍ରକାଶ ପାଇଛି।

ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁସାରେ, ବିହନର ଗୁଣବତ୍ତା, ମିଆଦ, ଉତ୍ପାଦନକାରୀ ସଂସ୍ଥା ଓ ପ୍ରମାଣପତ୍ର ସମ୍ପର୍କରେ ସଠିକ୍ ସୂଚନା ନ ଦେଇ ବିକ୍ରି କରାଯାଉ ଥିବାରୁ ଚାଷୀମାନେ ଆର୍ଥିକ କ୍ଷତି ସହିବାର ସମ୍ଭାବନା ରହିଛି। ଏହି ଘଟଣା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ପୋଡ଼ାଗଡ଼ ସାପ୍ତାହିକ ହାଟରେ ସାମ୍ନାକୁ ଆସିଥିବା ବେଳେ, ଏଭଳି କାରବାର ଜିଲ୍ଲାର ଅନ୍ୟାନ୍ୟ ସାପ୍ତାହିକ ହାଟରେ ମଧ୍ୟ ଚାଲୁଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଜିଲ୍ଲା କୃଷି ଅଧିକାରୀ ଭବାନୀ ଶଙ୍କର ମହାପାତ୍ରଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଏହି ସମସ୍ୟାର କୌଣସି ସ୍ଥାୟୀ

**ସବୁ ଦେଖି ବିଭାଗ ଚୁପ୍**

ପ୍ରତିକାର ବର୍ତ୍ତମାନ ନାହିଁ। ତେବେ ସମସ୍ତ ବ୍ଲକ କୃଷି ଅଧିକାରୀଙ୍କୁ ସମ୍ପୃକ୍ତ ହାଟଗୁଡ଼ିକୁ ଯାଇ ସ୍ଥିତି ଅନୁଧ୍ୟାନ କରି ରିପୋର୍ଟ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ସେ ସୂଚନା ଦେଇଛନ୍ତି। ଅନ୍ୟପଟେ, ଦଶମନ୍ତପୁର ବ୍ଲକ କୃଷି ଅଧିକାରୀ କହିଛନ୍ତି, "ଆମ ହାତ ବନ୍ଧା। ଉପରୁ ନିର୍ଦ୍ଦେଶ ନ ଆସିବା ପର୍ଯ୍ୟନ୍ତ ସିଧାସଳଖ କୌଣସି ପଦକ୍ଷେପ ନେବାର କ୍ଷମତା ନାହିଁ।"

ହାଟରେ ବିହନ ବିକ୍ରି କରୁଥିବା ସତ୍ୟନାରାୟଣ ରଥ ନାମକ ଜଣେ ବ୍ୟବସାୟୀ କହିଛନ୍ତି ଯେ ସେ ସେମିଳିଗୁଡ଼ା ଅଞ୍ଚଳର କିଛି ବିହନ ଦୋକାନରୁ ବିହନ ଆଣି ବିଭିନ୍ନ ହାଟରେ ବିକ୍ରି କରୁଛନ୍ତି। ସେହିପରି ହାଟରେ ବିହନ ବିକ୍ରି କରୁଥିବା ଅନ୍ୟ ଜଣେ ବ୍ୟବସାୟୀ କହିଛନ୍ତି, ଆମେ ପ୍ରାୟ ୨୦ ବର୍ଷ ହେଲା ବିଭିନ୍ନ ହାଟକୁ ଯାଇ ଏହି ବ୍ୟବସାୟ କରୁଛୁ। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଯେ ବର୍ଷ ବର୍ଷ ଧରି ଏଭଳି ବିହନ ବିକ୍ରି ଚାଲିଛି। କେତେକ ଚାଷୀ ଏଭଳି ନିମ୍ନମାନର ବିହନ କିଣି ଆର୍ଥିକ କ୍ଷତି ସହୁଛନ୍ତି।

ଏପରି ପରିସ୍ଥିତିରେ ଅବୈଧ ବିହନ ବିକ୍ରିକୁ ରୋକିବା ପାଇଁ କୃଷି ବିଭାଗ ପକ୍ଷରୁ ନିୟମିତ ଚଢ଼ାଉ କରାଯାଇ ଦୋଷୀଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଚାଷୀ ମହଲରେ ଦାବି ହେଉଛି।

## ଶିଳ୍ପ ବାୟୋଟେକ୍ନୋଲୋଜି କ୍ଷେତ୍ରରେ ମିଳିତ ଗବେଷଣା ପାଇଁ ବୁଝାମଣାପତ୍ର ସ୍ୱାକ୍ଷରିତ




ଭୁବନେଶ୍ୱର,୫।୮ (ସଂଚାର ବ୍ୟୁରୋ): ଶିଳ୍ପ ବାୟୋଟେକ୍ନୋଲୋଜି କ୍ଷେତ୍ରରେ ଗବେଷଣା, ବିକାଶ ଓ ସମ୍ପ୍ରସାରଣ କାର୍ଯ୍ୟକ୍ରମକୁ ମିଳିତ ଭାବେ ଆଗେଇ ନେବା ଉଦ୍ଦେଶ୍ୟରେ ଶିକ୍ଷା 'ଓ' ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ଏବଂ କୋଲକାତାସ୍ଥିତ କୃଷିବନ୍ଧୁ କ୍ରପ୍ ସାଇନ୍ସ ପ୍ରାଇଭେଟ୍ ଲିମିଟେଡ୍ (କେବିସି) ମଧ୍ୟରେ ମଙ୍ଗଳବାର ଏକ ବୁଝାମଣା ସ୍ୱାକ୍ଷରିତ ହୋଇଛି।

ଏହି ବୁଝାମଣା ଅନୁଯାୟୀ ସୋଆର ସେଣ୍ଟର ଫର୍ ଇଣ୍ଡଷ୍ଟ୍ରିଆଲ ବାୟୋଟେକ୍ନୋଲୋଜି ରିସର୍ଚ୍ଚ (ସିଆଇବିଆର୍) ଏବଂ କେବିସି ମଧ୍ୟରେ ଗବେଷଣା ଓ ଉତ୍ପାଦ ବିକାଶ କ୍ଷେତ୍ରରେ ଏକ ଦୀର୍ଘମିଆଦୀ ସହଯୋଗୀ ସମ୍ପର୍କ ସ୍ଥାପନ କରାଯିବ। ସିଆଇବିଆର ପକ୍ଷରୁ ଜୈବ ସାର ସମେତ ବିଭିନ୍ନ ଜୈବ କୃଷି ଉତ୍ପାଦ ପ୍ରସ୍ତୁତ କରାଯାଉଛି।

ଚୁକ୍ତି ଅନୁଯାୟୀ, କେବିସି ବିପଣନ ଓ ଗବେଷଣା ସହଯୋଗୀ ଭାବେ କାର୍ଯ୍ୟ କରିବ। ଏହା ଉତ୍ପାଦର ପ୍ରଚାର, ସଚେତନତା ସୃଷ୍ଟି, କୃଷକଙ୍କ ନିକଟରେ ପହଞ୍ଚିବା, କ୍ଷେତ୍ର ପ୍ରଦର୍ଶନୀ, ବିପଣନ ଏବଂ ବିତରଣ କାର୍ଯ୍ୟକ୍ରମକୁ ପରସ୍ପର ସହମତି ଭିତିରେ ପରିଚାଳନା କରିବ।

ଏହି ବୁଝାମଣାପତ୍ର ଅନୁସାରେ ଉଭୟ ସଂସ୍ଥା ମିଳିତ ଭାବେ ବଜାର ବିସ୍ତାର, କୃଷକଙ୍କ ଦ୍ୱାରା ଜୈବ ପ୍ରଯୁକ୍ତିର ଅଧିକ ବ୍ୟବହାରକୁ ପ୍ରୋତ୍ସାହନ ଏବଂ କ୍ଷେତ୍ରସ୍ତରୀୟ ପରୀକ୍ଷଣ ମାଧ୍ୟମରେ ଉତ୍ପାଦର କାର୍ଯ୍ୟଦକ୍ଷତା ସମ୍ପର୍କିତ ବୈଜ୍ଞାନିକ ଓ ବାଣିଜ୍ୟିକ ତଥ୍ୟ ସଂଗ୍ରହ କରିବେ।

ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଏବଂ କେବିସିର ନିର୍ଦ୍ଦେଶକ ତଥା ମୁଖ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଶୈବାଳ ମିତ୍ର ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ।

## ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ ଓ ସଚେତନତା କାର୍ଯ୍ୟକ୍ରମ



ଧାମନଗର, ୫।୮ (ସଂଚାର ବ୍ୟୁରୋ): ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶ କ୍ରମେ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ମନ୍ମୟ ସାମନ୍ତ ସିଂହାରଙ୍କ ତତ୍ତ୍ୱାବଧାନରେ କିଶୋର ଚନ୍ଦ୍ର ପଣ୍ଡାଙ୍କ ସଂଚାଳନାରେ ଧାମନଗର ବ୍ଲକ ଏବଂ ଏନ ଏ ସି ବିଭିନ୍ନ ଗ୍ରାମ ଓ ସ୍ଥାନ ମାନଙ୍କରେ ଅଗଷ୍ଟ ୧ ରୁ ୭ ପର୍ଯ୍ୟନ୍ତ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ ଓ ସଚେତନତା ଅଭିଯାନ ଆରମ୍ଭ କରାଯାଇଛି। ଏହି ଅବସରରେ ସହରାଞ୍ଚଳ ଅଧିନରେ ଥିବା ଅଙ୍ଗନବାଡ଼ି କେନ୍ଦ୍ର ପରିସରରେ ମା'ମାନଙ୍କୁ ନେଇ ଏକ ସଚେତନ କରାଯାଇଥିଲା। ଜୟନଗର ସିଏଚ ଓ ମଧୁସ୍ମିତା ମହାପାତ୍ର ଯୋଗଦେଇ ସରକାରଙ୍କ ଏହି କାର୍ଯ୍ୟକ୍ରମ ମା' କ୍ଷୀରର ଉପକାରିତା ତଥା ସ୍ତନ୍ୟପାନ କରାଇବାର କୌଶଳ ସମ୍ପର୍କରେ ଉପସ୍ଥିତ ମା'ମାନଙ୍କୁ ସଚେତନ କରିଥିଲେ। ଏଥିରେ ସ୍ଥାନୀୟ ଆଶା କର୍ମୀ ଓ ଅଙ୍ଗନବାଡ଼ି ଦିଦି ଅଂଶ ଗ୍ରହଣ କରିଥିଲେ।

**ମାଗଣା ସାଇକେଲ ବଣ୍ଟନ ଯୋଜନା**

# ଅଭିଭାବକଙ୍କୁ ଦେବାକୁ ପଡୁଛି ଅତିରିକ୍ତ ୧୫ଶହ



### ପ୍ରତିବର୍ଷ ୨ ହଜାର ପିଲାଙ୍କ ପରିବାରଙ୍କ ପାଇଁ ବୋଝ ପାଲଟିଛି

କାକଟପୁର/ଅସ୍ତରଙ୍ଗ, ୫।୮ (ସଂଚାର ବ୍ୟୁରୋ): ବିଦ୍ୟାଳୟରୁ ଅଧାରେ ପାଠ ଛାଡୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ହ୍ରାସ କରିବା ନିମନ୍ତେ ରାଜ୍ୟ ସରକାର ୨୦୧୧-୧୨ ଆର୍ଥିକ ବର୍ଷରୁ "ମାଗଣା ସାଇକେଲ ବଣ୍ଟନ ଯୋଜନା" ଆରମ୍ଭ କରିଥିଲେ। ଏହି ଯୋଜନାରେ ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଓ ବ୍ଲକଗ୍ରାଣ୍ଟ ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି। ପରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାରର ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ମଧ୍ୟ ଏଥିରେ ସାମିଲ କରାଗଲା। କିନ୍ତୁ ବର୍ତ୍ତମାନ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ସହାୟତା ରାଶି ଓ ବଜାର ଦର ମଧ୍ୟରେ ବ୍ୟାପକ ଫରକ ଯୋଗୁଁ ଅଭିଭାବକମାନେ ହନ୍ତସନ୍ତ ହେଉଛନ୍ତି। ସରକାର ପ୍ରତି ଛାତ୍ରଛାତ୍ରୀଙ୍କୁ ସାଇକେଲ କିଣିବା ପାଇଁ ୩୫ଶହ ଟଙ୍କା ପ୍ରଦାନ କରୁଥିବା ବେଳେ ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ କାକଟପୁର ବଜାରରେ ଏକ ଭଲ ଗୁଣବତ୍ତାର ସାଇକେଲର ଦର ସର୍ବନିମ୍ନ ୪୫୦୦ରୁ ୫ହଜାର ଟଙ୍କା। ଫଳରେ ଗରିବ ପରିବାରର ଅଭିଭାବକମାନଙ୍କୁ ନିଜ ପକେଟରୁ ଅତିରିକ୍ତ ହଜାରରୁ ୧୫ଶହ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ଏହା ତାଙ୍କ ପାଇଁ ବଡ ବୋଝ ପାଲଟିଛି।

ବିଭାଗୀୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଚଳିତ ୨୦୨୬-୨୭ ଆର୍ଥିକ ବର୍ଷରେ ଅସ୍ତରଙ୍ଗ ଓ କାକଟପୁର ମଣ୍ଡଳ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ଅଧୀନରେ ପ୍ରାୟ ୨ ହଜାର ଛାତ୍ରଛାତ୍ରୀଙ୍କୁ ସାଇକେଲ ମିଳିବାର ବ୍ୟବସ୍ଥା ରହିଛି।

କିନ୍ତୁ ପ୍ରୋତ୍ସାହନ ରାଶି ଅପେକ୍ଷା ବଜାର ଦର ଅଧିକ ରହୁଥିବାରୁ ଗରିବ ଶ୍ରେଣୀର ପରିବାର ପାଇଁ ନୂଆ ସାଇକେଲ କିଣିବା ଏକ ପ୍ରକାର ଅସମ୍ଭବ ହୋଇପଡିଛି। ଅନେକ ଅଭିଭାବକ ଅଭିଯୋଗ କରୁଛନ୍ତି ଯେ ସରକାର ଯେଉଁ ଉଦ୍ଦେଶ୍ୟରେ ଏହି ଯୋଜନା ଆରମ୍ଭ କରିଥିଲେ ସେହି ଉଦ୍ଦେଶ୍ୟ ପୂରଣ ହେଉନାହିଁ। ପିଲାମାନେ ଯେତିକି ଉପକୃତ ହେଉଛନ୍ତି, ତାଠାରୁ ଅଧିକ ଚାପ ଅଭିଭାବକଙ୍କ ଉପରେ ପଡୁଛି।

ଏ ନେଇ ଶିକ୍ଷକ ମହଲରୁ ସୂଚନା ମିଳିଛି ଯେ ପ୍ରୋତ୍ସାହନ ରାଶି ବୃଦ୍ଧି କରିବା ପାଇଁ ବିଭାଗକୁ ପ୍ରସ୍ତାବ ପଠାଯାଇସାରିଛି। କିନ୍ତୁ ଏ ପର୍ଯ୍ୟନ୍ତ ବିଭାଗ ପକ୍ଷରୁ କୌଣସି ନିର୍ଦ୍ଦେଶ ଆସିନାହିଁ। ଶିକ୍ଷାବିତମାନେ ଦାବୀ କରିଛନ୍ତି ଯେ ବର୍ତ୍ତମାନର ବଜାର ଦରକୁ ଦୃଷ୍ଟିରେ ରଖି ସହାୟତା ରାଶିକୁ ଅତିକମରେ ୫ ହଜାର ଟଙ୍କାକୁ ବୃଦ୍ଧି କରାଯାଉ। ନଚେତ ମାଗଣା ସାଇକେଲ ଯୋଜନା ନାମକୁ ମାଗଣା ରହିଯିବ କିନ୍ତୁ ତାର ଲାଭ ଗରିବ ପିଲାମାନେ ପାଇପାରିବେ ନାହିଁ। ତେଣୁ ତୁରନ୍ତ ରାଶି ବୃଦ୍ଧି କରି ପ୍ରକୃତ ହିତାଧିକାରୀଙ୍କୁ ସମ୍ପୂର୍ଣ୍ଣ ଲାଭ ଦେବା ପାଇଁ ସାଧାରଣରେ ଦାବୀ ହେଉଛି।

## ଦେଶ୍ କରମ୍ ପରବ୍ ପାଳନ ପାଇଁ ପ୍ରସ୍ତୁତି ବୈଠକ



ବେତନଟୀ, ୫।୮ (ସଂଚାର ବ୍ୟୁରୋ): ବେତନଟୀ ଥାନା ଅନ୍ତର୍ଗତ ସୁରେଇଡିହି ଦେଶ୍ କରମ୍ ପଡିଆରେ ଆଗାମୀ ଚତୁର୍ଥ ଦେଶ୍ କରମ୍ ପରବ୍-୨୦୨୬ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏବର୍ଷ ଏହି ଉତ୍ସବକୁ ୬ ଦିନ ଧରି ପାଳନ କରାଯିବ। ଆସନ୍ତା ସେପ୍ଟେମ୍ବର ୨୨ ତାରିଖ ଦିନ କରମ୍ ପୂଜା ପାଳନ କରାଯିବ । ତେବେ ଏହି କରମ୍ ପୂଜାକୁ ଅଧିକ ବ୍ୟାପକ କରିବା ପାଇଁ ଏବର୍ଷ ସେପ୍ଟେମ୍ବର ୧୮ ତାରିଖ ଠାରୁ ସୁରେଇଡିହି ଠାରେ କରମ୍ ପର୍ବ-୨୦୨୬ ଉତ୍ସବ ପାଳନ ଆରମ୍ଭ ହେବ ଏବଂ ସେପ୍ଟେମ୍ବର ୨୩ ତାରିଖ ଦିନ ଶେଷ ହେବ।

ଏହି ପର୍ବକୁ ବ୍ୟାପକ ଭାବରେ ପାଳନ କରିବା ପାଇଁ ବିଭିନ୍ନ ଗ୍ରାମକୁ ଯାଇ ବୈଠକ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଦେଶ୍ କରମ୍ ପରବ୍ ପାଳନ କ୍ରିୟାନୁଷ୍ଠାନ କମିଟିର ସଭାପତି ସୁକାନ୍ତ କୁମାର ମହାନ୍ତଙ୍କର ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ରବୀନ୍ଦ୍ର ମହାନ୍ତ, କୋଷାଧ୍ୟକ୍ଷ ଶତ୍ରୁଘ୍ନ ମହାନ୍ତ, ଦେବେନ୍ଦ୍ର ମହାନ୍ତ, କୈବଲ୍ୟ ମହାନ୍ତ, ରାଜେନ୍ଦ୍ର ମହାନ୍ତ, ବୁବୁନ ମହାନ୍ତ, ଜାଓ୍ୱା କମିଟିର ସଭାନେତ୍ରୀ କ୍ଷଣପ୍ରଭା ମହାନ୍ତ, ସମ୍ପାଦିକା ଶିବାନୀ ମହାନ୍ତ, ସୁଲୋଚନା ମହାନ୍ତ, କୌଶଲ୍ୟା ମହାନ୍ତ, ଚାନ୍ଦମଣି ମହାନ୍ତ, ପଦ୍ମାବତୀ ମହାନ୍ତ ଓ ଲିଲି ମହାନ୍ତ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ବିକଶିତ ଓଡ଼ିଶା ଓ ବିକଶିତ ଭାରତଲକ୍ଷ୍ୟ ହାସଲରେ ଜନଜାତି ଯୁବବର୍ଗ

# ଗୁଣାତ୍ମକ ଶିକ୍ଷା, ଦକ୍ଷତା ବିକାଶ, କ୍ରୀଡ଼ା ଓ ପ୍ରଶିକ୍ଷଣକୁ ଗୁରୁତ୍ୱ



**ଭୁବନେଶ୍ୱର,୫।୮(ସଂଚାର ବ୍ୟୁରୋ):** ବିକଶିତ ଓଡ଼ିଶା-୨୦୩୬ ଓ ବିକଶିତ ଭାରତ-୨୦୪୭ ଲକ୍ଷ୍ୟ ହାସଲରେ ଜନଜାତି ଯୁବବର୍ଗ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରନ୍ତୁ ବୋଲି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଆହ୍ୱାନ ଦେଇଛନ୍ତି। ଭିଜନ ଓଡ଼ିଶା ଲକ୍ଷ୍ୟ ସାଧନ ପାଇଁ ଜନଜାତି ସମ୍ପ୍ରଦାୟକୁ ଉନ୍ନୟନର ମୁଖ୍ୟ ସ୍ରୋତ ସହ ଅଧିକ ସଂଯୋଜିତ କରି ସେମାନଙ୍କ ପାଇଁ ଶିକ୍ଷା, ଦକ୍ଷତା, ସ୍ୱାସ୍ଥ୍ୟ, ପୁଷ୍ଟିସାଧନ, ଜୀବିକା ଏବଂ ରୋଜଗାର ସୃଷ୍ଟି ଉପରେ ତୃଣମୂଳ ସ୍ତରରେ ଫଳପ୍ରଦ କାର୍ଯ୍ୟ କରିବାକୁ ସେ କ୍ଷେତ୍ରସ୍ତରୀୟ ଅଧିକାରୀମାନଙ୍କୁ ଆହ୍ୱାନ ଦେଇଛନ୍ତି।

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ସେ ଏହା କହିଛନ୍ତି। ବୈଠକରେ ବିଭାଗୀୟ ସଚିବ ବି. ପରମେଶ୍ୱରନଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିବା ବେଳେ ଆଭାସୀ ମାଧ୍ୟମରେ ବିଭିନ୍ନ ଜିଲ୍ଲାରୁ ସମନ୍ୱିତ ଜନଜାତି ଉନ୍ନୟନ ସଂସ୍ଥା (ଆଇଟିଡିଏ)ର ପ୍ରକଳ୍ପ ପ୍ରଶାସକ, ଜିଲ୍ଲା କଲ୍ୟାଣ ଅଧିକାରୀ ଏବଂ ମାଇକ୍ରୋ ପ୍ରକଳ୍ପଗୁଡ଼ିକର ସ୍ୱତନ୍ତ୍ର ଅଧିକାରୀମାନେ ଯୋଗଦେଇଥିଲେ।

■ ଜନଜାତି ପାଇଁ ଚିରାଚରିତ ମାନସିକତାରେ ପରିବର୍ତ୍ତନ ନିର୍ଦ୍ଦେଶ

ମୁଖ୍ୟ ଶାସନ ସଚିବ କହିଥିଲେ ଯେ ସରକାର ବିକଶିତ ଓଡ଼ିଶା-୨୦୩୬ ଓ ବିକଶିତ ଭାରତ-୨୦୪୭ର ଲକ୍ଷ୍ୟ ପୂରଣ ପାଇଁ ପ୍ରତିବଦ୍ଧତାର ସହ କାର୍ଯ୍ୟ କରୁଛନ୍ତି। ୨୦୩୬ ସୁଦ୍ଧା ଓଡ଼ିଶା ଅର୍ଥନୀତିର ଆକାର ୫୦ ହଜାର କୋଟି ଆମେରିକୀୟ ଡଲାରର ଅର୍ଥନୀତିରେ ପରିଣତ କରିବାର ଲକ୍ଷ୍ୟ ରହିଥିବା ସ୍ଥଳେ ୨୦୪୭ ସୁଦ୍ଧା ୧.୫ ଲକ୍ଷ କୋଟି ଆମେରିକୀୟ ଡଲାର ହେବା ପାଇଁ ଲକ୍ଷ୍ୟ ରହିଛି। ଏହା ବର୍ତ୍ତମାନର ଅର୍ଥନୀତିର ଆକାରଠାରୁ ପ୍ରାୟ ୧୫ ଗୁଣ ଅଧିକ। ଏହି ଲକ୍ଷ୍ୟ ହାସଲ ହେଲେ ରାଜ୍ୟରେ ଏକ କୋଟିରୁ ଅଧିକ ନୂତନ ରୋଜଗାର ସୁଯୋଗ ସୃଷ୍ଟି ହେବ। ରାଜ୍ୟ ମୋଟ ଘରୋଇ ଉତ୍ପାଦ ବୃଦ୍ଧି ପାଇଁ ସବୁ ବର୍ଗର ଜନସାଧାରଣଙ୍କ ଯୋଗଦାନ ରହିବା ଆବଶ୍ୟକ। ଏଥିପାଇଁ କୃଷି, ଶିଳ୍ପ, ଔଦ୍ୟୋଗିକ ବିକାଶ, ନୂତନ ପୁଞ୍ଜି ନିବେଶ, ଭିତ୍ତିଭୂମି ବିକାଶ, ମୂଲ୍ୟଯୁକ୍ତ ଉତ୍ପାଦ, ରୋଜଗାର ବୃଦ୍ଧି ଓ ସେବା କ୍ଷେତ୍ରରେ ଜନଶକ୍ତିଙ୍କ ଦକ୍ଷତା ବୃଦ୍ଧି ଅତ୍ୟନ୍ତ ଜରୁରୀ।

ଏସଟିଏସସି କଲ୍ୟାଣ ବିଭାଗର ଅଧିକାରୀମାନଙ୍କୁ ଓଡ଼ିଶା ଭିଜନ୍ ଆଭିମୁଖ୍ୟ ସମ୍ପର୍କରେ ବୁଝାଇବା ସହ ମୁଖ୍ୟ ଶାସନ ସଚିବ କହିଥିଲେ ଯେ ରାଜ୍ୟର ପ୍ରାୟ ୩୭ ପ୍ରତିଶତ ଭୂଭାଗ ଜଙ୍ଗଲ ଆଚ୍ଛାଦିତ ଏବଂ ବହୁ ସଂଖ୍ୟକ ଜନଜାତି ଲୋକ ଜଙ୍ଗଲ ଅଞ୍ଚଳରେ ବାସ କରୁଛନ୍ତି। ଜନଜାତି ସମ୍ପ୍ରଦାୟର ସର୍ବାଙ୍ଗୀନ ବିକାଶ ରାଜ୍ୟ ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା ମଧ୍ୟରୁ ଅନ୍ୟତମ। ଏହି ଲକ୍ଷ୍ୟରେ ସରକାର ଜନଜାତି ଛାତ୍ରଛାତ୍ରୀଙ୍କ ପାଇଁ ନିଃଶୁଳ୍କ ଶିକ୍ଷା, ଛାତ୍ରାବାସ, ଛାତ୍ରବୃତ୍ତି, ଆଶ୍ରମ ବିଦ୍ୟାଳୟ ଓ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟ, ମାଗଣା ପାଠ୍ୟପୁସ୍ତକ, ୟୁନିଫର୍ମ, ଶିକ୍ଷା ସାମଗ୍ରୀ, ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ କୋଚିଂ, ଉଚ୍ଚଶିକ୍ଷା ସୁବିଧା, ସଂରକ୍ଷଣ, ଛାତ୍ରବୃତ୍ତିକୁ ଡିବିଟି ଜରିଆରେ ପ୍ରଦାନ ଏବଂ ପିଏମ୍-ଜନମନ ଭଳି ବିଭିନ୍ନ ଯୋଜନା ସଫଳତାର ସହ କାର୍ଯ୍ୟକାରୀ କରାଯାଉଛି। ଜନଜାତି ଯୁବବର୍ଗ ଯେପରି ଦକ୍ଷତା ବିକାଶ ରାଜ୍ୟ ତଥା ଦେଶର ଅର୍ଥନୈତିକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ କରିବେ, ସେଥିପାଇଁ ସେମାନଙ୍କୁ ତୃଣମୂଳ ସ୍ତରରୁ ଛାତ୍ରାବସ୍ଥାରୁ ଉପଯୁକ୍ତ ପରିବେଶ, ଗୁଣାତ୍ମକ ଶିକ୍ଷା ଏବଂ ବୃତ୍ତିଗତ ତାଲିମ ଉପରେ ମୁଖ୍ୟ ସଚିବ ଗୁରୁତ୍ୱାରୋପ କରିଥିଲେ। ଆଶାନୁରୂପ ଫଳ ମିଳିବା ପାଇଁ ଅଧିକାରୀମାନଙ୍କୁ ରୁଟିନ୍ ମାଇଣ୍ଡସେଟ୍‌ରୁ ବାହାରି ରୂପାନ୍ତରଣମୂଳକ ପରିବର୍ତ୍ତନ ମନୋବୃତ୍ତି ନେଇ ଜନଜାତି ସମ୍ପ୍ରଦାୟର ବିକାଶ ପାଇଁ ଅଧିକ ନିଷ୍ଠାର ସହ କାର୍ଯ୍ୟ କରିବା ଉପରେ ଶ୍ରୀମତୀ ଗର୍ଗ ଗୁରୁତ୍ୱ ଦେଇଥିଲେ।

## ତିନିଦିନିଆ ଓଡ଼ିଶା ଗସ୍ତ ସାରି ଫେରିଲେ ରାଷ୍ଟ୍ରପତି



**ଭୁବନେଶ୍ୱର,୫।୮(ସଂଚାର ବ୍ୟୁରୋ):** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବୁଧବାର ତାଙ୍କର ତିନିଦିନିଆ ଓଡ଼ିଶା ଗସ୍ତ ସାରି ଫେରିଯାଇଛନ୍ତି। ତାଙ୍କ ଗସ୍ତ କାଳରେ ସେ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏକ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ବ୍ରହ୍ମପୁରରୁ ଭୁବନେଶ୍ୱର ଯାତ୍ରା କରିବା ପୂର୍ବରୁ ରାଷ୍ଟ୍ରପତି ଗଞ୍ଜାମ ଜିଲ୍ଲାର ଏକ ଶିବ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ।

ସୂଚନାନୁଯାୟୀ, ରାଷ୍ଟ୍ରପତି ବ୍ରହ୍ମପୁର ନିକଟସ୍ଥ ଗୋଳାବନ୍ଧସ୍ଥିତ ଆର୍ମି ଏୟାର ଡିଫେନ୍ସ କଲେଜରେ ରାତି ବିତାଇଥିଲେ, ଯେଉଁଠାରେ ସେ ଅଧିକାରୀ ଓ ଅଧ୍ୟାପକମାନଙ୍କ ସହ ଆଲୋଚନା କରିଥିଲେ। ଆର୍ମି ଏୟାର ଡିଫେନ୍ସ କଲେଜ ନିକଟରେ ଥିବା ଧବଳେଶ୍ୱର ମନ୍ଦିରରେ ମହାଦେବଙ୍କୁ ଦର୍ଶନ କରିଛନ୍ତି। ଗତକାଲି ଦିଲ୍ଲୀରୁ ଆସିଥିବା ସ୍ୱତନ୍ତ୍ର ସାଲୋନ୍ କୋଚ୍ ଟ୍ରେନରେ ରାଷ୍ଟ୍ରପତି ଭୁବନେଶ୍ୱରରୁ ବ୍ରହ୍ମପୁର ଯାଇଥିଲେ। ଅପରପକ୍ଷରେ ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ଭୁବନେଶ୍ୱର ଓ ବ୍ରହ୍ମପୁର ରେଳ ଷ୍ଟେସନରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା ବୋଲି କହିଛନ୍ତି ଗଞ୍ଜାମ ଜିଲ୍ଲାପାଳ କୀର୍ତ୍ତି ଭାସନ ଭି.। ଭୁବନେଶ୍ୱର ଫେରିବା ପରେ ରାଷ୍ଟ୍ରପତି ନୂଆଦିଲ୍ଲୀ ଅଭିମୁଖେ ଯାତ୍ରା କରିଥିଲେ। ସେ ବାୟୁସେନାର ସ୍ୱତନ୍ତ୍ର ବିମାନରେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଉଡ଼ାଣ ଭରିଥିଲେ। ଏହି ଅବସରରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମୁଖ୍ୟ ସଚିବ ଅନୁ ଗର୍ଗ, ଡିଜିପି ୱାଇବି ଖୁରାନିଆ ପ୍ରମୁଖ ତାଙ୍କୁ ବିଦାୟ ଦେବା ପାଇଁ ବିମାନ ବନ୍ଦରରେ ଉପସ୍ଥିତ ଥିଲେ।

## ଗାଈକୁ ମାରି ଖାଇଲା ବାଘ

**କନ୍ଧମାଳ,୫।୮(ସଂଚାର ବ୍ୟୁରୋ):** ଗାଈକୁ ଖାଇଲା ବାଘ। ଫଳରେ ଗାଁରେ ଆତଙ୍କ ଖେଳିଯାଇଛି। ବୌଦ୍ଧ ଜିଲ୍ଲା କନ୍ଧମାଳ ବନଖଣ୍ଡ ସମାକୁପା ଗାଁରେ ବାଘ ଭୟ। କନ୍ଧମାଳ ରେଞ୍ଜ ପକ୍ଷରୁ ସ୍ଥାନୀୟ ଗ୍ରାମବାସୀଙ୍କୁ ଜଙ୍ଗଲକୁ ପ୍ରବେଶ ବାରଣ କରାଯାଇଥିବା ବେଳେ ଲୋକଙ୍କୁ ସଚେତନ କରାଯାଉଛି। ବାଘର ପାଦଚିହ୍ନ ଦେଖି ବାଘଟି କଲରାପତାରିଆ ହୋଇଥିବା ନେଇ ବନ ବିଭାଗ ପକ୍ଷରୁ ସୂଚନା ଦେଇଛି। ମିଳିଥିବା ସୂଚନାନୁଯାୟୀ, ସମାକୁପା ଗାଁ ନିକଟରେ ଚରୁଥିବା




ଏକ ଗାଈକୁ ବାଘ ଆକ୍ରମଣ କରି ମାରି ଖାଇଥିଲା। ଘଟଣା ସମ୍ପର୍କରେ ଖବର ପାଇବା ପରେ କନ୍ଧମାଳ ବନ ବିଭାଗର କର୍ମଚାରୀମାନେ ସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ସେଠାରେ ମିଳିଥିବା ପାଦଚିହ୍ନକୁ ଯାଞ୍ଚ କରି ବନ ବିଭାଗ ପ୍ରାଥମିକ ଭାବେ ଏହା ଏକ କଲରାପତାରିଆ ବାଘ ବୋଲି ସନ୍ଦେହ କରୁଛି। କନ୍ଧମାଳ ରେଞ୍ଜ ପକ୍ଷରୁ ଗ୍ରାମବାସୀଙ୍କୁ ଜଙ୍ଗଲ ମଧ୍ୟକୁ ନ ଯିବାକୁ ପରାମର୍ଶ ଦିଆଯାଇଛି।

● କନଷ୍ଟେବଳ ସୌମ୍ୟ ହତ୍ୟାକାଣ୍ଡ ଘଟଣା

## ୧୧ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜସିଟ ଦାଖଲ

**ଭୁବନେଶ୍ୱର, ୫।୮ (ସଂଚାର ବ୍ୟୁରୋ):** ବାଲିଅନ୍ତା କନଷ୍ଟେବଳ ସୌମ୍ୟ ରଞ୍ଜନ ସ୍ୱାଇଁ ହତ୍ୟାକାଣ୍ଡ ଘଟଣାରେ କୋର୍ଟରେ ଚାର୍ଜସିଟ ଦାଖଲ କରିଛି କ୍ରାଇମବ୍ରାଞ୍ଚ। ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ଏହି ଚାର୍ଜସିଟ ଦାଖଲ କରାଯାଇଛି। ୭୬୭ ପୃଷ୍ଠାର ଚାର୍ଜସିଟ ଦାଖଲ କରିଛି କ୍ରାଇମବ୍ରାଞ୍ଚ। ୧୧ ଜଣ ଅଭିଯୁକ୍ତଙ୍କ ବିରୋଧରେ ଏହି ଚାର୍ଜସିଟ ରହିଛି। ୯ ଜଣ ଅଭିଯୁକ୍ତଙ୍କୁ ଚାର୍ଜସିଟରୁ ବାଦ ଦିଆଯାଇଛି। ଏଥିସହ ଅଦ୍ୟାବଧି କେତେକ ଅଭିଯୁକ୍ତ ଫେରାର ଥିବା ମଧ୍ୟ ଚାର୍ଜସିଟରେ ଉଲ୍ଲେଖ ରହିଛି। ଏହି ମାମଲାରେ ପୂର୍ବରୁ ସମୁଦାୟ ୨୦ ଜଣଙ୍କୁ ଗିରଫ କରାଯାଇଥିଲା। ମାତ୍ର ସେମାନଙ୍କ ମଧ୍ୟରୁ କେବଳ ୧୧ ଜଣଙ୍କ ବିରୋଧରେ କ୍ରାଇମବ୍ରାଞ୍ଚ ପର୍ଯ୍ୟାପ୍ତ ପରିମାଣର ପ୍ରମାଣ ପାଇବାରେ ସଫଳ ହୋଇଛି। ଅନ୍ୟପକ୍ଷରେ ଏହି ମାମଲାରେ ଗିରଫ ହୋଇଥିବା ଅବଶିଷ୍ଟ ୯ ଜଣଙ୍କୁ କ୍ରାଇମବ୍ରାଞ୍ଚ ପକ୍ଷରୁ କ୍ଲିନ୍‌ଚିଟ୍ ଦିଆଯାଇଛି। ପୂର୍ବରୁ ସ୍ଥାନୀୟ ଥାନାରେ ଏହି ୯ ଜଣଙ୍କ ନାମରେ ମାମଲା ରୁଜୁ ହୋଇଥିଲା, ମାତ୍ର କ୍ରାଇମବ୍ରାଞ୍ଚ ତଦନ୍ତ ସମୟରେ ସେମାନଙ୍କ ବିରୋଧରେ କୌଣସି ପ୍ରମାଣ ପାଇପାରିନାହିଁ।

## ଓଢ଼ଣୀରେ ଝୁଲିପଡ଼ିଲେ ୧୦ମ ଛାତ୍ରୀ

**ଝରିଗାଁ,୫।୮(ସଂଚାର ବ୍ୟୁରୋ):** ବେକରେ ଓଢ଼ଣୀ ଲଗାଇ ଝୁଲିପଡ଼ିଛନ୍ତି ଜଣେ ଦଶମ ଶ୍ରେଣୀ ଛାତ୍ରୀ। ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ୍ ଚଚା ପଞ୍ଚାୟତ ଅନ୍ତର୍ଗତ ଗବାଗୁଡ଼ା ଗ୍ରାମର ସୁନ୍ଦରସିଂ ମେହେରଙ୍କ ଝିଅ ଗିରିଜା ଗତ ମଙ୍ଗଳବାର ନିଜ ଜମିରେ କାମ ସାରି ସନ୍ଧ୍ୟାରେ ଘରକୁ ଫେରିବା ପରେ ରୋଷେଇ କରି ପରିବାର ଲୋକଙ୍କୁ ଖାଇବାକୁ ଦେଇ ଶୋଇବାକୁ ଯାଇଥିଲେ। ବୁଧବାର ଭୋର୍ ସମୟରୁ ତାଙ୍କ ମା' ଅମିତା ମେହେର ଘର ନିକଟରେ ଥିବା ଆମ୍ବ ଗଛରେ ଝିଅ ଗିରିଜାଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ପାଇଥିଲେ। ପୁଲିସକୁ ଖବର ଦେବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ କିଛି ଅଧିକ ତଦନ୍ତ ପାଇଁ ଝିଅ ରାତିରେ ପାଠ ପଢୁଥିବା ସମୟରେ ବ୍ୟବହୃତ ଖାତା ମଧ୍ୟ ଜବତ କରିଥିବା ଜଣାପଡ଼ିଛି। ତେବେ ମୃତଦେହ ଜବତ ପରେ ବ୍ୟବଚ୍ଛେଦ ପାଇଁ ଝରିଗାଁ ଅଣାଯାଇଛି। ମିଳିଥିବା ସୂଚନା ପ୍ରକାରେ ମୃତ ଗିରିଜା ଚଚା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଦଶମ ଶ୍ରେଣୀରେ ପଢୁଥିଲେ। ଏନେଇ ଝରିଗାଁ ଥାନା କେସ୍ ନମ୍ବର ୨୧/୨୦୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

## ରାଷ୍ଟ୍ରପତି ଭବନରେ ରହିବ ତିନି ରଥ ଚକ



**ଭୁବନେଶ୍ୱର,୫।୮(ସଂଚାର ବ୍ୟୁରୋ):** ଓଡ଼ିଶାର ଆଧ୍ୟାତ୍ମିକ ଓ ସାଂସ୍କୃତିକ ଐତିହ୍ୟର ପ୍ରତୀକ ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ଏବେ ଦେଶର ସର୍ବୋଚ୍ଚ କାର୍ଯ୍ୟାଳୟ ରାଷ୍ଟ୍ରପତି ଭବନରେ ସ୍ଥାନ ପାଇବାକୁ ଯାଉଛି। ପୁରୀ ରଥଯାତ୍ରାର ରଥଚକ ରାଷ୍ଟ୍ରପତିଙ୍କ ଭବନରେ ପ୍ରଦର୍ଶିତ ହେବ ବୋଲି ଗତକାଲି ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି। ଏଥିପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଧ୍ୟ ସ୍ୱୀକୃତି ପ୍ରଦାନ କରିଛନ୍ତି। ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ ସମୟରେ ମନ୍ଦିର ପ୍ରଶାସନର ମୁଖ୍ୟ ପ୍ରଶାସକ ଅରବିନ୍ଦ କୁମାର ପାଢ଼ୀ ତାଙ୍କୁ ଭେଟି ପ୍ରଭୁ ଜଗନ୍ନାଥଙ୍କ ନନ୍ଦିଘୋଷ, ବଳଭଦ୍ରଙ୍କ ତାଳଧ୍ୱଜ ଓ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥର ଗୋଟିଏ ଲେଖାଏଁ ଚକ ରାଷ୍ଟ୍ରପତି ଭବନ ପରିସରରେ ସ୍ଥାନିତ କରିବା ଲାଗି ବ୍ୟବସ୍ଥା କରିବାକୁ ନିବେଦନ କରିଥିଲେ। ଉକ୍ତ ପ୍ରସ୍ତାବରେ ରାଷ୍ଟ୍ରପତି ସହମତି ପ୍ରଦାନ କରିଥିବାରୁ ଆମେ ଗଭୀର କୃତଜ୍ଞ। ଏହା ଆମ ସମସ୍ତଙ୍କ ପାଇଁ ଅତ୍ୟନ୍ତ ଆନନ୍ଦ ଓ ଗର୍ବର ବିଷୟ। ଆମେ ୩ଟି ପବିତ୍ର ଚକ ରାଷ୍ଟ୍ରପତି ଭବନକୁ ପଠାଇବୁ ବୋଲି ଶ୍ରୀ ପାଢ଼ୀ କହିଛନ୍ତି। ଓଡ଼ିଶାର ସାଂସ୍କୃତିକ ପ୍ରାଣକେନ୍ଦ୍ରକୁ ଭାରତୀୟ ଗଣତନ୍ତ୍ରର ମୁଖ୍ୟସ୍ଥଳରେ ପହଞ୍ଚାଇବା ଏହାର ମୂଳ ଲକ୍ଷ୍ୟ। ଏହି ଚକଗୁଡ଼ିକ କେବଳ କାରିଗରିର ପ୍ରତିନିଧିତ୍ୱ କରୁନାହିଁ, ବରଂ ବହୁ ଶତାବ୍ଦୀର ଭକ୍ତିଭାବକୁ ମଧ୍ୟ ବହନ କରୁଛି। ରାଷ୍ଟ୍ରପତି ଭବନରେ ସେଗୁଡ଼ିକର ଉପସ୍ଥିତି ଜଗନ୍ନାଥ ସଂସ୍କୃତିର ବ୍ୟାପକତାକୁ ସ୍ମରଣ କରାଇବ ବୋଲି ଶ୍ରୀ ପାଢ଼ୀ କହିଛନ୍ତି। ଗତବର୍ଷ ଅଗଷ୍ଟରେ ଲୋକସଭା ବାଚସ୍ପତି ଓମ୍ ବିର୍ଲା ପାର୍ଲାମେଣ୍ଟ ପରିସରରେ ୩ଟି ରଥଚକ ସ୍ଥାପନ କରିବା ପ୍ରସ୍ତାବକୁ ଗ୍ରହଣ କରିଥିଲେ।

## ମାଙ୍କଡ଼ ଆକ୍ରମଣରେ ୧୦ରୁ ଊର୍ଦ୍ଧ୍ୱ ଆହତ



**ଭଦ୍ରକ,୫।୮(ସଂଚାର ବ୍ୟୁରୋ):** ମାତିଛି ପାଗଳ ମାଙ୍କଡ଼। ଆକ୍ରମଣରେ ୧୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଭଦ୍ରକ ବ୍ଲକ୍ ଚରମ୍ପା ଏରେଁଇ ପଞ୍ଚାୟତରେ ପାଗଳ ମାଙ୍କଡ଼ ଆତଙ୍କ। ୨୦ ଦିନ ହେବ ଗାଁରେ ଲୋକଙ୍କୁ ଆକ୍ରମଣ କରୁଛି। ମାଙ୍କଡ଼ ଆକ୍ରମଣରେ ୧୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ଭୟରେ ବାହାରକୁ ବାହାରୁନାହାନ୍ତି ଗ୍ରାମବାସୀ। ମାଙ୍କଡ଼କୁ ଧରିବା ପାଇଁ ବନ ବିଭାଗକୁ ଖବର ଦେଇଥିଲେ ବି ସେମାନେ ଆସୁନାହାନ୍ତି। ଆଜି ଜିଲ୍ଲାପାଳଙ୍କୁ ଭେଟି ମାଙ୍କଡ଼ ଧରିବାକୁ ଦାବି କରିଛନ୍ତି ଗ୍ରାମବାସୀ। ଗ୍ରାମବାସୀମାନେ ବନ ବିଭାଗକୁ ଏକାଧିକ ଥର ଖବର ଦେଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ଟିମ୍ ଆସି ମାଙ୍କଡ଼କୁ ଧରି ନ ଥିବା ଅଭିଯୋଗ କରିଛନ୍ତି। ଫଳରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି। ଏହି ସମସ୍ୟାର ସ୍ଥାୟୀ ସମାଧାନ ଦାବି କରି ଆଜି ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଭେଟି ପାଗଳ ମାଙ୍କଡ଼କୁ ଶୀଘ୍ର ଧରିବା ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ବନ ବିଭାଗ ତୁରନ୍ତ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ନିବେଦନ କରିଛନ୍ତି।

## ସମଲେଶ୍ୱରୀ ମନ୍ଦିର ନିରୀକ୍ଷଣ କଲେ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ପ୍ରତିନିଧି ଦଳ



**ସମ୍ବଲପୁର,୫।୮(ସଂଚାର ବ୍ୟୁରୋ):** ସମଲେଶ୍ୱରୀ ମନ୍ଦିର ଗସ୍ତ କରିଛନ୍ତି ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗର ପ୍ରତିନିଧି ଦଳ। ମନ୍ଦିର ମୁଖଶାଳା ସମ୍ମୁଖରେରେ ଥିବା ଗେଟ୍ ଉପରେ ପାଣି ଗଳୁଥିବା ଘଟଣାର ଅନୁସନ୍ଧାନ ପାଇଁ ଆସିଛି ଟିମ୍। ଏହାର ରକ୍ଷଣାବେକ୍ଷଣ, ମରାମତି ନେଇ ଯାଞ୍ଚ କରିଛି ପ୍ରତିନିଧି ଦଳ। ଏନେଇ ଗତ ୨୯ ତାରିଖ ପର୍ଯ୍ୟଟନ ବିଭାଗକୁ ଚିଠି ଲେଖିଥିଲେ ସମ୍ବଲପୁର ଜିଲ୍ଲାପାଳ। ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗର ଆସିଷ୍ଟାଣ୍ଟ ଇଞ୍ଜିନିଅର ପ୍ରସନ୍ନ କୁମାର ସାହୁଙ୍କ ନେତୃତ୍ୱରେ ଏକ ୪ଜଣିଆ ଟିମ ଆସି ନିରୀକ୍ଷଣ କରିଛନ୍ତି। ମୁଖଶାଳା ପ୍ରବେଶ ଦ୍ୱାର, ପାର୍ଶ୍ୱ ଦେବାଦେବୀ ଅଞ୍ଚଳ ଆଦି ଏହି ଦଳ ନିରୀକ୍ଷଣ କରିଛନ୍ତି। ଏଥିସହ ମନ୍ଦିର ଭିତରୁ ଧୂଆଁ କିପରି ନିର୍ଗତ ହେବ, ତା'ର ବ୍ୟବସ୍ଥା କରାଯିବ ବୋଲି ପ୍ରତିନିଧି ଦଳର ସଦସ୍ୟମାନେ କହିଛନ୍ତି।

## ୫ ଲକ୍ଷର ବ୍ରାଉନସୁଗାର ଜବତ, ୫ ଗିରଫ

**ଭଞ୍ଜନଗର,୫।୮ (ସଂଚାର ବ୍ୟୁରୋ) :** ଗଞ୍ଜାମ ଜିଲ୍ଲା ଭଞ୍ଜନଗର ପୋଲିସକୁ ନିଶା କାରବାର ବିରୋଧୀ ଅଭିଯାନରେ ବୁଧବାର ପୁଣି ଏକ ସଫଳତା ମିଳିଛି। ମଙ୍ଗଳବାର ପୋଲିସ ପାଟ୍ରୋଲିଂ ସମୟରେ ବୁଡୁଲି ରାସ୍ତାରେ ସନ୍ଦେହଜନକ ଭାବେ ଯାଉଥିବା ଏକ କାର୍ ଓ ଏକ ମୋଟରସାଇକେଲକୁ ଅଟକାଇ ଯାଞ୍ଚ କରିବାବେଳେ ସେଥିରୁ ୪୪ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୫ ଲକ୍ଷ ଟଙ୍କା ହେବ। ଏହି ଘଟଣାରେ ସମ୍ପୃକ୍ତ ୫ ଯୁବକଙ୍କୁ ପୋଲିସ ଗିରଫ କରିଛି। ଅଭିଯୁକ୍ତମାନଙ୍କ ନିକଟରୁ ବ୍ରାଉନସୁଗାର ସହ ଏକ ଫୋର୍ଡ ଇକୋସ୍ପୋର୍ଟ କାର୍, ଏକ ହୋଣ୍ଡା ୟୁନିକର୍ଣ୍ଣ ମୋଟରସାଇକେଲ, ୪ଟି ମୋବାଇଲ ଓ ନଗଦ ୧୪,୬୦୦ ଟଙ୍କା ମଧ୍ୟ ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ବାଉଁଶଲୁଣ୍ଡିର ଅମିତ୍ କୁମାର ବେହେରା, ଚଢ଼େୟାପଲ୍ଲୀର ସରୋଜ ମହାନ୍ତି, ଲଣ୍ଡାଜୁଆଳିର ମାନସ ରଞ୍ଜନ ଜେନା, କାହ୍ନୁ ଚରଣ ଜେନା ଓ ଭଞ୍ଜନଗରର ଏ.ଆର ମହାନ୍ତି।

## ରାଜ୍ୟରେ ଭୀଷଣ ବର୍ଷିବ, ୨ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ



**ଭୁବନେଶ୍ୱର,୫।୮(ସଂଚାର ବ୍ୟୁରୋ):** ରାଜ୍ୟରେ ସକ୍ରିୟ ରହିଛି ମୌସୁମୀ। ଆସନ୍ତା ୪୮ ଘଣ୍ଟା ସାରା ରାଜ୍ୟରେ ପ୍ରବଳ ବର୍ଷା ହେବା ନେଇ ପୂର୍ବାନୁମାନ ଜାରି କରାଯାଇଛି। ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଆଜି ଚେତାବନୀ ଦେଇଛି ଆଞ୍ଚଳିକ ପାଣିପାଗ ବିଭାଗ। ଆଗାମୀ ୨୪ ଘଣ୍ଟାରେ ସାରା ରାଜ୍ୟରେ ଭୀଷଣ ବର୍ଷା ହେବାର ସମ୍ଭାବନା ରହିଛି। ବିଶେଷକରି ମୟୂରଭଞ୍ଜରେ ପ୍ରବଳରୁ ଅତି ପ୍ରବଳ ବର୍ଷା ପାଇଁ ପାଣିପାଗ ବିଭାଗ ପକ୍ଷରୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ମାଲକାନଗିରି, କୋରାପୁଟ, ଗଞ୍ଜାମ, ଗଜପତି, ରାୟଗଡ଼ା, କଳାହାଣ୍ଡି, କନ୍ଧମାଳ, ସୁନ୍ଦରଗଡ଼, କେଉଁଝର ଓ ସମ୍ବଲପୁର ଏହି ୧୦ ଜିଲ୍ଲାରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ଅବଶିଷ୍ଟ ୧୯ ଜିଲ୍ଲାରେ ହାଲୁକା ମଧ୍ୟମ ଧରଣର ବର୍ଷା ସହ ୩୦ରୁ ୪୦ କିମି ଝଟ୍‌କା ପବନ ବହିବାର ସମ୍ଭାବନାକୁ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

ସେହିପରି ଆସନ୍ତାକାଲିଠାରୁ ବଢ଼ିବ ବର୍ଷାର ପରିମାଣ। ଗୁରୁବାର ପାଇଁ କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଅରେଞ୍ଜ ଆଲର୍ଟ ଜାରି କରାଯାଇଥିବା ବେଳେ ମାଲକାନଗିରି, ରାୟଗଡ଼ା, ଗଜପତି, ଗଞ୍ଜାମ, କୋରାପୁଟ, କନ୍ଧମାଳ, କଳାହାଣ୍ଡି, ନବରଙ୍ଗପୁର, ନୂଆପଡ଼ା, ଭଦ୍ରକ, ବାଲେଶ୍ୱର, ଯାଜପୁର, ଢେଙ୍କାନାଳ, ଅନୁଗୋଳ, ଦେଓଗଡ଼ ଓ ସୁନ୍ଦରଗଡ଼ ପରି ୧୬ ଜିଲ୍ଲାରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ସେହିପରି ଅବଶିଷ୍ଟ ୧୨ ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ୩୦ରୁ ୪୦ କିମି ଝଟ୍‌କା ପବନର ସମ୍ଭାବନାକୁ ନେଇ ପାରିପାଗ ବିଭାଗ ୟେଲୋ ୱାର୍ଣ୍ଣିଂ ଜାରି କରିଛି। ୪୮ ଘଣ୍ଟା ସାରା ଓଡ଼ିଶାରେ ବର୍ଷା ସହ ଆସନ୍ତା ୧୧ ତାରିଖ କିମ୍ବା ୭ ଦିନ ଯାଏଁ ରାଜ୍ୟର ଅନେକ ସ୍ଥାନରେ ବର୍ଷା ସହ ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ନେଇ ଚେତାବନୀ ଜାରି କରାଯାଇଛି। ଏହାଛଡ଼ା ଗତ ୨୪ ଘଣ୍ଟାରେ ରାଜ୍ୟର ଅନେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ରେକର୍ଡ କରାଯାଇଥିବା ବେଳେ ୧୦ଟି ସ୍ଥାନରେ ପ୍ରବଳ ବର୍ଷା ରେକର୍ଡ କରାଯାଇଛି ଅନୁଗୋଳ ତାଳଚେରରେ ସର୍ବାଧିକ ବର୍ଷା ୮୦ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ସେପଟେ ବିଶେଷଜ୍ଞ କହୁଛନ୍ତି ଯେ ଘୂର୍ଣ୍ଣିବଳୟ ଲଘୁଚାପରେ ପରିଣତ ହେବ। ଆସନ୍ତା ୧୫ ତାରିଖ ଯାଏଁ ବର୍ଷା ହେବ। ତେବେ ଏହି ବର୍ଷା ବନ୍ୟା ସ୍ଥିତି ସୃଷ୍ଟି କରିବ ନାହିଁ ବୋଲି ପାଣିପାଣି ବିଭାଗ ସ୍ପଷ୍ଟ କରିଛି।

## ବେଆଇନ ବାଲି ଚାଲାଣ \ ୪ଟି ହାଇୱା ଓ ୨ଟି ଟ୍ରାକ୍ଟର ଜବତ



**ବାଲିଆପାଳ, ୫।୮ (ସଂଚାର ବ୍ୟୁରୋ) :** ବାଲିଆପାଳରେ ବେଆଇନ ବାଲି ଚୋରା ଚାଲାଣ ବିରୋଧରେ ମାଇନିଂ ବିଭାଗ ପକ୍ଷରୁ ଏକ ବଡ଼ ଧରଣର ଚଢ଼ାଉ କରାଯାଇଛି। ଗତକାଲି ୪ଟି ବାଲି ବୋଝେଇ ହାଇୱା ସହ ୨ଟି ଟ୍ରାକ୍ଟରକୁ ଜବତ କରିଛି ମାଇନିଂ ବିଭାଗ। ପ୍ରତିଦିନ ପଶ୍ଚିମବଙ୍ଗକୁ ବେଆଇନ ଭାବେ ବାଲି ଚାଲାଣ ହେଉଥିବା ନେଇ ସୂଚନା ପାଇବା ପରେ ଏହି ଚଢ଼ାଉ କରାଯାଇଛି। ଏହି ଚଢ଼ାଉରେ ଜଳେଶ୍ୱର ଜୁନିୟର ମାଇନିଂ ଅଧିକାରୀ ଅଭିଷେକ ବେହେରା ଓ ବସ୍ତା ମାଇନିଂ ଅଧିକାରୀ ତାପସ କୁମାର ବେହେରାଙ୍କ ନେତୃତ୍ୱରେ ମିଳିତ ଭାବେ ବସ୍ତା- ବାଲିଆପାଳ ଅଞ୍ଚଳର ବିଭିନ୍ନ ସ୍ଥାନରେ ଅଚାନକ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ବେଆଇନ ଭାବେ ବାଲି ବୋଝେଇ ପଶ୍ଚିମବଙ୍ଗ ଅଭିମୁଖେ ଯାଉଥିବା ୪ଟି ହାଇୱା ଓ ୨ଟି ଟ୍ରାକ୍ଟରକୁ ଧରିଥିଲେ। ୨ଟି ହାଇୱାକୁ ବସ୍ତା ଥାନାରେ ଅଟକ ରଖାଯାଇଥିବା ବେଳେ ଅନ୍ୟ ୨ଟି ହାଇୱା ସହ ୨ଟି ଟ୍ରାକ୍ଟରକୁ ବାଲିଆପାଳ ଥାନାରେ ଜିମା ଦିଆଯାଇଛି।

ଭିଡିଓ ଭାଇରାଲ୍ କରି ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

## ରକ୍ତ ଜୁଡୁବୁଡୁ ଅବସ୍ଥାରେ ହୋଟେଲରୁ ଉଦ୍ଧାର

**ଭୁବନେଶ୍ୱର,୫।୮(ସଂଚାର ବ୍ୟୁରୋ):** ବାପା, ମୋତେ କ୍ଷମା କରିବ। ମୋ ପାଇଁ ତୁମକୁ ଆଉ କିଛି ଶୁଣିବାକୁ ପଡ଼ିବନି। ମୁଁ ସବୁଦିନ ପାଇଁ ଏ ଦୁନିଆରୁ ଚାଲିଯାଉଛି। ମୋ ପାଇଁ କିଏ କ'ଣ କହିବ ସେ କଥା ମୁଁ ଜାଣିନି, ହେଲେ ମୁଁ ଆତ୍ମହତ୍ୟା କରିବାକୁ ଯାଉଛି। ଏପରି ଏକ ଭିଡିଓ କରି ନିଜର ଫେସବୁକ ଆକାଉଣ୍ଟରେ ପୋଷ୍ଟ କରିଥିଲା ଜଣେ ଯୁବକ। ଏହି ଭିଡିଓଟି ଭାଇରାଲ୍ ହୋଇ ପରିବାର ଲୋକଙ୍କ ପାଖରେ ପହଞ୍ଚିଥିଲା। ପରିବାର ଲୋକେ ଭିଡିଓ ଦେଖି ବ୍ୟଥିତ ହୋଇପଡ଼ିଥିଲେ। ଭେଣ୍ଡିଆ ପୁଅକୁ ଖୋଜିବା ପାଇଁ ଲାଗିପଡ଼ିଲେ। ପରିବାର ଲୋକଙ୍କ ସମେତ ସାହି ପଡ଼ିଶା ଲୋକେ ବି ଚାରିଆଡ଼େ ଖୋଜିଥିଲେ। ତେବେ ପରିବାର ଲୋକେ ପୁଅକୁ ଖୋଜି ଖୋଜି ନାକେଦମ୍ ହୋଇଥିଲେ ମଧ୍ୟ ତା'ର କୌଣସି ପତ୍ତା ମିଳି ନ ଥିଲା।

ଗତକାଲି ରାତି ୮ଟା ସମୟରେ ପରିବାର ଲୋକେ କାନ୍ଦି କାନ୍ଦି ଧଉଳି ଥାନାରେ ପହଞ୍ଚିଥିଲେ। ବାହୁନି ବାହୁନି ମା' କହୁଥାଏ ମୋ ପୁଅକୁ ବଞ୍ଚାଇଦିଅ। ଆତ୍ମହତ୍ୟା ଉଦ୍ୟମ କରୁଥିବା ଜଣେ ଯୁବକଙ୍କୁ ୨ ଘଣ୍ଟା ପରେ ରକ୍ତ ଜୁଡୁବୁଡୁ ଆଉ ଅଚେତ ଅବସ୍ଥାରେ ଉଦ୍ଧାର କରିଛି ଧଉଳି ଥାନା ପୁଲିସ। ଭିଡିଓ ପ୍ରଘଟ କରିବା ପରେ ଯୁବକ ଜଣଙ୍କ ମୋବାଇଲକୁ ସୁଇଚ୍‌ଅଫ୍ କରିଦେଇଥିଲେ। ମୋବାଇଲ ବନ୍ଦ ଥିବାରୁ ତାଙ୍କ ସହ କୌଣସି ଯୋଗାଯୋଗ ହୋଇପାରିନଥିଲା। ଥାନାରେ ପରିବାର ଲୋକେ ପହଞ୍ଚିବା ପରେ ପୁଲିସ ମୋବାଇଲ ଫୋନ୍‌କୁ ଟ୍ରାକ କରିବାକୁ ଚେଷ୍ଟା କରିଥିଲା। କିନ୍ତୁ ମୋବାଇଲ ବନ୍ଦ ଥିବାରୁ ତା' ସମ୍ଭବ ହୋଇ ନ ଥିଲା। ଶେଷ ଲୋକେସନ ଭୁବନେଶ୍ୱର ବୋଲି ପୁଲିସ୍ ଜାଣିବାକୁ ପାଇଥିଲା।

ମହଙ୍ଗା ପଡ଼ିଲା ଲାଞ୍ଚ ନେବା

## ପଞ୍ଚାୟତ ସମିତି ବରିଷ୍ଠ ରାଜସ୍ୱ ସହାୟକ ନିଲମ୍ବିତ



**ଖଡ଼ିଆଳ, ୫।୮ (ସଂଚାର ବ୍ୟୁରୋ) :** ଦୁର୍ନୀତି ପ୍ରତି ନୂଆପଡ଼ା ଜିଲ୍ଲା ପ୍ରଶାସନର ଶୂନ୍ୟ ସହନଶୀଳତା ନୀତିକୁ ପୁନର୍ବାର ସ୍ପଷ୍ଟ କରି ଜିଲ୍ଲାପାଳ ମଧୁସୂଦନ ଦାଶ ଜଣେ ସରକାରୀ କର୍ମଚାରୀଙ୍କ ବିରୋଧରେ ଦୃଢ଼ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଜଣେ ଠିକାଦାରଙ୍କଠାରୁ ଲାଞ୍ଚ ଗ୍ରହଣ କରୁଥିବା ଅଭିଯୋଗରେ ଖଡ଼ିଆଳ ପଞ୍ଚାୟତ ସମିତିର ବରିଷ୍ଠ ରାଜସ୍ୱ ସହାୟକ ମୋହନ ବାଗଙ୍କୁ ତୁରନ୍ତ ଚାକିରିରୁ ନିଲମ୍ବିତ କରାଯାଇଛି। ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହୋଇଥିବା ଏକ ଭିଡିଓରେ ଶ୍ରୀ ବାଗ ଜଣେ ଠିକାଦାରଙ୍କଠାରୁ ଲାଞ୍ଚ ଗ୍ରହଣ କରୁଥିବା ସ୍ପଷ୍ଟ ହୋଇଥିଲା। ଏହି ଘଟଣା ସମ୍ପର୍କରେ ଖଡ଼ିଆଳ ବ୍ଲକ ଉନ୍ନୟନ ଅଧିକାରୀ ଓ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀଙ୍କ ପୃଥକ ରିପୋର୍ଟ ଆଧାରରେ ତୁରନ୍ତ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଅଭିଯୋଗର ଗୁରୁତ୍ୱକୁ ବିଚାରକୁ ନେଇ ଓ ତାଙ୍କ ବିରୋଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରସ୍ତାବିତ ଥିବାରୁ ଓଡ଼ିଶା ସିଭିଲ ସର୍ଭିସେସ (ଶ୍ରେଣୀକରଣ, ନିୟନ୍ତ୍ରଣ ଓ ଅପିଲ) ନିୟମାବଳୀ, ୧୯୬୨ ଅନୁଯାୟୀ ତାଙ୍କୁ ନିଲମ୍ବନ କରାଯାଇଛି। ନିଲମ୍ବନ ଅବଧିରେ ତାଙ୍କର ମୁଖ୍ୟାଳୟ ସିନାପାଲି ତହସିଲ କାର୍ଯ୍ୟାଳୟରେ ନିର୍ଦ୍ଧାରଣ କରାଯାଇଛି। ସକ୍ଷମ କର୍ତ୍ତୃପକ୍ଷଙ୍କ ପୂର୍ବାନୁମତି ବିନା ସେ ମୁଖ୍ୟାଳୟ ଛାଡ଼ିପାରିବେ ନାହିଁ। ଏହି କାର୍ଯ୍ୟାନୁଷ୍ଠାନ ମାଧ୍ୟମରେ ଜିଲ୍ଲାପାଳ ଶ୍ରୀ ଦାଶ ପୁନର୍ବାର ସ୍ପଷ୍ଟ କରିଛନ୍ତି ଯେ ଜିଲ୍ଲା ପ୍ରଶାସନ ଦୁର୍ନୀତି ପ୍ରତି ସମ୍ପୂର୍ଣ୍ଣ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରୁଛି। ସରକାରୀ କାର୍ଯ୍ୟରେ ଦୁର୍ନୀତି, ଅନିୟମିତତା କିମ୍ବା କ୍ଷମତାର ଅପବ୍ୟବହାରକୁ କୌଣସି ପରିସ୍ଥିତିରେ ପ୍ରଶ୍ରୟ ଦିଆଯିବ ନାହିଁ। ଏଭଳି ଅଭିଯୋଗ ସାମ୍ନାକୁ ଆସିଲେ ନିୟମାନୁସାରେ ତ୍ୱରିତ ଓ କଠୋର ପଦକ୍ଷେପ ଗ୍ରହଣ କରାଯିବ।

# ବଢ଼ିଚାଲିଛି ସ୍ୱର୍ଗଦ୍ୱାର ଶ୍ମଶାନ ଧୂଆଁ




**ପୁରୀ,୫।୮(ସଂଚାର ବ୍ୟୁରୋ):** ପୁରୀ ସ୍ୱର୍ଗଦ୍ୱାରରେ ଦିନକୁ ଦିନ ଶବ ସଂସ୍କାର ନିମନ୍ତେ ମୃତଦେହ ଆସିବା ସଂଖ୍ୟା ବଢ଼ି ଚାଲିଛି। ୫ ବର୍ଷ ପୂର୍ବେ ଯେଉଁଠି ଦୈନିକ ପ୍ରାୟ ୫୦ ଶବ ସଂସ୍କାର ନିମନ୍ତେ ଆସୁଥିଲା, ଏବେ ତାହା ଦ୍ୱିଗୁଣିତ ହୋଇଯାଇଛି। ଶବଦାହ ନିମନ୍ତେ ଏଥିପାଇଁ ଦୁଇଗୁଣ ଜାଳେଣି କାଠର ଆବଶ୍ୟକତା ବଢ଼ିଯାଇଛି।

ଏନ୍‌ଜିଟିଙ୍କ ନିର୍ଦ୍ଦେଶକୁ ଅଣଦେଖା

ଅଧିକ କାଠ ଓ ଶବ ପୋଡ଼ା ହେବାରୁ ସ୍ୱର୍ଗଦ୍ୱାର ଶ୍ମଶାନ ଅଞ୍ଚଳରେ ଧୂଆଁ ପରିମାଣ ବଢ଼ି ଚାଲିଛି। ପାଖରେ ଚାଲିକି ଗଲେ ବି ଆଖି ପୋଡୁଛି। ନିଶ୍ୱାସ ନେବା ବେଳେ ଅଣନିଃଶ୍ୱାସୀ ଲାଗୁଛି। ଧୂଆଁ ପରିମାଣ ବଢୁଥିବାରୁ ଏଠାରେ ପ୍ରଦୂଷଣ ମାତ୍ରା ମଧ୍ୟ ବଢ଼ିଯାଇଛି। ପ୍ରଦୂଷଣ କମାଇବା ନିମନ୍ତେ ଶବ ସଂସ୍କାର ପାଇଁ ପାରମ୍ପରିକ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଇଲେକ୍ଟ୍ରି ମେସିନ୍ ବ୍ୟବହାର କରିବାକୁ ନ୍ୟାସନାଲ ଗ୍ରୀନ୍ ଟ୍ରିବ୍ୟୁନାଲ୍ (ଏନ୍‌ଜିଟି) ପୂର୍ବରୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ପ୍ରାୟ ଦଶନ୍ଧି ହେବ ପ୍ରଶାସନ ଏହାକୁ ପାଳନକୁ କରିବା ଦିଗରେ ସାମାନ୍ୟତମ ଆଗ୍ରହ ଦେଖାଉନାହିଁ।

ସ୍ୱର୍ଗଦ୍ୱାର ଉନ୍ନତିକରଣ ପରେ ଏଠାରେ ହିନ୍ଦୁ ପରମ୍ପରାକୁ ଦୃଷ୍ଟିରେ ରଖି ଶବ ସଂସ୍କାର ନିମନ୍ତେ ଇଲେକ୍ଟ୍ରି ଓ କାଠମିଶ୍ରିତ ଏକ ସ୍ୱତନ୍ତ୍ର ଚୁଲା ବ୍ୟବହାର କରିବାକୁ ପ୍ରଶାସନ ନିଷ୍ପତ୍ତି ନେଇଥିଲା। ଏଥିନିମନ୍ତେ ପ୍ରାୟ ୯୦ ଲକ୍ଷ ଟଙ୍କା ଖର୍ଚ୍ଚ ଅଟକଳ ମଧ୍ୟ ହୋଇଥିଲା। ସ୍ୱର୍ଗଦ୍ୱାର ସେବା ସମିତି ନିକଟରେ ମହଜୁଦ୍ ପ୍ରାୟ ୩ କୋଟି ଟଙ୍କା ମଧ୍ୟରୁ ଏହି ଟଙ୍କା ଖର୍ଚ୍ଚ କରିବାକୁ ଆଲୋଚନା ମଧ୍ୟ ହୋଇଥିଲା। ହେଲେ ଅଧିକାରୀ ବଦଳିବା ସହ ବାରମ୍ବାର ନିଷ୍ପତ୍ତି ବଦଳିବାରେ ଲାଗିଛି। କମ୍ପାନୀମାନଙ୍କ ସିଏସ୍‌ଆର ପାଣ୍ଠି ଆଣି ଏହି ମେସିନ୍ ଲଗାଇବାକୁ ବାରମ୍ବାର ଅଧିକାରୀମାନେ ଉଦ୍ୟମ କରି ଫେଲ୍ ମାରିଛନ୍ତି। ନଗର ଉନ୍ନୟନ ବିଭାଗ ଟଙ୍କା ଦେଲେ ମେସିନ୍ ପଡ଼ିବ ବୋଲି କହି ପ୍ରଶାସନିକ ଅଧିକାରୀ ଚୁପ୍ ବସିଛନ୍ତି।

ସେହିପରି ବ୍ରହ୍ମପୁରରେ ଶବ ସଂସ୍କାର ନିମନ୍ତେ ବ୍ୟବହୃତ ହେଉଥିବା ସ୍ୱତନ୍ତ୍ର ମେସିନ୍ କାଠ ଚୁଲାର ଅବିକଳ ଚୁଲାକୁ ସ୍ୱର୍ଗଦ୍ୱାରରେ ଲଗାଇବା ନିମନ୍ତେ ବାରମ୍ବାର ଆଲୋଚନା ହୋଇଛି। ମେସିନ୍ ନିର୍ମାଣକାରୀ ସଂସ୍ଥାକୁ କାର୍ଯ୍ୟାଦେଶ ଦେବାକୁ ମଧ୍ୟ କମିଟିର ଅନେକ ସଦସ୍ୟ ପ୍ରଶାସକଙ୍କୁ ନିବେଦନ କରିଛନ୍ତି। ଏହି ମେସିନ୍ ବ୍ୟବହାର ହେଲେ କାଠ ବ୍ୟବହାର ଅଧା ହୋଇଯିବ। ଅର୍ଥାତ୍ ପ୍ରତ୍ୟେକ ମୃତଦେହ ପୋଡ଼ିବା ନିମନ୍ତେ ପ୍ରାୟ ଦେଢ଼ କୁଇଣ୍ଟାଲ କାଠ ଆବଶ୍ୟକ ହେଉଥିବା ବେଳେ ଏହି ସ୍ୱତନ୍ତ୍ର ଇଲେକ୍ଟ୍ରି ଚୁଲା ବ୍ୟବହାର କଲେ ପ୍ରାୟ ୮୦ କ୍ୱିଣ୍ଟାଲରୁ କମ୍ କାଠ ଦରକାର ହେବ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

ସଂଚାର SANCHAR
ଗୁରୁବାର ୬ ଅଗଷ୍ଟ ୨୦୨୬
BUSINESS

## ଏଲ୍-ନିନୋ ନେଇ ଜାତିସଂଘର ଭୟଙ୍କର ଚେତାବନୀ

# ଭୋକରେ ଆଉଟୁପାଉଟୁ ହେବେ ୪ କୋଟିରୁ ଅଧିକ ଲୋକ



**ନୂଆଦିଲ୍ଲୀ,୫।୮:** ଏଲ୍-ନିନୋକୁ ନେଇ ବଢ଼ିଲା ବିଶ୍ୱ ଚିନ୍ତା। ମିଳିତ ଜାତିସଂଘର ୱାର୍ଲ୍ଡ ଫୁଡ୍ ପ୍ରୋଗ୍ରାମ୍ ବା ଡବ୍ଲୁଏଫପି ବୁଧବାର ଏକ ଚିନ୍ତାଜନକ ରିପୋର୍ଟ ଦେଇଛି। ସଂସ୍ଥା କହିଛି ଶକ୍ତିଶାଳୀ ଏଲ୍-ନିନୋ ପ୍ରଭାବ ଯୋଗୁ ଆସନ୍ତା ବର୍ଷ ଶେଷ ସୁଦ୍ଧା ଏକ ବଡ଼ ଖାଦ୍ୟ ସଂକଟ ଦଖା ଦେବ। ବିଶ୍ୱର ପ୍ରାୟ ୪ କୋଟି ୯୦ ଲକ୍ଷ ଲୋକ ଏଥିରେ ପ୍ରଭାବିତ ହେବେ। ୧୯୫୦ ପରେ ଏଗା ସବୁଠୁ ଶକ୍ତିଶାଳୀ ଏଲ୍-ନିନୋ ହୋଇପାରେ। ୨୦୨୭ ଶେଷ ସୁଦ୍ଧା ବିଶ୍ୱରେ ଏକ ଶକ୍ତିଶାଳୀ ଏଲ୍-ନିନୋ ପ୍ରଭାବ ଦେଖାଦେବାର ୮୧ ପ୍ରତିଶତ ସମ୍ଭାବନା ଥିବା ୱାର୍ଲ୍ଡ ଫୁଡ୍ ପ୍ରୋଗ୍ରାମ ଡବ୍ଲୁଏଫପି ବୁଧବାର ଏକ ରିପୋର୍ଟ ଜାରି କରି କହିଛି। ପ୍ରଶାନ୍ତ ମହାସାଗରର ସମୁଦ୍ର ପୃଷ୍ଠର ତାପମାତ୍ରା ୧୯୮୨ ପରଠାରୁ ସର୍ବାଧିକ ସ୍ତରରେ ରହିଛି ଏବଂ ଏହା ୧୯୫୦ ପରେ ସବୁଠୁ ଶକ୍ତିଶାଳୀ ଏଲ୍-ନିନୋ ହୋଇପାରେ। ଏହାର ପ୍ରଭାବରେ ବିଶ୍ୱରେ ଅତିରିକ୍ତ ୪୯ ମିଲିଅନ ଲୋକେ ଖାଦ୍ୟ ସଂକଟରେ ସାମ୍ନୁଖୀନ ହେବେ। ଏଲ୍-ନିନୋ ଯୋଗୁ ଦକ୍ଷିଣ ଆଫ୍ରିକାରେ ମରୁଡ଼ି, ଏସିଆର କିଛି ଅଞ୍ଚଳରେ ବିଳମ୍ବିତ ମୌସୁମୀ ବର୍ଷା ଏବଂ ଅନ୍ୟ ଅଞ୍ଚଳରେ ଅସ୍ୱାଭାବିକ ବର୍ଷା ହେବାର ଆଶଙ୍କା ରହିଛି। ଡବ୍ଲୁଏଫପି ୪୫ଟି ସମ୍ବେଦନଶୀଳ ଦେଶକୁ ନେଇ କରିଥିବା ବିଶ୍ଳେଷଣରେ କହିଛି, ତୀବ୍ର ଖାଦ୍ୟ ଅସୁରକ୍ଷିତ ଲୋକଙ୍କ ସଂଖ୍ୟା ୨୨ ପ୍ରତିଶତ ବଢ଼ି ୨୭ କୋଟି ୪୦ ଲକ୍ଷରେ ପହଞ୍ଚିପାରେ। ଏହି ସମସ୍ୟା ଆଗକୁ ବଡ଼ଧରଣର ଖାଦ୍ୟ ସଂକଟ ସୃଷ୍ଟି କରିବ ବୋଲି ଡବ୍ଲୁଏଫପିର ଖାଦ୍ୟ ସୁରକ୍ଷା ଏବଂ ପୁଷ୍ଟିସାର ବିଶ୍ଳେଷଣ ସେବାର ନିର୍ଦ୍ଦେଶକ ଜିନ୍-ମାର୍ଟିନ୍ ବାଉର୍ ସାମ୍ବାଦିକମାନଙ୍କୁ କହିଛନ୍ତି। ମଧ ଆମେରିକା ଓ ଦକ୍ଷିଣ ଆଫ୍ରିକା ସବୁଠାରୁ ଅଧିକ ପ୍ରଭାବିତ ହୋଇପାରେ। ମଧ ଆମେରିକାରେ ଖାଦ୍ୟ ଅସୁରକ୍ଷିତ ଲୋକଙ୍କ ସଂଖ୍ୟା ୮୩ ପ୍ରତିଶତ ଏବଂ ଦକ୍ଷିଣ ଆଫ୍ରିକାରେ ପ୍ରାୟ ୭୫ ପ୍ରତିଶତ ବଢ଼ିବାର ଆକଳନ କରାଯାଇଛି। ଦକ୍ଷିଣ ଆଫ୍ରିକା, ଦକ୍ଷିଣ ଆମେରିକା ଏବଂ କାରିବିଆନ୍ ଅଞ୍ଚଳରେ ୧ କୋଟି ୨୦ ଲକ୍ଷରୁ ଅଧିକ ନୂଆ ଲୋକ ଖାଦ୍ୟ ସଙ୍କଟରେ ପଡ଼ିପାରନ୍ତି। ଡବ୍ଲୁଏଫପି କହିଛି, ପୂର୍ବ ଆଫ୍ରିକା, ସାହେଲ୍, ମଧ ଆମେରିକା ଓ କାରିବିଆନରେ ବର୍ଷା କମ୍ ହେବାର ଆଶଙ୍କା ଥିବା ବେଳେ ସୋମାଲିଆ ଓ ଏହାର ପଡ଼ୋଶୀ ଅଞ୍ଚଳରେ ବନ୍ୟା ବିପଦ ବଢ଼ିପାରେ। ଦକ୍ଷିଣ ଓ ଦକ୍ଷିଣ-ପୂର୍ବ ଏସିଆରେ ମଧ ମରୁଡ଼ି, ଅସମାନ ମୌସୁମୀ ବର୍ଷା ଓ ସ୍ଥାନୀୟ ବନ୍ୟା କୃଷି ଉତ୍ପାଦନକୁ ପ୍ରଭାବିତ କରିପାରେ। ଡବ୍ଲୁଏଫପି ଜୋର ଦେଇ କହିଛି ଯେ, ଏଲ୍-ନିନୋର ପ୍ରଭାବ ଅଞ୍ଚଳ ଭେଦରେ ଭିନ୍ନ ହୋଇପାରେ। ତେଣୁ ସରକାର ଓ ରିଲିଫ୍ ଏଜେନ୍ସିମାନେ ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିବା ଆବଶ୍ୟକ। ସଂସ୍ଥା ଏପର୍ଯ୍ୟନ୍ତ ୧୮ଟି ଦେଶରେ ପୂର୍ବ ପ୍ରସ୍ତୁତି କାର୍ଯ୍ୟକ୍ରମ ଜୋରଦାର କରି ୧୩ ଲକ୍ଷରୁ ଅଧିକ ଲୋକଙ୍କୁ ନଗଦ ସହାୟତା ଓ ଅନ୍ୟାନ୍ୟ ସହଯୋଗ ଯୋଗାଇସାରିଛି।

## ଆକାଶଛୁଆଁ ରୁପା ଦର



**ନୂଆଦିଲ୍ଲୀ,୫।୮:** ସୁନା ସହିତ ରୂପାର ଦରରେ ମଧ ଜୋରଦାର ବୃଦ୍ଧି ଦେଖିବାକୁ ମିଳିଛି। ବିଗତ ତିନି ଦିନ ମଧ୍ୟରେ ରୂପାର ଦର ପ୍ରାୟ ୯ ହଜାର ଟଙ୍କା ବୃଦ୍ଧି ପାଇଥିବା ସୂଚନା ମିଳିଛି। ଏହି ହଠାତ୍ ମୂଲ୍ୟବୃଦ୍ଧି ଯୋଗୁଁ ଗହଣା ବଜାରରେ କ୍ରେତାମାନଙ୍କ ଉପରେ ଅଧିକ ଆର୍ଥିକ ଚାପ ପଡ଼ିଛି। ବ୍ୟବସାୟୀମାନଙ୍କ କହିବା ଅନୁସାରେ, ଆନ୍ତର୍ଜାତୀୟ ବଜାରରେ ଦାମ ବୃଦ୍ଧି, ଶିଳ୍ପ କ୍ଷେତ୍ରରେ ଚାହିଦା ବଢ଼ିବା ଏବଂ ନିବେଶକଙ୍କ ବଢ଼ୁଥିବା ଆଗ୍ରହ ଏହାର ପ୍ରମୁଖ କାରଣ। ବଜାର ବିଶେଷଜ୍ଞମାନଙ୍କ ମତରେ, ଆଗାମୀ ଦିନରେ ଆନ୍ତର୍ଜାତୀୟ ପରିସ୍ଥିତି ଏବଂ ବଜାରର ଚାହିଦାକୁ ଦେଖି ରୂପା ଦରରେ ଆହୁରି ବୃଦ୍ଧି ହେବ। ବୁଧବାର ୫ ଅଗଷ୍ଟରେ ରୂପାର ଦାମ୍ ବୃଦ୍ଧି ପାଇଥିବାର ଦେଖିବାକୁ ମିଳିଥିଲା। ରୂପା ଦାମ୍ ୩୭୫୫ ଟଙ୍କା ବଢ଼ି ୨.୨୫ ଲକ୍ଷ ଟଙ୍କା ପ୍ରତି କେଜିରେ ପହଁଞ୍ଚିଛି। ଗତ ତିନି ଦିନରେ ରୂପା ଦାମ୍ ପ୍ରାୟ ୯ ହଜାର ଟଙ୍କା ମହଙ୍ଗା ହୋଇସାରିଛି। ମଙ୍ଗଳବାର ରୂପା ଦାମ୍ ୪୯୯୬ ଟଙ୍କା ବଢ଼ିବା ସହ ୨.୨୧ ଲକ୍ଷ ପ୍ରତି କିଲୋଗ୍ରାମ୍ ରେଟ୍‌ରେ ବନ୍ଦ ହୋଇଥିଲା। ଆନ୍ତର୍ଜାତୀୟ ବଜାରରେ ମଧ ରୂପାର ଦର ଜୋରଦାର ଦାମ୍ ବୃଦ୍ଧି ଦେଖାଇଛି। ଗ୍ଲୋବାଲ୍ ସିଲଭର ଫ୍ୟୁଚର୍ସ ଜୁନ୍–ଅଗଷ୍ଟ ମଧ୍ୟରେ ଚାଲିଥିବା ସ୍ଥିରତାକୁ ଭାଙ୍ଗି ଗୋଟିଏ ଦିନରେ ୩.୯୦ ପ୍ରତିଶତ ବୃଦ୍ଧି ସହ ପ୍ରତି ଟ୍ରୟ ଆଉନ୍ସ ୬୧.୮୩ ଡଲାରରେ ପହଞ୍ଚିଛି। ବଜାର ବିଶେଷଜ୍ଞଙ୍କ ମତାନୁସାରେ, ବିଶ୍ୱ ଆର୍ଥିକ ଅନିଶ୍ଚିତତା, ଶିଳ୍ପ କ୍ଷେତ୍ରରେ ରୂପାର ବଢ଼ୁଥିବା ଚାହିଦା ଏବଂ ନିବେଶକଙ୍କ ସୁରକ୍ଷିତ ସମ୍ପଦ ପ୍ରତି ଆଗ୍ରହ ଯୋଗୁଁ ଏହି ଦର ବୃଦ୍ଧି ଘଟୁଛି। ବିଶେଷଜ୍ଞମାନେ କହିଛନ୍ତି, ଆସନ୍ତା କିଛି ଦିନ ମଧ୍ୟରେ ବଜାରର ନଜର ରଖିବା ଆବଶ୍ୟକ, କାରଣ ରୂପା ଦରରେ ଆହୁରି ବୃଦ୍ଧି ଦେଖାଯାଇପାରେ। ବର୍ତ୍ତମାନ ଦିଲ୍ଲୀ ବୁଲିୟନ ମାର୍କେଟରେ ଏକ କିଲୋଗ୍ରାମ୍ ରୂପାର ଦାମ୍ ୨.୨୫ ଲକ୍ଷ ଟଙ୍କା ରହିଛି।

## ପେମେଣ୍ଟ୍ ଉପରେ ଲାଗିବ ଚାର୍ଜ !




**ନୂଆଦିଲ୍ଲୀ,୫।୮:** ଡିଜିଟାଲ ପେମେଣ୍ଟସ ସମ୍ପର୍କିତ ଆଇନରେ ସଂଶୋଧନ କରିବା ନେଇ ଅର୍ଥ ମନ୍ତ୍ରଣାଳୟ ପ୍ରସ୍ତାବ ଦେଇଛି। ଏହାଦ୍ୱାରା ଭବିଷ୍ୟତରେ ୟୁପିଆଇ ପେମେଣ୍ଟସ ଉପରେ ଏମଡିଆର୍ ବା ମର୍ଚାଣ୍ଟ ଡିସକାଉଣ୍ଟ ରେଟ୍ ପୁଣି ଥରେ ଲାଗୁ କରାଯାଇପାରିବ। ପେମେଣ୍ଟସ ଏବଂ ସେଟଲମେଣ୍ଟ ସିଷ୍ଟମ ଆକ୍ଟ ୨୦୦୭ର ଧାରା ୧୦ଏ କୁ ହଟାଇବା ଲାଗି ଏଥିରେ ସଂଶୋଧନ ପ୍ରସ୍ତାବ ଅଣାଯାଇଛି। ମନି କଣ୍ଟ୍ରୋଲ ରିପୋର୍ଟ ମୁତାବକ,ବର୍ତ୍ତମାନ ଏହି ଧାରା ବ୍ୟାଙ୍କ ଏବଂ ପେମେଣ୍ଟସ କମ୍ପାନି ଗୁଡିକୁ ୟୁପିଆଇ ଏବଂ ଅନ୍ୟ ଡିଜିଗଲ ପେମେଣ୍ଟ ମୋଡରେ କୌଣସି ଶୁଳ୍କ କିମ୍ବା ଚାର୍ଜ ଆଦାୟ କରିବାକୁ ରୋକିଥାଏ। ଏହି ନିୟମ ପରିବର୍ତ୍ତନ ପରେ ଟିକସ କିମ୍ବା ଚାର୍ଜ ଲାଗୁ କରିବା ନେଇ ସରକାରଙ୍କୁ ଅଧିକାର ମିଳିବ। ଡିଜିଟାଲ ପେମେଣ୍ଟ ମାଗଣା କିମ୍ବା ଏହା ଉପରେ ଶୁଳ୍କ ଲାଗୁ ହେବ ସେ ନେଇ ସରକାର ସହଜରେ ନିଷ୍ପତ୍ତି ନେଇପାରିବେ। ବର୍ତ୍ତମାନର ସଂଶୋଧନ ଦ୍ୱାରା ୟୁପିଆଇ ନେଣଦେଣରେ ତ୍ୱରିତ ଚାର୍ଜ ଲାଗୁ ହେବନି । ଭବିଷ୍ୟତର ନୀତିଗତ ପଦକ୍ଷେପ ଲାଗି ଏହା ସରକାରଙ୍କୁ ସୁବିଧା ପ୍ରଦାନ କରିବ । ଆଇନରେ ପରିବର୍ତ୍ତନ ପରେ ସରକାର ଯେବେ ଚାହିଁବେ ବିଜ୍ଞପ୍ତି ଜାରି କରି ଡିଜିଟାଲ ପେମେଣ୍ଟ ଚାର୍ଜ ନିର୍ଦ୍ଧାରଣ କରିପାରିବେ। ଏମଡିଆର ହେଉଛି ଏକ ପ୍ରକାରର ଦେୟ ଯାହା ବ୍ୟବସାୟୀମାନେ ଡିଜିଟାଲ ନେଣଦେଣ ପ୍ରୋସେସ୍ କରିବା ଲାଗି ବ୍ୟାଙ୍କ ଏବଂ ଫୋନପେ,ଗୁଗଲପେ ଏବଂ ପେଟିଏମ୍ ଭଳି ପେମେଣ୍ଟ ସେବା ଯୋଗାଣକାରୀଙ୍କୁ ପ୍ରଦାନ କରିଥାନ୍ତି। ଯଦି ଭବିଷ୍ୟତରେ ୟୁପିଆଇ ଉପରେ ପୁଣି ଏମଡିଆର୍ ଲାଗୁ ହୁଏ ତେବେ ଏହାର ପ୍ରଭାବ ବ୍ୟବସାୟୀ ଏବଂ ପେମେଣ୍ଟ ଇକୋସିଷ୍ଟମ ଉପରେ ପଡିବ। ସାଧାରଣ ନାଗରିକମାନେ ଦୈନନ୍ଦିନ ଜୀବନରେ ବିଭିନ୍ନ କ୍ରୟ ଲାଗି ଯେଉଁ ୟୁପିଆଇ ପେମେଣ୍ଟ କରୁଛନ୍ତି,ତାହା ଉପରେ ସିଧାସଳଖ ଚାର୍ଜ ଲାଗୁ ହେବନି। ସରକାର ଜାନୁଆରି ୨୦୨୦ରେ ୟୁପିଆଇ ଏବଂ ରୂପେ ଡେବିଟ କାର୍ଡ ନେଣଦେଣ କ୍ଷେତ୍ରରେ ଏମଡିଆରକୁ ହଟାଇ ଦେଇଥିଲେ। ଡିଜିଟାଲ ପେମେଣ୍ଟସକୁ ପ୍ରୋତ୍ସାହନ ଦେବା ଏବଂ କ୍ୟାଶଲେସ ଇକୋନୋମିକୁ ଦୃଢ଼ କରିବା ଲାଗି ଏଭଳି କରାଯାଇଥିଲା। ଏହା ପରେ ୟୁପିଆଇ ପେମେଣ୍ଟ ବ୍ୟାପକ ହୋଇଥିଲା। ତେବେ ୟୁପିଆଇ ଇକୋସିଷ୍ଟମକୁ ବିନା କୌଣସି ଆୟରେ ଦୀର୍ଘ ସମୟ ଲାଗି ଚଳାଇବା ଆର୍ଥିକ ଦୃଷ୍ଟିକୋଣରୁ ଆହ୍ୱାନ ପାଲଟିଛି। ନିକଟରେ ଏହି ପ୍ରସଙ୍ଗକୁ ନେଇ ସଂସଦୀୟ କମିଟି ଚିନ୍ତା ପ୍ରକଟ କରିଥିଲା। ଶୂନ ଏମଡିଆର୍ ନୀତି ଯୋଗୁ ପେମେଣ୍ଟ ଶିଳ୍ପ ଏବଂ ବ୍ୟାଙ୍କ ଗୁଡିକୁ କ୍ଷତି ହେଉଥିବା ସଂସଦୀୟ କମିଟି କହିଛି। ଏହାର ଭରଣା ଲାଗି ଏକ ସ୍ଥାୟୀ ରାଜସ୍ୱ ମଡେଲ ଆଣିବା ଉପରେ କମିଟି ଗୁରୁତ୍ୱାରୋପ କରିଛି। ସରକାର ୨୦୨୬-୨୭ ଆର୍ଥିକ ବର୍ଷ ଲାଗି ରୁପେ ଡେବିଟ କାର୍ଡ ଏବଂ କମ୍ ମୂଲ୍ୟର ଭୀମ-ୟୁପିଆଇ ମର୍ଚ୍ଚାଣ୍ଟ ନେଣଦେଣକୁ ସହାୟତା କରିବା ଲାଗି ୨ ହଜାର କୋଟିର ଅନୁଦାନ ପ୍ରଦାନ କରିଥିଲେ। ଏହି ପ୍ରୋତ୍ସାହନ ସ୍କିମ ୨୦୨୧-୨୨ରୁ ଆରମ୍ଭ କରାଯାଇଥିଲା। ସଂସଦୀୟ କମିଟି ଏହା ମଧ କହିଛି ଯେ,ଏହି ସହାୟତା ରାଶି ପେମେଣ୍ଟସ ଶିଳ୍ପ ଖର୍ଚ୍ଚର ମାତ୍ର କିଞ୍ଚିତ ଅଂଶକୁ ଭରଣା କରିପାରୁଛି। ବିଶେଷ କରି ୨ଟି ଦିଗ ଉପରେ ସନ୍ତୁଳନ ବନାଇ ରଖିବା ଏହାର ଲକ୍ଷ୍ୟ। ସାଧାରଣ ଲୋକଙ୍କ ପାଇଁ ସହଜ ଡିଜିଟାଲ ପେମେଣ୍ଟସ ବ୍ୟବସ୍ଥା କରିବା ଏବଂ ଅନ୍ୟପଟେ ୟୁପିଆଇ ଇକୋସିଷ୍ଟମ( ବ୍ୟାଙ୍କ,ଫିନଟେକ କମ୍ପାନି)କୁ ଆର୍ଥକ ଦୃଷ୍ଟିକୋଣରୁ ମଜବୁତ ଏବଂ ସ୍ଥିତାବସ୍ଥା ବଳାୟ ରଖିବା । ପ୍ରସ୍ତାବିତ ସଂଶୋଧନ ପାସ୍ ହେଲା ପରେ ସରକାର ସ୍ଥିତିର ସମୀକ୍ଷା କରିବେ। ବଡ ମର୍ଚାଣ୍ଟ କିମ୍ବା ଉଚ୍ଚ ମୂଲ୍ୟର ନେଣଦେଣ ଲାଗି କିଛି ମାତ୍ରାରେ ଏମଡିଆର୍ ଲାଗୁ ହୋଇପାରେ। ଛୋଟ ଦୋକାନୀ ଏବଂ ସାଧାରଣ ଖାଉଟିଙ୍କ ପେମେଣ୍ଟ ସମ୍ପୂର୍ଣ୍ଣ ମାଗଣା ରହିବା ନେଇ ଆଶା କରାଯାଉଛି ।

## ୧ ଅକ୍ଟୋବରରୁ ବଦଳିବ ଏଫ୍‌ଡି ନିୟମ

**ନୂଆଦିଲ୍ଲୀ,୫।୮:** ଯଦି ଆପଣ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କରେ ଫିକ୍ସଡ୍ ଡିପୋଜିଟ୍ ବା ଏଫ୍‌ଡି କରିବାକୁ ଯୋଜନା କରୁଛନ୍ତି, ତେବେ ଏହି ଖବର ଆପଣଙ୍କ ପାଇଁ । ଭାରତୀୟ ରିଜର୍ଭ ବ୍ୟାଙ୍କ ବା ଆରବିଆଇ ଦେଶର ସମସ୍ତ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ ପାଇଁ ନୂଆ ନିୟମ ଜାରି କରିଛି। ଏହି ନିୟମଗୁଡ଼ିକ ୧ ଅକ୍ଟୋବର ୨୦୨୬ରୁ ଲାଗୁ ହେବ। ଏହାର ଉଦ୍ଦେଶ୍ୟ ହେଉଛି ଏଫ୍‌ଡି ନିବେଶକଙ୍କୁ ଅଧିକ ସ୍ୱଚ୍ଛତା, ସୁରକ୍ଷା ଏବଂ ସମାନ ସୁବିଧା ଦେବା। ନୂଆ ନିୟମ ଅନୁଯାୟୀ, ଏବେ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କମାନଙ୍କୁ ଏଫ୍‌ଡି ଅଫର କରିବା ପୂର୍ବରୁ ସମସ୍ତ ସୁଧ ହାର ସାର୍ବଜନୀନ କରିବାକୁ ପଡ଼ିବ । ବ୍ୟାଙ୍କର ୱେବସାଇଟରେ ପ୍ରକାଶିତ ସୁଧ ହାର ଅନୁଯାୟୀ ହିଁ ଗ୍ରାହକଙ୍କୁ ଏଫ୍‌ଡି ଦିଆଯିବ । ଏହା ଫଳରେ ନିବେଶକମାନେ ବିଭିନ୍ନ ବ୍ୟାଙ୍କର ସୁଧ ହାରକୁ ସହଜରେ ତୁଳନା କରିପାରିବେ। ଆରବିଆଇ ବଲ୍କ ଡିପୋଜିଟ୍ ପାଇଁ ମଧ ନୂଆ ନିୟମ କରିଛି । ପ୍ରତି କାର୍ଯ୍ୟଦିବସ ସକାଳ ୧୦ଟାରେ ବ୍ୟାଙ୍କଗୁଡ଼ିକୁ ବଲ୍କ ଡିପୋଜିଟ୍ ସୁଧ ହାର ୱେବସାଇଟରେ ପ୍ରକାଶ କରିବାକୁ ପଡ଼ିବ। ଏହା ପାଇଁ ସକାଳ ୧୦ଟା ୧୦ ମିନିଟ୍ ପର୍ଯ୍ୟନ୍ତ ସମୟ ମିଳିବ । ଅର୍ଥାତ୍ ପ୍ରତିଦିନ ନିର୍ଦ୍ଧାରିତ ସମୟରେ ଗ୍ରାହକମାନେ ସଠିକ୍ ସୁଧ ହାର ଜାଣିପାରିବେ । ଆରବିଆଇ ଆହୁରି ସ୍ପଷ୍ଟ କରିଛି ଯେ, ବ୍ୟାଙ୍କର ସମସ୍ତ ବ୍ରାଞ୍ଚରେ ଏକା ପ୍ରକାର ଏଫ୍‌ଡି ପାଇଁ ସମାନ ସୁଧ ହାର ରହିବ। ଅର୍ଥାତ୍ ଜଣେ ଗ୍ରାହକ କେଉଁ ଶାଖାକୁ ଯାଆନ୍ତୁ ନା କାହିଁକି, ସମାନ ରାଶି ଓ ସମାନ ଅବଧିର ଏଫ୍‌ଡି ଉପରେ ସମାନ ସୁଧ ହାର ପାଇବେ। କୌଣସି ଶାଖା କିମ୍ବା ଗ୍ରାହକଙ୍କ ଆଧାରରେ ଭିନ୍ନ ସୁଧ ହାର ଦେବାକୁ ଅନୁମତି ରହିବ ନାହିଁ।

## ଚିନି ପାଇଁ ଚିନ୍ତାରେ ବିଶ୍ୱ, ରପ୍ତାନୀ ରୋକିଲା ଭାରତ



**ନୂଆଦିଲ୍ଲୀ,୫।୮:** ଦେଶରେ ଚିନି ଦର ଲଗାତାର ବଢ଼ୁଛି। ମାସକ ମଧ୍ୟରେ ଚିନିର ଏକ୍ସ-ମିଲ୍ ଦର ପ୍ରାୟ ୧୭% ଏବଂ ଗତ ସପ୍ତାହକରେ ଏହା ୪.୩% ବୃଦ୍ଧି ପାଇଛି। ବିଶ୍ୱ ବଜାରରେ ମଧ ଚିନି ମୂଲ୍ୟ ଉପରମୁହାଁ ହୋଇଛି। ବିଶ୍ୱସ୍ତରରେ ଚିନି ଉତ୍ପାଦନ ହ୍ରାସର ଆଶଙ୍କା ଓ ଭାରତର ରପ୍ତାନି ନୀତିକୁ ନେଇ ବଜାରରେ ଅନିଶ୍ଚିତତା ବଢ଼ିଛି। ଏହାର ପ୍ରଭାବ ଆଗାମୀ ଦିନରେ ଘରୋଇ ବଜାର ଉପରେ ମଧ ପଡ଼ିପାରେ। ଆମେରିକାର ନ୍ୟୁୟର୍କର ଇଣ୍ଟରକଣ୍ଟିନେଣ୍ଟାଲ୍ ଏକ୍ସଚେଞ୍ଜ୍ ବା ଆଇସିଇରେ ଚିନି ଦର ପାଉଣ୍ଡ ପିଛା ୧୫ ଆମେରିକୀୟ ସେଣ୍ଟରୁ ଅଧିକରେ କାରବାର ହେଉଛି। ସେହିପରି ଲଣ୍ଡନ ବଜାରରେ ଧଳା ଚିନିର ଦର ପ୍ରତି ଟନ୍ ୪୭୫ ଦଶମିକ ୫୦ ଡଲାରରେ ପହଞ୍ଚିଥିଲା। ବ୍ରାଜିଲ୍, ଭାରତ ଓ ଥାଇଲ୍ୟାଣ୍ଡ ବିଶ୍ୱର ସର୍ବବୃହତ୍ ଚିନି ଉତ୍ପାଦକ ଦେଶ। ଏଲ୍-ନିନୋ ପ୍ରଭାବରେ ଚଳିତ ବର୍ଷ ଏହି ଦେଶଗୁଡ଼ିକରେ ଉତ୍ପାଦନ ପ୍ରଭାବିତ ହୋଇଛି। ବିଏମ୍ଆଇ ରିସର୍ଚ୍ଚ ଅନୁସାରେ ୨୦୨୬-୨୭ ମୌସୁମୀରେ ବ୍ରାଜିଲର ଚିନି ଉତ୍ପାଦନ ୪୨ ମିଲିୟନ୍ ଟନକୁ ଖସିପାରେ, ଯାହା ପୂର୍ବବର୍ଷ ତୁଳନାରେ ୪.୧ ପ୍ରତିଶତ କମ୍। ତେଣୁ ଆହୁରି ଦର ବୃଦ୍ଧି ହେବାର ଆଶଙ୍କା ରହିଛି। ସେପଟେ ଯେହେତୁ ଭାରତ ବିଶ୍ୱର ଅନ୍ୟତମ ବୃହତ୍ ଚିନି ଉତ୍ପାଦକ ଓ ରପ୍ତାନିକାରୀ ଦେଶ, ତେଣୁ ଏବେ ସାରା ବିଶ୍ୱର ନଜର ଭାରତ ଉପରେ ରହିଛି।ଭାରତ ଘରୋଇ ଯୋଗାଣକୁ ସୁରକ୍ଷିତ ରଖିବା ପାଇଁ ଅଗଷ୍ଟ ୧ରୁ ନଭେମ୍ବର ୩୦ ଯାଏ ୩ଟି ସିଜିନ ଧରି ଚିନି ରପ୍ତାନୀ ଉପରେ ରୋକ ଲଗାଇଛି। ଫଳରେ ଅନ୍ତର୍ଜାତୀୟ ବଜାରରେ ଚାପ ସୃଷ୍ଟି ହୋଇଛି। ତେବେ ଭାରତ ପାଇଁ ଏକ ଭଲ ଖବର ହେଲା ଦେଶରେ ଚିନି ଉତ୍ପାଦନ ବଢ଼ିବା ସମ୍ଭାବନା ରହିଛି।ବିଏମ୍ଆଇର ଆକଳନ ଅନୁସାରେ ୨୦୨୬-୨୭ ମୌସୁମୀରେ ଭାରତର ଚିନି ଉତ୍ପାଦନ ୩୩ ମିଲିୟନ୍ ଟନରେ ପହଞ୍ଚିପାରେ, ଯାହା ଗତବର୍ଷ ତୁଳନାରେ ପ୍ରାୟ ୧୦ ପ୍ରତିଶତ ଅଧିକ। ବିଶ୍ୱ ସ୍ତରରେ ଉତ୍ପାଦନ ହ୍ରାସ ଆଶଙ୍କା ଯୋଗୁ ଆନ୍ତର୍ଜାତୀୟ ବଜାରରେ ଚିନି ଦର ବୃଦ୍ଧି ପାଇବା ଆରମ୍ଭ କରିଛି। ଯଦି ବର୍ଷା ସ୍ୱାଭାବିକ ନ ହୁଏ କିମ୍ବା ଉତ୍ପାଦନ କମିଯାଏ, ତେବେ ଚିନି ଦର ଆହୁରି ବଢ଼ିପାରେ। ଅନ୍ୟପକ୍ଷରେ ସମଗ୍ର ବିଶ୍ୱ ଚିନି ବଜାରର ନଜର ଏବେ ଭାରତର ଉତ୍ପାଦନ ଓ ସରକାରଙ୍କ ପରବର୍ତ୍ତୀ ନିଷ୍ପତ୍ତି ଉପରେ ରହିଛି।



## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୫,୭୫୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୩,୬୦୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୫,୭୫୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୩୩,୬୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୫,୭୫୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୩୩,୬୦୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୪୫,୯୦୦ ଟଙ୍କା ଓ ୨୨ କ୍ୟାରେଟ ୧,୩୩,୭୫୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୫,୭୫୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୩,୬୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୫,୭୫୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୩୩,୬୦୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୪୦,୦୦୦ ଟଙ୍କା ହୋଇଛି ।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ଦରରେ ସାମାନ୍ୟ ପରିବର୍ତ୍ତନ ହୋଇଛି । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୯୭ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୬୮ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ ଟଙ୍କା ୨୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩. ୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୭ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା୭୧ ପଇସା ରହିଛି ।

# '୨୦୪୭ରେ ବିକଶିତ ଓଡ଼ିଶା ଗଠନରେ ଯୁବପିଢ଼ିଙ୍କ ରହିବ ମୁଖ୍ୟ ଭୂମିକା'



ଭୁବନେଶ୍ୱର,୫।୮ (ସଂଚାର ବ୍ୟୁରୋ): ବିକଶିତ ଭାରତର ସ୍ୱପ୍ନ ସାକାର କରିବା ସହ ବିକଶିତ ଓଡ଼ିଶା ଗଠନ ପାଇଁ ବିଜ୍ଞାନ, ପ୍ରଯୁକ୍ତି, ନବସୃଜନ ଓ ଯୁବଶକ୍ତିର ସମନ୍ୱିତ ପ୍ରୟାସ ଅପରିହାର୍ଯ୍ୟ ବୋଲି ଭାରତୀୟ କୃଷି ଅନୁସନ୍ଧାନ ପରିଷଦ (ଆଇସିଏଆର)ର ପ୍ରାକ୍ତନ ଉପ-ନିର୍ଦ୍ଦେଶକ (କୃଷି ସମ୍ପ୍ରସାରଣ) ଡକ୍ଟର ପୁରଞ୍ଜନ ଦାସ ମତ ରଖିଛନ୍ତି।

ଶିକ୍ଷା 'ଓ' ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ କୃଷି ମହାବିଦ୍ୟାଳୟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ ସାଇନ୍‌ସେସ୍ (ଆଇଏଏସ୍)ରେ ସୋମବାର ଆୟୋଜିତ "ଗ୍ଲୋବାଲ ଲେକ୍‌ଚର ସିରିଜ"ର ଏକ ବିଶେଷ ଅଧିବେଶନରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଡକ୍ଟର ଦାସ ୨୦୪୭ ସୁଦ୍ଧା ବିକଶିତ ଓଡ଼ିଶା ଗଠନରେ ଯୁବପିଢ଼ିଙ୍କ ଭୂମିକାକୁ ସର୍ବାଧିକ ଗୁରୁତ୍ୱ ଦେଇଥିଲେ।

ନିଜ ବକ୍ତବ୍ୟରେ ଡକ୍ଟର ଦାସ କହିଥିଲେ ଯେ କୃଷି କ୍ଷେତ୍ରର ଆଧୁନିକୀକରଣ, ଖାଦ୍ୟଶସ୍ୟ ଉତ୍ପାଦନରେ ଉନ୍ନତ ବୈଜ୍ଞାନିକ ପଦ୍ଧତିର ପ୍ରୟୋଗ, ରାଜ୍ୟର ବିପୁଳ ଖଣିଜ ସମ୍ପଦର ସୁଚିନ୍ତିତ ସଦୁପଯୋଗ, ଅତ୍ୟାଧୁନିକ କୌଶଳର ବିକାଶ ଏବଂ କୃତ୍ରିମ ବୁଦ୍ଧିମତା (ଏଆଇ)ର ବ୍ୟାପକ ପ୍ରୟୋଗ ମାଧ୍ୟମରେ ଓଡ଼ିଶା ଅର୍ଥନୈତିକ ଓ ସାମାଜିକ କ୍ଷେତ୍ରରେ ନୂତନ ଉଚ୍ଚତାରେ ପହଞ୍ଚିପାରିବ। ସେ ଛାତ୍ରଛାତ୍ରୀଙ୍କୁ ନୂତନ ଜ୍ଞାନ, ନବସୃଜନ ଏବଂ ଉଦ୍ୟମିତା ପ୍ରତି ଆଗ୍ରହୀ ହେବା ସହ ସମାଜ ଓ କୃଷକଙ୍କ ଉନ୍ନତି ପାଇଁ କାର୍ଯ୍ୟ କରିବାକୁ ଆହ୍ୱାନ ଜଣାଇଥିଲେ।

ଏହି ଅବସରରେ ସୋଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଯୋଗ ଦେଇ ଡକ୍ଟର ଦାସଙ୍କ ବକ୍ତବ୍ୟକୁ ଅତ୍ୟନ୍ତ ପ୍ରେରଣାଦାୟକ ଓ ସମୟୋପଯୋଗୀ ବୋଲି କହିଥିଲେ। ଏଭଳି ଗ୍ଲୋବାଲ ଲେକ୍‌ଚର ସିରିଜ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ବୈଜ୍ଞାନିକ ଚିନ୍ତାଧାରା, ନେତୃତ୍ୱ ନେବାର ଶକ୍ତି ଏବଂ ରାଷ୍ଟ୍ର ଗଠନର ଦାୟିତ୍ୱବୋଧ ସୃଷ୍ଟି କରିବାରେ ସହାୟକ ହେବ ବୋଲି ସେ ମତ ପ୍ରକାଶ କରିଥିଲେ। ଏହାସହ ଆଗାମୀ ଦିନରେ ମଧ୍ୟ ଏଭଳି ଜ୍ଞାନବର୍ଦ୍ଧକ ଆଲୋଚନା ଓ ବକ୍ତୃତାର ଆୟୋଜନ ଜାରି ରଖିବାକୁ ମତ ଦେଇ ଡକ୍ଟର ଦାସଙ୍କୁ ତାଙ୍କ ମୂଲ୍ୟବାନ ଉପସ୍ଥିତି ପାଇଁ କୃତଜ୍ଞତା ଜଣାଇଥିଲେ ପ୍ରଫେସର ନନ୍ଦ।

ଏହି ଅବସରରେ ସୋଆ ପକ୍ଷରୁ ଡକ୍ଟର ପୁରଞ୍ଜନ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ କୃଷି ମହାବିଦ୍ୟାଳୟର ସମସ୍ତ ବିଭାଗର ବିଭାଗୀୟ ମୁଖ୍ୟ, ଅଧ୍ୟାପକ, ଗବେଷକ ଏବଂ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଉପସ୍ଥିତ ରହି ଆଲୋଚନାରୁ ଉପକୃତ ହୋଇଥିଲେ।

## ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର



ମାର୍ଶାଘାଇ,୫।୮(ସଂଚାର ବ୍ୟୁରୋ): ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଅନ୍ତେଇ ଗ୍ରାମ ପଞ୍ଚାୟତରେ ଆଜି ପଞ୍ଚାୟତ ସ୍ତରୀୟ ଜନ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଜନ ଶୁଣାଣୀ ଶିବିର ରେ ବିଡ଼ିଓ ତୃପ୍ତି ମହାନ୍ତି ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଶୁଣିଥିଲେ. ଶିବିରରେ ସରପଞ୍ଚ ସଞ୍ଜୟ କୁମାର ସେଠୀ .ଜିପିଡିଓ ସୋନାଲି ବେଉରା, ସମିତି ସଭ୍ୟ ଅଜୟ କୁମାର ଜେନା, ପଞ୍ଚାୟତ ନିର୍ବାହୀ ଅଧିକାରୀ ବିଜୟ କୁମାର ଜେନା, ରାଜସ୍ୱ ନିରୀକ୍ଷକ ଶ୍ରୀକାନ୍ତ ବୈରିବାଡ ରୋଜାଲିନ ଓଝା, ମନୀଷା ମୈତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଜନଶୁଣାଣୀ ଶିବିରରେ ମୋଟ କୋଡିଏ ଟି ଅଭିଯୋଗର ଶୁଣାଣୀ କରାଯାଇଥିଲା । ଆବାସ ଯୋଜନା, ରାସନ କାର୍ଡ ରେ ନାମ ସଂଯୋଗ, ବନବିହାରୀ ମହାପୁରୁଷଙ୍କ ପୀଠରେ ଉଜ୍ଜଳ ଆଲୋକୀକରଣ, ନଳକୂପ ଖନନ ପାଇଁ ଯୁବ ସମାଜସେବୀ ଅସିତ ପରିଡା, ଅନ୍ତେଇ ଅଙ୍ଗନବାଡି କେନ୍ଦ୍ର ରେ ଶୌଚାଳୟ ନିର୍ମାଣ ପାଇଁ ପରିବେଶବିତ ଉଦୟନାଥ ଚୌଧୁରୀ ଦାବୀ ରଖିଥିଲେ ।

## ନବବଧୂଙ୍କ ସନ୍ଦେହଜନକ ମୃତ୍ୟୁ, ଯୌତୁକଜନିତ ହତ୍ୟା ଅଭିଯୋଗ

ସତ୍ୟବାଦୀ,୫।୮ (ସଂଚାର ବ୍ୟୁରୋ): ସତ୍ୟବାଦୀ ଥାନା ଅନ୍ତର୍ଗତ ଅଳଗୁମ ବାଟୁଳିପଡ଼ା ଗ୍ରାମରେ ଜଣେ ନବବିବାହିତାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ଘର ଭିତରୁ ତାଙ୍କୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଥିବାବେଳେ, ଘଟଣାର ପ୍ରକୃତ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ମୃତକା ହେଲେ ଦୀପାଞ୍ଜଳି ପ୍ରଧାନ। ପ୍ରାୟ ଆଠ ମାସ ପୂର୍ବରୁ ତାଙ୍କର ବାଟୁଳିପଡ଼ା ନିବାସୀ ଦର୍ପନାରାୟଣ ପ୍ରଧାନଙ୍କ ପୁଅଙ୍କ ସହ ବିବାହ ହୋଇଥିଲା। ପରିବାର ସୂତ୍ରରୁ ପ୍ରକାଶ ଯେ, କିଛିଦିନ ହେବ ତାଙ୍କ ସ୍ୱାମୀ କାମ କରିବା ପାଇଁ ଛତିଶଗଡ଼ର ବିଲାସପୁରରେ ରହୁଥିଲେ। ଏହି ସମୟରେ ଦୀପାଞ୍ଜଳି ଘରେ ତାଙ୍କ ଶ୍ୱଶୁରଙ୍କ ସହ ରହୁଥିଲେ। ସୂଚନା ଅନୁଯାୟୀ, ଗତ ରାତିରେ ସମସ୍ତଙ୍କ ସହ ଖାଇସାରି ସେ ନିଜ କୋଠରୀକୁ ଶୋଇବାକୁ ଯାଇଥିଲେ। ସକାଳେ ଦୀର୍ଘ ସମୟ ଧରି କବାଟ ନ ଖୋଲିବାରୁ ପରିବାର ଲୋକଙ୍କ ସନ୍ଦେହ ହୋଇଥିଲା। ପରେ କବାଟ ଭାଙ୍ଗି ଭିତରକୁ ପ୍ରବେଶ କରିବା ପରେ ତାଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖିଥିଲେ। ଘଟଣା ସମ୍ପର୍କରେ ତୁରନ୍ତ ସତ୍ୟବାଦୀ ପୋଲିସକୁ ସୂଚନା ଦିଆଯାଇଥିଲା। ଖବର ପାଇ ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ଆବଶ୍ୟକ ପ୍ରମାଣ ସଂଗ୍ରହ କରିବା ସହ ତଦନ୍ତ ଆରମ୍ଭ କରିଛି। ମୃତ୍ୟୁର ପ୍ରକୃତ କାରଣ ପୋଲିସ ତଦନ୍ତ ଓ ବ୍ୟବଚ୍ଛେଦ ରିପୋର୍ଟ ପରେ ସ୍ପଷ୍ଟ ହେବ ବୋଲି ଜଣାପଡ଼ିଛି। ଅନ୍ୟପଟେ ଦୀପାଞ୍ଜଳିଙ୍କ ପରିବାର ଲୋକେ ଏହାକୁ ଯୌତୁକ ଜନିତ ହତ୍ୟା ବୋଲି ସତ୍ୟବାଦୀ ଥାନାରେ ଲିଖିତ ଅଭିଯୋଗ କରିଥିବା ଆଇଆଇସି ସୌମ୍ୟ ରଞ୍ଜନ ମହାଲିକ କହିଛନ୍ତି।

# ବାଲିକୁଦା ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା



ବାଲିକୁଦା,୫।୮ (ସଂଚାର ବ୍ୟୁରୋ): ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ଅଧିନସ୍ଥ ବାଲିକୁଦା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ୩୪ତମ ଜ୍ଞାନ ବିଜ୍ଞାନ ମେଳା ଉତ୍ସାହ ଓ ଉଦ୍ଦୀପନାର ସହ ଅନୁଷ୍ଠିତ ହୋଇଯାଇଛି। ଶ୍ରାବଣ ଶୁକ୍ଳ ଅଷ୍ଟମୀ ତିଥିରେ ଆୟୋଜିତ ଏହି ମେଳାରେ ପ୍ରଥମ ଶ୍ରେଣୀଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ମେଳାରେ ପ୍ରାୟ ୪୦୦ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା।

ମା' ସରସ୍ୱତୀଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ବାଲିକୁଦା ସଙ୍କୁଳ ପ୍ରମୁଖ ଶିଶିର କୁମାର କାନୁନଗୋ ଏହି ୩୪ତମ ଜ୍ଞାନ ବିଜ୍ଞାନ ମେଳାକୁ ଉଦ୍‌ଘାଟନ କରିଥିଲେ। ଜ୍ଞାନ ବିଜ୍ଞାନ ମେଳାରେ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ ସହ ବିଜ୍ଞାନ ପତ୍ରବାଚନ, ପ୍ରଶ୍ନମଞ୍ଚ, ବୈଦିକ ଗଣିତ ପ୍ରଶ୍ନମଞ୍ଚ ଓ ସଂସ୍କୃତି ଜ୍ଞାନ ପ୍ରଶ୍ନମଞ୍ଚ ଭଳି ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଛାତ୍ରଛାତ୍ରୀମାନେ ନିଜ ନିଜ ବିଜ୍ଞାନ ପ୍ରକଳ୍ପ ମାଧ୍ୟମରେ ବିଜ୍ଞାନର ବିଭିନ୍ନ ଦିଗ, ଦୈନନ୍ଦିନ ଜୀବନରେ ବିଜ୍ଞାନର ପ୍ରୟୋଗ ଓ ନୂତନ ଚିନ୍ତାଧାରାକୁ ପ୍ରଦର୍ଶନ କରିଥିଲେ।

ମେଳାରେ ଛାତ୍ରଛାତ୍ରୀଙ୍କ ଉତ୍ସାହ ଦେଖିବାକୁ ମିଳିଥିଲା। ବିଭିନ୍ନ ଶ୍ରେଣୀର ଛାତ୍ରଛାତ୍ରୀ ନିଜ ନିଜ ପ୍ରକଳ୍ପ ସମ୍ପର୍କରେ ବିଚାରକ ଓ ଅତିଥିମାନଙ୍କୁ ବୁଝାଇଥିଲେ। ଶିଶୁମାନଙ୍କ ମଧ୍ୟରେ ବୈଜ୍ଞାନିକ ଚିନ୍ତନ, ଗବେଷଣା ମାନସିକତା, ତର୍କଶକ୍ତି ଓ ସୃଜନଶୀଳତା ବୃଦ୍ଧି କରିବା ଦିଗରେ ଏପରି ମେଳାର ଗୁରୁତ୍ୱ ରହିଛି ବୋଲି ଉପସ୍ଥିତ ଅତିଥିମାନେ ମତପ୍ରକାଶ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଜ୍ଞାନଭିତ୍ତିକ ଚିନ୍ତାଧାରା ଓ ଜ୍ଞାନର ବିକାଶ ପାଇଁ ଆୟୋଜିତ ଏହି ଜ୍ଞାନ ବିଜ୍ଞାନ ମେଳା ବିଦ୍ୟାଳୟ ପରିସରରେ ଏକ ଉତ୍ସାହଜନକ ପରିବେଶ ସୃଷ୍ଟି କରିଥିଲା।

## ସ୍ତ୍ରୀ ଓ ପୁଅର ନିଖୋଜକୁ ନେଇ ଏସ୍‌ପିଙ୍କୁ ଅଭିଯୋଗ



ଢେଙ୍କାନାଳ,୫।୮(ସଂଚାର ବ୍ୟୁରୋ): ସଦର ଥାନା ଅନ୍ତର୍ଗତ ଲମ୍ବୋଦରପୁର ଗ୍ରାମର ତ୍ରିଲୋଚନ ନାଏକଙ୍କ 'ପୁଅ ଜଳଧର ନାଏକଙ୍କ 'ସ୍ତ୍ରୀ ଓ ପୁଅ ନିଖୋଜକୁ ନେଇ ଜିଲ୍ଲା ଆରକ୍ଷୀ ଅଧ୍ୟକ୍ଷଙ୍କ ନିକଟରେ ପତ୍ର ଦାଖଲ କରି ଅଭିଯୋଗ କରାଯାଇଛି।

ପ୍ରକାଶଥାଉ କି, ଲମ୍ବୋଦରପୁର ଗ୍ରାମର ଜଳଧର ନାଏକ ଢେଙ୍କାନାଳ ସହର ରେଙ୍ଗାଳୀ କଲୋନୀରେ ଭଡାଘରେ ରହିଆସୁଥିଲେ । ଜଳଧର ଜଣେ ଦିନ ମଜୁରିଆ ଓ ଗରୀବ ଅଟନ୍ତି । ସବୁଦିନ ମଜୁରି ପାଇଁ ବାହାରକୁ ଯାଉଥାନ୍ତି । ଗତ ତା. ୨୫,ତାରିଖରେ ସବୁଦିନ ଭଳି କାମରୁ ଫେରି ଦେଖିଲେ ଘରେ ସ୍ତ୍ରୀ ଓ ପୁଅ ନାହାଁନ୍ତି। ପୁଅ ଜୀବିତ ଅଛନ୍ତି କି ନାହାଁନ୍ତି ସେ ଜାଣି ନାହାଁନ୍ତି ବୋଲି ପ୍ରକାଶ କରିଛନ୍ତି । ବଡ ପୁଅକୁ ଛାଡି ତାଙ୍କ ସ୍ତ୍ରୀ ସାନପୁଅକୁ ଧରି ଚାଲିଯାଇଅଛନ୍ତି । ତାଙ୍କ ଝିଆରୀ ଅନୁଙ୍କ ସହିତ କେଉଁଆଡେ ପଳାଇଯାଇଅଛନ୍ତି ବୋଲି ସନ୍ଦେହ କରୁଛନ୍ତି । ମୋବାଇଲ୍ ଟ୍ରାକ୍ କରିବାରୁ ସେମାନେ ଯାଜପୁର ଜିଲ୍ଲା କାଙ୍କଡପାଳ ଠାରେ ରହିଛନ୍ତି ବୋଲି ଜଣାପଡିଛି । ଏହାକୁ ନେଇ ଟାଉନ ଥାନାରେ ଅଭିଯୋଗ କରିବା ପରେ ଆଜି ପର୍ଯ୍ୟନ୍ତ କେହି ଶୁଣୁନାହାଁନ୍ତି । ଏଥିନେଇ ଆଜି ଜିଲ୍ଲା ଆରକ୍ଷୀ ଅଧ୍ୟକ୍ଷଙ୍କ ନିକଟରେ ଏକ ଅଭିଯୋଗ ପତ୍ର ଦାଖଲ କରି ସ୍ତ୍ରୀ ଓ ପୁଅକୁ ପାଇବା ପାଇଁ ଅନୁରୋଧ କରିଛନ୍ତି ।

## ଗାୟକ ନଟରାଜ ସ୍ୱର୍ଗତ ଚୈତନ୍ୟ ବିଶ୍ୱାଳଙ୍କ ସ୍ମୃତିସଭା

କୋରେଇ,୫।୮(ସଂଚାର ବ୍ୟୁରୋ): କୋରେଇ ବ୍ଲକ୍ ଅନ୍ତର୍ଗତ ଜନ୍ମା ପଂଚାୟତର ଜନ୍ମାକୋଣା ସ୍ଥିତ ଦିବ୍ୟଜ୍ୟୋତି ସେବାଶ୍ରମରେ ଗାୟକ ନଟରାଜ ସ୍ୱର୍ଗତ ଚୈତନ୍ୟ ବିଶ୍ୱାଳଙ୍କ ଶ୍ରଦ୍ଧାଞ୍ଜଳି ଉଦେଶ୍ୟରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ଯାଜପୁର ଜିଲ୍ଲାର ବହୁ ପାଲାକାର, ପାଲାଗାୟକ ମାନେ ଯୋଗଦାନ ଦେବା ସହିତ ସ୍ୱର୍ଗତ ଚୈତନ୍ୟ ବିଶ୍ୱାଳଙ୍କ ଜୀବନ ଚର୍ଚ୍ଚା ଉପରେ ଆଲୋକପାତ କରିଥିଲେ।ଗାୟକ କୃଷ୍ଣଚନ୍ଦ୍ର ବ୍ରହ୍ମଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସ୍ମୃତିସଭାରେ ଗାୟକ ଅଜୟ ଦାସ, ପ୍ରଫୁଲ୍ଲ ଆଚାର୍ଯ୍ୟ, ଜଗବନ୍ଧୁ ଓଝା, ଶ୍ରୀଧର ମହାପାତ୍ର ଓ ଗାୟକ ମଧୁସୂଦନ କରଙ୍କ ସମେତ ଅନେକ ବୁଦ୍ଧିଜୀବୀ ମାନେ ଯୋଗଦେଇ ସ୍ୱର୍ଗତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ନିଜନିଜର ମତବ୍ୟକ୍ତ ରଖିଥିଲେ।

# ଆଚାର୍ଯ୍ୟ ପ୍ୟାରୀମୋହନଙ୍କ ଜୟନ୍ତୀ ପାଳିତ



ମାହାଙ୍ଗା, ୫।୮ (ସଂଚାର ବ୍ୟୁରୋ): ଓଡିଆ ଭାଷାର ଅବକ୍ଷୟମୁଖି ସମୟରେ ଏହି ଭାଷାକୁ ବଞ୍ଚାଇ ରଖିବା ପାଇଁ ଯେଉଁ ମହାମୁନିଷୀମାନେ ସଂଗ୍ରାମ କରିଯାଇଛନ୍ତି ସେମାନଙ୍କ ମଧ୍ୟରେ ପ୍ୟାରୀମୋହନ ଆଚାର୍ଯ୍ୟ ହେଉଛନ୍ତି ଅନ୍ୟତମ। ସେ ଥିଲେ ଓଡିଆ ଭାଷା ସାହିତ୍ୟ ଆନ୍ଦୋଳନର କ୍ରାନ୍ତିକାରୀ ବିପ୍ଳବୀ ଜନନାୟକ ତଥା ଓଡିଆ ଜାତି ଇତିହାସର ପ୍ରଥମ ରଚୟିତା ବୋଲି ବିଶିଷ୍ଟ ବକ୍ତାମାନେ ମତପୋଷଣ କରିଛନ୍ତି।

ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ପ୍ରଧାନଶିକ୍ଷକ ପୀତବାସ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ କମଚାରୀ ସର୍ବଶ୍ରୀ ଅରୁନ୍ଧତୀ ସାହୁ, ମମତା ମହାପାତ୍ର, ମହସିନା ମୁସ୍ତାକ, ସ୍ମୃତି ସୋନମ, ପ୍ରିୟଙ୍କା ପ୍ରିୟଦର୍ଶିନୀ ଶତପଥି, ମାନସ ରଞ୍ଜନ ପ୍ରଧାନ, ଜଗଦିଶ ପ୍ରସାଦ ମହାନ୍ତି, ହରିହର ଜେନା ପ୍ରମୁଖ ଯୋଗଦେଇ ପ୍ୟାରୀମୋହନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେହିପରି ମାହାଙ୍ଗା ବିଜେଡି ପକ୍ଷରୁ ବ୍ଲକ ଅଧ୍ୟକ୍ଷା ଦୀପା ମଲିକ, ଉପାଧ୍ୟକ୍ଷ ସତ୍ୟ ନାରାୟଣ ମହାନ୍ତି, ବ୍ଲକ ବିଜେଡି ସଭାପତି ରାଜକିଶୋର ଜେନା, ଜିଲ୍ଲା ପରିଷଦ ସଭ୍ୟ ଜଗବନ୍ଧୁ ସେଠୀ, ଜିଲ୍ଲା ପରିଷଦ ସଭ୍ୟାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ପ୍ୟାରୀମୋହନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ସେହିପରି ଓଡ଼ିଶା ରାଜ୍ୟ କୃଷକ ଗ୍ରାମ୍ୟ ଶିଳ୍ପ ଉଦ୍ୟୋଗୀ କ୍ଲବ, ମାହାଙ୍ଗା ବ୍ଲକ କଂଗ୍ରେସ କମିଟି, ଶରତ କର ଓ ଅନିମା କର ଫାଉଣ୍ଡେସନ ପକ୍ଷରୁ ମଧ୍ୟ ପ୍ୟାରୀମୋହନଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା

# ଶିଶୁଙ୍କ ବୌଦ୍ଧିକ ବିକାଶରେ ବିଜ୍ଞାନର ଭୂମିକା



ଧର୍ମଶାଳା, ୫।୮ (ସଂଚାର ବ୍ୟୁରୋ): ଧର୍ମଶାଳା ବ୍ଲକ ଅନ୍ତର୍ଗତ କାଏମାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପ୍ରଥମ ଶ୍ରେଣୀରୁ ତୃତୀୟ ଶ୍ରେଣୀ ,ଚତୁର୍ଥ ଶ୍ରେଣୀରୁ ନବମ ଶ୍ରେଣୀ ଓ ଶିଶୁବାଟିକା ବିଭାଗର ଜ୍ଞାନ ବିଜ୍ଞାନ ମେଳା ଆଜି ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ମିର୍ଜାପୁର ଇଣ୍ଡିଆନ ବ୍ୟାଙ୍କର ଶାଖା ପରିଚାଳକ ବୀରେନ୍ଦ୍ର ପାଲ ଟପୋ ମୁଖ୍ୟ ଅତିଥି ଏବଂ ଶିକ୍ଷାବିତ୍ ପଦ୍ମନାଭ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ।ଶିଶୁମାନଙ୍କ ବୌଦ୍ଧିକ ବିକାଶ ଓ ନୂତନ ଜ୍ଞାନ ଆହରଣ ଦିଗରେ ବିଜ୍ଞାନର ଭୂମିକା ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଓ ବିଜ୍ଞାନ ନୂତନ ଉଦ୍ଭାବନ ଏବଂ ଆବିଷ୍କାର କ୍ଷେତ୍ରରେ ସଫଳ ମାର୍ଗଦର୍ଶନ କରିଥାଏ ବୋଲି ଅତିଥି ମାନେ ନିଜ ଅଭିଭାଷଣରେ କହିଥିଲେ ।

ଏହି କାର୍ଯ୍ୟକ୍ରମରେ ମୋଟ ୩୮୦ ଜଣ ପ୍ରତିଯୋଗୀ ବିଭିନ୍ନ ପ୍ରଶ୍ନ ମଞ୍ଚ, ନିବନ୍ଧ, ପତ୍ରବାଚନ, କଥା କଥନ ଇତ୍ୟାଦି ପ୍ରତିଯୋଗିତା ଏବଂ ବିଜ୍ଞାନ ପ୍ରକଳ୍ପରେ ଭାଗ ନେଇଥିଲେ । ନିକଟସ୍ଥ ବିଭିନ୍ନ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଅନିଲ କୁମାର ମହାରଣା, ସୁପ୍ରିୟା ମହାପାତ୍ର, ଅରୁଣ କୁମାର ମହାରଣା, ମମତା ମିଶ୍ର,ବିବେକ କୁମାର ରାୟ, ଚିତ୍ତରଞ୍ଜନ ମଲ୍ଲିକ, କାଦମ୍ବିନୀ ମିଶ୍ର ପ୍ରମୁଖ ଯୋଗଦେଇ ଶିଶୁମାନଙ୍କ ପ୍ରକଳ୍ପର ମୂଲ୍ୟାୟନ କରିଥିଲେ । ଅପରାହ୍ନରେ ଏହି ଜ୍ଞାନ ବିଜ୍ଞାନ ମେଳାର ସମାରୋପ ଏବଂ ପୁରସ୍କାର ବିତରଣ ଉତ୍ସବ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଅବସରପ୍ରାପ୍ତ ଅଧ୍ୟାପକ ପ୍ରଶାନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା।

ଏହି ଉତ୍ସବରେ ବରିଷ୍ଠ ଆଇନଜୀଵୀ ଉଦୟନାଥ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିବା ସହ ବିଭିନ୍ନ ବିଭାଗର କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ଏବଂ ପ୍ରମାଣପତ୍ର ପ୍ରଦାନ କରିଥିଲେ ! ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟିର ସମ୍ପାଦକ ଧ୍ରୁବ ଚରଣ ପୃଷ୍ଟି ଯୋଗ ଦେଇଥିବା ବେଳେ ପ୍ରଧାନ ଆଚାର୍ଯ୍ୟା ରିତାରାଣୀ ସ୍ୱାଇଁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ! ବିଜ୍ଞାନ ପ୍ରମୁଖ ଲିଲିପ୍ରଭା ଚିନାରା ବିବରଣୀ ପାଠ କରିଥିବା ବେଳେ ବରିଷ୍ଠ ଆଚାର୍ଯ୍ୟ ଅଜିତ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ପରିଚାଳନା ସମିତିର କୋଷାଧ୍ୟକ୍ଷ ନିଗମାନନ୍ଦ ମାହାଣା, ଯୁଗ୍ମ ସମ୍ପାଦକ ସୁକାନ୍ତ କୁମାର ପଣ୍ଡା, ଉପସଭାପତି ତୁଳସୀ ଦେଇ, ସଦସ୍ୟ ଅକ୍ଷୟ କୁମାର ସାହୁ, ବିଦ୍ୟାଧର ସାହୁ ପ୍ରମୁଖ ଉପସ୍ଥିତ ଥିବା ବେଳେ ଅନୁଷ୍ଠାନର ସମସ୍ତ ଗୁରୁଜୀ, ଗୁରୁମା, ସେବକ ଓ ସେବିକା ସହଯୋଗ କରିଥିଲେ ।

# ସତ୍ୟବାଦୀରୁ 'ସୋଲାର ରଥ' ଅଭିଯାନର ଶୁଭାରମ୍ଭ




ସତ୍ୟବାଦୀ, ୫।୮ (ସଂଚାର ବ୍ୟୁରୋ): କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର- ମାଗଣା ବିଜୁଳି ଯୋଜନାର ପ୍ରଚାର ଓ ସୋଲାର ଶକ୍ତିର ବ୍ୟବହାରକୁ ଗ୍ରାମାଞ୍ଚଳରେ ଅଧିକ ବ୍ୟାପକ କରିବା ଉଦ୍ଦେଶ୍ୟରେ ସତ୍ୟବାଦୀ ବ୍ଲକ ପରିସରରୁ 'ସୋଲାର ରଥ' ସଚେତନତା ଅଭିଯାନର ଶୁଭାରମ୍ଭ କରାଯାଇଛି। ଏହି ଅଭିଯାନ ମାଧ୍ୟମରେ ଘରୋଇ ଉପଭୋକ୍ତାଙ୍କୁ ରୁଫଟପ୍ ସୋଲାର ପ୍ୟାନେଲ୍ ସ୍ଥାପନ ପାଇଁ ସଚେତନ କରାଯିବ। ସତ୍ୟବାଦୀ ବ୍ଲକ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା ସବୁଜ ପତାକା ଦେଖାଇ ସୋଲାର ରଥର ଶୁଭାରମ୍ଭ କରିଥିଲେ।

ଏହି ଅବସରରେ ଜିଲ୍ଲା ସଂଯୋଜକ ଭାନୁପ୍ରତାପ ଦାସ, ଟିପିଓଡିଏଲ୍‌ର ଅଧିକାରୀ, କାର୍ଯ୍ୟାନ୍ୱୟନକାରୀ ସଂସ୍ଥାର ପ୍ରତିନିଧି ସତ୍ୟପ୍ରକାଶ ପ୍ରଧାନଙ୍କ ସମେତ ନୋଡାଲ ଅଫିସର ସୁବ୍ରତ କୁମାର ସାହୁଙ୍କ ସମେତ କର୍ମକର୍ତ୍ତା ଏବଂ ସ୍ଥାନୀୟ ପ୍ରଶାସନର ଅଧିକାରୀମାନେ ଉପସ୍ଥିତ ଥିଲେ।

### ଗାଁ ଗାଁରେ ପହଞ୍ଚିବ ସୂର୍ଯ୍ୟ ଘର ଯୋଜନାର ବାର୍ତ୍ତା

ଏହି ସୋଲାର ରଥ ସତ୍ୟବାଦୀ ବ୍ଲକର ବିଭିନ୍ନ ପଞ୍ଚାୟତ ଓ ଗ୍ରାମକୁ ପରିଦର୍ଶନ କରି ସାଧାରଣ ଲୋକଙ୍କୁ 'ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘରଃ ମାଗଣା ବିଜୁଳି ଯୋଜନା' ସମ୍ପର୍କରେ ସଚେତନ କରିବ।

ଜିଲ୍ଲା ପ୍ରଶାସନ ଓ ଟିପିଓଡିଏଲ୍‌ର ଏହି ମିଳିତ ପଦକ୍ଷେପ ଗ୍ରାମାଞ୍ଚଳରେ ସ୍ୱଚ୍ଛ, ସୁଲଭ ଓ ପ୍ରଦୂଷଣମୁକ୍ତ ଶକ୍ତିର ପ୍ରସାର କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଉଦ୍ୟମ ବୋଲି ସ୍ଥାନୀୟ ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି।

## କମିଶନରେଟ ପୋଲିସ ତରଫରୁ ରିଲିଫ୍ ବଣ୍ଟନ



ବାଲିପାଟଣା, ୫।୮ (ସଂଚାର ବ୍ୟୁରୋ): ଭୁବନେଶ୍ୱର କମିଶନରେଟ ପୋଲିସ ତରଫରୁ ଆଜି ଅପରାହ୍ନରେ ପମ୍ପାଲୋ ଗ୍ରାମ ପଞ୍ଚାୟତ ର ବନ୍ୟା ପ୍ରପୀଡ଼ିତ ଟିଙ୍କିପଡା ଗ୍ରାମରେ ଶୁଖିଲା ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଛି।ଏହି ଅବସରରେ ପୋଲିସ କମିଶନର ଦେବଦତ୍ତ ସିଂ ଗ୍ରାମବାସୀଙ୍କୁ ସାନ୍ତ୍ୱନା ଦେଇ କହିଥିଲେ କି ପୋଲିସ ବିଭାଗ ସଦା ସର୍ବଦା ଆପଣ ମାନଙ୍କ ସେବାରେ ଅଛି।ଆଜି ଆପଣଙ୍କ ନିକଟରେ ଆପଣଙ୍କ ଅସୁବିଧା ସମୟରେ ଉପସ୍ଥିତ ରହି ସେବା କରିବାର ସୁଯୋଗ ପାଇ ଥିବାରୁ ନିଜକୁ ଧନ୍ୟ ମନେ କରୁଛୁ।ଅନ୍ୟ ମାନଙ୍କ ମଧ୍ୟରେ ଡିସିପି ଅଭିମନ୍ୟୁ ନାୟକ,ଅତିରିକ୍ତ ଡିସିପି ମାନସ ଗଡ଼ନାୟକ,ବିଧୁ ଭୂଷଣ ଉଦଗାତା,କୃଷ୍ଣଚନ୍ଦ୍ର ସେଠୀ,ବାଲିପାଟଣା ଥାନା ଅଧିକାରୀ ସୂର୍ଯ୍ୟାଂଶୁ ଶେଖର ପାଢ଼ୀ,ଫାଣ୍ଡି ଅଧିକାରୀ ରାକେଶ ପ୍ରଧାନ,ଏସ ଆଇ ଶିବାନୀ ନନ୍ଦ ପ୍ରମୁଖଙ୍କ ସମେତ ଅନ୍ୟ ପୋଲିସ ଅଧିକାରୀ ବୃନ୍ଦ ଉପସ୍ଥିତ ରହି ଗ୍ରାମରେ ଦୁଇଶହ ପରିବାର ଙ୍କୁ ଖାଦ୍ୟ ଦ୍ରବ୍ୟ ବଣ୍ଟନରେ ସହଯୋଗ କରିଥିଲେ।ସରପଞ୍ଚ ବାହାନ ଭୋଇ,ୱାର୍ଡ ରମେଶ ଭୂୟାଁ,ଗ୍ରାମର ପ୍ରବୀଣ କୁମାର ନାୟକ,ବଂଶୀଧର ଜେନା, ପବିତ୍ର ଭୋଇ,ଗିରିଶ ପ୍ରଧାନ,ଜୟନ୍ତ ଶିଶୁ,ଭାବଗ୍ରାହୀ ଗୋଚ୍ଛାୟତ,ରେଡକ୍ରସ ତରଫରୁ ରାଜ କୁମାର ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

# କୋଟିଆରେ ପୂର୍ବତନ ଏଲଆଇଙ୍କୁ ପୁନଃ ଅବସ୍ଥାପିତ କରିବାକୁ ଦାବି



କୋରାପୁଟ, ୫।୮ (ସଂଚାର ବ୍ୟୁରୋ): କୋରାପୁଟ ଜିଲ୍ଲାର ସମ୍ବେଦନଶୀଳ କୋଟିଆ ପଞ୍ଚାୟତରେ ଦୀର୍ଘଦିନ ଧରି ପ୍ରାଣୀଧନ ନିରୀକ୍ଷକ (ଏଲ୍‌ଆଇ) ଭାବେ କାର୍ଯ୍ୟ କରୁଥିବା ବନବିହାରୀ ଜାନୀଙ୍କୁ ପୁନର୍ବାର କୋଟିଆରେ ନିଯୁକ୍ତ କରିବା ଦାବିରେ ସ୍ଥାନୀୟ ଗ୍ରାମବାସୀମାନେ ବୁଧବାର ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ଗ୍ରାମବାସୀଙ୍କ କହିବା ଅନୁଯାୟୀ, ବନବିହାରୀ ଜାନୀ ସ୍ଥାନୀୟ ଲୋକଙ୍କ ସହ ସୁସମ୍ପର୍କ ସ୍ଥାପନ କରିବା ସହ କୁଇ ଭାଷା ଏବଂ କୋଟିଆର ସଂସ୍କୃତି ସହ ନିଜକୁ ଖାପ ଖୁଆଇ ପ୍ରାଣୀ ସେବା କ୍ଷେତ୍ରରେ ଦକ୍ଷତାର ସହ କାର୍ଯ୍ୟ କରୁଥିଲେ। ସମ୍ପ୍ରତି ସେ ଏଲ୍‌ଟି ପଦବୀକୁ ପଦୋନ୍ନତି ପାଇ ନନ୍ଦପୁରକୁ ବଦଳି ହୋଇଥିବାରୁ କୋଟିଆ ଅଞ୍ଚଳରେ ପଶୁ ଚିକିତ୍ସା ସେବା ବାଧାପ୍ରାପ୍ତ ହେବା ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଆଶଙ୍କା ପ୍ରକାଶ ପାଇଛି। ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ବନବିହାରୀ ଜାନୀଙ୍କୁ ପୁନର୍ବାର କୋଟିଆରେ ସେବା କରିବାର ସୁଯୋଗ ଦେବାକୁ ବଙ୍ଗୁର ପାଙ୍ଗିଙ୍କ ସମେତ ବହୁ ଗ୍ରାମବାସୀ ଦାବି ଜଣାଇଛନ୍ତି।

ଜିଲ୍ଲାପାଳ ଦାବିପତ୍ର ଗ୍ରହଣ କରି ଏହାର ଯଥୋଚିତ ବିଚାର କରିବେ ବୋଲି ଗ୍ରାମବାସୀମାନେ ଆଶା ପ୍ରକାଶ କରିଛନ୍ତି। ସୀମାନ୍ତ କୋଟିଆ ପରି ଦୁର୍ଗମ ଅଞ୍ଚଳରେ ଅଭିଜ୍ଞ ଏବଂ ସ୍ଥାନୀୟ ପରିବେଶ ସହ ପରିଚିତ କର୍ମଚାରୀଙ୍କ ଉପସ୍ଥିତି ପଶୁପାଳକଙ୍କ ପାଇଁ ଅତ୍ୟନ୍ତ ଜରୁରୀ ବୋଲି ମଧ୍ୟ ଗ୍ରାମବାସୀମାନେ ମତ ପ୍ରକାଶ କରିଛନ୍ତି।

# ନିର୍ବାଚନ ଆସିଲା, କାକଟପୁରରେ ମାଳ ମାଳ ସମାଜସେବୀ

### ଗଛରୁ କମ୍ବଳ, ସବୁଥିରେ ଫଟୋ ସେସନ୍

### ଅନ୍ୟ ମଣ୍ଡଳୀରୁ ଆସୁଛନ୍ତି 'ସେବା' କରିବାକୁ

### ଲୋକ ପଚାରୁଛନ୍ତି - ଆଗରୁ କେଉଁଠି ଥିଲେ ଏହି ଦୟାଳୁ ମାନେ ?

କାକଟପୁର/ଅସ୍ତରଙ୍ଗ, ୫।୮ (ସଂଚାର ବ୍ୟୁରୋ): ଆଗକୁ ପଂଚାୟତ ନିର୍ବାଚନ ଶହ ୨୦୨୯ବିଧାନସଭା ନିର୍ବାଚନ । ଆଉ ପୁରୀ ଜିଲ୍ଲା କାକଟପୁର ନିର୍ବାଚନ ମଣ୍ଡଳୀ କାକଟପୁର ଓ ଅସ୍ତରଙ୍ଗ ରେ ଏବେ ସମାଜସେବୀଙ୍କ ବନ୍ୟା ବୋହିଯାଇଛି। କିଏ ଗଛ ଲଗାଉଛି, କିଏ ଫଳ ବାଣ୍ଟୁଛି, କିଏ କମ୍ବଳ ଦେଉଛି, ଆଉ କିଏ ଲୋକଙ୍କ ସେଲ୍ଫି ଉଠାଇ ସୋସିଆଲ ମିଡିଆରେ "ସେବା" ନାଁରେ ପୋଷ୍ଟ କରୁଛି।

ମଜାର କଥା ହେଉଛି, ଏହି ସବୁ ଦୟାଳୁ ହୃଦୟ ବର୍ଷର ଅନ୍ୟ ବର୍ଷ ମାନଙ୍କରେ,ମାସରେ କେଉଁଠି ଥିଲେ ତାର ହିସାବ କେହି ଦେଇପାରୁନାହାନ୍ତି। ନିର୍ବାଚନ ଆସିବା ମାତ୍ରେ ସମସ୍ତେ ସେବା ରେ ପାଲଟିଯାଇଛନ୍ତି।

ସୂତ୍ର କହୁଛି, ଏହି ସମାଜସେବା ପଛରେ ଖାଲି ସେବା ନାହିଁ, ସିଟ୍ ର ସ୍ୱପ୍ନ ରହିଛି। ଓଡିଶାରେ ନୂଆ ସରକାରକୁ ଦୁଇ ବର୍ଷ ହେଲା, କିନ୍ତୁ ବିଜେପି ଭିତରେ ଗୋଷ୍ଠୀ କନ୍ଦଳ ଏତେ ବଢ଼ିଛି ଯେ କାକଟପୁର ନିର୍ବାଚନ ମଣ୍ଡଳୀ ରେ ପ୍ରତି ଚାହା ଦୋକାନରେ ତାର ଚର୍ଚ୍ଚା। ଫଳ? ଏକା ପାର୍ଟିର ନେତା ଏକା ମଞ୍ଚରେ ବସୁନାହାନ୍ତି। କାର୍ଯ୍ୟକ୍ରମରେ ପ୍ରତିଦ୍ୱନ୍ଦୀ ଗୋଷ୍ଠୀ ଅଲଗା ଅଲଗା ରହୁଛନ୍ତି। ଆଉ ଏହି ଫାଇଦା ଉଠାଇବାକୁ ଅନ୍ୟ ନିର୍ବାଚନ ମଣ୍ଡଳୀରୁ କିଛି "ଉଚ୍ଚସ୍ତରୀୟ ମନ୍ତ୍ରୀଙ୍କ ନାଁ" ଧରି ନୂଆ ସମାଜସେବୀ ମାନେ କାକଟପୁର, ଅସ୍ତରଙ୍ଗ ରେ ପ୍ରବେଶ କରିଛନ୍ତି। କିଏ କେଉଁ ମନ୍ତ୍ରୀଙ୍କ ଲୋକ ବୋଲି କହି ଘୁରୁଛି, କିଏ ମୋ ନେତା "ଙ୍କ ଆଦର୍ଶ ରୁ ଆସିଥିବା ଚିଠି ଦେଖାଉଛି। ମୋଟ ଉପରେ କାକଟପୁର, ଅସ୍ତରଙ୍ଗ କୁ ଏବେ "ସମାଜସେବୀ ଟୁରିଜିମ୍" ହୋଇଯାଇଛି। ଗାଁ ଲୋକେ ପଚାରୁଛନ୍ତି, "ଭାଇ, ଆପଣ ପାଞ୍ଚ ବର୍ଷ ଧରି କେଉଁଠି ଥିଲେ? ବନ୍ୟା ବେଳେ, କରୋନା ବେଳେ, ଅମଳ ବେଳେ କାହିଁକି ଆସିଲେନି? ନିର୍ବାଚନ ଆସିଲା ବୋଲି ଏବେ କମ୍ବଳ ଓ ଫଳ ମନେ ପଡିଲା?"

ଆଉ ଏକ ମଜାର କଥା। ଅଧିକାଂଶ ସମାଜସେବୀ ନିଜ ଅଞ୍ଚଳରେ ସେବା ନକରି କାକଟପୁର, ଅସ୍ତରଙ୍ଗ ର ପ୍ରତି ଗଳିର କଥାକୁହାଳିଆ ଯୁବକଙ୍କୁ ଧରି ଫୋଟ୍ ଉଠାଉଛନ୍ତି। ଲକ୍ଷ୍ୟ ଗୋଟିଏ - ଲୋକଙ୍କ ନିକଟରେ ମୁହଁ ଦେଖାଇବା। କିଛି ସ୍ୱଳ୍ପ ଅର୍ଥ ଯୁବକଙ୍କୁ ଦେବା।

ଏ ନେଇ ଶାସକ ଦଳର କର୍ମୀମାନେ ବି ଚୁପ୍ ବସିନାହାନ୍ତି। ସେମାନେ କହୁଛନ୍ତି, "ଏହି ମାନେ ସମାଜସେବୀ ନୁହନ୍ତି, ଏମାନେ ହେଉଛନ୍ତି ସିଜନାଲ୍ ସେବକ। ନିର୍ବାଚନ ଗଲେ ଏମାନଙ୍କ ସେବା ବି ଗାଏବ୍ ହୋଇଯିବ।" ଆଉ ଜଣେ ବରିଷ୍ଠ କର୍ମୀଙ୍କ କଟାକ୍ଷ କହିଛନ୍ତି "ଆମ ଅଞ୍ଚଳରେ ସେବା କରିବାକୁ ଲୋକ ନାହାନ୍ତି, କିନ୍ତୁ ଫୋଟ୍ ଉଠାଇବାକୁ ଅଛନ୍ତି।"

ନିର୍ବାଚନ ଆସିଲେ ସମସ୍ତେ ସମାଜସେବୀ ହୋଇଯାଆନ୍ତି। କିନ୍ତୁ ଲୋକ ଏବେ ବୁଦ୍ଧିମାନ୍। ସେମାନେ ଜାଣନ୍ତି କମ୍ବଳ ପଛରେ କେଉଁ ଭୋଟ୍ ର ହିସାବ ଲୁଚିଛି, ଆଉ ଗଛ ପଛରେ କେଉଁ ସିଟ୍ ର ସ୍ୱପ୍ନ।ତେଣୁ ହେ ନୂଆ ସମାଜସେବୀ ମାନେ, ସେବା କରନ୍ତୁ। କିନ୍ତୁ ମନେରଖନ୍ତୁ, ଲୋକ ସବୁ ଦେଖୁଛନ୍ତି। ଫୋଟ୍ ସେସନ୍ ଶେଷ ହେଲେ ସେବା ବି ଶେଷ ହୋଇଯାଉଛି ବୋଲି ସେମାନେ ବୁଝିସାରିଲେଣି।

## ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଧାରଣା



ପଟ୍ଟାମୁଣ୍ଡାଇ, ୫।୮ (ସଂଚାର ବ୍ୟୁରୋ): ଓଡିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ଆହ୍ୱାନରେ ପଟ୍ଟାମୁଣ୍ଡାଇ ଶାଖା ପକ୍ଷରୁ ସମସ୍ତ ଯୋଗ୍ୟ ବିବେଚିତ ବିଦ୍ୟାଳୟ ମହାବିଦ୍ୟାଳୟକୁ ସରକାରୀ ଅନୁଦାନ ଯୋଗାଇବା,ସମସ୍ତ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ଅବସର ନେଇଥିବା ଓ ଅବସର ନେବାକୁ ଥିବା ସମସ୍ତ ଶିକ୍ଷକ ଶିକ୍ଷା କର୍ମଚାରୀଙ୍କ ଚାକିରୀ ସର୍ତ୍ତା ବଳୀ ପେନସନ ଓ ଅବସର କାଳୀନ ସୁବିଧା ଯୋଗାଇବା, ଅବସର ବୟସ ସୀମା ୬୦ରୁ ୬୨କୁ ବୃଦ୍ଧି, ଶିକ୍ଷକ କର୍ମଚାରୀଙ୍କ ଗ୍ରେଡ଼ ପେ ରେ ଅସଂଗତି ଦୂରୀ କରଣ,ସମସ୍ତ ନୂତନ ଓ ପୂର୍ଣ୍ଣ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ସରକାରୀକରଣ, ୨୦୦୪ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ସମସ୍ତ ଚୁକ୍ତିଭିତ୍ତିକ ଶିକ୍ଷକମାନଙ୍କୁ ୬ଟି ନୋସନାଲ ଇନ୍‌କ୍ରିମେଣ୍ଟ ସହିତ ବରିଷ୍ଠତା ପ୍ରଦାନ ଓ ନୂତନ ପେନସନ ବଦଳରେ ପୁରାତନ ପେନସନ ପ୍ରଦାନ ଆଦି ୬ଦଫା ଦାବୀ ନେଇ ପଟ୍ଟାମୁଣ୍ଡାଇ ବ୍ଲକ ସମ୍ମୁଖ ରେ ଧାରଣା ଦେଇଥିଲେ । ଶେଷରେ ପଟ୍ଟାମୁଣ୍ଡାଇ ବ୍ଲକ ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ରାଜ୍ୟ ସରକାରଙ୍କ ଉଦେଶ୍ୟ ରେ ୬ଦଫା ସମ୍ବଳିତ ଦାବୀପତ୍ର ପଟ୍ଟାମୁଣ୍ଡାଇ ବି ଡ଼ି ଓ ଶୀତଲ ଅଗ୍ରୱାଲଙ୍କୁ ପ୍ରଦାନ କରାଯାଇଥିଲା ।




SANCHAR
ସଂଚାର
ଗୁରୁବାର ୬ ଅଗଷ୍ଟ ୨୦୨୬

# ସ୍ୱାସ୍ଥ୍ୟ



## ବିଳମ୍ବିତ ରାତି ଯାଏ ଚେଇଁବା, ସକାଳୁ ଶୀଘ୍ର ଉଠିବା ସ୍ୱାସ୍ଥ୍ୟ ପାଇଁ ଖରାପ

ଶୀଘ୍ର ଉଠିବା ବ୍ୟକ୍ତିମାନେ ଅଧିକ ଶୃଙ୍ଖଳିତ ଏବଂ ଉତ୍ପାଦନକ୍ଷମ ହୋଇଥାନ୍ତି ବୋଲି ଧାରଣା ବହୁ ପୂର୍ବରୁ ରହିଆସିଛି। ଶୀଘ୍ର ଉଠିବା ବ୍ୟକ୍ତିମାନଙ୍କୁ ପ୍ରାୟତଃ ସଫଳତା ଏବଂ ଭଲ ସ୍ୱାସ୍ଥ୍ୟର ସଙ୍କେତ ଭାବରେ ଗ୍ରହଣ କରାଯାଏ। କିନ୍ତୁ ବିଜ୍ଞାନ କ'ଣ ପ୍ରକୃତରେ ଏହି ବିଶ୍ୱାସକୁ ସମର୍ଥନ କରେ, ନା ରାତିରେ ଚେଇଁ ରହିବାର କିଛି ଅଣଦେଖା ଲାଭ ଅଛି? ଆସନ୍ତୁ ଜାଣିବା କ'ଣ କହୁଛି ନୂତନ ଗବେଷଣା।

ଜଣେ ବ୍ୟକ୍ତିଙ୍କର ବିଳମ୍ବିତ ସମୟ ପର୍ଯ୍ୟନ୍ତ ଜାଗ୍ରତ ରହିବା କିମ୍ବା ଶୀଘ୍ର ଉଠିବାର ପ୍ରବୃତ୍ତି କେବଳ ଏକ ଅଭ୍ୟାସ ନୁହେଁ, ବରଂ ସେମାନଙ୍କର କ୍ରୋନୋଟାଇପ୍ ଉପରେ ନିର୍ଭର କରେ। MDPI ଅନୁସାରେ, କ୍ରୋନୋଟାଇପ୍ ହେଉଛି ଏକ ଜୈବିକ ଢାଞ୍ଚା ଯାହା, ଏହା ଆମ ଶରୀରର ପ୍ରାକୃତିକ ଶୋଇବା-ଚେଇଁବା ଚକ୍ର, ସର୍ବାଧିକ ସତର୍କତା ଏବଂ ମାନସିକ କାର୍ଯ୍ୟଦକ୍ଷତା ନିର୍ଣ୍ଣୟ କରେ। ସରଳ ଭାଷାରେ କହିବାକୁ ଗଲେ, ଏହା ଶରୀରର ମାଷ୍ଟର ଘଣ୍ଟା।

ଇମ୍ପେରିଆଲ୍ କଲେଜ ଲଣ୍ଡନର ଡକ୍ଟର ରାହା ୱେଷ୍ଟଙ୍କ ଅନୁସାରେ, କ୍ରୋନୋଟାଇପ୍ ଜଣେ ବ୍ୟକ୍ତିଙ୍କ ଜ୍ଞାନାତ୍ମକ କାର୍ଯ୍ୟକୁ ପ୍ରଭାବିତ କରିପାରେ। ଇମ୍ପେରିଆଲ୍ କଲେଜ ଲଣ୍ଡନର ଏକ ବଡ଼ ଅଧ୍ୟୟନରେ ୨୬,୦୦୦ ରୁ ଅଧିକ ଲୋକଙ୍କ ତଥ୍ୟ ବିଶ୍ଳେଷଣ କରାଯାଇଥିଲା। ଏଥିରୁ ଜଣାପଡିଲା ରାତିରେ ଚେଉଁଥିବା ଲୋକ ଅନେକ କ୍ଷେତ୍ରରେ ସକାଳୁ ଶୀଘ୍ର ଉଠୁଥିବା ଲୋକଙ୍କ ଅପେକ୍ଷା ଭଲ ପ୍ରଦର୍ଶନ କରିଥିଲେ। ଏପରିକି ମଧ୍ୟମ କ୍ରୋନୋଟାଇପ୍ ଥିବା ଲୋକମାନେ, ଯେଉଁମାନେ ନା ରାତିରେ ଚେଇଁଥାନ୍ତି ନା ଶୀଘ୍ର ଉଠିଥାନ୍ତି, ସେମାନେ ମଧ୍ୟ ଶୀଘ୍ର ଉଠିବା ଲୋକଙ୍କ ଅପେକ୍ଷା ଭଲ ପ୍ରଦର୍ଶନ କରିଥିଲେ।

ୟୁକେର ଏକ ପ୍ରମୁଖ ଅଧ୍ୟୟନରୁ ଜଣାପଡିଛି ଯେ ରାତିରେ ଚେଉଁଥିବା ଲୋକଙ୍କ ମୃତ୍ୟୁ ଏବଂ ହୃଦରୋଗର ଆଶଙ୍କା ମଧ୍ୟ ଅଧିକ ଥାଏ। ଏମାନଙ୍କ ଜ୍ଞାନାତ୍ମକ କାର୍ଯ୍ୟଦକ୍ଷତା ଭଲ ହୋଇପାରେ, କିନ୍ତୁ ଶରୀରର ଜୈବିକ ଘଣ୍ଟା ଏବଂ ଦୈନନ୍ଦିନ କାର୍ଯ୍ୟ ମଧ୍ୟରେ ଦ୍ୱନ୍ଦ୍ୱ ସେମାନଙ୍କ ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଇପାରେ। ଏକ ସାମ୍ପ୍ରତିକ ଅଧ୍ୟୟନରୁ ଜଣାପଡିଛି ଯେ ସକାଳୁ ଉଠୁଥିବା ଲୋକଙ୍କର BMI କମ୍ ଥାଏ, ଫାଷ୍ଟିଂ ଟ୍ରାଇଗ୍ଲିସେରାଇଡ୍ସ ଏବଂ ଗ୍ଲୁକୋଜ୍ କମ ହୁଏ, ଭଲ କୋଲେଷ୍ଟ୍ରଲ୍ ଅଧିକ ହୁଏ ।ଶୀଘ୍ର ଉଠିଥିବା ଲୋକମାନେ ସାମଗ୍ରିକ ସ୍ୱାସ୍ଥ୍ୟ ଦୃଷ୍ଟିରୁ ଆଗରେ ଥାଆନ୍ତି।



## ମହିଳାମାନଙ୍କ ପାଇଁ ପୁଶ୍ ଅପସ୍

ପୁଶ୍ ଅପସ୍। ଏଭଳି ଏକ ଏକ୍ସରସାଇଜ୍ ଯାହା ସମ୍ପୂର୍ଣ୍ଣ ବଡି ସିଷ୍ଟମକୁ ରିବୁଟ୍ କରିଦିଏ। ଏହି ଏକ୍ସରସାଇଜ୍ କରିବା ଦ୍ୱାରା ବହୁ ସ୍ୱାସ୍ଥ୍ୟଗତ ଲାଭ ମିଳିଥାଏ। ଉଭୟ ପୁରୁଷ ଓ ମହିଳା ଏହି ବ୍ୟାୟାମ କରୁଛନ୍ତି। ଏଥିପାଇଁ ନା ଜିମ୍ ଯିବାକୁ ପଡ଼ିବ ନା କୌଣସି ଉପକରଣର ଆବଶ୍ୟକ ପଡ଼ିବ। ଏବେ ପ୍ରଶ୍ନ ଉଠୁଛି ଏହି ବ୍ୟାୟାମ ମହିଳାମାନେ କରିବା ଉଚିତ କି ନାହିଁ? ଏଭଳି କରିବା ଦ୍ୱାରା ମହିଳାମାନଙ୍କୁ କଣ ଲାଭ ମିଳେ ? କେତେ ଥର ଏହି ବ୍ୟାୟାମ କରିବା ଉଚିତ? ଘର ଯାକର ତାମଝାମ୍ ଓ ଅଫିସର ଚାପ ଭିତରେ ମହିଳାମାନଙ୍କୁ ନିଜ ପାଇଁ ସମୟ ମିଳେ ନାହିଁ। ସେମାନେ ଜିମ୍ ଯାଇପାରନ୍ତି ନାହିଁ। ତେଣୁ ନିଜକୁ ଫିଟ୍ ରଖିବାକୁ ମହିଳାଙ୍କ ପାଇଁ ପୁଶ୍ ଅପସ୍ ସବୁଠୁ ସହଜ ଏବଂ ପ୍ରଭାବୀ ଏକ୍ସରସାଇଜ୍। ଏହା ମହିଳାଙ୍କ ଆତ୍ମବିଶ୍ୱାସ ଉପରେ ବି ପ୍ରଭାବ ପକାଏ। ତେବେ ପ୍ରଶ୍ନ ଉଠୁଛି ପୁଶ୍ ଅପସ୍ ସବୁ ବର୍ଗର ମହିଳା କରିପାରିବେ କି ନାହିଁ ? ପୁଶ୍ ଅପସ୍ ମହିଳାଙ୍କ ମାଂସପେଶୀକୁ ମଜବୁତ କରେ। ଏହା ଏକ କମ୍ପାଉଣ୍ଡ ଏକ୍ସରସାଇଜ୍। ଅର୍ଥାତ୍ ଏକାସଙ୍ଗରେ ଏକାଧିକ ମାଂସପେଶୀ କାମ କରେ। କାନ୍ଧ, ଛାତି, ଟ୍ରାଇସେପ୍ସ, କୋର୍, ପିଠି ଏବଂ ହିପ୍ସ ଉପରେ ଏହାର ପ୍ରଭାବ ପଡେ। ଏହାଦ୍ୱାରା ମହିଳାଙ୍କୁ ଅଧିକ ଓଜନ ଉଠାଇବା ଆବଶ୍ୟକ ନାହିଁ କେବଳ ନିଜ ଶରୀରର ଓଜନ ଉଠାଇବାକୁ ପଡ଼ିବ। ଏହାଦ୍ୱାରା ପେଟରୁ ମୋଟାପଣ କମିଯାଏ। ଫ୍ୟାଟ୍ ବର୍ଣ୍ଣିଂ ହୁଏ। ପ୍ରତିଦିନ ୫ ରୁ ୧୦ ପୁଶ୍ ଅପସ୍ କରିବା ଉଚିତ୍। ଧୀରେ ଧୀରେ ଏହାକୁ ବଢ଼ାଇ ୧୫ ରୁ ୨୦ ଥର କରିବା ଉଚିତ୍ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ଅଧିକ ସମୟ ଅଫିସ୍‌ରେ ବସିବା ଯୋଗୁଁ ବ୍ୟାକ୍ ପେନ୍ ହୁଏ। ପୁଶ୍ ଅପସ୍ କରିବା ଦ୍ୱାରା ଏହି ସମସ୍ୟା ଦୂର ହୁଏ। ସ୍ପାଇନ୍ ସପୋର୍ଟ ବଢେ।

## ଏହିସବୁ ରୋଗ ଭଲ କରେ ହଳଦୀ



ହଳଦୀରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଏଥିରେ କୁର୍କୁମିନ୍ ନାମକ ଏକ ତତ୍ତ୍ୱ ରହିଛି, ଯାହା ଆମ ଶରୀର ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ଏହି ତତ୍ତ୍ୱ ଶରୀରରେ ଥଣ୍ଡା କମାଇବାରେ କେତେକାଂଶରେ ସାହାଯ୍ୟ କରେ। ବିଶେଷଭାବରେ ଶରୀରରେ ଥଣ୍ଡା ସୃଷ୍ଟି କରୁଥିବା କୋଷଗୁଡ଼ିକୁ ଏହା ନଷ୍ଟ କରିଦିଏ, ଯାହା ଦ୍ୱାରା ଆମେ ଏଭଳି ସମସ୍ୟାରୁ କେତେକାଂଶରେ ଉପଶମ ଲାଭ କରିଥାଉ। ଉଷୁମ କ୍ଷୀର ସହ ହଳଦୀ, ଗୋଲମରିଚ, ଅଳେଇଚ ଆଦି ମିଶାଇ ପିଇପାରନ୍ତି। ସବୁଠାରୁ ଖାସ୍ କଥା ହେଲା ହଳଦୀ ଶରୀରରେ ଇନ୍‌ସୁଲିନ୍‌କୁ ନିୟନ୍ତ୍ରଣରେ ରଖେ। ହଳଦୀ ଖାଇବା ଦ୍ୱାରା ଏହା ଆମ ଶରୀରର ମାଂସପେଶୀ ଶକ୍ତ ରହିଥାଏ ବୋଲି ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେରୁ ଜାଣିପାରିଛନ୍ତି। ଏହା ମଧ୍ୟ ମସ୍ତିଷ୍କର କାର୍ଯ୍ୟଧାରାକୁ ଆହୁରି ସକ୍ରିୟ କରେ। ଉକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ଏହି ସର୍ଭେ ରିପୋର୍ଟରେ ପୁଣି ଉଲ୍ଲେଖ କରାଯାଇଛି ଯେ ସ୍ମରଣ ଶକ୍ତିକୁ ବୃଦ୍ଧି କରିବାରେ ହଳଦୀ ମଧ୍ୟ ସାହାଯ୍ୟ କରେ।

## ଡାଇବେଟିସ୍ ପାଇଁ କ୍ଷତିକାରକ ଗ୍ରୀନ ମଟର

ଶୀତ ଋତୁରେ ବଜାରରେ ଗ୍ରୀନ୍ ମଟର ବହୁଳ ଭାବରେ ବିକ୍ରି ହୁଏ। ଲୋକମାନେ ଏହି ଋତୁରେ ଏହାକୁ ପ୍ରଚୁର ପରିମାଣରେ ଖାଇଥାନ୍ତି। ଗ୍ରୀନ୍ ମଟରରୁ ତିଆରି ପରଟା, ତରକାରୀ ଏବଂ ଚାଟ୍ ଶରୀରରେ ପୁଷ୍ଟିସାର ମଧ୍ୟ ବୃଦ୍ଧି କରେ। ଗ୍ରୀନ୍ ମଟର ଭିଟାମିନ୍ ଏ, ଡ଼, ଡି ଏବଂ 'ସି'ରେ ଭରପୂର। ଏହାକୁ ଖାଇବା ଦ୍ୱାରା ଶରୀରକୁ ଅନେକ ଲାଭ ମିଳିଥାଏ। ତଥାପି, ଏହା କିଛି ଲୋକଙ୍କ ପାଇଁ ଅତ୍ୟନ୍ତ ବିପଦପୂର୍ଣ୍ଣ ହୋଇପାରେ। ତେବେ ଆସନ୍ତୁ ଜାଣିବା କିଏ ଏହାକୁ ଖାଇବାରୁ ଦୂରେଇ ରହିବା ଉଚିତ।



**ଡାଇରିଆ ରୋଗୀ:** ଅତ୍ୟଧିକ ମଟର ଖାଇବା ଦ୍ୱାରା ଡାଇରିଆ ହୋଇପାରେ। ଏହାକୁ ଅତ୍ୟଧିକ ଖାଇବା ଦ୍ୱାରା ଡାଇରିଆ ହେବାର ସମ୍ଭାବନା ବଢିପାରେ। ଏଥିରେ ପ୍ରୋଟିନ୍ ପରିମାଣ ଅଧିକ ଥାଏ। ତେଣୁ, ବ୍ରାଉନ୍ ରାଇସ୍ ଏବଂ ସୋୟା ପରି ଖାଦ୍ୟ ସହିତ ଗ୍ରୀନ୍ ମଟର ଖାଇବା ଦ୍ୱାରା ପେଟର ଶକ୍ତି ବୃଦ୍ଧି ପାଏ, ଯାହା ମଟରର ପାର୍ଶ୍ୱ ପ୍ରତିକ୍ରିୟାକୁ ହ୍ରାସ କରିପାରେ।

**ମଟର ଓଜନ ବୃଦ୍ଧି କରେ:** ଗ୍ରୀନ୍ ମଟର ଖାଇବା ଦ୍ୱାରା ଶରୀରରେ ଚର୍ବି ବୃଦ୍ଧି ହୋଇପାରେ। ମଟରରେ ଥିବା ପ୍ରୋଟିନ୍ ଏବଂ କାର୍ବୋହାଇଡ୍ରେଟ୍ ଆପଣଙ୍କ ଓଜନ ଏବଂ ମେଦବହୁଳତା ବୃଦ୍ଧି କରିପାରେ। ତେଣୁ ଗ୍ରୀନ୍ ମଟରକୁ ଭଲ ଭାବରେ ରାନ୍ଧନ୍ତୁ। ଏହା ସହିତ ଗ୍ରୀନ୍ ମଟରକୁ ରାନ୍ଧିବା ପୂର୍ବରୁ କିଛି ସମୟ ପାଇଁ ଭିଜାଇ ରଖନ୍ତୁ। **ଗ୍ୟାସ ଏବଂ ଏସିଡିଟି ବୃଦ୍ଧି କରେ:** ଗ୍ରୀନ୍ ମଟରରେ କାର୍ବୋହାଇଡ୍ରେଟ୍ ଅଧିକ ଥାଏ। ଯାହା ହଜମକୁ ପ୍ରଭାବିତ କରିପାରେ ଏବଂ ଗ୍ୟାସ୍, ପେଟ ଫୁଲିବା କିମ୍ବା ପେଟ ଯନ୍ତ୍ରଣା ସୃଷ୍ଟି କରିପାରେ। ଗ୍ୟାଷ୍ଟ୍ରିକ୍ ସମସ୍ୟା ଥିବା ଲୋକମାନେ ମଟର ଖାଇବାରୁ ଦୂରେଇ ରହିବା ଉଚିତ। ଏଗୁଡ଼ିକ ସହଜରେ ହଜମ ହୁଏ ନାହିଁ, ଏବଂ ଏଥିରେ ଥିବା କାର୍ବୋହାଇଡ୍ରେଟ୍ ପେଟରେ ଗ୍ୟାସ କରିପାରେ ଯାହା ଫଳରେ ଗମ୍ଭୀର ଏସିଡିଟି ହୁଏ।

**ୟୁରିକ୍ ଏସିଡ୍ ରୋଗୀ:** ଯଦି ଆପଣଙ୍କର ୟୁରିକ୍ ଏସିଡ୍ ଅଛି ତେବେ ଗ୍ରୀନ୍ ମଟର ଖାଇବାରୁ ଦୂରେଇ ରୁହନ୍ତୁ। ଗ୍ରୀନ୍ ମଟରରେ ଅଧିକ ପ୍ୟୁରିନ୍ ପରିମାଣ କିଡ଼ନୀରେ ଷ୍ଟୋନ୍ ହେବାର ଆଶଙ୍କା ବଢ଼ାଇପାରେ। ଯଦି ଆପଣଙ୍କର ପୂର୍ବରୁ କିଡ଼ନୀରେ ଷ୍ଟୋନ୍ ଅଛି, ତେବେ ମଟର ଖାଇବାରୁ ଦୂରେଇ ରୁହନ୍ତୁ।

**ଡାଇବେଟିସ ରୋଗୀ:** ମଟରରେ ସୁଗାର ଏବଂ କାର୍ବୋହାଇଡ୍ରେଟ୍ ଥାଏ, ଯାହା ରକ୍ତରେ ସୁଗାର ଲେବଲ ବୃଦ୍ଧି କରିପାରେ। ତେଣୁ, ଡାଇବେଟିସ ରୋଗୀମାନେ ଏହାକୁ ସୀମିତ ପରିମାଣରେ ଖାଇବା ଉଚିତ।

## ସକାଳର ୧୦ଟି ଅଭ୍ୟାସ ଆପଣଙ୍କ ପିଲାଙ୍କୁ କରିବ ସ୍ମାର୍ଟ



ସକାଳ ହେଉଛି ଦିନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ, ବିଶେଷକରି ପିଲାମାନଙ୍କ ପାଇଁ। ଉଠିବା ପରେ ଆପଣଙ୍କ ପିଲା ଯାହା କରେ ତାହା ସାରା ଦିନ ସେମାନଙ୍କର ଚିନ୍ତାଧାରା, ଶିକ୍ଷଣ ଏବଂ ଆଚରଣକୁ ପ୍ରଭାବିତ କରିପାରେ। ବିଶେଷଜ୍ଞମାନେ କୁହନ୍ତି ଯେ ଏକ ସୁନ୍ଦର ସକାଳର ରୁଟିନ୍ ମସ୍ତିଷ୍କର କାର୍ଯ୍ୟକୁ ଉନ୍ନତ, ଆତ୍ମବିଶ୍ୱାସକୁ ବୃଦ୍ଧି ଏବଂ ସୁସ୍ଥ ବିକାଶକୁ ପ୍ରୋତ୍ସାହିତ କରିପାରିବ। ଯଦି ସକାଳ ଶାନ୍ତ, ସଂଗଠିତ ଏବଂ ସୁସ୍ଥ ହୋଇଥାଏ, ତେବେ ପିଲାମାନେ ଆତ୍ମବିଶ୍ୱାସ ଏବଂ ତୀକ୍ଷ୍ଣତାରେ ପୂର୍ଣ୍ଣ ସେମାନଙ୍କର ଦିନକୁ ପ୍ରବେଶ କରନ୍ତି। ତେବେ ଆସନ୍ତୁ ଜାଣିବା ପ୍ରତିଦିନ ଅଭ୍ୟାସ କରିବାକୁ ଥିବା ନିମ୍ନଲିଖିତ ପଦକ୍ଷେପ ଗୁଡ଼ିକ ବିଷୟରେ ଯାହା ପ୍ରମୁଖ ପରିବର୍ତ୍ତନ ଆଣିବ।

**ଶୀଘ୍ର ଉଠିବା:** ଜଲଦି ଉଠିବା ଦ୍‌ୱାରା ଆପଣଙ୍କ ପିଲାକୁ ଦିନଟି ଶାନ୍ତ ଭାବରେ ଆରମ୍ଭ କରିବା ପାଇଁ ସମୟ ମିଳିଥାଏ। ଏହା ଚାପ ହ୍ରାସ କରେ ଏବଂ ସେମାନଙ୍କୁ ଅଧିକ ସତର୍କ ଏବଂ ଶିଖିବା ପାଇଁ ପ୍ରସ୍ତୁତ ଅନୁଭବ କରାଏ।

**ଗୋଟିଏ ଗ୍ଲାସ ପାଣି ପିଅନ୍ତୁ:** ସକାଳେ ଉଠିବା ମାତ୍ରେ ପାଣି ପିଇବା ଦ୍ୱାରା ମନ ଜାଗ୍ରତ ହୁଏ। ଏକାଗ୍ରତା ଏବଂ ଶକ୍ତି ସ୍ତର ବୃଦ୍ଧି ପାଏ। ଯାହା ପିଲାମାନଙ୍କୁ ସତେଜ ଅନୁଭବ କରାଏ।

**ହାଲୁକା ବ୍ୟାୟାମ କିମ୍ବା ଷ୍ଟ୍ରେଚିଂ କରନ୍ତୁ:** ହାଲୁକା ଷ୍ଟ୍ରେଚିଂ କିମ୍ବା ହାଲୁକା ଚାଲିବା ଦ୍ୱାରା ମସ୍ତିଷ୍କରେ ରକ୍ତ ସଞ୍ଚାଳନ ବୃଦ୍ଧି ପାଏ। ଏହା ମନୋଭାବ ଏବଂ ସତର୍କତା ମଧ୍ୟ ଉନ୍ନତ କରେ।

**ସୁସ୍ଥ ଜଳଖିଆ ଖାଆନ୍ତୁ:** ସୁସ୍ଥ ଜଳଖିଆ ମସ୍ତିଷ୍କକୁ ଶକ୍ତି ପ୍ରଦାନ କରେ। ଭଲ ଏକାଗ୍ରତା ପାଇଁ ଆପଣଙ୍କ ଖାଦ୍ୟରେ ପ୍ରୋଟିନ୍, ଫାଇବର ଏବଂ ଫଳ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ।

**ଉଠିବା ପରେ ସ୍କ୍ରିନ୍‌ରୁ ଦୂରେଇ ରୁହନ୍ତୁ:** ସକାଳେ ଅତ୍ୟଧିକ ସ୍କ୍ରିନ୍ ସମୟ ପିଲାମାନଙ୍କୁ କ୍ଲାନ୍ତ କରିପାରେ କିମ୍ବା ସେମାନଙ୍କୁ ବିଚଳିତ କରିପାରେ। ଏହା ବଦଳରେ, ଧ୍ୟାନ ଖେଳ, ଅଧ୍ୟୟନ କିମ୍ବା କଥାବାର୍ତ୍ତା କରି ସମୟ ବିତାନ୍ତୁ।

**ସକାରାତ୍ମକ ଚିନ୍ତାଧାରା ଅଭ୍ୟାସ କରନ୍ତୁ:** ସକାରାତ୍ମକ ମନୋଭାବ ସହିତ ଦିନଟି ଆରମ୍ଭ କରିବା ଦ୍ୱାରା ଆତ୍ମବିଶ୍ୱାସ ଏବଂ ସୁସ୍ଥ ଦୃଷ୍ଟିକୋଣ ବିକାଶ କରିବାରେ ସାହାଯ୍ୟ କରେ। ଆପଣ ଆପଣଙ୍କ ପିଲାକୁ ଏପରି ଏକ ଜିନିଷର ନାମ ଦେବାକୁ କହିପାରିବେ ଯାହା ପାଇଁ ସେ କୃତଜ୍ଞ।

**ଛୋଟ ଛୋଟ ଲକ୍ଷ୍ୟ ସ୍ଥିର କରନ୍ତୁ:** ଆପଣଙ୍କ ପିଲାକୁ ଛୋଟ ଛୋଟ ଲକ୍ଷ୍ୟ ସ୍ଥିର କରିବାକୁ ଉତ୍ସାହିତ କରନ୍ତୁ, ଯେପରିକି ଘର କାର୍ଯ୍ୟ କରିବା କିମ୍ବା ଅନ୍ୟ କାହାକୁ ସାହାଯ୍ୟ କରିବା। ଏହା ଯୋଜନା ଏବଂ ଦାୟିତ୍ୱବୋଧକୁ ବିକଶିତ କରେ।

**ସଙ୍ଗୀତ କିମ୍ବା ପ୍ରକୃତିର ଶବ୍ଦ ଶୁଣନ୍ତୁ:** ଶାନ୍ତିଦାୟକ ସଙ୍ଗୀତ ସ୍ମୃତିଶକ୍ତିକୁ ଉନ୍ନତ କରିବାରେ ଏବଂ ଚିନ୍ତାକୁ ହ୍ରାସ କରିବାରେ ସାହାଯ୍ୟ କରେ। ଏହା ସାରା ଦିନ ଏକ ଶାନ୍ତ ପରିବେଶ ମଧ୍ୟ ବଜାୟ ରଖେ।

**ପଢିବାକୁ ଉତ୍ସାହିତ କରନ୍ତୁ:** ସକାଳେ ଏକ ଛୋଟ କାହାଣୀ କିମ୍ବା ଏହାର କିଛି ପୃଷ୍ଠା ପଢିବା ଦ୍‌ୱାରା ଶବ୍ଦାବଳୀ ଏବଂ କଳ୍ପନାଶକ୍ତି ବୃଦ୍ଧି ପାଏ। ଏହା ପଢିବା ପ୍ରତି ଆଗ୍ରହ ମଧ୍ୟ ସୃଷ୍ଟି କରେ।

**ଆଲିଙ୍ଗନ କରି ଉତ୍ସାହ ବଢାନ୍ତୁ:** ଆଲିଙ୍ଗନ କିମ୍ବା ଉତ୍ସାହଜନକ ଶବ୍ଦ ପିଲାର ଭାବପ୍ରବଣ ଶକ୍ତିକୁ ବୃଦ୍ଧି କରେ। ପିଲାମାନେ ପ୍ରେମ- ସ୍ନେହ ପାଇଲେ ଅଧିକ ସୁରକ୍ଷିତ ଏବଂ ଶିଖିବା ପାଇଁ ଭଲ ଭାବରେ ପ୍ରସ୍ତୁତ ଅନୁଭବ କରନ୍ତି।

# ଲୋୟର ସୁକତେଲ ପ୍ରକଳ୍ପକୁ ନେଇ ତେଜୁଛି ବିବାଦ

ବଲାଙ୍ଗୀର,୫।୮ (ସଂଚାର ବ୍ୟୁରୋ): ଲୋୟର ସୁକତେଲ ପ୍ରକଳ୍ପ ପାଇଁ ଜାରି ରହିଛି ବିବାଦ । ଆଜି ବଲାଙ୍ଗୀର ତବଲଓ୍ୱାଞ୍ଜି ଗାଁକୁ ଖାଲି କରିବାକୁ ଲୋୟର ସୁକତେଲ ପ୍ରକଳ୍ପ ପ୍ରଶାସନ ପୁଲିସ ଫୋର୍ସ ନେଇ ଗାଁକୁ ଯାଇଥିଲେ। ହେଲେ ସେଠାରେ ଗାଁ ଲୋକଙ୍କ ତୀବ୍ର ବିରୋଧ ଯୋଗୁଁ ପୁଲିସ ଆନ୍ଦୋଳନକାରୀଙ୍କ ମଧ୍ୟରୁ କିଛି ମହିଳାଙ୍କୁ ଉଠାଇ ନେଇଛି । ଗାଁଲୋକ ନିଜ ଦାବିରେ ଅଡ଼ି ବସିଛନ୍ତି । ସେମାନଙ୍କ ଗାଁର ଆଂଶିକ ବୁଡୁଥିବାବେଳେ ଅଧା ଲୋକ ଗାଁ ଭିତରେ କିଭଳି ବଞ୍ଚିବେ ବୋଲି ପ୍ରଶ୍ନ କରିଛନ୍ତି। ଖାଲି ସେତିକି ନୁହେଁ ବିସ୍ଥାପିତ ଲୋକଙ୍କ ପାଇଁ ଏ ଯାଏଁ ଜମି ଚିହ୍ନଟ ହୋଇଥିଲେ ହେଁ ଘର ନିର୍ମାଣ ହୋଇ ନାହିଁ। ଆଉ ପୁନର୍ବାସ ସର୍ଭେରେ ବି ପ୍ରକଳ୍ପ ଅଧିକାରୀମାନେ ବ୍ୟାପକ ଅନିୟମିତତା କରିଥିବାରୁ ପୁଣିଥରେ ଆରମ୍ଭରୁ ସର୍ଭେ କରିବା ପାଇଁ ଆନ୍ଦୋଳକାରୀମାନେ ଜିଦ୍‌ରେ ଅଡ଼ି ବସିଛନ୍ତି ।



## ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହେଲେ ସୂଚନା ଅଧିକାର କର୍ମୀ



ମ.ରାମପୁର,୫।୮ (ସଂଚାର ବ୍ୟୁରୋ): ମ. ରାମପୁର ଉଦ୍ୟାନ କୃଷି ବିଭାଗ ଦୁର୍ନିତୀ ଘଟଣା ଖୋଲତାଡ ନେଇ ଆଜି ଜିଲ୍ଲା ଦୁର୍ନିତୀ ନିବାରଣ ବିଭାଗ ର ଦ୍ୱାରସ୍ତ ହେଲେ ଦୁଇ ସୂଚନା ଅଧିକାର କର୍ମୀ। ଆର୍ଥିକ ବର୍ଷ ୨୫-୨୬ ର ବିଭିନ୍ନ ଯୋଜନା ଗୁଡିକର ଫିଲ୍ଡ ଭେରିଫିକେସନ୍ ସହ ଦୁର୍ନିତୀ ରେ ସମ୍ପୃକ୍ତ ଥିବା ସହକାରୀ ଉଦ୍ୟାନ କୃଷି ଅଧିକାରୀ ସୌରଭ ରାଉତ୍, ଓଭରର୍ଶିଅର ନରେଶ କୁମାର ଡାଣ୍ଡି, ଜଣେ ଉଦ୍ୟାନ ସାଥୀ, ଜଣେ କୃଷକ ସାଥି ପ୍ରମୁଖଙ୍କୁ ତଦନ୍ତ ପରିସର ଭୁକ୍ତ କରିବା ନେଇ ସୂଚନା ରହିଛି। ପ୍ରକାଶ ଯୋଗ୍ୟ ଯେ ମ. ରାମପୁର ବ୍ଲକ ଉଦ୍ୟାନ କୃଷି ବିଭାଗରେ ଫଳ, ପରିବା, ଅଦା, ହଳଦୀ, ଲଙ୍କା ଧନିଆ, ପିଆଜ, ଛତୁ, ମଲ୍ଟି, ପ୍ଲାଷ୍ଟିକ କ୍ୟାରେଟ, କୃଷକ ତାଲିମ୍ ଖର୍ଚ୍ଚ, ମଦନପୁର ଫାର୍ମ ରକ୍ଷଣା ବେକ୍ଷଣା ଅନିୟମିତତା ସହ ଚାଷୀଙ୍କ ରିଆତି ଟଙ୍କା ବାଟ ମାରଣା ନେଇ ବିଭିନ୍ନ ଗଣ ମାଧ୍ୟମ ଗୁଡ଼ିକରେ ଖବର ପ୍ରକାଶ ପାଇବା ପରେ ଦୁଇ ସୂଚନା ଅଧିକାର କର୍ମୀ ଜିଲ୍ଲା ଉଦ୍ୟାନ କୃଷି ଅଧିକାରୀ ଙ୍କୁ ତଥ୍ୟ ମାଗିଥିଲେ ହେଁ ନ ମିଳିବାରୁ ଶେଷରେ ଭିଜିଲାନ୍ସର ଦ୍ୱାରସ୍ତ ହେଇଥିବା ନେଇ ଗଣ ମାଧ୍ୟମ କୁ ସୂଚନା ଦେଇଛନ୍ତି।

## ବ୍ଲକରେ ଲକ୍ଷପତି ଦିଦି କର୍ମଶାଳା

ଗଞ୍ଜାମ,୫।୮ (ସଂଚାର ବ୍ୟୁରୋ): ଶେରଗଡ଼ ଆଇସିଡିଏସ ଓ ଜିବୀକା ମିଶନ ପକ୍ଷରୁ ଶେରଗଡ଼ ବ୍ଲକ ପରିସରରେ ତିନି ଦିନିଆ ଲକ୍ଷପତି ଦିଦି କର୍ମଶାଳା ସିଡ଼ିପିଓ ମମତାଞ୍ଜଳି ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଛି। ବ୍ଲକ ଅଧ୍ୟକ୍ଷ କୃଷ୍ଣ ଚନ୍ଦ୍ର ନାୟକ ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଛନ୍ତି ଓ ଓ୍ୱିଡିଓ ଦୃପ୍ତିମୟୀ ଜେନା ଅନ୍ୟତମ ଅତିଥି ରୂପେ ଯୋଗ ଦେଇ ଲକ୍ଷପତି ଦିଦିରୁ କିପରି ମହାଲକ୍ଷପତି ଦିଦି ରୂପେ ପ୍ରୋତ୍ସାହିତ ହେବେ, ସେ ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ଏଥିରେ ବ୍ଲକର ୨୨ଟି ପଞ୍ଚାୟତର ଆତ୍ମସହାୟକ ଦଳ ଓ୍ୱାର୍ଡ଼ ସୁଭଦ୍ରା ହିତାଧିକାରୀ ଅଂଶ ଗ୍ରହଣ କରିଛନ୍ତି। ମହିଳାମାନଙ୍କ ଦ୍ୱାରା ଓଡ଼ିଶାର ପାରମ୍ପରିକ ଖାଦ୍ୟ ପ୍ରସ୍ତୁତିର ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯାଇଛି। ମହିଳା ମାନଙ୍କୁ ଉତ୍ସାହିତ କରିବା ପାଇଁ ଓ ସଚେତନତା କରିବା ପାଇଁ ଲୋକନୃତ୍ୟ ପ୍ରଦର୍ଶନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଏମବିକେ ସିଆରପି ଓ ଶେରଗଡ଼ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପର ପରିଦର୍ଶିକା ଅଙ୍ଗନବାଡି କର୍ମୀ ଓ କର୍ମଚାରୀ ମାନେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉତ୍ସାହିତ କରିଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ ବିପିଏମ ସଦାଶ୍ରି ସେଠୀ ଓ ବିପିସିଏ ବିଷ୍ଣୁ ପ୍ରସାଦ ବେହେରା ମଧ୍ୟ ଏଥିରେ ଯୋଗ ଦେଇ ବକ୍ତବ୍ୟ ପ୍ରସଙ୍ଗରେ ମହିଳା ମାନଙ୍କୁ ଉତ୍ସାହିତ କରିଛନ୍ତି।

## ଚିରନିଦ୍ରାରେ ଅବସରପ୍ରାପ୍ତ ଶିକ୍ଷାବିତ ଦୟାନିଧି ଆଚାର୍ଯ୍ୟ

ବଲାଙ୍ଗିର,୫।୮ (ସଂଚାର ବ୍ୟୁରୋ): ବଲାଙ୍ଗୀର ସହରର ରୁଗୁଡି ପଡ଼ା ବାସିନ୍ଦା ତଥା ଅବସରପ୍ରାପ୍ତ ଶିକ୍ଷକ ଦୟାନିଧି ଆଚାର୍ଯ୍ୟ ଆଉ ଆମ ଗହଣରେ ନାହାନ୍ତି। ଗତକଲି ମଧ୍ୟାହ୍ନ ସମୟରେ ଶ୍ରୀ ଆଚାର୍ଯ୍ୟ ଶେଷ ନିଶ୍ୱାସ ତ୍ୟାଗ କରି ଆର ପାରିକୁ ଚାଲି ଗଲେ। ସେ କିଛି ବର୍ଷ ହେବ ବାର୍ଦ୍ଧକ୍ୟ ରୋଗଗ୍ରସ୍ତ ରହିଥିବାର ପରିବାର ତରଫ ରୁ ଜଣାପଡ଼ିଛି। ତାଙ୍କ ପରଲୋକ ଖବର ପ୍ରଚାରିତ ହେବା ପରେ ରୁଗୁଡି ପଡ଼ା ସମେତ ବଲାଙ୍ଗୀର ସହରରେ ଶୋକର ଛାୟା ଖେଳାଇ ଦେଇଛି। ବଲାଙ୍ଗୀର ସହରର ବହୁ ବିଶିଷ୍ଟ ବ୍ୟକ୍ତି ଓ ବନ୍ଧୁବାନ୍ଧବ ତାଙ୍କ ରୁଗୁଡି ପଡ଼ା ସ୍ଥିତ୍ ବାସଭବନ କୁ ଯାଇ ଶେଷ ଦର୍ଶନ କରିଥିଲେ। ପିଲାଦିନରୁ ବିଭିନ୍ନ ଲେଖାଲେଖି ରେ ଆଗ୍ରହ ରହିବା ସହିତ କଥା ପ୍ରବନ୍ଧ, ଉପନ୍ୟାସ, ରହସ୍ୟ ରଚନା ଲେଖା ପାଇ ପାଠକ ଜଗତରେ ପରିଚିତ ଥିଲେ। ବଲାଙ୍ଗିର ସାହିତ୍ୟ ସଂଗଠକ ଓ ଲେଖକ ପରିଷଦ କୋଶଳୀ ଲେଖକ ପରିଷଦ ର ଜଣେ ସଂଗଠକ ଭାବରେ ସେ ପରିଚୟ ସୃଷ୍ଟି କରିଥିଲେ।

## ରନ୍ଧନ ଗ୍ୟାସ ସିଲିଣ୍ଡର ସହରାଞ୍ଚଳ ଭିତ୍ତିରେ ପ୍ରଦାନ ଦାବି

ଜୟପୁର,୫।୮ (ସଂଚାର ବ୍ୟୁରୋ): କୋରାପୁଟ ଜିଲ୍ଲା ବୋରିଗୁମ୍ମା ରେ ରନ୍ଧନ ଗ୍ୟାସ ସିଲିଣ୍ଡର ପଞ୍ଜିକରଣ ସମୟ ସୀମା ସହରାଞ୍ଚଳ ପାଇଁ ରହିଥିବା ନିୟମ ଲାଗୁ କରିବା ପାଇଁ ଦାବି କରିଛି ଯୁବ ସଙ୍ଗଠନ। ସ୍ଥାନୀୟ ଦୋରା କଲ୍ୟାଣମଣ୍ଡପ ଠାରୁ ଏକ ରାଲି ବାହାରି ବୋରିଗୁମ୍ମା ଏନଏସି ର ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ବିଡ଼ିଓ ସୁକାନ୍ତ ପଟନାୟକ ଏବଂ ତହସିଲଦାର ସୋଭନ କୁମାର ବେହେରାଙ୍କୁ ଏକ ଦାବି ପତ୍ର ପ୍ରଦାନ କରାଯାଇଛି।ବିଷୟ ରନ୍ଧନ ଗ୍ୟାସ ପାଇଁ ପଞ୍ଜିକରଣ ସମୟ ସୀମା ୪୫ ଦିନ ରହିଛି। ଯଦ୍ୱାରା ଅନେକ ପରିବାର ଏହି ସମୟ ସୀମା ପୂର୍ବରୁ ରନ୍ଧନ ଗ୍ୟାସ ସିଲିଣ୍ଡର ସରିଯାଉଛି। ପୁଣି ଏକ ଗ୍ୟାସ ସିଲିଣ୍ଡର ପଞ୍ଜିକରଣ କରି ପାରୁ ନାହାନ୍ତି ବହୁ ଅସୁବିଧା ର ସମ୍ମୁଖିନ ହେଉଛନ୍ତି। ସରକାରଙ୍କର ସହରାଞ୍ଚଳ ପାଇଁ ପ୍ରତି ୨୫ ଦିନର ବ୍ୟବଧାନରେ ଏକ ରନ୍ଧନ ଗ୍ୟାସ ସିଲିଣ୍ଡର ପଞ୍ଜିକରଣ ପାଇଁ ନିୟମ ରହିଛି। ଯେହେତୁ ବୋରିଗୁମ୍ମା ମଧ୍ୟ ଅତି ନିକଟରେ ସରକାରୀ ସ୍ତରରେ ସହରାଞ୍ଚଳର ମାନ୍ୟତା ପାଇସାରିଛି। ଏଣୁ ବୋରିଗୁମ୍ମା ଏନଏସି ଅଞ୍ଚଳ ରେ ଏହି ନିୟମ ଲାଗୁ କରିବା ପାଇଁ ଦାବି ଜୋର ଧରିଛି। ଏହି ସମସ୍ୟା ର ସ୍ଥାୟୀ ସମାଧାନ ପାଇଁ ଖାଉଟି ରନ୍ଧନ ଗ୍ୟାସ ସିଲିଣ୍ଡର ପଞ୍ଜିକରଣ ସମୟ ସୀମା କୁ ୪୫ ଦିନ ପରିବର୍ତ୍ତେ ୨୫ କୁ ସୀମିତ କରିବା ପାଇଁ ଦାବି କରାଯାଉଛି।

## ଜିଲ୍ଲା ବିଜେପିର ମଣ୍ଡଳସ୍ତରୀୟ ବୈଠକ

ମାଲକାନଗିରି,୫।୮ (ସଂଚାର ବ୍ୟୁରୋ): ଭାରତୀୟ ଜନତା ପାର୍ଟି କାର୍ଯ୍ୟାଳୟ ଠାରେ ଜିଲ୍ଲା ବିଜେପିର ମଣ୍ଡଳ ବୈଠକ ଆୟୋଜିତ ହୋଇଯାଇଛି।ଏହି ବୈଠକରେ ମାଲକାନଗିରି ଓ ଗୌଡଗୁଡ଼ା ମଣ୍ଡଳର ସଭାପତି ଦିଲ୍ଲୀପ ଦଣ୍ଡପାଟି ଓ ଜୟଦେବ ମଣ୍ଡଳ ମଞ୍ଚାସିନ ହୋଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ସଭାପତି ଅଶୋକ ପରିଡ଼ା, ମୁଖ୍ୟ ଅତିଥି ଭାବେ ଜିଲ୍ଲା ପ୍ରଭାରି ତଥା ରାଜ୍ୟ ଉପ ସଭାପତି ରମେଶ ସାହୁ ଯୋଗ ଦେଇ ଦଳକୁ ତୃଣମୂଳ ସ୍ତରରୁ କିଭଳକି ରାଜନୈତିକ ରଣନୀତିକୁ ପରିଚାଳନା କରାଯିବ ଏହା ଏକ ମାଧ୍ୟମ ରହିଥିବା ବେଳେ ଦଳ ପାଇଁ ଏହା ଏକ ପ୍ରମୁଖ ସାଂଗଠନିକ ବ୍ୟବସ୍ଥା ସୃଷ୍ଟି କରିଥାଏ।

# ଦ୍ୱିତୀୟଦିନରେ ସ୍ୱିପରଙ୍କ ଧାରଣା

**ସଫେଇ କାର୍ଯ୍ୟ ଠପ,ଦାବୀ ପୂରଣ ନହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅନଶନ ଆନ୍ଦୋଳନର ଘୋଷଣା**



ବଲାଙ୍ଗୀର,୫।୮ (ସଂଚାର ବ୍ୟୁରୋ): ସ୍ଥାନୀୟ ଭୀମଭୋଇ ମେଡିକାଲ କଲେଜ ଓ ହସ୍ପିଟାଲର ୧୭୦ ଝାଡୁଆଳୀ ଗତକାଲି ଦ୍ୱିପହର ରୁ ହସ୍ପିଟାଲ ସାମନାରେ ଧାରଣାରେ ବସିଛନ୍ତି। ଆଜି ଏହା ଧାରଣା ଦ୍ୱିତୀୟ ଦିବସରେ ପହଂଚିଛି। ଯଦ୍ୱାରା ହସପିଟାଲ ଭିତରେ ଏବଂ ପରିସରରେ କୁଢ଼ କୁଢ଼ ମଇଳା ସଫା ନ ହୋଇ ପଡ଼ି ରହିଛି। ଏହି ସମୟ ମଧ୍ୟରେ ହସ୍ପିଟାଲ ପରିଚାଳନା କିମ୍ବା ଆଉଟସୋର୍ସିଂ ଏଜେନ୍ସିର କୌଣସି ପ୍ରତିନିଧି ଧାରଣା ସ୍ଥଳକୁ ଆସି ଆଲୋଚନା କରିନାହାନ୍ତି। ଝାଡୁଆଳୀମାନଙ୍କର ୧୫ ଦଫା ଦାବି ପୂର୍ବପରି ଅପରିବର୍ତ୍ତିତ ରହିଛି। ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟଙ୍କ କହିବା ଅନୁସାରେ, ସେ ଝାଡୁଆଳୀମାନଙ୍କ ସହିତ କଥାବାର୍ତ୍ତା କରିବାକୁ ଅଧିକୃତ ନୁହଁନ୍ତି; ଆଉଟସୋର୍ସିଂ ଏଜେନ୍ସି ସହିତ ହିଁ ଆଲୋଚନା କରିପାରିବେ। ତେବେ ଏପର୍ଯ୍ୟନ୍ତ ପରିଚାଳନା କିମ୍ବା ଆଉଟସୋର୍ସିଂ ଏଜେନ୍ସି ମଧ୍ୟ ଧାରଣା ସ୍ଥଳରେ ଉପସ୍ଥିତ ହୋଇ ଆଲୋଚନା ଆରମ୍ଭ କରିନାହାନ୍ତି। ଏହି ପରିସ୍ଥିତିରେ କୌଣସି ବିକଳ୍ପ ନ ପାଇ ଝାଡୁଆଳୀମାନେ ନିଷ୍ପତ୍ତି ନେଇଛନ୍ତି ଯେ, ଯଦି ପରିଚାଳନା କିମ୍ବା କମ୍ପାନୀ ସେମାନଙ୍କ ଦାବି ଶୁଣନ୍ତି ନାହିଁ, ତେବେ ସେମାନେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅନଶନ ଆନ୍ଦୋଳନ ଆରମ୍ଭ କରିବେ। ସେମାନେ ବଲାଙ୍ଗୀରର ଲକ୍ଷ୍ମୀପୋର ଥାନାରେ ଏଫ୍.ଆଇ.ଆର୍. ଦାଖଲ କରିଛନ୍ତି ଏବଂ ଜାତୀୟ ଅନୁସୂଚିତ ଜାତି ଆୟୋଗର ଅଧ୍ୟକ୍ଷ ତଥା ମାନବାଧିକାର ଆୟୋଗର ମାନ୍ୟବର ଅଧ୍ୟକ୍ଷଙ୍କ ନିକଟରେ ମଧ୍ୟ ଅଭିଯୋଗ ଦାଖଲ କରିଥିବା ପ୍ରକାଶ କରିଛନ୍ତି। ସେମାନଙ୍କର ୧୫ ଦଫା ଦାବି ଏହି ଅଭିଯୋଗ ସହିତ ସଂଲଗ୍ନ କରାଯାଇଛି। ପଶ୍ଚିମ ଓଡିଶା ସ୍ୱିପର ସଙ୍ଘ ର ସଭାପତି ଡିଙ୍ଗର କୁମ୍ଭାର ଙ୍କ ନେତୃତ୍ୱ ରେ ଝାଡୁଆଳୀମାନେ ଦାବି କରିଛନ୍ତି ଯେ ସେମାନଙ୍କର ନ୍ୟାୟସଙ୍ଗତ ଦାବିଗୁଡ଼ିକୁ ଶୀଘ୍ର ସମାଧାନ କରାଯାଉ ଏବଂ ସେମାନଙ୍କ ସହିତ ଆଲୋଚନା ପାଇଁ ବୈଠକ ଆୟୋଜନ କରାଯାଉ ଏବଂ ସ୍ୱିପରଙ୍କୁ ଖରାପ ବ୍ୟବହାର ଦେଖାଇ ଥିବା କର୍ମଚାରୀ କ୍ଷମା ମାଗନ୍ତୁ। ଏହାସହ ଧାରଣା ସ୍ଥଳ କୁ ଆଉଟଶୋର୍ସିଙ୍ଗ ର ମାଲିକ କିମ୍ବା ସୁପାରିଟେଣ୍ଡେଣ୍ଟ ଆସି ଆଲୋଚନା କରନ୍ତୁ ବୋଲି ବୋଲି ସଙ୍ଘ ଦାବୀ କରିଛି। ଆଜି ସନ୍ଧ୍ୟା ୬ ଟା ସୁଦ୍ଧା କେହି ବି ଆସି ଆଲୋଚନା କରିନଥିବାରୁ ଧାରଣା କାଲି ମଧ୍ୟ ଜାରି ରହିବ ବୋଲି ଶ୍ରୀ କୁମ୍ଭାର ପ୍ରକାଶ କରିଛନ୍ତି।

● ଚିକିତ୍ସା ଅବହେଳାରୁ ଯୁବକଙ୍କ ମୃତ୍ୟୁ ଅଭିଯୋଗ ଘଟଣା

## ସାମ୍ବାଦିକଙ୍କୁ ଡାକ୍ତରଙ୍କ ଅଶୋଭନୀୟ ଆଚରଣ



**ଏସପି ଓ ସିଡିଏମଓଙ୍କୁ ଭେଟିଲେ ସାମ୍ବାଦିକ**

ସୁବର୍ଣ୍ଣପୁର,୫।୮ (ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟ ରେ ଗତ ରବିବାର ରାତିରେ ଜଣେ ଯୁବକ ଙ୍କ ଚିକିତ୍ସା ଅବହେଳା ରୁ ମୃତ୍ୟୁ ହୋଇଥିବା ନେଇ ଅଭିଯୋଗ ହୋଇଥିଲା।ମୃତକ ଜଣକ ହେଲେ ସୋନପୁର ଥାନା ଅନ୍ତର୍ଗତ ପାନିଶିଆଲି ଗାଁ ର ପ୍ରଶାନ୍ତ କୁମାର ତ୍ରିପାଠୀ। ଏହି ଘଟଣାକୁ ନେଇ ସେଠାରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ଏଥିରେ ଉତ୍ୟକ୍ତ ହୋଇ ମୃତକଙ୍କ ପରିବାର ସଦସ୍ୟ ଡାକ୍ତରଙ୍କୁ ଗାଳିଗୁଲଜ ଓ ଧସ୍ତାଧସ୍ତି କରିଥିବା ନେଇ ସୋନପୁର ଥାନାରେ ଅଭିଯୋଗ ହୋଇଥିଲା। ଅପରପକ୍ଷ ରେ ମୃତକ ଙ୍କ ପରିବାର ବର୍ଗ ପକ୍ଷରୁ ମଧ୍ୟ ଚିକିତ୍ସା ଅବହେଳା ରୁ ପ୍ରଶାନ୍ତ ଙ୍କ ମୃତ୍ୟୁ ହୋଇଥିବା ନେଇ ମଧ୍ୟ ପରିବାର ପକ୍ଷ ରୁ ଅଭିଯୋଗ ହୋଇଥିଲା। ତେବେ ଏହି ଘଟଣା ପରେ ମୃତକ ଙ୍କ ଶବ ବ୍ୟବଚ୍ଛେଦ କରିବା ରେ ବିଳମ୍ବ କରିବା ସହ ଯେଉଁ ମାନେ ଡାକ୍ତର ଙ୍କ ସହ ଧସ୍ତା ଧସ୍ତି କରିଛନ୍ତି ତାଙ୍କୁ ତୁରନ୍ତ ଗିରଫ କରିବା କୁ ଡାକ୍ତର ସଂଘ ପକ୍ଷରୁ କୁହାଯାଇଥିଲା। ଏନେଇ ଡାକ୍ତର ମାନେ ଡିଏଚଏଚ ପରିସର ରେ ଏସପି ଙ୍କ ସହ ଆଲୋଚନା କରୁଥିଲେ। ସେହି ସମୟ ରେ କିଛି ସାମ୍ବାଦିକ ଉକ୍ତ ଆଲୋଚନା ସମୟ ର ଭିଡିଓ ଫୋଟ ଉତ୍ତୋଳନ କରୁଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ଡ. ସର୍ବଜିତ ମହାପାତ୍ର ଆଙ୍ଗୁଠି ଲମ୍ବାଇ ସାମ୍ବାଦିକମାନଙ୍କୁ ଅଶୋଭନୀୟ ଆଚରଣ ପ୍ରଦର୍ଶନ କରିଥିଲେ। ଯାହାକି ସୋସିଆଲ ମିଡିଆ ରେ ଖୁବ୍ ଭାଇରାଲ ହେଉଛି। ଏହାକୁ ନେଇ ଜିଲ୍ଲା ର ସାମ୍ବାଦିକ ଓ ବୁଦ୍ଧିଜୀବୀ ଙ୍କ ମହଲ ରେ ଖୁବ୍ ଅସନ୍ତୋଷ ଦେଖା ଦେଇଛି। ଓ ଏହି ଘଟଣାକୁ ଖୁବ୍ ନିନ୍ଦା କରାଯାଉଛି। ଏହି ଘଟଣା ବିରୁଦ୍ଧରେ ଆଜି ସମସ୍ତ ସାମ୍ବାଦିକ ସୁବର୍ଣ୍ଣପୁର ଏସପି ନାରାୟଣ ନାୟକ ଙ୍କୁ ଭେଟି ଏହି ଘଟଣା ର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା କୁ ଲିଖିତ ଭାବେ ଜଣାଇଛନ୍ତି। ଓ ଏନେଇ ସିଡିଏମଓ ଡ. ଉଷାରାଣୀ ଦାସ ଙ୍କୁ ମଧ୍ୟ ସାକ୍ଷାତ୍ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

# ବିକଶିତ ଭାରତ ପାଇଁ ନିଶାମୁକ୍ତ ଯୁବ କାର୍ଯ୍ୟକ୍ରମ ଅନୁଷ୍ଠିତ



ସୁବର୍ଣ୍ଣପୁର,୫।୮ (ସଂଚାର ବ୍ୟୁରୋ): ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରାଳୟ ଅଧୀନସ୍ଥ ମେରା ଯୁଭା ଭାରତ, ସୁବର୍ଣ୍ଣପୁର ପକ୍ଷରୁ ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, ସୋନପୁରର ସମ୍ମିଳନୀ କକ୍ଷରେ "ବିକଶିତ ଭାରତ ପାଇଁ ନିଶାମୁକ୍ତ ଯୁବ" ଶୀର୍ଷକ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି।ମେରା ଯୁଭା ଭାରତର ଜିଲ୍ଲା ଯୁବ ଅଧିକାରୀ ପ୍ରଶନ୍ନ ମେହେରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୁବପିଢ଼ିଙ୍କୁ ନିଶାମୁକ୍ତ ସମାଜ ଗଠନରେ ସକ୍ରିୟ ଭୂମିକା ଗ୍ରହଣ କରିବାକୁ ଆହ୍ୱାନ କରିଥିଲେ। ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷ ଦିଗନ୍ତ କୁମାର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଶାମୁକ୍ତ ଓ ସୁସ୍ଥ ସମାଜ ଗଠନ ପାଇଁ ଯୁବମାନଙ୍କୁ ପ୍ରେରିତ କରିଥିଲେ। ଏହାସହ ଏନ୍‌ଏସ୍‌ଏସ୍ ଡିପିଓ ଧିରେନ୍ କୁମାର ମିଶ୍ର ମଧ୍ୟ ନିଜର ମତାମତ ରଖି ଯୁବମାନଙ୍କୁ ନିଶାମୁକ୍ତ ଜୀବନଶୈଳୀ ଅବଲମ୍ବନ ନ କରିବାକୁ ପରାମର୍ଶ ଦେଇଥିଲେ।ଏହି ଅବସରରେ କବିତା, ବକ୍ତୃତା, ସଙ୍ଗୀତ, ଚିତ୍ରାଙ୍କନ, ସ୍ଲୋଗାନ, ନୃତ୍ୟ, ନାଟକ ଓ ଭିଡିଓ ନିର୍ମାଣ ସମେତ ମୋଟ ୮ଟି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପ୍ରତିଯୋଗିତାର ବିଚାରକ ଭାବେ କଳାକାର ପ୍ରଦ୍ୟୁମ୍ନ ସାହୁ, ନାଟ୍ୟଶ୍ରୀ ଗଦାଧର ବାରିକ, ଶିକ୍ଷାବିତ୍ ଗତିକୃଷ୍ଣ ମିଶ୍ର, ପିନାକୀ ମିଶ୍ର, ଗୀତିକାର ନୂର ବେଗମ୍ ଓ ପ୍ଲାବନ ମହାପାତ୍ର ଓ ଅନ୍ୟ ମାନେ ମଧ୍ୟ ଦାୟିତ୍ୱ ସମ୍ପାଦନ କରିଥିଲେ।

## ବାଇକରେ ଆସି ମହିଳାଙ୍କ ବେକରୁ ଲୁଟିନେଲେ ସୁନାଚେନ

ବୈଶିଙ୍ଗା,୫।୮ (ସଂଚାର ବ୍ୟୁରୋ): ମୟୂରଭଞ୍ଜ ଜିଲ୍ଲାର ବୈଶିଙ୍ଗା ଥାନା ଅଧୀନର ଜନୈକା ମହିଳା ନାତିକୁ ସ୍କୁଲ ଅଟୋ ରେ ଛାଡି ଫେରିବା ବେଳକୁ ବାଇକରେ ଆସି ବେକରୁ ଲୁଟିନେଲେ ସୁନା ଚେନ। ପ୍ରାପ୍ତ ସୂଚନା ମୁତାବକ ବୈଶିଙ୍ଗା ବଜାର ନିକଟସ୍ଥ ପଦ୍ମପୁରରେ ଥିବା ସ୍ୱର୍ଗତଃ ଦିବାକର ପରିଡ଼ାଙ୍କ ସ୍ତ୍ରୀ ସରସ୍ୱତୀ ପରିଡ଼ା (୬୯) ଦୈନନ୍ଦିନ ଭଳି ଆଜି ବୁଧବାର ସକାଳ ସମୟରେ ନିଜ ନାତିକୁ ସ୍କୁଲ ଅଟୋରେ ଛାଡ଼ିବା ପାଇଁ ଆସିଥିଲେ। ନାତିକୁ ଛାଡ଼ି ଘରକୁ ଚାଲି ଚାଲି ଫେରୁଥିବା ସମୟରେ ଗୋଟିଏ ବାଇକରେ ଦୁଇଜଣ ଦୁର୍ବୃତ୍ତ ଆସି ଜଣେ ସାରଙ୍କ ଘର କେଉଁଠି ବୋଲି ପଚାରିଥିଲେ। ଏତିକି ସମୟରେ ଶ୍ରୀମତୀ ସରସ୍ୱତୀ ପରିଡ଼ା ଟିକେ ଅନ୍ୟମନସ୍କ ହୋଇ ଘରର ଠିକଣା କହୁଥିବା ବେଳେ ପଛରେ ବସିଥିବା ଯୁବକଟି ତାଙ୍କ ବେକରୁ ୧୨ ଗ୍ରାମ ୫୦୦ ମିଲିଗ୍ରାମ ଓଜନର ଏକ ସୁନା ହାରଟିକୁ ଛିଣ୍ଡାଇ ନେଇଯାଇଥିଲେ। ଛିନତାଇ କରି ଦୁର୍ବୃତ୍ତ ମାନେ ବାଇକ ଯୋଗେ ଦ୍ରୁତ ଗତିରେ ବୈଶିଙ୍ଗା ବଜାର ଅଭିମୁଖେ ପଳାଇ ଯାଇଥିଲେ। ଏହି ସମୟରେ ସେ ପାଖ ପଡ଼ୋଶୀଙ୍କୁ ଜଣାଇବା ସହ ପୁଅକୁ ଖବର ଦେଇଥିଲେ। ପୁଅ ବୈଶିଙ୍ଗା ଥାନାରେ ପହଞ୍ଚି ଏକ ଲିଖିତ ଅଭିଯୋଗ କରିଥିଲେ। ଥାନାରେ ମାମଲା ରୁଜୁ କରାଯିବା ସହ ତଦନ୍ତ ଜାରି ରଖିଛି ବୈଶିଙ୍ଗା ପୁଲିସ।

## କନଷ୍ଟେବଲଙ୍କ ମୃତ୍ୟୁକୁ ନେଇ ବଡ ଭାଇଙ୍କ ହତ୍ୟା ଅଭିଯୋଗ



ବୈଶିଙ୍ଗା,୫।୮ (ସଂଚାର ବ୍ୟୁରୋ): ବୈଶିଙ୍ଗା ଥାନାର କାର୍ଯ୍ୟରତ କନେଷ୍ଟବଲଙ୍କ ୧୮ନଂରାଜ ପଥ ପାର୍ଶ୍ୱରେ ନିଜ କାର ଭିତରେ ଅସ୍ୱାଭାବିକ ମୃତ୍ୟୁକୁ ନେଇ ତାଙ୍କର ବଡ ଭାଇ ମନୋଜ ମହାନ୍ତ ଏହା ଏକ ସୁପରିକଳ୍ପିତ ହତ୍ୟା ବୋଲି ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଠାରେ ଅଭିଯୋଗ କରିଥିବା ଜଣାଯାଇଛି। ଖବରରୁ ପ୍ରକାଶ ମୃତ କନେଷ୍ଟବଳ ବସନ୍ତ ମହାନ୍ତ ( ୪୮)ଙ୍କ ଘର ଝାରପୋଖରିଆ ଥାନା ଅଧୀନ ମାନଇଞ୍ଜ ଗ୍ରାମରେ। ସେ ୨୦୦୨ ବ୍ୟାଚର କନେଷ୍ଟବଳ ଭାବେ କାର୍ଯ୍ୟରତ ଥିଲେ। ମୃତ୍ୟୁର ପୂର୍ବ ଦିନ ରହିବାର ସେ ନିଜ ପୁଅ ପାଠ ପଢୁଥିବା ବାରିପଦା ଯାଇ ହଷ୍ଟେଲରେ ପୁଅର ସୁବିଧ୍ୟା ଅସୁବିଧା ବୁଝାବୁଝି କରି ବେତନଟୀ ସ୍ଥିତ ଭଡା ଘରକୁ ଆସିଥିଲେ ଓ ସକାଳେ ଡ୍ୟୁଟିରେ ବୈଶିଙ୍ଗା ଆସି କିଛି କାମ ପାଇଁ ବାଲେଶ୍ୱର ଅଭିମୂଖେ ଯାଉଥିବା ବେଳେ ୧୮ନଂ ରାଜପଥ ର ପଦ୍ମନାଭପୁର ଟୋଲ ପ୍ଲାଜା ପୂର୍ବରୁ ଅଟକି ଯାଇଥିଲେ। ଦିବ ୧୧ ଟାରୁ ୪ ଟା ପର୍ଯ୍ୟନ୍ତ କାର ଅଚଳ ଥିବାର ଦେଖି ବୈଶିଙ୍ଗା ଥାନାକୁ ଖବର ଦେବା ପରେ ପୋଲିସ ପହଞ୍ଚି କାର ଭିତରୁ ମୃତ ଅବସ୍ଥାରେ ବସନ୍ତ ଙ୍କୁ ଉଦ୍ଧାର କରିଥିଲେ। ବୈଶିଙ୍ଗା ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବାରିପଦା ପଠାଇଥିଲେ। ମର ଶରୀର ବାରିପଦା ପହଞ୍ଚିବା ପରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ସମେତ ଅନ୍ୟ ଅଧିକାରୀ ଏବଂ କେନେଷ୍ଟବଳ ସଂଘର ସଦସ୍ୟ ମାନେ ଶେଷ ସମ୍ମାନ ଜଣାଇଥିଲେ। ପରିବାର ବର୍ଗ ସମେତ ସ୍ତ୍ରୀ ପୁତ୍ର ପହଞ୍ଚି ମୃତ ବସନ୍ତଙ୍କ ବେକ, ହାତ ଓ ଛାତିରେ କ୍ଷତ ଚିହ୍ନ ଦେଖି ଏହା ଏକ ସୁପରିକଳ୍ପିତ ହତ୍ୟା ବୋଲି ବଡ ଭାଇ ମନୋଜ ମହାନ୍ତ ହତ୍ୟା ଅଭିଯୋଗ ଆଣିଛନ୍ତି। ଏହି ଅଭିଯୋଗ ପାଇଁ ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଡୁପାଲି ପରିବାର ବର୍ଗଙ୍କୁ ଆଶ୍ୱାସନା ଦେଇ କହିଲେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ରହସ୍ୟ ଉଦଘାଟନ ପାଇଁ ତଦନ୍ତ ଜାରି ରହିବ। ତେବେ ଜଣେ ଶାନ୍ତ ସରଳ ପୋଲିସ କର୍ମଚାରୀ ଭାବେ ବସନ୍ତ ମହାନ୍ତ ଙ୍କୁ କିଏ ଓ କାହିଁକି ହତ୍ୟା କରିବ ତାହା ଚିନ୍ତାର ବିଷୟ ପାଲଟିଛି।

## ୪ ଦଫା ଦାବି ନେଇ ଓଷ୍ଟା ଶିକ୍ଷକ ସଂଘର ବିକ୍ଷୋଭ

ନୂଆପଡ଼ା,୫।୮ (ସଂଚାର ବ୍ୟୁରୋ): ଜିଲ୍ଲା ଖଡ଼ିଆଳ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆଜି ଓଷ୍ଟା ଶିକ୍ଷକ ସଂଘ ପକ୍ଷରୁ ୪ ଦଫା ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଖଡ଼ିଆଳ ବିଡିଓ ମିଳନ କୁମାର ଝଙ୍କାରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସଂଘର କହିବା ଅନୁଯାୟୀ, ରାଜ୍ୟର ୧୯୪ଟି ଓଷ୍ଟା ବିଦ୍ୟାଳୟରେ ଶିକ୍ଷକ ଦୀର୍ଘ ଦିନ ଧରି ନିୟମିତ ଭାବେ କାର୍ଯ୍ୟ କରୁଥିଲେ ମଧ୍ୟ ସେମାନେ ବିଭିନ୍ନ ସୁବିଧାରୁ ବଞ୍ଚିତ ହୋଇ ରହିଛନ୍ତି। ମୁଖ୍ୟ ହେଲା "ସମାନ କାମକୁ ସମାନ ଦରମା" ପ୍ରଦାନ, ୧୯୪ଟି ଓଷ୍ଟା ବିଦ୍ୟାଳୟକୁ ସରକାରୀ ଅନୁଦାନ, ଶିକ୍ଷକ-ଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କ ପାଇଁ ଅବସର ପରେ ପେନସନ ବ୍ୟବସ୍ଥା ଲାଗୁ କରିବା ଏବଂ ଅନ୍ୟ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପରି ଓଷ୍ଟା ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ମଧ୍ୟ ଛାତ୍ରବୃତ୍ତି ପ୍ରଦାନ କରିବା।

# ଜିଲ୍ଲାରେ ମାଳମାଳ ବେଆଇନ୍ କ୍ଲିନିକ୍

**କିନ୍ତୁ ପ୍ରଶାସନ ଚୁପ୍**

କୋରାପୁଟ,୫।୮ (ସଂଚାର ବ୍ୟୁରୋ): ବିନା ପଞ୍ଜୀକରଣରେ କୋରାପୁଟ ଜିଲ୍ଲାରେ ଚାଲିଛି ମାଳ ମାଳ ରୋଗୀ ସେବା କ୍ଲିନିକ୍। ନା ପ୍ରଶାସନର ନଜର ପଡୁଛି, ନା ସରକାରଙ୍କ କଟକଣାକୁ ମାନୁଛନ୍ତି। ଯିଏ ଯେମିତି ପାରିଲା ରୋଗୀ ସେବା ନାଁରେ ଲୁଟିନେଉଛନ୍ତି ଟଙ୍କା। ଏପରିକି ବିନା ଲାଇସେନ୍ସରେ ଚାଲିଛି ଲ୍ୟାବ୍। ଦେଖନ୍ତୁ କନକ ନ୍ୟୁଜ୍‌ର ଏକ ସ୍ୱତନ୍ତ୍ର ଖବର। ଯିଏ ଯେମିତି ପାରିଲା ଲୋକଙ୍କୁ ଆକୃଷ୍ଟ କଲା ଭଳି ରୋଗୀ ସେବା କେନ୍ଦ୍ର ନାଁ ଦେଇ ଚଲାଉଛନ୍ତି ନିଜ ବେପାର। ଏହି ଚିତ୍ର ହେଉଛି ଜୟପୁର ସହରର। ଚାରିଆଡ଼େ ମାଳମାଳ ଘରୋଇ କ୍ଲିନିକ୍। ସହରରେ ୩୦ରୁ ଅଧିକ କ୍ଲିନିକ୍ ରହିଥିବା ବେଳେ ୨୦ରୁ ଅଧିକ କ୍ଲିନିକ୍‌ରେ ନାହିଁ 'କ୍ଲିନିକାଲ୍ ଏଷ୍ଟାବ୍ଲିସ୍‌ମେଣ୍ଟ'। ଏପରି କ୍ଲିନିକ୍‌ରେ ଚିକିତ୍ସିତ ହୋଇ ଜଣେ ମହିଳାଙ୍କ ମୃତ୍ୟୁ ଖବର ଆସିବା ପରେ ଚେତିଛି ପ୍ରଶାସନ। କିନ୍ତୁ ଧର୍ମକୁ ଆଖିଠାର ଭଳି ଗୋଟିଏ କ୍ଲିନିକ୍‌କୁ ସିଲ୍ କରି ନିଜ ଦାୟିତ୍ୱ ସାରିଦେଇଛି। ପ୍ରଶ୍ନ ଉଠୁଛି- ଜିଲ୍ଲାରେ ରହିଥିବା ମାଳମାଳ ବେଆଇନ କ୍ଲିନିକ୍ ଉପରେ ଚଢ଼ାଉ କରିବେ କେବେ? ଆଉ କେତେ ରୋଗୀଙ୍କ ଜୀବନ ଯିବା ପରେ ଚେତିବ ପ୍ରଶାସନ? ବୋଲି ପ୍ରଶ୍ନ କରୁଛନ୍ତି ମୃତ ମହିଳାଙ୍କ ସ୍ୱାମୀ ଗୁରୁତ୍ୱପୂର୍ଣ୍ଣ ଅଭିଯୋଗ କଣ ଜାଣିଛନ୍ତି, ଘରୋଇ କ୍ଲିନିକ୍‌ରେ କାର୍ଯ୍ୟ କରୁଛନ୍ତି, କୋରାପୁଟ ଜିଲ୍ଲାର ବିଭିନ୍ନ ସରକାରୀ ଚିକିତ୍ସାଳୟରେ କାର୍ଯ୍ୟରତ ଡାକ୍ତର। ସେହି ଡାକ୍ତରଙ୍କୁ ଦେଖି ରୋଗୀଙ୍କ ଭିଡ଼ ଜମୁଛି, ଯାହାର ଫାଇଦା ଉଠାଉଛନ୍ତି କ୍ଲିନିକ୍ ମାଲିକ। ସରକାରୀ ନିୟମ ରହିଛି- ପ୍ରତ୍ୟେକ କ୍ଲିନିକ୍‌ରେ: ଅଗ୍ନି ନିରାପତ୍ତା ପ୍ରମାଣପତ୍ର, ଟ୍ରେଡ୍ ଲାଇସେନ୍ସ, ପଲ୍ୟୁସନ୍ ସାର୍ଟିଫିକେଟ୍, ଚିକିତ୍ସା କରୁଥିବା ଡାକ୍ତରଙ୍କ ପ୍ରମାଣପତ୍ର ଓ ରେଜିଷ୍ଟ୍ରେସନ୍ ନମ୍ବର, ରୋଗୀ ସେବା ପାଇଁ ସମସ୍ତ ପ୍ରକାର ସୁବିଧା, ବିନା ରୋଗୀର ପରାମର୍ଶରେ ତାକୁ ଆଡ୍‌ମିଟ୍ କରିପାରିବେ ନାହିଁ, ମେଡିକାଲ୍‌ରୁ ବାହାରୁଥିବା ଖରାପ ପଦାର୍ଥକୁ ନଷ୍ଟ କରିବା ବା ତାକୁ କେଉଁ ସ୍ଥାନରେ ପକାଇବେ, ସେଥିପାଇଁ ଏକ ସ୍ୱୀକୃତିପ୍ରାପ୍ତ ଏଜେନ୍ସିର ଆବଶ୍ୟକତା ରହିଛି।

## ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ଧାରଣା ଓ ପ୍ରତିବାଦ ସଭା



ବୈଶିଙ୍ଗା,୫।୮ (ସଂଚାର ବ୍ୟୁରୋ): ଅଦ୍ୟ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ବେତନଟୀ ବ୍ଲକ କମିଟି ପକ୍ଷରୁ ବ୍ଲକ କାର୍ଯ୍ୟଳୟ ରେ ଧାରଣା ଓ ପ୍ରତିବାଦ ସଭା ସହ ମୁଖ୍ୟ ମନ୍ତ୍ରୀ, ଉଚ୍ଚ ଶିକ୍ଷା ଓ ଗଣଶିକ୍ଷା ମନ୍ତ୍ରୀ, ଆଇନ ମନ୍ତ୍ରୀ ଓ ସ୍ଥାନୀୟ ବିଧାୟକ ଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବି ଗୁଡିକ ମଧ୍ୟରେ ଅନୁଦାନ ଯୋଗ୍ୟ ବିଦ୍ୟାଳୟ ଗୁଡିକୁ ତୁରନ୍ତ ଅନୁଦାନ ପ୍ରଦାନ, ନୂତନ ଅନୁଦାନ ପ୍ରାପ୍ତ ସ୍କୁଲ ଓ କଲେଜ ରେ କାର୍ଯ୍ୟରତ ଓ ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ମନଙ୍କୁ ପେନସନ ପ୍ରଦାନ, ସରକାରୀ ହାଇସ୍କୁଲରେ କାର୍ଯ୍ୟରତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଙ୍କ କଣ୍ଟ୍ରାକ୍ଟୁଆଲ ପିରିଅଡ କୁ ସରକାରୀ ଚାକିରିରେ ଯୋଗ, ଅବସର ବୟସ ୬୦ ରୁ ୬୨ କୁ ବୃଦ୍ଧି, ସମସ୍ତ ଅନୁଦାନ ପ୍ରାପ୍ତ ଓ ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଗୁଡିକୁ ସରକାରୀକରଣ, ଅନୁଦାନ ପ୍ରାପ୍ତ ଓ ନୂତନ ଅନୁଦାନ ପ୍ରାପ୍ତ ହାଇସ୍କୁଲ ରେ ନିଯୁକ୍ତି, ଗ୍ରେଡ ପେ ରେ ଅସଙ୍ଗତି ଦୁର ଆଦି ଅନ୍ୟତମ। ଦାବିପତ୍ର ଗୁଡିକ ମାନ୍ୟବର ମୁଖ୍ୟମନ୍ତ୍ରୀ, ଉଚ୍ଚ ଓ ଗଣଶିକ୍ଷା ମନ୍ତ୍ରୀ, ଆଇନ ମନ୍ତ୍ରୀ ଙ୍କ ଉଦ୍ଦେଶ୍ୟ ରେ ବିଡ଼ିଓ ଙ୍କ ଅନୁପସ୍ଥିତ ରେ ହେଡ କ୍ଲାର୍କ ଙ୍କୁ ଓ ବିଧାୟକ ଙ୍କ ଉଦ୍ଦେଶ୍ୟ ରେ ମଣ୍ଡଳ ସଭାପତି ଜୀବନ ପଣ୍ଡିତ ଙ୍କୁ ପ୍ରଦାନ କରିଥିଲେ।ଗୋପବନ୍ଧୁ ଶିକ୍ଷା ନିକେତନ ହରେକୃଷ୍ଣ ପଣ୍ଡା ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆବାହକ କିଶୋର କୁମାର ଆଚାର୍ଯ୍ୟ, ବ୍ଲକ ଆବାହକ ସୂର୍ଯ୍ୟାନନ୍ଦ ନାୟକ, ଧୀରେନ୍ଦ୍ର ପ୍ରଧାନ, ଟିକାୟତ ଚନ୍ଦ୍ର ମହାନ୍ତ, କୁଷଧର ମହାନ୍ତ, ଲକ୍ଷ୍ମୀଧର ମହାନ୍ତ, ଅନ୍ତର୍ଯ୍ୟାମୀ ପୋଥାଳ, ସରୋଜ ମହାପାତ୍ର, ଦିଲ୍ଲୀପ ସେନାପତି ପ୍ରଭୃତି ଯୋଗ ଦେଇଥିଲେ। ସର୍ବଶେଷରେ ଶିକ୍ଷକ ଟିକାୟତ ଚନ୍ଦ୍ର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ଲକରେ ବିଭିନ୍ନ ସ୍ଥାନରେ ଚାରା ରୋପଣ କାର୍ଯ୍ୟକ୍ରମ



ଲାଞ୍ଜିଗଡ଼,୫।୮ (ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ଲାଞ୍ଜିଗଡ଼ ବ୍ଲକର ବିଭିନ୍ନ ସ୍ଥାନରେ ଆଜି ଲାଞ୍ଜିଗଡ଼ 'ସମ୍ବାଦ' ସାହିତ୍ୟ ଘର ପକ୍ଷରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଲାଞ୍ଜିଗଡ଼ ବ୍ଲକ ଲାଖବାହାଲି ପଞ୍ଚାୟତରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟ ଲାଖବାହାଲି ଠାରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ପ୍ରଥମେ ସ୍କୁଲ ପରିସରରେ ବିଭିନ୍ନ କିଶମର ୪୫ ଗୋଟି ଗଛ ଓ ଛାତ୍ରଛାତ୍ରୀମାନଙ୍କ ଘର ବାରି ପରିସରରେ ୧୧୩ ଗୋଟି ସର୍ବ ମୋଟ ୧୫୮ ଗୋଟି ବିଭିନ୍ନ କିଶମର ଗଛ ଲଗା ଯାଇଥିଲା।ଏହି କାର୍ଯ୍ୟକ୍ରମରେ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶଙ୍କର କିଲାକା, ବନ ବିଭାଗ ପକ୍ଷରୁ ବନରକ୍ଷୀ ଜୋତି ରଞ୍ଜନ ଜେନା, ଗୌତମ ହରିଜନ, ଅଭିମନ୍ୟୁ ବାଗ ଉପସ୍ଥିତ ଥିବା ବେଳେ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ଉବେଦ ଲିମା, ପି. ଯାଦବ ରାଓ, ମଙ୍ଗଳ ପ୍ରଧାନ, ଲକ୍ଷ୍ମୀଧର ନାଏକ, ସରୋଜ କୁମାର ଗିରି, ବିଶିକେଶନ ମାଝୀ, ଚିତ୍ତରଞ୍ଜନ ମାଝୀ, କୁନିଲତା ବେହେରା, ଝିଲି ପ୍ରଧାନ ଓ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ନେଇ ଏହି ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ସେହିପରି ବେନଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ହଷ୍ଟେଲ ପରିସରରେ ୬୩ ଗୋଟି ବିଭିନ୍ନ କିଶମର ଗଛ ଲଗାଯାଇଥିଲା।ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଭବାନୀ ଶଙ୍କର ନାଗ, ଖେଳ ଶିକ୍ଷକ ହେମନ୍ତ କୁମାର ସାହୁ, ସହ ଶିକ୍ଷକ ଲକ୍ଷପତି ଶବର, ବିଷ୍ଣୁ ମିନିୟାକା, ଅନନ୍ତ ସାନାଲୁ, ବିବେକ କୁମାର ବେହେରା, ଶ୍ରଦ୍ଧାଞ୍ଜଳି ସାହୁ ଓ ବିଦ୍ୟାଳୟ ଛାତ୍ରଛାତ୍ରୀ ମାନଙ୍କୁ ନେଇ ଏହି ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ଲାଖବାହାଲି, ବିଜେପୁର ଓ ବେନଗାଁ ପଞ୍ଚାୟତରରେ ଥିବା ସାମ୍ବାଦିକ ସମୂହ ଓ ଲାଞ୍ଜିଗଡ଼ ସମ୍ବାଦ ସାହିତ୍ୟ ଘର ପକ୍ଷରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ରାସ୍ତା କଡରେ ଓ ସରକାରୀ କାର୍ଯ୍ୟାଳୟ ପରିସରରେ ୫୭ ଗୋଟି ବିଭିନ୍ନ କିଶମର ଗଛ ଲଗାଯାଇଥିଲା।ଏଥିରେ ସାମ୍ବାଦିକ ତୁଳସୀରାମ ପ୍ରଧାନୀ, ଦିଲ୍ଲୀପ ନାଏକ, ମନୋଜ ଦୋରା, ପ୍ରଧାନ ମାଝୀ, ସୁଶାନ୍ତ ମାଝୀ, ଦେବାନନ୍ଦ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।ଲାଞ୍ଜିଗଡ଼ ବ୍ଲକ ସମ୍ବାଦ ପ୍ରତିନିଧି କ୍ଷମାନିଧି ମହାଖୁଡଙ୍କ ତତ୍ତ୍ୱାବଧାନରେ ଏହି ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।